Split by PDF Splitter



ସାଧାରଣରେ ପ୍ରଚାରିତ କରିବା ପକ୍ଷେ କର୍ତ୍ତୃପକ୍ଷମାନେ ମନୋଯୋଗୀ ହେବେ । କାରଣ ମହାମାରୀ ନ ଆସୁଣୁ ନାନା ପ୍ରକାର ଭୟରେ ଲୋକଙ୍କର ରକ୍ତ ଶୁଖି ଯାଉଅଛି ।

---

ଆଜି ଚନ୍ଦନଯାତ୍ରାର ଶେଷଦିନ । ଅନ୍ୟାନ୍ୟ ବର୍ଷ ଯାହା ଉଣା ଅଧିକ ସମାରୋହ ଦେଖାଯାଉଥିଲା ଏବର୍ଷ ତାହା ସୁଦ୍ଧା ଦେଖାଯାଉ ନାହିଁ । କନିକାରାଜବାଟିରେ ଗତ କେତେକ ବର୍ଷରୁ ଭଦ୍ରଲୋକମାନଙ୍କୁ ଆମନ୍ତ୍ରଣ ହୋଇ ନୃତ୍ୟ ଗୀତ ଭୋଜନାଦିର ବିଶେଷ ସମାରୋହ ହେଉଥିଲା । ଏବର୍ଷ ରାଣୀ ଓ ନାବାଳକରାଜା ସ୍କୁଲ ଗ୍ରୀଷ୍ମାବକାଶ ହେତୁ କନିକାଠାକୁ ଯାଇଥିବାରୁ ତାହା ବନ୍ଦ ହୋଇଅଛି । ଶ୍ରୀ ଶ୍ରୀ ବିନୋଦବିହାରୀଠାକୁରଙ୍କର ବହୁକାଳରୁ ଯାହା ପାଞ୍ଚଦିନ ଯାତ୍ରା ହେଉଥିଲା ଏଥର ତାହା ଦି ୩ ନ ହୋଇଅଛି । ଗତ କେତେକବର୍ଷରୁ ନବଦୁର୍ଗାଧିପତି ମୃତମହାତ୍ମା ରାଜା ରଘୁନାଥସିଂହ ମାନଧାତା ଏ ଠାକୁରଙ୍କ ନିମନ୍ତେ କିଛି ଖର୍ଚ୍ଚାକର ଟଙ୍କା ପଠାଉଥିବାରୁ ତହିଁରେ ଠାକୁରଙ୍କର ଘର ଛପରବନ୍ଦ ଓ ଚନ୍ଦନଯାତ୍ରା ଚଳିଯାଉଥିଲା । ମହାତ୍ମାଙ୍କର କାଲ ହେବା ହେତୁ ସେଠା ଖର୍ଚ୍ଚା ଟଙ୍କା ଅବଧି ମିଳି ନ ଥିବା କାରଣରୁ ଠାକୁରଙ୍କ ସେବକ ହତାଶ ହୋଇ ଚନ୍ଦନଯାତ୍ରା ଏକାବେଳକେ ବନ୍ଦ କରିବାକୁ ବସିଥିଲେ ମାତ୍ର କେତେକ ଭଦ୍ରଲୋକ ସହି କରିବାରୁ ଦି ୩ ନ ଦୁଃଖେ କଷ୍ଟେ ଯାତ୍ରା ହେଲା । ଯୁବିଲିପାର୍କର ଯାତ୍ରାର ପ୍ରଧାନ ଉଦ୍ୟମ କାରୀ ବାବୁ ଅକ୍ଷୟକୁମାର ଘୋଷ ଗଡ଼ଜାତରେ ଚାକିରି ପାଇବାରୁ ଯାତ୍ରାରେ ତେତେ ସମାରୋହ ଦେଖାଯାଉ ନାହିଁ । ବଳିହରିଜାଗିର ଯାତ୍ରାମାନ ଲାଗିରହିଥିଲେହେଁ ପୂର୍ବପ୍ରାୟ ଜମକ ଦେଖାଯାଇ ନାହିଁ । ଚନ୍ଦନଯାତ୍ରା ବାହାରର ଯାତ୍ରାଅଟେ । ଲୋକ ସାଧାରଣ ଉତ୍ସୁକ ନ ହେଲେ ଏ ଯାତ୍ରାରେ ଜମକ ହୁଅଇ ନାହିଁ । ତହିଁରେ ପୁଣି ଚାଉଳର ଦର ତେଜ ହୋଇ ରହିଥିବାରୁ ଲୋକେତ ପେଟପୂରା ଖାଇବାକୁ ପାଉନାହାନ୍ତି ଯାତ୍ରା ଜମକକୁ ପଚାରେ କିଏ । ତାହାଉପରେ ମେଘର ଅମଳ । ପ୍ରତିଦିନ ଉଣା ଅଧିକରେ ଘୋଟିଆସି ପବନସଙ୍ଗେ ଯୋଟପାଟ ହୋଇ ଦୁଇ ଘଷିବିନ୍ଦୁ ପକାଇ ସବୁ ଭଣ୍ଡୁରଭଣ୍ଡ ଯାଉଅଛି ।

---

### ମହାମାରୀ ବା ମହାମାରୁ ।

ଦେବୀ ପୂଜାର ସନ୍ଧି କ୍ଷଣରେ ଯେ ପୂଜା ହୁଏ ତାହାକୁ ଅନେକ ସ୍ଥାନରେ ମହାମାରୁ କହନ୍ତି । ସେ ପୂଜା ଭୟଙ୍କର ଅଟଇ । ମହାମାରୀ ମଧ୍ୟ ସେହିପରି ବା ତହୁଁ ବଳି ଭୟଙ୍କର । ମହାମାରୁରେ ଦେବୀଙ୍କ ଦୃଷ୍ଟି ଯାହା ଉପରେ ପଡ଼ଇ ସେ ଆଉ ବଞ୍ଚଇ ନାହିଁ ଏବଂ ମହାମାରୀର ଦୃଷ୍ଟିରୁ ମଧ୍ୟ ବଞ୍ଚିବା କଠିନ । ତେବେ ଏତଦୁଭୟ ମଧ୍ୟରେ ପାର୍ଥକ୍ୟ ଏତିକି ଯେ ମହାମାରୁରେ ବଳିଦାନ ହୋଇ ସ୍ଥାନଟି ମାରୁ କରିଯାଏ ମାତ୍ର ଜନ୍ତୁ ମଇଳା ଅର୍ଥାତ୍ ମହାମାରୁ ସ୍ଥାନରୁ ମହାମାରୀର ଉଦ୍ଭବ ହୁଏ । ଫଳକଥା ଏହି ଯେ ମଇଳାରୁ ସମସ୍ତ ରୋଗର ଉତ୍ପତ୍ତି । ପରିଷ୍କାର ଭୋଜନ, ପରିଷ୍କୃତ ସ୍ଥାନରେ ବାସ ଏବଂ ବିଶୁଦ୍ଧ ଜଳପାନ କଲେ ସହଜରେ କୌଣସି ରୋଗ ଆକ୍ରମଣ କରିପାରେ ନାହିଁ । ବୋମ୍ବାଇ ପ୍ରଭୃତି ସ୍ଥାନରେ ଗତ ଦୁଇ ବର୍ଷ ମଧ୍ୟରେ ମହାମାରୀ ରୋଗରେ ପ୍ରାୟ ୭୫୦୦୦ ଲୋକେ କାଳକବଳରେ ପତିତ ହୋଇ ଅଛନ୍ତି ମାତ୍ର ତହିଁ ମଧ୍ୟରେ ଇଂରାଜଙ୍କ ମୃତ୍ୟୁ ସଂଖ୍ୟା ନିତାନ୍ତ ଉଣା । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଇଂରାଜମାନେ ପରିଷ୍କୃତ ଭାବରେ ରହିବାରୁ ସେମାନଙ୍କୁ ରୋଗ ଆକ୍ରମଣ କରି ପାରି ନାହିଁ । ଆମ୍ଭମାନଙ୍କ ଶାସ୍ତ୍ରରେ ଯେସବୁ ବିଧି ଅଛି ତାହା ପାଳନ କରି ଚାଲିଲେ ଆମ୍ଭମାନଙ୍କୁ ମଧ୍ୟ ସେ ରୋଗ ଆକ୍ରମଣ କରି ପାରିବ ନାହିଁ କାରଣ ଆମ୍ଭମାନଙ୍କ ଶାସ୍ତ୍ର ଅପେକ୍ଷା ଅନ୍ୟ କୌଣସି ଧର୍ମରେ ଏତେ ପରିଷ୍କାରର ବିଧି ନାହିଁ ମାତ୍ର ଆମ୍ଭେମାନେ ଶାସ୍ତ୍ର ବିଧି ଲଙ୍ଘନ କରି ଆପଣା ବେକରେ ଆପେ ଛୁରି ମାରୁଅଛୁଁ । ଆମ୍ଭମାନଙ୍କର ଏତେ କଥା କହିବାର ଅଭିପ୍ରାୟ ଏହି ଯେ କଲିକତାରେ ବର୍ତ୍ତମାନ ଡାକ୍ତରମାନେ ମତ ଦେଇଅଛନ୍ତି ଯେ ମାଟିଘରମାନ ଉତ୍ତମରୂପେ ଗୋବର ଦ୍ୱାରା ଲିପା ପୋଛା କଲେ ଏବଂ ପକ୍କାଘରମାନ ନିତ୍ୟ ଗୋବର ଜଳରେ ଧୋଇ ଦେଲେ ଏବଂ ଚତୁର୍ଦ୍ଦିଗରେ ଗୋବରପାଣି ପକାଇଲେ ମହାମାରୀ ସୂକ୍ଷ୍ମ କୀଟମାନେ ବିନଷ୍ଟ ହୁଅନ୍ତି । ମଧ୍ୟ ରାତ୍ରି କାଳରେ ପଦାରେ ଗଦାଏ କାଠ ଜାଳି ରଖିଲେ ସେହି କୀଟାଣୁମାନେ ବିନଷ୍ଟ ହୁଅନ୍ତି । ପାଠକେ ଦେଖନ୍ତୁ ଆମ୍ଭମାନଙ୍କ ଶାସ୍ତ୍ରରେ ନିତ୍ୟ ପ୍ରାତଃକାଳରେ ଘର ଦୁଆର ଝାଡୁଅନ୍ତେ ସାର ପାଣି ପକାଇବାର ବିଧି ଅଛି । ଆମ୍ଭେମାନେ କ୍ରମେ ପାଶ୍ଚାତ୍ୟ ରୀତି ଅବଲମ୍ବନ କରି ଗୋବର ଦେଖିଲେ ନାକରେ ଲୁଗା ଦେଉଁ ଅଥବା ପକ୍କାଘର କରି ଗୋବରର ମୁଖ ଦର୍ଶନ ନ କରୁଁ । ପକ୍ଷେ ସାହେବମାନେ ପକ୍କାଘରେ ଅନବରତ ଯୋତା ମାଡ଼ି ଚାଲନ୍ତି । ଆମ୍ଭମାନଙ୍କୁ ସବୁବେଳେ ଯୋତା ମାଡ଼ିବା ଭଲ ଲାଗେ ନାହିଁ । ଡାକ୍ତରମାନେ କହୁଅଛନ୍ତି ପକ୍କା ସ୍ଥାନରେ ମହାମାରୀକୀଟ ଅଦୃଶ୍ୟ ଭାବରେ ଥାନ୍ତି ଏବଂ ଯୋତା ନ ମାଡ଼ି ଖାଲି ଗୋଡ଼ରେ ଚାଲିଲେ ସେହି କୀଟମାନେ ଶରୀରରେ ପ୍ରବେଶ କରିବାକୁ ବାଟ ପାଆନ୍ତି । ଏଥିରେ ଆମ୍ଭମାନଙ୍କର ଅନୁକରଣ ଦୋଷ ବିନା ଆଉ କି ଅଛି ? କେବଳ ବାଲହିତା ଆମ୍ଭେମାନେ ଅନୁକରଣ କରୁଅଛୁଁ ମାତ୍ର ପାଶ୍ଚାତ୍ୟ ଲୋକଙ୍କର ଗୁଣମାନ ଆମ୍ଭେମାନେ ଘେନିବାକୁ ଅଶକ୍ତ ହୋଇ ନିନ୍ଦା ଏବଂ ସ୍ୱାସ୍ଥ୍ୟଭଙ୍ଗ ଉଭୟ ଭୋଗ କରୁଅଛୁଁ । ଏ ବିଷୟରେ ଅଧିକ ଆଉ ଲେଖିବାର ପ୍ରୟୋଜନ ନାହିଁ । ବର୍ତ୍ତମାନ ଆମ୍ଭମାନଙ୍କର ଦେଶର ଚତୁର୍ଦ୍ଦିଗରେ ଛପରବନ୍ଦିର ସମୟ । ଛପରବନ୍ଦୀ ଦ୍ୱାରା ଘର ଝାଡ଼ା ହୋଇ ଚତୁର୍ଦ୍ଦିଗ ଲିପା ପୋଛା ହୁଏ । ସୁତରାଂ ଘର ଦୁଆର ସମସ୍ତ ପରିଷ୍କୃତ ହୋଇଯାଏ । ଆମ୍ଭେମାନେ ବର୍ତ୍ତମାନ ସମସ୍ତ ଲୋକଙ୍କୁ ଉପଦେଶ ଦେଉଅଛୁଁ ଯେ ଯାହାଙ୍କ ଘର ଛପରବନ୍ଦୀ ଅଥବା ଲିପା ପୋଛା ହୋଇ ନାହିଁ ସେମାନେ ଶୀଘ୍ର ତାହା କରନ୍ତୁ ଏବଂ ମୁସଲମାନ ପ୍ରଭୃତି ଯେଉଁମାନେ ଗୋବରଦ୍ୱାରା ଘର ଲିପନ୍ତି ନାହିଁ ସେମାନେ ମଧ୍ୟ ଗୋବର ବ୍ୟବହାର କରି ଘର ଲିପନ୍ତୁ । ତଦ୍ୱାରା ସେମାନଙ୍କର ନିଜର ଏବଂ ପ୍ରତିବାସୀଙ୍କର ପ୍ରାଣ ରହିବାର ଉପାୟ ବିଧାନ ହେବ । ଯେଉଁମାନଙ୍କର ପକ୍କାଘର ଅଛି ଆମ୍ଭେମାନେ ସାହସ କରି କହିପାରୁଁ ଯେ ଅନ୍ତତଃ ଦଶବର୍ଷରେ ସୁଦ୍ଧା ସେମାନେ ଚତୁର୍ଦ୍ଦିଗ ଭଲ କରି ଝାଡ଼ନ୍ତି ନାହିଁ ସଫେଦ କରିବା କଥା ଅବା କି ବୋଲିବୁଁ । ମାତ୍ର ଇଂରାଜମାନଙ୍କର ପକ୍କାଘର ଦେଖିବ ପ୍ରତି ବର୍ଷ ମରାମତି ଓ ସଫେଦ ହୋଇ ପରିଷ୍କାର ଥାଏ ଏବଂ ଅଧିକ ନ ହେଲେ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଝଡ଼ାଝଡ଼ି ହୁଏ । ସେ ଯାହାହେଉ ଏ ମହାମାରୀ ସମୟରେ ପକ୍କା ଘରବାଲାମାନେ ଆପଣା ୨ର ଘର ଉତ୍ତମରୂପେ ସଫେଦ କରି ଝଡ଼ାଝଡ଼ି କରନ୍ତୁ ଏବଂ ପ୍ରତ୍ୟେକ ଗୃହସ୍ଥ ନିତ୍ୟ ସାର ପାଣିର ବ୍ୟବହାର କରନ୍ତୁ । ତାହା ହେଲେ ଆମ୍ଭମାନଙ୍କୁ ଆଉ ମହାମାରୀର ହାତରେ ପଡ଼ିବାକୁ ହେବ ନାହିଁ । ଆମ୍ଭେମାନେ ଏକାନ୍ତ ଭରସା କରୁଅଛୁଁ ଆମ୍ଭମାନଙ୍କର କଥାଗୁଡ଼ାକ ଯେପରି ବ୍ୟର୍ଥ ନ ହୁଏ ।

---

### କଲିକତାରେ ମହାମାରୀ ।

କଲିକତାଠାରେ ମହାମାରୀ ଉପସ୍ଥିତ ହୋଇଥିବାର ବିସ୍ତାରିତ ବିବରଣ ଆମ୍ଭେମାନେ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ଷ୍ଟେଟସ୍ମାନ

ସାହେବ ବାହାଦୁର ବ୍ୟବସ୍ଥାପକସଭାରେ ଯେଉଁ ଆଶାପୂର୍ଣ୍ଣ ସାହସପ୍ରଦ ବକ୍ତୃତା କରିଥିଲେ ତହିଁରେ କଲିକତା ଏକାବେଳକେ ଲେଫ୍ଟେନାଣ୍ଟ ସାହେବଙ୍କ ଉପସ୍ଥିତିରେ କମ୍ପିତ ହେଲା । ଲୋକେ ତହିଁରେ ପ୍ରବୃତ୍ତ ଆଶ୍ୱସ୍ତ ହୋଇ ରହିବା ଉଚିତ ଥିଲା ମାତ୍ର ଫଳରେ ତେଭେସରଙ୍କ ଦେଖା ନ ଯିବାର ସମ୍ବାଦ ମିଳଇ । ଅନେକ ଲୋକେ ଉକ୍ତ ବକ୍ତୃତାପରେ କଲିକତାକୁ ଫେରିଆସିଥିଲେହେଁ ଅଦ୍ୟାପି ଲୋକେ କଲିକତା ଛାଡ଼ି ପଳାଇବାର ବନ୍ଦ ହୋଇ ନାହିଁ ଏବଂ ଏପର୍ଯ୍ୟନ୍ତ ଏକଚତୁର୍ଥାଂଶ ଲୋକେ କଲିକତା ଛାଡ଼ି ପଳାୟନ କରିଅଛନ୍ତି ଏତଦ୍ଦେଶୀୟ ପ୍ରାୟ ସମସ୍ତ ଲୋକେ କଲିକତାରୁ ପଳାଇଆସି ଅଛନ୍ତି । କଲିକତାଠାରୁ ଗୃହକୁ ଆସିବା ଜାହାଜରେ ଏତେଲୋକ ଆସିବାରୁ ଶୁଣା ହେଉଅଛନ୍ତି ଯେ ସେମାନଙ୍କୁ ଜାହାଜ ଆଣି ନ ପାରିବାରୁ ଅନେକ ଓଡ଼ିଆ ଅପଣା୨ ଗଣ୍ଠିରି ରେଲ ଉପରେ ଚାଲିଆସୁଅଛନ୍ତି । ବସ୍ତୁତ ଓଡ଼ିଆ କଲିକତାରେ ପ୍ରାୟ ବେହେରା ଓ କୁଲିଗିରି କାର୍ଯ୍ୟ କରନ୍ତି ସେମାନେ ବାହାରିଯିବା ହେତୁ ସେଠା ଲୋକଙ୍କର ବସ୍ତୁର ଅସୁବିଧା ହୋଇଅଛି । ଭିସ୍ତିମାନେ ମେଳ କରିବାରୁ ଲୋକେ ଜଳ ନିମନ୍ତେ ବିଶେଷ କଷ୍ଟରେ ପଡ଼ିଅଛନ୍ତି । କଥିତ ଅଛି ଏ ଜଣେ ଭିସ୍ତି ପୀଡ଼ିତ ହୋଇ ହଠାତ୍ ମରିଯିବାରୁ ତାହାର ସଙ୍ଗୀମାନେ କହିଲେ ଯେ ମିଉନିସିପାଲିଟି ଡାକ୍ତର ତାକୁ କ ଗୋଟାଏ ଗୋଲି ଖାଇବାକୁ ଦେଲା ଏବଂ ସେ ତାହା ଖାଇ ଦେଇ ମୃତ୍ୟୁ ମୁଖରେ ପଡ଼ିଅଛି । ଏହି ଜନରବ ପ୍ରଚରିତ ହେବାରୁ ଭିସ୍ତିମାନେ କାର୍ଯ୍ୟ କରିବାକୁ ନାସ୍ତିକଲେ । ମିଉନିସିପାଲିଟିର କର୍ମଚାରୀମାନେ ସହରର ଘରଦ୍ୱାର ପରିଷ୍କାର କରିବାରେ ଯଥାସାଧ୍ୟରୂପେ ନିଯୁକ୍ତ ଅଛନ୍ତି । ମିଉନିସିପାଲିଟିର ଝାଡ଼ୁଦାରମାନେ ମଧ୍ୟ ମେଳକରି ଘାଡ଼ ବୋହୁ ନାହାନ୍ତି ଏବଂ ଅନେକ ମେହେନ୍ତର କାର୍ଯ୍ୟ ଛାଡ଼ି ପଳାଇ ଯାଉଅଛନ୍ତି । ଏମାନଙ୍କୁ ପ୍ରବୋଧ ଦେଇ କାର୍ଯ୍ୟରୁ ଫେରାଇଆଣିବାର ଯଥୋଚିତ ଚେଷ୍ଟା ହେଉଥିଲେହେଁ ସେ ଯୋଗୁଁ ମିଉନିସିପାଲିଟିର କାର୍ଯ୍ୟରେ ବଡ଼ ଅସୁବିଧା ଘଟିଅଛି ଏବଂ ଅନେକ ସ୍ଥାନରେ ନିୟମିତରୂପେ ଘାଡ଼ ନ ପଡ଼ିଥିବାରୁ ମଇଳା ଗଦା ହୋଇ ରହୁଅଛି । ଚଳିତ ମାସ ଆରମ୍ଭରୁ ଏପର୍ଯ୍ୟନ୍ତ କେବଳ ୮ ଜଣ ଲୋକଙ୍କେ ମହାମାରୀରୋଗରେ ଆକ୍ରାନ୍ତ ହୋଇଥିବାର ସମ୍ବାଦ ମିଳଇ । ଏମାନଙ୍କମଧ୍ୟରୁ ୬ ଜଣ ପିରିଙ୍ଗି ଅଟନ୍ତି ଓ ଆଉ ଜଣେ ବୋସ୍ ସାହେବ ତାହାକୁ ପ୍ଲେଗ ହସପିଟାଲକୁ ନିଆଯାଇଥିଲା ଓ ସେଠାରେ ତାହାର ମୃତ୍ୟୁ ହୋଇଅଛି । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ପ୍ଲେଗର ପ୍ରାଦୁର୍ଭାବ ବୃଦ୍ଧି ପାଉ ନାହିଁ ମାତ୍ର ତହିଁର ଆନୁଷଙ୍ଗିକ ଉତ୍ପାତମାନ ଉପସ୍ଥିତ ହୋଇଅଛି । ଗତ ମାସ ତା ୩୧ ରିଖରେ କଲିକତାର ଉତ୍ତରାଂଶରେ ଭୟଙ୍କର ଦଙ୍ଗାହଙ୍ଗାମା ହୋଇଥିଲା । ପାଠକମାନେ ଜାଣନ୍ତି ଯେ ଜ୍ୱରସଙ୍ଗେ ଜାନୁ, କକ୍ଷ, ଗଳଦେଶ ପ୍ରଭୃତିର ଗ୍ରନ୍ଥି ଫୁଲିଉଠିବା ମହାମାରୀରୋଗର ପ୍ରଧାନ ଲକ୍ଷଣ ଜଣେ ବାଳକ ବଜାରରେ ବାଲୁଅ ବିକ୍ରୟ କରି ଯାଉଥିବା ସମୟରେ ଏକ ଫିରଙ୍ଗିପିଲା ଲେଡ଼ିକାଂତରେ ତାହାର ଗଳଦେଶରେ ଛୁଇଁଟିଏ ଦେଇ କହିଲା ଯେ ତାହାର ସେହିସ୍ଥାନ ଫୁଲିବ ! ବାଳକ ସେ କଥାରେ କିଛିମାତ୍ର ପ୍ରତ୍ୟୟ ନ କରି ଘରକୁ ଯାଇ ଅପଣା ସଙ୍ଗୀମାନଙ୍କୁ କହନ୍ତେ ସେମାନେ କ୍ରୋଧାନ୍ଧ ହୋଇ ଏଥିର ବଦଳ ପ୍ରତିକାର କରିବା ଉଚିତ ବୋଲି ଦଙ୍ଗାମଗ୍ନ ହେଲେ ! ଏଥିଯୋଗେ ସେ ଅଞ୍ଚଳରେ ଟ୍ରାମଗାଡ଼ି ଗଲାଯାଉ ହେବା ବନ୍ଦ ହୋଇ ଯାଇଥିଲା । ଏଣେ ଦୁଇଜଣ ବଦମାସ ଗୋଟିଏ ତାଲିକା ପ୍ରସ୍ତୁତ ପୂର୍ବକ ସର୨ ରୂଲ ଶଠତାକ୍ରମେ ଟଙ୍କା ଆଦାୟ କରୁଥିବା ଅପରାଧରେ ପୁଲିସ କର୍ତ୍ତୃକ ଧୃତହୋଇ ଅଛନ୍ତି ! ଯେଉଁମାନଙ୍କର ନାମ ସେ ତାଲିକାରେ ନାହିଁ ସେମାନେ ଟୀକା ନେବା ଦାୟରୁ ମୁକ୍ତ ନ ହେବାର କହି ଏହି ବଦମାସମାନେ ସ୍ଥାନଲୋକଙ୍କଠାରୁ ଦୁଇଟାରୁ ତିନିଟଙ୍କା ପର୍ଯ୍ୟନ୍ତ ଠକିନେଉଥିଲେ । ସେ ତାଲିକା ଏବେ ପୁଲିସ ହସ୍ତଗତ କରିଅଛି । ଏଥିଉତ୍ତାରୁ ପୁଲିସ ଏବଂ ମିଉନିସିପାଲିଟି ପକ୍ଷରୁ ଉପଯୁକ୍ତମତେ ଘୋଷଣା ଦିଆଯାଇ ଲୋକମାନଙ୍କୁ ଜଣାଇଦିଆଯାଇଅଛି ଯେ କାହାରିକି ବଳପୂର୍ବକ ଟୀକା ଦିଆଯିବ ନାହିଁ ଏବଂ କୌଣସି ପ୍ରକାର ଅତ୍ୟାଚାର ପ୍ରବର୍ତ୍ତିତ ହେଲେ ଲୋକେ ଟଙ୍କାଏ ଶମନ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ତତ୍‌କ୍ଷଣାତ୍ ତହିଁର ପ୍ରତୀକାର ହେବ । ଗାଡ଼ିବାଲା ଏବଂ କୁଲି ଓ ଭୁଙ୍ଗିବାଲାମାନେ ମେଳ ବାନ୍ଧିବାରୁ ବ୍ୟବସାୟୀରେ ଭୟାନକ କଷ୍ଟ ଉପସ୍ଥିତ ହୋଇଅଛି । ହାବଡ଼ାଠାରେ ଅନେକ କୁଲିମାନ ଓ କାରଖାନାର ଖଲାସି ପ୍ରଭୃତି ମେଳ ବାନ୍ଧି ଲାଠି ଓ ବନ୍ଧୁଦ୍ୱାର ବେନ ଦେବାଟା ଅଦାଲତ ପର୍ଯ୍ୟନ୍ତ ସମାଚାରଦଶ୍ତ ଯାଇଥିଲେ । ବାସ୍ତବରେ ୬ ଜଣ ଦେଶୀୟ ଲୋକ ଓ ଜଣେ ସାହେବ ସେମାନଙ୍କଠାରୁ ଆଘାତ ପ୍ରାପ୍ତ ହୋଇଅଛନ୍ତି । ସେମାନେ ହେବାଟା ଅଦାଲତ ଘରଯାଏ ଯାଇ ସେ ସବୁର ବସ୍ତୁର ଖଣ୍ଡ କରିଅଛନ୍ତି । ବାରକପୁର ମିଉନିସିପାଲିଟିର ଭୂତପୂର୍ବ ଚେୟାରମାନ ବାବୁ ଶ୍ରୀଷଚନ୍ଦ୍ର ସରକାର ଗତ ପୂର୍ବ ଶନିବାର ଦିନ ଅପଣା ଗାଡ଼ିରେ ଚଢ଼ିବା ସମୟରେ ଜଣେ ଗୋର୍ଖା-ସିପାହୀ ପହୁଞ୍ଚି ସେ ଗାଡ଼ିଟା ତାଙ୍କୁ ଚଢ଼ିବାକୁ ଦେବା କାରଣ ମାଗିଲେ । ବାବୁ ନାସ୍ତିକରନ୍ତେ ସେମାନେ ଉକ୍ତ ବାବୁ ଓ ସହିସଙ୍କୁ ଭୟାନକରୂପେ ପ୍ରହାର କଲେ ଏବଂ ସେହି ଆଘାତରେ ବାବୁଙ୍କର ତହିଁ ଆରଦିନ ମୃତ୍ୟୁ ଘଟଣା ହେଲା ! ଏହିରୂପେ ନାନାପ୍ରକାର ଉତ୍ପାତ ଆରମ୍ଭ ହୋଇଅଛି ଏବଂ କେଉଁଠାରେ ଯାଇ ଶେଷ ହେବ ତାହା ଏକା ଭଗବାନଙ୍କୁ ଗୋଚର । ବୋମ୍ବାଇଠାରେ ଏହି ପ୍ଲେଗ ଦୁଇବର୍ଷ କାଳ ରହି କେତେ ଉତ୍ପାତ ଉଠାଇଲାଣି ଏବଂ କଲିକତାଠାରେ କେତେକ ଅବା ତତୋଧିକ ଉତ୍ପାତ ଘଟିବ ତାହା କିଏ କହିପାରେ ? ସେହି ପ୍ଲେଗରୁ କିରୂପେ ପ୍ରତୀକାର ମିଳିବ ଏଥିର ବସ୍ତବରୂପେ ଚର୍ଚ୍ଚା ଲାଗିଅଛି । ପୃଥକ କରଣ ପ୍ରଥା ଏ ଦେଶୀୟ ଲୋକମାନଙ୍କୁ ବିଶେଷ ଅରୁଚିକର ଅଟେ । ସେହି ପ୍ରଥା ବଳପୂର୍ବକ ଚଳାଇବାରୁ ବୋମ୍ବାଇ ଓ ପୁନାଠାରେ କେତେ ମହାପ୍ରାଣୀ ନଷ୍ଟ ନ ହେଲେ ମାତ୍ର ପ୍ଲେଗ ଦମନପକ୍ଷେ ତାହା ଯେ ବିଶେଷ ଉପକାର ଦେଖାଇଲା ଏମନ୍ତ ବୋଲିହେବ ନ ପାରେ । ଲେଫ୍ଟେଣ୍ଟ ସାହେବଙ୍କ ସେକ୍ରେଟେରି ମାନ୍ୟବର ରିସଲି ସାହେବ ପ୍ରକାଶ କରିଅଛନ୍ତି ଯେ ଲେଫ୍ଟେଣ୍ଟ ସାହେବ ବୋଧହୁଏ ପୃଥକ କରଣ ପ୍ରଥା ଚଳାଇବେ ନାହିଁ । ଅମ୍ଭେମାନେ ବିଶେଷରୂପ ଆଶା କରୁଁ ଏହା ସତ୍ୟ ହେଉ । ପୃଥକ କରଣ ପ୍ରଥା ବଡ଼ ବିଷମ ବ୍ୟାପାର ଅଟେ । ଏବଂ ଏଦେଶୀୟ ଲୋକେ ଭ୍ରାତା ଭଗିନୀ, ମାଉସୀ ଓ ପିଉସୀ ଇତ୍ୟାଦି ଲୋକ ଏବଂ ସ୍ତ୍ରୀଲୋକମାନେ ଅବରୋଧ ପ୍ରଥା ସେବନ କରୁଥିବାସ୍ଥଳେ ତାହା ଯେ ଏକାନ୍ତ ଅରୁଚିକର ହେବ ଏଥିରେ ସନ୍ଦେହ ନାହିଁ । କେବେ ନିତାନ୍ତ ନ ଚଳିବା ସ୍ଥଳରେ ଅବଶ୍ୟ ତାହା ମାନିବାକୁ ହେବ । ଅତଃପର କେତେକ ବଡ଼୨ ଡାକ୍ତର ଅଦ୍ୟାପି କହୁଅଛନ୍ତି ଯେ ହାଫକିନସାହେବଙ୍କ ମତ ଠିକ ନୁହେଁ ଏବଂ ସେ ଯାହାକୁ ମହାମାରୀ ବୋଲି କହୁଅଛନ୍ତି ତାହା ପ୍ରକୃତରେ ମହାମାରୀ ନୁହଇ । ଏ ମତ କେତେଦୂର ଠିକ ତାହା ବୋଲିହେବ ନ ପାରେ ମାତ୍ର ଉକ୍ତ ଲୋକଙ୍କର ଭୟ ଦୂର ହୋଇ ନାହିଁ ଗବର୍ଣ୍ଣମେଣ୍ଟଙ୍କ ଉତ୍ସାହରେ ବର୍ତ୍ତମାନ ମହାମାରୀ ଟୀକା ନେବାର ଧୂମ ଲାଗିଯାଇଅଛି । ବୋମ୍ବାଇ

Split by PDF Splitter
Digitized by srujanika@gmail.com

ତାରେ ଟୀକା ନେଲାବାର ଫଳ ପରୀକ୍ଷିତ ହୋଇ ଅଛି । ସନ ୧୮୯୭ ମସିହା ଫିବ୍ରୁୟାରୀ ମାସରେ ଏକ ସ୍ଥାନରେ ଜ ୬୧୯୭ ଣ ଟୀକା ନେଇଥିଲେ ଏବଂ ସେହି ସ୍ଥାନରେ ଟୀକା ନ ନେଲା ଲୋକଙ୍କର ସଂଖ୍ୟା ଜ ୬୦୩୩ ଣ ଥିଲା । ତତ୍ପରବର୍ତ୍ତୀ ମଇମାସରେ ଦେଖାଗଲା ଯେ ଟୀକା ନେଲା ଲୋକଙ୍କ ମଧ୍ୟରୁ କେବଳ ଜ ୩୬ ଣ ସେହି ରୋଗରେ ମରିଅଛନ୍ତି ମାତ୍ର ଟୀକା ନ ନେଲା ଲୋକଙ୍କ ମଧ୍ୟରୁ ମହାମାରୀରେ ଜ ୧୪୮୬ ଣ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି । ସୁତରାଂ ବସନ୍ତ ରୋଗ ପ୍ରାୟ ଟୀକା ଦ୍ୱାରା ମହାମାରୀ ରୋଗକୁ ନିବାରଣ କରିବାର ଉପାୟ ଫଳପ୍ରଦ ଅଟଇ । ଟୀକା ନେଲା ଉତ୍ତାରେ ଜ୍ୱର ଦୁଇ ତିନିଦିନ ପର୍ଯ୍ୟନ୍ତ ହୁଅଇ ମାତ୍ର ତାହା ବିଶେଷ ପୀଡ଼ା ଦାୟକ ନୁହେ । ବୋମ୍ବାଇଠାରେ ପ୍ରାୟ ଜ ୬୦୦୦୦ ଣ ଲୋକ ଟୀକା ନେଇ ଅଛନ୍ତି ଏବଂ କଲିକତାରେ ମଧ୍ୟ ଅନେକେ ନେଇଅଛନ୍ତି । ପରୀକ୍ଷା ଦ୍ୱାରା ଦେଖା ଯାଇଅଛି ଶରୀର ସବଳ ଥିଲେ ଟୀକା ପରେ ଜ୍ୱର ଅତି ସାମାନ୍ୟ ପ୍ରକାର ହୁଏ ଅଥବା ଆଦୌ ହୁଏ ନାହିଁ ।

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଡିପିଟିସୁପରିଣ୍ଟେଣ୍ଡେଣ୍ଟ ଜାପୋଷ୍ଟ ମେଜେଷ୍ଟର ଓ ଡାପୋଷ୍ଟ ମାଷ୍ଟର ବାବୁ ଦୁର୍ଗାଦାସ ମୁଖର୍ଜି ମାର୍ଚ୍ଚମାସ ତା ୧୪ ରିଖଠାରୁ ଅଢ଼ାଇ ମାସର ଛୁଟୀ ନେଲେ ।

ପୁଲିସ ଇନ୍ସପେକ୍ଟର ସୁପରିଣ୍ଟେଣ୍ଡେଣ୍ଟ ମିଃ ଆର, ଏଚ, ଏସ୍ ହାର୍ଜନସନ ଯାହାଙ୍କୁ ଅନୁଗୁଳ ଡିଷ୍ଟ୍ରିକ୍ଟ ପୋଲିସର ଭାର ନେବାର ଆଦେଶ ଥିଲା ସେ ଗଭର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଛୁଟିମ ଡିଷ୍ଟ୍ରିକ୍ଟ ପୋଲିସର ଭାରରେ ରହିଲେ ମାର୍ଚ୍ଚମାସ ତା ୩୧ ରିଖଠାରୁ ତାଲଚେରର ଜଷ୍ଟିସ ଗୁର୍ଣ୍ଣ ଆସିଷ୍ଟାଣ୍ଟ ସର୍ଜନ ମନୋମୋହନ ଗୁପ୍ତ ମିଉନିସିପାଲିଟି ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ଏ, ଭଲନ୍ତିୟ ସାହେବଙ୍କୁ ବୁଝାଇ ଦେଇଅଛନ୍ତି ।

ଗତ ମୋକ୍ତାରି ପରୀକ୍ଷାରେ ଏଠା ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ପାଶ କରିଥିବା ବ୍ୟକ୍ତିଙ୍କର ନାମ ।

| ରୋଲ ନମ୍ବର | ନାମ |
|---|---|
| ୨୯୪ | ମିର୍ଜା ମହମ୍ମଦ ଜାକିର |
| ୨୯୭ | ଗୋକୁଳଚନ୍ଦ୍ର ଦାସ |
| ୩୦୧ | ରଘୁନାଥ ମହାନ୍ତି |
| ୩୧୦ | ଶିବନାରାୟଣ ନାୟକ |

### ତା ୬ ରିଖ ମଇର ଏଡ଼ୁକେସନ ଗେଜେଟରୁ ଉଦ୍ଧୃତ ।

କଲିକତା ମିଉନିସିପାଲିଟି ସହରେ ଟୀକାର ଭାବିଷ୍ଯ ପ୍ଲେଗ ଆକ୍ରମଣରୁ ରକ୍ଷା ପାଇବାର ଦୃଢ଼ମୋଟ ଉପଦେଶ ଦେଇଅଛନ୍ତି ।

୧ ମ ମଇ ମୂଷା ଛାଡ଼ିବ ନାହିଁ ଆତ୍ମରକ୍ଷାକରିବାର ଉପାୟରେ ନିଠାରୁ ଦେହ କର୍ଷଣ ତେଲ ପୋଛେ ପୋଡ଼ ତଳାଇବ ।

୨ ସ୍ତ ଜାହାର ପ୍ଲେଗ ହୋଇଥିବାର ସନ୍ଦେହ ହେଲେ ତାହା ଘରର ଧୂଳି ଶୁଖି ଦେବ ନାହିଁ ଓ ଉକ୍ତ ଧୂଳି ସେପରି ନ ଉଡ଼େ ତହିଁ ସକାଶେ ଜଳସିଞ୍ଚିବା କର୍ତ୍ତବ୍ୟ ପ୍ଲେଗ ଅନୁସନ୍ଧାନଃ ଭୂମିସ୍ପର୍ଶରେଇ ଥାଏ " ମର୍ସମେ କଲକାଲ" ନାମକ ପତ୍ରିକାରୁ ପ୍ରକାଶ ବଲଦର ନାମକ ଏକ ଗ୍ରାମରେ ବହୁତ ମୂଷା ମରିବାରୁ ପରୀକ୍ଷାଦ୍ୱାରା ଜଣାଗଲା ଯେ ସେମାନଙ୍କର ଦେହ ପ୍ଲେଗ ଅନଳରେ ପରିପୂର୍ଣ୍ଣ । ଗୋଟିଏ ଘରେ ବହୁତ ମୂଷା ମରିଥିଲା ସେ ଘରକୁ ଏକ ସ୍ତ୍ରୀ ଲୋକ ଓ ତାହାର କନ୍ୟାଦୁହେଁ ପଶିଥିବାରୁ ଦୁଇଦିନ ଭିତରୁ ମା ଓ ଝିଅ ଦୁହିଙ୍କଠାରେ ପ୍ଲେଗର ଲକ୍ଷଣ ଦେଖାଗଲା ।

ବର୍ତ୍ତମାନ ଏ ନଗରର ଲୋକଙ୍କର ସ୍ୱାସ୍ଥ୍ୟ ଭଲ ଅଛି ଖରା ଦିନରେ ଉତ୍କଳ ଏଠାରେ ସ୍ୱାସ୍ଥ୍ୟ ଭଲ ଥାଏ । ସୁତରାଂ ବର୍ତ୍ତମାନ ପ୍ଲେଗ ନିମିତ୍ତ ଭୀତ ହେବା ଅଟେବି ଉଚିତ ନୁହେ ।

ଶିମଲା ଖେଲର ଫ୍ରେଟର ଆରନ ( B A ) ମାଜ ବାର୍ଷିକ କନ୍ସର୍ଟ ହୁଅଇ । ଯେଉଁମାନେ ଥରେ କଣିଥିବେ ସେମାନେ ନର୍ତ୍ତକୀମାନ ନର୍ତ୍ତିଲେ ଥିଏଟର ଦେଖି ପାରିବେ । ପ୍ରତ୍ୟେକ ଆସନର ସର୍ବୋଚ୍ଚ ମୂଲ୍ୟ ଟ ୫୫୦ ଙ୍କା ଅଟେ । ଗୋଟାଏ ଥିଏଟରରେ ଏତେ ଟଙ୍କା ଦେଇ ଅମୋଦ ଉପ ଭୋଗ କରିବାର ଲୋକ ମଧ୍ୟ ଅଛନ୍ତି ।

ପ୍ରଶାନ୍ତ ମହାସାଗରରେ ମାନିଲାଠାରେ ଯୁଦ୍ଧ ହେଲା ଭିତରୁ ସ୍ପେନ ଆଉ ମାର୍କିନ ମଧ୍ୟରେ ଅନ୍ୟ କୌଣସି ଯୁଦ୍ଧର ସମ୍ବାଦ ଆସି ନାହିଁ । ମାର୍କିନ ଜାହାଜମାନ ଆଟଲାଣ୍ଟିକ ମହାସାଗରରେ ସ୍ପେନର ଜାହାଜ ଖୋଜି ବୁଲୁଅଛନ୍ତି ମାତ୍ର ଗୋଟିଏ ହେଲେ ଭେଟ ମିଳୁ ନାହିଁ ।— ସ୍ପେନୀୟ ଜାହାଜମାନ ପଳାୟନ କରୁଅଛନ୍ତି କି ?

ପଶ୍ଚିମ ଆଫ୍ରିକା ସିଏରାଲିଓନଠାରେ ଉତ୍ପାତକ ଉତ୍ପାତ ଉପସ୍ଥିତ ହୋଇଅଛି । ବିଦ୍ରୋହୀମାନେ ଅଧିକାଂଶ ଦାରି ଖାନା ସରକାର ପୋଡ଼ି ପକାଇ ଦେଶୀୟ ମେଜେଷ୍ଟର ଏବଂ ପାଦ୍ରୀମାନଙ୍କୁ ହତ୍ୟା କରିଅଛନ୍ତି । ସୈନ୍ୟ ଏବଂ ତୋପମାନ ସେ ଅଞ୍ଚଳକୁ ପଠା ଯିବାର ବନ୍ଦୋବସ୍ତ ହୋଇଅଛି ।

ଏଠାରେ ସେଇଁ ମୌଲବୀ ନାମରେ ରାଜଦ୍ରୋହର ମୋକଦ୍ଦମା ଉଠିଥିଲା ତହିଁରେ ମୌଲବୀ ପ୍ରତି ଟ ୫୦୦୦ ଜାମିନ ମୁଚଲକା ତଲବ ହୋଇଥିଲା । ମୌଲବୀ ତାହା ଦେଇ ନ ପାରିବାରୁ ବର୍ଷେକ ସକାଶେ ବନ୍ଦୀଖାନାକୁ ଯାଇଅଛି ।

### କେନ୍ଦ୍ରାପଡ଼ା ସମ୍ବାଦ ।

ଅସହ୍ୟ ଗ୍ରୀଷ୍ମ ପଡ଼ୁଅଛି । ଗତ ମଙ୍ଗଳବାର ଓ ବୁଧବାର ଦିନମାନଙ୍କରେ ଏକା ଅଳ୍ପ ଭିତର ବୃଷ୍ଟି ହୋଇଥିଲା ।

ଏ ସପ୍ତାହରେ ଦୁଇମାନଙ୍କର ବିବାହ ଲଗ୍ନ ପଡ଼ିଥିବାରୁ ଟାଉନରେ ପ୍ରାୟ ସମସ୍ତ ଗ୍ରାମରେ ଧୂମ ଏବଂ ବିବାହ ହୋଇ ଥିବାର ଦେଖା ଯାଉଥିଲା ।

ଗତ ସପ୍ତାହରେ ମହାଗଣ୍ଡ ପରଗଣା ଅନ୍ତର୍ଗତ କାଳସ୍ଥମ୍ଭ ପୁର ଗ୍ରାମରେ ଅଗ୍ନି ଲାଗି ଅନେକ ଘର ଭସ୍ମୀଭୂତ କରିଅଛି ଟାଉନରେ ମଧ୍ୟ ଘର ପୋଡ଼ି ଆରମ୍ଭ ହୋଇଅଛି ସେଦିନ ଏକ ମୁସଲମାନ ଘରେ ଅଗ୍ନି ଲାଗି ଏକ ଘର ଧ୍ୱଂସ ହୋଇ ପଡ଼ିଅଛି ।

ଚଳିତ ମାସ ତା ୨ ରିଖରେ ଏଠା ସବଡିଭିଜନ ଦାତବ୍ୟ ଚିକିତ୍ସାଳୟର ଗଭିଣ୍ଟରଙ୍କ ଅଧ୍ୟକ୍ଷ ମତେ ଏକ ସଭା ହୋଇଥିଲା ସଂ ଇଂ ଅଫିସର ମହାମାରୀ ବିଷୟକ ଗଭର୍ଣ୍ଣମେଣ୍ଟମାନଙ୍କ ସର୍ବସାଧାରଣଙ୍କୁ ବୁଝାଇ ଦେଇଥିଲେ ଓ ଉକ୍ତ ରୋଗ ସକାଶେ କେ ସତର୍କତାମା ଅବଲମ୍ବନ କରିବ ଅବ. ଶ୍ୟକ ତାହା କହି ଦେଇଥିଲେ ତହିଁରେ ଗୋଟିଏ ଷ ପଞ୍ଚାୟତ କମିଟି ଗଠିତ ହୋଇଅଛି ଓ ପ୍ରତ୍ୟେକ କମିଟିରେ ଜ ୨ ଣ

ଲେଡିଏ ମେମ୍ବର ଓ ଏକ ଜଣ ମୋହରର ନିଯୁକ୍ତ ହୋଇ ଅଛନ୍ତି । ପୂର୍ବୋକ୍ତ କବର ସ୍ଥାନରେ ନଥ ମୃତ୍ୟୁର ସଂଖ୍ୟା କରଣାର୍ଥେ ଏକ ଜଣ ମୋହରର ନିଯୁକ୍ତ କରା ଯାଇଅଛି ଏକଖଣ୍ଡ ହାସ୍ପାତାଲ ନିର୍ମାଣ ସକାଶେ ମିଉନିସିପାଲିଟି ଟ ୧୮୫୯ ଙ୍କା ମଞ୍ଜୁର କରିଅଛନ୍ତି । ଓ ତହିଁର କାର୍ଯ୍ୟ ଆରମ୍ଭ ହୋଇଅଛି ।

ଗ୍ରୀଷ୍ମାବକାଶ ଉପଲକ୍ଷେ ଏଠା ହାଇସ୍କୁଲ ଚଳିତମାସ ତା ୮ ରିଖଠାରୁ ବନ୍ଦ ହୋଇଅଛି । ଆଗାମୀ ତା ୧୪ ରିଖରେ ଖୋଲିବ ।

ଏଠାକାର ଅନେକ ଓଡ଼ିଆ ଓ ମୁସଲମାନ କଲିକତାରେ ଚାକିରି କରୁଥିଲେ ସେଠାରେ ପ୍ଲେଗର ଆଶଙ୍କା ହେବାରୁ ଅଧିକାଂଶ ଲୋକ ପଳାଇ ଆସି ଅଛନ୍ତି ।

---

### ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ
ସମୀପେଷୁ

ମହାଶୟ !

ଗତ ସପ୍ତାହର "ଦୀପିକା"ରେ ଆପଣ କଲିକତାର ମୂକ-ବଧିର ବିଦ୍ୟାଳୟ ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରିଥିବାର ଦେଖି ଅତ୍ୟନ୍ତ ସୁଖୀ ହେଲି । ଉକ୍ତ ବିଦ୍ୟାଳୟଟି ସମ୍ବନ୍ଧରେ ମୋର ନିଜର ଯଉକିଞ୍ଚିତ ଅଭିଜ୍ଞତା ଏଠାରେ ବିବୃତ କରୁଅଛି । ଯଦ୍ୱାରା ଉକ୍ତ ମହଦୁପକାରୀ ବିଦ୍ୟାଳୟଟିର ଏବଂ "ଦୀପିକାର" ସହୃଦୟ ପାଠକମଣ୍ଡଳୀର କିଞ୍ଚିନ୍ମାତ୍ର ଉପକାର ହେବାର ସମ୍ଭାବନା ଥିଲେ ଅନୁଗ୍ରହପୂର୍ବକ ତାହା ପତ୍ରସ୍ଥ କରି ବାଧିତ କରିବେ ।

ଅନେକ ଦିନରୁ ସମ୍ବାଦ ପତ୍ରାଦିରେ ପାଶ୍ଚାତ୍ୟ ସଭ୍ୟ ଦେଶମାନଙ୍କରେ ମୂକ ଓ ବଧିର ଏବଂ ଅନ୍ଧମାନଙ୍କର ଅନେକ ବଡ଼ ବଡ଼ ବିଦ୍ୟାଳୟମାନ ଥିବାର ଶୁଣି ଆସୁଥିଲି । ବୋମ୍ବାଇ ନଗରରେ କେତେକ ବର୍ଷ ହେଲା ଏହିପରି ଗୋଟିଏ ସ୍ଥାପନ କରି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିବା ସମ୍ବାଦ ମଧ୍ୟ ପାଠ କରିଥିଲି । ଯେତେବେଳେ କଲିକତା ନଗରୀରେ କଥିତ ବିଦ୍ୟାଳୟଟି ପ୍ରଥମ ସ୍ଥାପିତ ହେଲା; ସେତେବେଳେ ଥରେ ତାହା ଦେଖି ଆସିବାର ଆକାଂକ୍ଷା ହୃଦୟରେ ଅତ୍ୟନ୍ତ ବଳବତୀ ହୋଇଥିଲା । ମାତ୍ର ସମୟ ଓ ସୁଯୋଗ ଅଭାବରୁ ଉକ୍ତ ଆକାଂକ୍ଷା ଚରିତାର୍ଥ କରିପାରି ନ ଥିଲି । ଗତ ଡିସେମ୍ବର ମାସରେ କଲିକତା ଅବସ୍ଥାନ କାଳରେ ମୁଁ ଉପର୍ଯ୍ୟୁପରି ତିନିଥର ଏହି ବିଦ୍ୟାଳୟଟି ପରିଦର୍ଶନ କରି ବାସ୍ତବିକ "ବଙ୍ଗବାସୀ" ସମ୍ପାଦକଙ୍କ ପରି ମୁଗ୍ଧ ହୋଇଥିଲି । ଏହି ବିଦ୍ୟାଳୟଟି ବର୍ତ୍ତମାନ College Square ବିଖ୍ୟାତ "ସଞ୍ଜୀବନୀ" ପତ୍ରିକା କାର୍ଯ୍ୟାଳୟର

Split by PDF Splitter
Digitized by srujanika@gmail.com

ସାର୍ଜଣ୍ଟ ଗୋଟିଏ ଦ୍ୱିତଳ ଗୃହରେ ଅବସ୍ଥିତ ଅଛି । ମୁଁ ଯେତେବେଳେ ଏହା ଦେଖିବାକୁ ଯାଇଥିଲି ସେତେବେଳେ ଏଥିରେ ୨୬ଟି ବାଳକ ଏବଂ ଗୋଟିଏ ବାଳିକା ଅଧ୍ୟୟନ କରୁଥିଲେ । ଏମାନେ ତିନୋଟି ଶ୍ରେଣୀରେ ବିଭକ୍ତ ହୋଇଥିଲେ । ଏହି ବିଦ୍ୟାଳୟର ଅଧ୍ୟକ୍ଷ ବିଲାତ ଫେରତ ଶ୍ରୀଯୁକ୍ତ ଯାମିନୀନାଥ ବନ୍ଦ୍ୟୋପାଧ୍ୟାୟ ସେ ଜଣେ ଅତ୍ୟନ୍ତ ଶାନ୍ତ ପ୍ରକୃତିର ଲୋକ । ସେ ସର୍ବପ୍ରଥମେ ଶେଷ ପିଲାମାନଙ୍କୁ ଡକାଇ ମତେ ସେମାନଙ୍କୁ ସ୍ୱପକ୍ଷ ଇଚ୍ଛାନୁଯାୟୀ କଥାବାର୍ତ୍ତା କରିବାକୁ ଅନୁରୋଧ କଲେ । ସମ୍ପାଦକ ମହାଶୟ, ଆପଣ ବିଶ୍ୱାସ କରିବେ କି ? ମୁଁ ସେମାନଙ୍କ ସହିତ ଯେତେ ପ୍ରକାରେ କଥାବାର୍ତ୍ତା କରିଥିଲି ସେମାନେ ଆଶ୍ଚର୍ଯ୍ୟଜନକ ରୂପେ ମୋର ଓଷ୍ଠ ସଂଚାଳନ ଲକ୍ଷ୍ୟକରି ମୋର ସମସ୍ତ କଥା ବୁଝି, ପାରି ତହିଁର ଯଥାଯଥ ଉତ୍ତର ପ୍ରଦାନ କରିଥିଲେ । ଏ ଦୃଶ୍ୟ ଦେଖି ବାସ୍ତବିକ ମୁଁ ମନ୍ତ୍ରମୁଗ୍ଧ ବତ୍ ହୋଇଯାଇ ଥିଲି । ପରେ ଊର୍ଦ୍ଧ୍ୱ ଦୁଇ ଶ୍ରେଣୀର ବାଳକମାନଙ୍କୁ ଦେଶୀୟ ଅଙ୍କ ପଚାରିବାରୁ ସେମାନେ ସୁନ୍ଦରରୂପେ ତହିଁର ଉତ୍ତର ପ୍ରଦାନ କରିଥିଲେ । ଇଂରାଜୀ ଅକ୍ଷର ମଧ୍ୟ ଏମାନେ ଉତ୍ତମରୂପେ ଲେଖି ପାରନ୍ତି । ଏମାନଙ୍କ ସହିତ ଏହିପ୍ରକାରେ ନାନା ବିଷୟରେ କଥାବାର୍ତ୍ତା କରିବାରେ ବ୍ୟାପୃତ ଥିବା ସମୟରେ ଯାମିନୀବାବୁ ଅତ୍ୟନ୍ତ ଭଦ୍ରତାର ସହିତ ମୋ ପ୍ରଶ୍ନ ପ୍ରସଙ୍ଗରେ ଏମାନଙ୍କୁ ଶିକ୍ଷା ଦିଆଯାଏ ତାହାର ସ୍ଥୂଳ ସ୍ଥୂଳ ସୂତ୍ର ଗୁଡିକ ମତେ ସ୍ପଷ୍ଟରୂପେ ବୁଝାଇ ଦେଇଥିଲେ । ସେ ଗୁଡିକ ଆପଣଙ୍କ ଉତ୍କଳ ପ୍ରବନ୍ଧରେ ଶସ୍ତ ଜଗତରେ ଲେଖା ଥିବାରୁ ଅଉ ଏଠାରେ ଉଲ୍ଲେଖ କଲି ନାହିଁ । ମୁଁ ବିଦ୍ୟାଳୟର ଲାଇବ୍ରେରୀ ଗୃହରେ ବସି ଯାମିନୀବାବୁଙ୍କ ସହିତ ବିଦ୍ୟାଳୟ ସମ୍ବନ୍ଧୀୟ ନାନା କଥୋପକଥନରେ ବ୍ୟାପୃତ ଥିବା ସମୟରେ ମୋର ସମ୍ମୁଖବର୍ତ୍ତୀ କାନ୍ଥରେ ଟଙ୍ଗା ହୋଇଥିବା କେତେକ ବଲିଗା ଫଟୋଗ୍ରାଫ ପ୍ରତି ମୋର ଦୃଷ୍ଟି ଆକୃଷ୍ଟ ହେଲା । ମୁଁ ସେମାନଙ୍କ ନିକଟବର୍ତ୍ତୀ ହୋଇ ନିରୀକ୍ଷଣ ପୂର୍ବକ ଦେଖିବା ସମୟରେ ଯାମିନୀବାବୁ ପଚାରିଲେ "କଣ ଦେଖୁ ଅଛନ୍ତି ?" ମୁଁ—"ଏହି ବିଲାତି ଫଟୋଗ୍ରାଫ ଗୁଡିକ ଦେଖୁଅଛି ।" ଯାମିନୀବାବୁ—"ମହାଶୟ, ସେ ଗୁଡିକ ଫଟୋଗ୍ରାଫ ଚିତ୍ର ନୁହେ । ତାହା ମୋର ବିଭାଗୀୟ ମୂକ ଛାତ୍ରମାନଙ୍କଦ୍ୱାରା ଅଙ୍କିତ ।" ଏହା ଶୁଣି ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲି । ଏବଂ ବହୁକ୍ଷଣ ଲମିତ୍ତ ସେ ଗୁଡିକ ସେ ବାସ୍ତବିକ ଫଟୋଗ୍ରାଫ ଚିତ୍ର ନୁହେ ତାହା ଅବଧାରଣ କରି ପାରି ନ ଥିଲି । ଚିତ୍ରଗୁଡିକ ଏ ପ୍ରକାର ନୈପୁଣ୍ୟ ସହକାରେ ଅଙ୍କିତ ! ତତ୍ପରେ ଯାମିନୀବାବୁ ଅଲମାରୀ ମଧ୍ୟରୁ କେତେକ ଖଣ୍ଡ engra ving ଚିତ୍ର ଆଣି ମତେ ଦେଖାଇଲେ ଏବଂ ତାହା ଗୋଟିଏ ମୂକ ବାଳକଦ୍ୱାରା ଖୋଦିତ ବୋଲି କହିଲେ । ଏହା ମଧ୍ୟ ବାଳକର ଅସାଧାରଣ ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରିଥିଲା । ମୁଁ ସେଦିନ ପ୍ରାତଃକାଳ ୧୧ଟା ସମୟରେ ବିଦ୍ୟାଳୟକୁ ଯାଇଥିଲି ଏବଂ ବିଦ୍ୟାଳୟର କାର୍ଯ୍ୟ ପ୍ରଣାଳୀ ଦେଖି ଏପରି ମୁଗ୍ଧ ହୋଇଥିଲି ଯେ କ୍ଷୋଭ ଶୋଷ ଭୁଲି ପ୍ରାୟ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସେଠାରେ ଥିଲି । ବିଦାୟ ହୋଇ ଆସିବାବେଳେ ସେ ପର୍ଯ୍ୟନ୍ତ ମୁଁ ଅନାହାରରେ ଥିବା ଜାଣିପାରିବାରୁ ଯାମିନୀ ବାବୁ କହିଥିଲେ "ଅନାହାରରେ ଏତେବେଳ ପର୍ଯ୍ୟନ୍ତ ନ ରହି ଆଉ ଦିନେ ପୁଣି ଆସି ଥିଲେ ମଧ୍ୟ ଚଳନ୍ତା" । ଏଥିରେ ମୁଁ ଉତ୍ତର କରିଥିଲି "ବାସ୍ତବିକ ଅଦ୍ୟ ମୁଁ ଗୋଟିଏ ସ୍ୱପ୍ନ ଦେଖୁଥିଲି । ଆଉ ଦିନେ କାହିଁ କି ଯେତେଥର ସୁବିଧା ହୋଇପାରିବ ଆସି ଦୂରରୁ ସେତେଥର ଏ ବିଦ୍ୟାଳୟର କାର୍ଯ୍ୟ ପ୍ରଣାଳୀ ଦେଖି ମୁଗ୍ଧ ହେବାକୁ ଚେଷ୍ଟା କରିବି ।" ବାସ୍ତବିକ ମୁଁ ଅନ୍ତତଃ ଦୁଇଥର ଏ ବିଦ୍ୟାଳୟଟି ପରିଦର୍ଶନ କରିଥିଲି ଯାମିନୀ ବାବୁଙ୍କ ନିକଟରୁ ଅବଗତ ହେଲି କଲିକତା ଥିବା ପୂର୍ବେ ମାନ୍ୟବର ମଧୁସୂଦନ ଦାସ ମହୋଦୟ ଥରେ ଏହି ବିଦ୍ୟାଳୟଟି ପରିଦର୍ଶନ କରି ଅତ୍ୟନ୍ତ ପ୍ରୀତ ହୋଇଥିଲେ ।

ସମ୍ପାଦକ ମହାଶୟ ! ଏ ପ୍ରକାର ହିତକର ବିଦ୍ୟାଳୟଟି ଅର୍ଥାଭାବ ଯୋଗୁଁ ଉନ୍ନତି ଲାଭ କରି ପାରୁ ନ ଥିବା ବଡ଼ ଆକ୍ଷେପର ବିଷୟ । ଅର୍ଥାଭାବ ଯୋଗୁଁ ଆମ୍ଭମାନଙ୍କ ଦେଶବାସିମାନଙ୍କର କୌଣସି ପ୍ରକାର ଆମୋଦ ପ୍ରମୋଦରେ ବ୍ୟାଘାତ ଘଟିବାର ଶୁଣି ନାହିଁ । ବରଂ ଏହା ଅବଗତ ଅଛି ଯେ ଏହି କଟକ ନଗରରେ ଗତ ଥିଏଟର ସମ୍ପର୍କରେ ମୋର ବନ୍ଧୁପ୍ରଧାନ ବନ୍ଧୁ ଋଣ କରି ଅନୁଗ୍ରହ ପ୍ରଦାନ କରିବାରେ ପରାଙ୍ମୁଖ ହୋଇ ନ ଥିଲେ । ଓଡ଼ିଶାର ତ କଥା ନାହିଁ, ବଙ୍ଗଳାର ଧନାଢ୍ୟ ବ୍ୟକ୍ତିମାନେ ମଧ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ଏହି ବିଦ୍ୟାଳୟଟିପ୍ରତି କୃପା ଦୃଷ୍ଟି ନିକ୍ଷେପ କରି ନାହାନ୍ତି । ଯାହା ହେଉ ଆପଣ ଏହି ବିଦ୍ୟାଳୟଟିପ୍ରତି ଓଡ଼ିଶାର ଧନାଢ୍ୟ ଜମିଦାର ଓ ଗଡ଼ଜାତର ରାଜା, ମହାରାଜା ମହୋଦୟମାନଙ୍କର ଦୃଷ୍ଟି ଆକର୍ଷଣ କରି ଥିବାରୁ ମୁଁ ଆପଣଙ୍କୁ ଶତଶତ ଧନ୍ୟବାଦ ପ୍ରଦାନ କରୁଅଛି ଏବଂ ଆପଣ ଯାହା କହୁଅଛନ୍ତି "ଏହି ନିଃସ୍ୱାର୍ଥ ଦାନଦ୍ୱାରା ସେମାନଙ୍କର ଅକ୍ଷୟ କୀର୍ତ୍ତି ସ୍ଥାପିତ ହେବ ସନ୍ଦେହ ନାହିଁ" । ତହିଁରେ ମୁଁ ସମ୍ପୂର୍ଣ୍ଣ ଏକମତ ହେଉଅଛି ।

ମଧ୍ୟ ବିତ୍ତ ଲୋକମାନଙ୍କର ଏ ବିଦ୍ୟାଳୟଟିକୁ ସାହାଯ୍ୟ କରିବାର ଏଓଟି ସହଜ ଉପାୟ ଅଛି । କଲିକତାର ବିଖ୍ୟାତ ପଣ୍ଡିତ ଶ୍ରୀଯୁକ୍ତ ତାରାକୁମାର କବିରତ୍ନ ମହାଶୟ ଆପଣାର ସ୍ୱଲିଖିତ ସୁନ୍ଦର ଓ ବଙ୍ଗଳା ଭାଷାରେ ରଚିତ "ତାରା-ମା" ନାମକ କ୍ଷୁଦ୍ର କାବ୍ୟ ଖଣ୍ଡିକ ଏ ବିଦ୍ୟାଳୟର ଉପକାରାର୍ଥେ ଉତ୍ସୃଷ୍ଟ କରିଅଛନ୍ତି । ତାହାର ମୂଲ୍ୟ ଟ ୦ ।୵ ଅଣା ମାତ୍ର । ଏଥିରୁ ଏକ୨ ଖଣ୍ଡ କ୍ରୟ କଲେ ତେହା ଆପଣାର ଆଧ୍ୟାତ୍ମିକ ଉନ୍ନତି ସାଧନ କରି ପାରିବେ ଏବଂ ତହିଁ ସଙ୍ଗେ ବିଦ୍ୟାଳୟଟିର ମଧ୍ୟ ଉପକାର ସାଧିତ ହେବ । ଇଂଲଣ୍ଡ ଓ ଆମେରିକାରୁ ପ୍ରତ୍ୟାଗତ ହୋଇ ସ୍ୱୟଂ ଯାମିନୀ ବାବୁ ତଦ୍ଦେଶମାନଙ୍କର ମୂକ, ବଧିର ଓ ଅନ୍ଧମାନଙ୍କର ବିଦ୍ୟାଳୟ ସମ୍ବନ୍ଧରେ କଲିକତାବାସିମାନଙ୍କ ନିକଟରେ ଯେଉଁ ବିବରଣ ପାଠ କରିଥିଲେ ତାହା, "A visit to the institutions for the Deaf and dumb (and the Blind)" ନାମରେ ପୁସ୍ତକା କାରରେ ପ୍ରକାଶିତ ହୋଇଅଛି । ମୂଲ୍ୟ ପ୍ରତିଖଣ୍ଡ ଟ ୦ ୵ ଅଣା ମାତ୍ର । ଯାମିନୀ ବାବୁ ସରଳ ଇଂରାଜୀ ଭାଷାରେ ଇଂଲଣ୍ଡ ଓ ଆମେରିକାର ସମସ୍ତ ମୂକ ବିଦ୍ୟାଳୟମାନଙ୍କର ଆଶ୍ଚର୍ଯ୍ୟୋତ୍ପାଦକ ବିବରଣମାନ ଏଥିରେ ସନ୍ନିବେଶିତ କରିଅଛନ୍ତି । ଏଥିରୁ ଖଣ୍ଡେ କ୍ରୟ କରି ପାଠକ ଏବଂ ଅନ୍ୟେ ଯେ ପ୍ରକାର ପାଶ୍ଚାତ୍ୟ ଦେଶମାନଙ୍କରେ ମୂକ ମାନଙ୍କର ଆଶ୍ଚର୍ଯ୍ୟ ଜନକ ଉନ୍ନତି ଦେଖି ବିସ୍ମିତ ହେବେ ଅନ୍ୟ ଅପେକ୍ଷେ ସେହିପରି ଏ ବିଦ୍ୟାଳୟଟିର ଉପକାର ମଧ୍ୟ ସାଧନ କରି ପାରିବେ । କାରଣ ଏ ପୁସ୍ତକ ଖଣ୍ଡି ମଧ୍ୟ ଉକ୍ତ ବିଦ୍ୟାଳୟର ଉପକାରାର୍ଥେ ଉତ୍ସୃଷ୍ଟ । ଏହା ଛଡ଼ା ଏ ବିଦ୍ୟାଳୟଟିକୁ ସାହାଯ୍ୟ କରିବାର ଆଉ ଗୋଟିଏ ଉପାୟ ଅଛି । ତାହା ଏହି ବିଦ୍ୟାଳୟକୁ ମୂକ ପିଲା ପ୍ରେରଣ କରିବା ଅଟେ । ଗତ Census ରେ ଜଣା ଯାଇ ଅଛି ସମସ୍ତ ଭାରତବର୍ଷରେ ଦୁଇ ଲକ୍ଷ ମୂକ ବାଳକ ବାଳିକା ଅଛନ୍ତି ଏବଂ ଏକ ବଙ୍ଗଳାରେ ସେମାନଙ୍କର ସଂଖ୍ୟା ୭୬ ହଜାର ଅଟେ । ପୂର୍ବେ ଦେଶରେ ଏହି ପିଲାମାନଙ୍କ ନିମିତ୍ତ କୌଣସି ପ୍ରକାର ବିଦ୍ୟାଳୟ ନ ଥିବାରୁ ଲୋକେ ସେମାନଙ୍କୁ ବୃଥା ଭାର ବୋଲି ଜ୍ଞାନ କରୁଥିଲେ । ମାତ୍ର ବର୍ତ୍ତମାନ ଏ ପ୍ରକାର ଗୋଟିଏ

Digitized by srujanika@gmail.com

ବଦ୍ୟାଳୟ ପ୍ରତିଷ୍ଠିତ ହେଲେ ସୁଦ୍ଧା ଶ୍ରେଣୀବର୍ଷ ମଧ୍ୟରେ କେବଳ ମାତ୍ର ୬୭ ଟି ଗ୍ରନ୍ଥ ହେବା ଅତ୍ୟନ୍ତ ଦୁଃଖର ବିଷୟ । ନୂତ ସନ୍ତାନମାନଙ୍କର ଅଭିଭାବକ ମାନଙ୍କର ଏ ବିଦ୍ୟାଳୟପ୍ରତି ଦୃଷ୍ଟି ଆକର୍ଷଣ କରୁଅଛୁ ।

କଟକ } ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ
୧୧।୫।୯୮

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଲକ୍ଷ୍ମୀନାରାୟଣ ଜଗଦେବ କେନ୍ଦ୍ରାପଡ଼ା | | ଟ ୩ ୧ |
| ମୁନସି ମହମଦଅଲି | କଟକ | ଟ ୧ ୧ |
| ବାବୁ ଷାଧୁଚରଣ ଦାସ | ” | ଟ ୧ ୮ |
| ” ଜଗଦବନ୍ଧୁ ଘୋଷ | ” | ଟ ୧ ୧ |
| ” ଜନାର୍ଦ୍ଦନ ମିଶ୍ର | ” | ଟ ୧ ୧ |
| ” ମାଣିକ ଲାଲ ଓ ନଳମଣି ଲାଲ,, | | ଟ ୧ ୮ |
| ” ସୋମନାଥ ଦାଶ | ” | ଟ ୩ ୧ |
| ” କୃଷ୍ଣଚରଣ ଗୁରୁ ତହସିଲଦାର ମୌ। ଉମରପୁର | | ଟ ୩ ୧ |

## ବିଜ୍ଞାପନ ।

ଅମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କୁ ଭୋଜନସାମଗ୍ରୀ ଏବଂ ରାସ୍ତାଖର୍ଚ୍ଚ ଦେବେଇଲା ମତେ ଦିଆଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତରୁ ବିଶେଷ ଅଭ୍ୟାଗତ ଅଛୁ ନ ଥିବାରୁ ଅମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ଦ୍ୱାରା ତୀର୍ଥ ବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁ ଅଛୁକି ସେମାନେ ତୀର୍ଥକୁ ଯିବା ସମୟରେ ଅମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଅମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ତର୍ଚ୍ଚା କରି ଆପଣାର ଜୀବନକୁ ଚରିତାର୍ଥ କରିବୁ । ଇତି
୧୦।୫।୯୮

ଶ୍ରୀ ମହାଜନ ଲାଲ ସାହୁ
। ଷା । ଜଳସର ବ୍ରହ୍ମପୁର । ପ୍ର । ବରୁଅଁ
ଯାଜପୁର ସଃ ତ ଜନ
ଜିଲ୍ଲ କଟକ ।

## NOTICE.

Candidates for admission into the English Training Classes of the Cuttack Training School should apply to the undersigned on or before the 15th June next. Ten stipends for the Senior class and an equal number of stipends for the Junior class will be awarded on receipt of applications.

The Government have ruled that in the case of all appointments whether in schools under public management or in aided or unaided schools, preference shall in future be given to the holders of teachership cerificates.

Cuttack Training School. } Madhusudan Rao
The 4th May 1898 } *Head master.*

## ବିଜ୍ଞାପନ ।

କଟକ ଟ୍ରେନିଂ ବା ନର୍ମାଲ ସ୍କୁଲର ପଣ୍ଡିତ ବର୍ଗରେ କେତେ ଗୋଟି ବୃତ୍ତି ଖାଲି ହୋଇଅଛି । ପ୍ରାର୍ଥୀମାନେ ଆଗାମୀ ଜୁନମାସ ତା ୧୭-ରିଖ ବା ତତ୍ପୂର୍ବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପସ୍ଥିତ ହୋଇ ଆବେଦନ କରିବେ ।

କଟକ ଟ୍ରେନିଂ ସ୍କୁଲ } Madhusudan Rao
୪।୫।୯୮ } ହେଡ୍ ମାଷ୍ଟର ।

# ଚୌକିଦାରି ଗାଇଡ

ଓ

ତତ୍ସମ୍ବନ୍ଧେ ପୋଲୀସ ବିଭାଗରୁ ପ୍ରସ୍ତୁତିତ ସର୍କୁଲର ଓ ପୋଲୀସର ପାଞ୍ଚଆଇନ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ପୋଲୀସର ଶ୍ରୀଯୁକ୍ତ ଇନସ୍ପେକ୍ଟର ଜେନେରଲ ବାହାଦୁରଙ୍କ ଅନୁମତି ଅନୁସାରେ ଅଳ୍ପଦିନ ମଧ୍ୟରେ ପ୍ରକାଶିତ ହେବ । ମୂଲ୍ୟ ପୁସ୍ତକ ମୁଦ୍ରାଙ୍କନର ବ୍ୟୟରୁ ଅଧିକ ହେବ ନାହିଁ ।

ଶ୍ରୀ କୃଷ୍ଣ ମହାପାତ୍ର

## NOTICE.

Is hereby given that the Road side lands under the Cuttack District Board in Nos. 1 and 2 Sub-Divisions will be leased out by auction on Monday the 23rd May 1898 at 8 A. M. at the District Board meeting hall for the year 1306 and it is requested that persons intending to purchase them will attend the said place on the said date. Intending bidders who wish to know any particulars about the sale &c may enquire in the District Board as well as in the District Engineer's offices. Auction purchasers will have to pay one fourth of the annual Jama when their bids are accepted.

Cuttack District Board Office. } J. C. CHUNDER
The 11th May 1898 } *Vice Chairman.*

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ ଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡ ଅଧୀନସ୍ଥ ନଂ ୧ । ୨ ନମ୍ବର ସବଡିଭିଜନ ଇଲାକା ଅର୍ଥାତ କଟକ ସାଲେପୁର ଜଗତସିଂହପୁର ଓ ତିର୍ତ୍ତୋଲ ଥାନା ଅନ୍ତର୍ଗତ ନଯୁଳପୁର ଜମିମାନ ସନ ୧୮୯୮ ସାଲ ମଇମାସ ତା ୨୩ ରିଖ ସମବାର ଦିବା ଘ ୮ ଖା ସମୟେ ଡିଷ୍ଟ୍ରିକ୍ଟବୋର୍ଡ କମେଟି ଗୃହରେ ନିଲାମ ହେବ, ଯେଉଁମାନେ ଉକ୍ତ ଜମି ନିଲାମରେ ଖରିଦ କରିବାକୁ ଇଚ୍ଛା କରୁଥିବେ ସେମାନେ ଉକ୍ତ ତାରିଖରେ ହାଜର ହୋଇ ନିଲାମ ଡାକିବେ, ନିଲାମ ଖରିଦଦାରମାନେ ନିଲାମ ସମ୍ବନ୍ଧେ କୌଣସି ବିଷୟ ଜାଣିବାକୁ ଚାହିଲେ ଡିଷ୍ଟ୍ରିକ୍ଟବୋର୍ଡ ଏବଂ ଡିଃ ଇଞ୍ଜିନୀୟର ଅଫିସରେ ତତ୍ତ୍ୱ କଲେ ବୁଝି ପାରିବେ, ନିଲାମ ଗ୍ରହଣ ହେବା ମାତ୍ରେ ନିଲାମ ଖରିଦଦାରଙ୍କୁ ବାର୍ଷିକ ଜମାର ¼ ଅଂଶ ତତ୍କାଳେ ଦାଖଲ କରିବାକୁ ହେବ ତା ୧୧ ରିଖ ମାହେ ମଇ ସନ ୧୮୯୮ ମସିହା ।

### ତପସିଲ ନୟୁଳପୁର ଜମି ।

| | |
|---|---|
| ୧ ତାଳଚଣ୍ଡା ରାସ୍ତା | ୫ ଫୁଲନାଖରା ମାଧବ ରାସ୍ତା |
| ୨ କଦଳପୁର ମାଛଗାଁ | ୬ ପାଟ୍ଟପୁର କଟଡ଼ା ” |
| ୩ କଟକ ଗୃଦବାଲି ରାସ୍ତା | ୭ ଗୁଲଗଅଗଞ୍ଜ ମାଛଗାଁ ” |
| ୪ ” ସୋନପୁର ” | ୮ ଜଗତସିଂହପୁର ନଯୁପୁର ” |

J. C. Chunder
Vice Chairman.

| | | |
|---|---|---|
| ଇତିହାସପୁରାଣ | ଖ | ଟ ୦ ୳୬ |
| କୁସୁମଲତା | ଖ ୧ | ଟ ୦/ |
| ମହାଦେବବିଭା ଓ ହାଟବନା | | ଟ ୦ / |
| ଦଧିମନ୍ଥନଲୀଳା ଓ ଗୋଧନବାହୁଡ଼ା | | ଟ ୦ / |

ଉପରଲିଖିତ ପୁସ୍ତକମାନ ନୂତନ ଛାପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ।



ଅଠଦିନ୍ୟା ଘଡ଼ିର ଉପର ଲିଖିତ ନକ୍ସାର ଓ୍ୟାଚ ରୂପା କେଶର ଛୋଟ ସାଇଜ ଓ ଦୁନା କେଶର ବଡ଼ ସାଇଜ ।

Split by PDF Splitter
Digitized by srujanika@gmail.com

ରୂପା କେଶର ଓପନଫେସ ଓ୍ୱାଚ

ମୂଲ୍ୟ ଟ ୪୦ ୯

" ହାଣ୍ଟିଂକେସର " ଟ ୪୫ ୯

ସୁନା କେଶର ଓପନଫେସ ଓ୍ୱାଚ " ଟ ୧୬୦୯

" ହାଣ୍ଟିଂ କେସ " ଟ ୨୦୦୯

ଗ୍ରାହକେ କଲିକତା ଯାଉ‌ରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଓ୍ୱାଚ ଆମ୍ଭ ଦୋକାନରେ ବିକ୍ରୀପାଇଁ ପ୍ରସ୍ତୁତ ଅଛି। ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଆମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ କେଟ-ଲଗ ପାଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓ ଜୁଏଲର

## ଧ୍ରୁବଲୀଳା ।

ଅନ୍ତପର୍ଯ୍ୟନ୍ତ ଯେତେ ପୁସ୍ତକବହି ବାହାର ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହି ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୨ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବ-ଲୋକ ଗମନପର୍ଯ୍ୟନ୍ତ ନାନାବିଧ ପୁରାଣ ସମ୍ମତ ରାଗରାଗିଣିରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥିର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦।୵
ମୋଫସଲ ଗ୍ରାହକଙ୍କ ମୂଲ୍ୟଛଡ଼ା ୵୦୯୬ ଡାକମାସୁଲ ପଡ଼ିବ ।

ବାମନଦ୍ୱିବେଦ ।

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରେ କଟକଷ୍ଟାଇପ ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂଲିଶ ଓ ସୁଲଭଢାଳିବା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସୁଲଭଢାଳିବା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଟଲନକ୍ସା କୌଣସି ଛାପାଖାନା ପାଇଁ ଯାହାର ପ୍ରୟୋଜନ ହେଲେ ସେ ଆମ୍ଭଙ୍କୁ ଖବର ଦେଲେ ଆମ୍ଭେ ଯୋଗାଇ ପାରିବୁଁ । ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର } ଶ୍ରୀ ଗୌରୀଶଙ୍କର ରାୟ
କଟକ } ମାନେଜର

ଦ୍ୱିତୀୟ ସଂସ୍କରଣ ।

## ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଛାପ୍ରହେଲା ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ କୃତ ଉପରୋକ୍ତ ପୁସ୍ତକ ବେଙ୍ଗଲଗଭର୍ଣ୍ଣମେଣ୍ଟ ପ୍ରମୁଖ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ୧୫୦୦୦ ଶ୍ରୀ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି। ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡର ଦାମ ପାଇପଇସା

ଓଭରସିୟାସ୍କୁଲ } ଡାକ୍ତର
ମେଡିକେଲ ହଲ } ଶ୍ରୀ ରାମକୃଷ୍ଣସାହୁ
ବାଲୁବଜାରକଟକ }

## ବନାରସ ମାଲ ।

ବନାରସରେ ଆମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଆମ୍ଭର କାର୍ଯ୍ୟ ଆମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଆମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଲେଶମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ପାଟଣା, ଅଠମଲ୍ଲିକ, ସମ୍ବଲପୁର, ସରେଇକଳା ପ୍ରଭୃତି ରାଜ୍ୟର ମହାରାଜା ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର କଥା ପ୍ରକୃତ ଥିବାର ଜଣା ପଡ଼ିବ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଲମ୍ବେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯିବ । ମାଲ ମନୋନୀତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆ ଯିବ ବା ଟଙ୍କା ଫେରି ଦିଆଯିବ କିନ୍ତୁ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ

ଆମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିଦାର ସାଢ଼ୀ, ଧୋତି ଉଢ଼ଣୀ, ଟୋପି, କୋଟ, ଚୋଗା, ଚାଦର, କିଂଖାପ ବାସ୍ତା, ଜରୀ ଦୋପଟ୍ଟା ମଖମଲ, ଶୀତରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଗରମ ଅଙ୍ଗୁଷ୍ଠ ପ୍ରଭୃତି ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲଟି କରା ହାତୀର ଦାନ୍ତର ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତିଆର କରି ଦେଉଁ । ବରାତ ଦେବାବେଳେ ଜିନିଷମାନଙ୍କ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା (ଶିରୋନାମା) ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଆମ୍ଭ ହସ୍ତଗତ ହେବ ।

ଶ୍ରୀ ପାଲୁମାଲ ଶ୍ୟାମନାଥ
ଲକ୍ଷ୍ମୀଗଡ଼ ଫାଟକ ବନାରସ ସିଟି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

ଧାଡ଼ିପ୍ରତି

ଅର୍ଦ୍ଧସ୍ତମ୍ଭକୁ ... ୵୵

ପୂର୍ଣ୍ଣ ଏକ ସ୍ତମ୍ଭ ଟ ୬୯

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ ମଧ୍ୟ ଚାରିଧାଡ଼ି ଟ ୦।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ଅଧିକ ଥର ସକାଶେ ଦର ସ୍ଥିର ଥିଲା ହେବା ଓ ଉଭୟ ଯଥାକ୍ରମେ ହେବ ।

ଅଧିକ ଜାଣିବା ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସହିତ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ... ଅର୍ଦ୍ଧସ୍ତମ୍ଭକୁ ଦାସ ଦ୍ୱାରା
କଟକ ... ଶନିବାର ... ପ୍ରକାଶିତ

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୩ | ସଂଖ୍ୟା ୨୧ | ତା ୨୧ ଋଣ ମାହେ ମଇ ସନ ୧୮୯୮ ମସିହା । ମୂ । ... ଜ୍ୟେଷ୍ଠ ... ସାଲ ଶନିବାର । | ଅଗ୍ରିମ ... ମଶ୍ୟାଦେୟ ଟ ...


## ବିଜ୍ଞାପନ

ସନ ୧୮୯୮।୯୯ ମସିହା
ଏବଂ
ଉତ୍କଳ ସନ ୧୩୦୫।୧୩୦୬ ସାଲର
### ନୂତନ ପଞ୍ଜିକା ।

କଟକ [illegible] କମ୍ପାନୀଙ୍କ ଯନ୍ତ୍ରାଳୟରେ ଅନ୍ୟାନ୍ୟବର୍ଷପ୍ରାୟ ଶୁଦ୍ଧ [illegible] ହୋଇ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ।

ବଡ଼ପାଞ୍ଜି ଟ ୦ । ଡାକମାସୁଲ ଟ ୦ ।
ଛୋଟପାଞ୍ଜି ଟ ୦ ୧୬ „ ଟ ୦ ୧୬

ମୋଫସଲର ବିକ୍ରେତାମାନଙ୍କୁ ଅଧିକପରିମାଣ କମିଶନ ଦେବାର ବନ୍ଦୋବସ୍ତ ହୋଇଅଛି । ଗ୍ରାହକମାନଙ୍କୁ ସାବଧାନ କରି ଦେଉଅଛି ଯେ ସେମାନେ ଅନ୍ୟ ଯନ୍ତ୍ରାଳୟର ଆଡ଼ମ୍ବରପୂର୍ଣ୍ଣ ବିଜ୍ଞାପନରେ ନ ଭୁଲି ଚିରପରିଚିତକାଯ୍ୟାଳୟର ସଙ୍ଗେ ବ୍ୟବହାର କରିବେ ।

୪।୧୪।୯୬ } ଶ୍ରୀ ଗୌରୀଶଙ୍କର ରାୟ
ସମ୍ପାଦକ


ଏବର୍ଷ ଏଅଞ୍ଚଳରେ ଆମ୍ବଫସଲ ଏତେ ଅଧିକ ହୋଇଅଛି ଯେ ପୂର୍ବେ ଆଉ କେବେ ଏମନ୍ତ ହେବାର ସ୍ମରଣ ହେଉ ନାହିଁ । ବାସ୍ତବରେ ମୋଫସଲର ଏକ ୨ ସ୍ଥାନରେ ଲୋକ ଆମ୍ବ ତୋଳିପାରୁ ନାହାନ୍ତି । ପାଚିଲାଆମ୍ବ ତଳେ ପଡ଼ି ଗୋଳୁଡ଼ି ଯାଉଅଛନ୍ତି ।

---

ଇଷ୍ଟକୋଷ୍ଟ ରେଲବେର ତୃତୀୟ ଶ୍ରେଣୀର ଯାତ୍ରୀ ଭଡ଼ା ଜଣକୁ ମାଇଲ ପ୍ରତି ଦୁଇପାହୁଲା ଗତମାସ ତା ୮ ଋଣଠାରୁ ଦୁଇପାହୁଲା ବା ପାହିସ୍ଥଳେ ଅଢ଼େଇପାହି ଧାର୍ଯ୍ୟ ହୋଇଅଛି । ରେଲବାଟ ଠିକ ହୋଇ ଗଲାରୁ ଭଡ଼ା ଅଧପାହି ବଢ଼ିବାର ଜଣା ଯାଏ ।

---

ଏଥର ବଙ୍ଗଦେଶରେ ସର୍ବମୁଦ୍ଧା ବାଇଶଶତ ବ୍ୟକ୍ତି ମୁକ୍ତାରି ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ କେବଳ ଜ ୨୧୦ ଣ ଅର୍ଥାତ୍ ଶତକରା ଜ ୧୦ ଣରୁ ଊଣା ପାସ କରିଅଛନ୍ତି । ଏହି ସାଧାରଣ ଅନୁପାତ ସଙ୍ଗେ ତୁଳନା କଲେ ଉତ୍କଳ ଶାର ଜ ୧୬ ଣ ମଧ୍ୟରୁ ଜ ୪ ଣ ପାଶ କରିବା ଉତ୍କୃଷ୍ଟ ଫଳ ବୋଲିବାକୁ ହେବ ।

---

ନାଟୁ ଭ୍ରାତା ଦ୍ୱୟଙ୍କ ପ୍ରତି ବମ୍ବେଇ ଗବର୍ଣ୍ଣରଙ୍କର କଞ୍ଚିତ ସ୍ନେହଦୃଷ୍ଟି ହୋଇଅଛି । ବଡ଼ନାଟୁ ଅହମଦାବାଦ୍‌ଜେଲରେ ଥାଇ କଷ୍ଟ ପାଉଥିବାର ଦରଖାସ୍ତ ଦେବାରୁ ଗବର୍ଣ୍ଣର ତାହାଙ୍କୁ ଅନ୍ୟ ଏକସ୍ଥାନରେ ରଖିବାର ଶୁଣାଇଦେଇ ସେଠାକୁ ପଠାଇଅଛନ୍ତି ଏବଂ ସାନନାଟୁଙ୍କୁ ମଧ୍ୟ ବମ୍ବେଇରୁ ଧାରବାରକୁ ସ୍ଥାନାନ୍ତରିତ କରିଅଛନ୍ତି । ଉଭୟେ ରେଲଗାଡ଼ିର ପ୍ରଥମଶ୍ରେଣୀରେ ପଠା ଯାଇଥିଲେ ମାତ୍ର ସଙ୍ଗରେ ପୁଲୀସ ପହରା ଥିଲା । ଉତ୍ସାହିତ ହୁଅଇ ଏଣିକି ସେମାନଙ୍କୁ ସେମାନଙ୍କର ଅବସ୍ଥା ଓ ଅଭ୍ୟାସ ଅନୁସାରେ ଉତ୍ତମ ଘରେ ରଖାଇବାର ବନ୍ଦୋବସ୍ତ ହୋଇଅଛି । ଏଥିରୁ ଆନନ୍ଦ ସହିତ ଅବଗତ ହେଲୁ ଯେ ସେମାନଙ୍କୁ କେତେକ ସ୍ୱାଧୀନତାରେ ରଖାଯାଇଅଛି ।

---

ଗତ ଶନିବାର ଚନ୍ଦନ ଯାତ୍ରା ଶେଷ ହେବା ପୂର୍ବେ ଏହି ଯାତ୍ରା ଉପଲକ୍ଷେ ଏ ନଗରରେ ସମସ୍ତ ରାତ୍ରି ବାଜା ବଜାଇବାର ପାସ ଦିଆ ଯାଉଥିଲା । ଏଥର ପୁଲୀସ ସାହେବ ରାତ୍ରି ଘ ୧୦ ଘଣ୍ଟା ପର୍ଯ୍ୟନ୍ତ ପାସ ଦେବାରୁ ତାହାର ବଡ଼ ବିଘ୍ନ ଘଟିଅଛି । ତହିଁର ପରେ ପୁଲୀସ କର୍ମଚାରୀଙ୍କର ହୁକୁମ ଅଦ୍ଭୁତ କଡ଼ା । ଶେଷ ଯାତ୍ରା ଦିନ ବଳୋଦ ଜବାହି ଠାକୁର ରାତ୍ରି ଘ ୮॥ ଘଣ୍ଟା ସମୟରେ ଚୌଧୁରୀ ବଜାରରେ ପହଞ୍ଚିବା ବେଳେ ଚୌକିଦାର ବାଜା ବନ୍ଦ କରିଦେଲା । ତାହାକୁ ଘଡ଼ି ଦେଖାଇ ପଚାରିବାରେ ସେ କହିଲା କି ସେ ଘଡ଼ି ଘଣ୍ଟା ଜାଣେ ନା ଜମାଦାରଙ୍କ ହୁକୁମ ମତେ ବାଜାବନ୍ଦ କରିଦେଲା ଜମାଦାରଙ୍କୁ ଖୋଜିବାରେ ପାଇଁ ଗଲା ନାହିଁ । ସୁତରାଂ ତାହାଙ୍କର ମତଟି ଅଜଣା ରହିଗଲା । ଏତେକ ରାତ୍ରି ଘ ୧୦ ଘଣ୍ଟା ମଧ୍ୟରେ ଯାତ୍ରା ସମାପ୍ତ ହେବା ଅସମ୍ଭବ । ଯେଉଁ ବାଟେ ବାଜା ବାଜିବାର ପାସ ନେଇ ସେ ଅଞ୍ଚଳରେ ଲୋକଙ୍କ ଆପତ୍ତି ନ ଥିବା ସ୍ଥଳେ ଏତେ ଅଳ୍ପ ସମୟ ନିମନ୍ତେ ପାସ ଦେବା ଅଦ୍ଭୁତ ଦସ୍ତୁର

ଏବଂ ସର୍ବୋପରି ପ୍ଲାସର ଉତ୍ପନ୍ନ କର୍ମଚାରୀଙ୍କ ସ୍ୱେଚ୍ଛାଚାରିତା ଘୋର ଅନ୍ୟାୟ ଅଟେ। ପ୍ଲାଗ ସାହେବ ଏଥିର କିଛି ପ୍ରତିକାର କରିବେ କି ?

### କଲିକତାରେ ମହାମାରୀ

ଗତ ସପ୍ତାହର ଏ ସପ୍ତାହରେ ମଧ୍ୟ କଲିକତାରେ ମହାମାରୀ ରୋଗାକ୍ରାନ୍ତ ଅଥବା ତହିଁରେ ମୃତ ହେବା ବ୍ୟକ୍ତିଙ୍କ ସଂଖ୍ୟା ଅତ୍ୟନ୍ତ ଊଣା ଥିଲେହେଁ ଲୋକଙ୍କର ଆତଙ୍କ ବିଶେଷ ଊଣା ପଡ଼ି ନାହିଁ । କଲିକତାର ଲୋକସଂଖ୍ୟା ପ୍ରାୟ ୮ ଲକ୍ଷ ତହିଁ ମଧ୍ୟରୁ ପ୍ରାୟ ଗତ ସପ୍ତାହରେ ନ ୫୦ ଜଣଙ୍କୁ ପ୍ଲେଗ ଧରିଥିବା ବା ନ୪୦ଣ ମରି ପଡ଼ିଥିବା ଅତୀବ ଧର୍ତ୍ତବ୍ୟ ନୁହେଁ ମାତ୍ର କର୍ତ୍ତୃପକ୍ଷମାନଙ୍କର ଭୟ ଏହି ବ ଗ୍ରୀଷ୍ମକାଳ ଋତୁ ରୋଗ ପକ୍ଷେ ଅନୁକୂଳ ନ ଥିବା ପ୍ରତ୍ୟକ୍ଷେ ଯେ ସ୍ଥଳେ ଏ ସମୟରେ ତାହା ଉଦୟ ହୋଇଅଛି ସେ ସ୍ଥଳେ ତାହା ମଠେଇ ରହି ଶୀତକାଳରେ ଲାଗିଉଠି ପାରେ ଏହି କାରଣରୁ ସେମାନେ ରୋଗ ନିବାରଣର ବିହିତ ଉପାୟମାନ ଅତ୍ୟରୁ ଅବଲମ୍ବନ କରିବା ଉଚିତ ବୋଧ କରୁଅଛନ୍ତି। ସେହି ଉପାୟମାନଙ୍କ ମଧ୍ୟରୁ (ସିଗ୍ରିଗେସନ) ପୃଥକ କରଣ ଏବଂ ଟୀକା ଦାନ ବିଶେଷରେ ଟୀକାର ଭୟରେ କଲିକତା ଛାଡ଼ି ଅନେକ ପଳାଇ ଗଲେ ପରେ ଯହୁଁ ଲୋକେ ବୁଝିଲେ ଯେ ପୃଥକ କରିବା ନିୟମ ପ୍ରଚଳିତ ହେବ ନାହିଁ ଏବଂ କାହାରିକୁ ବଳ ପୂର୍ବକ ଟୀକା ଦିଆଯିବ ନାହିଁ ତହୁଁ ଲୋକଙ୍କର ମନ ଅନେକ ପରିମାଣରେ ଥୟ ଧରିଥିଲା । ତହିଁ ଉତ୍ତାରୁ ଘରକୁ ଘର ଖୋଜି ରୋଗୀ ବାହାର କରିବା ନିୟମ ପ୍ରଚାର ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ବାହାରିବାରୁ ଲୋକଙ୍କର ମନ ପୁଣି ଅସ୍ଥିର ହେଲା ଏବଂ କଲିକତାରୁ ପଳାଇବାର ପୁଣି ଆରମ୍ଭ ହେଲା । ପ୍ରଥମେ ଓଡ଼ିଆ ଓ ବଙ୍ଗାଳିମାନେ ପଳାଇ ଥିଲେ। ଏଥର ମାରୱାଡ଼ିମାନେ ଅଧିକାଂଶ ପଳାଇଲେ । ବଡ଼ ବଡ଼ କୋଠିର ମାଲିକ ମାରୱାଡ଼ିମାନେ ଦୁଇ ଚାରିଜଣ ଚାକର ହାତରେ ସବୁ କାରବାର ଚଳାଇବେ ବୋଲି ଛାଡ଼ି ଯେଉଁ ଜୟପୁର ଯୋଧପୁର ପ୍ରଭୃତି ସ୍ଥାନକୁ ବାହାରି ଯାଇଅଛନ୍ତି ଏବଂ କଲିକତାର ବ୍ୟବସାୟ ବାଣିଜ୍ୟ ନିତାନ୍ତ ଊଣା ପଡ଼ିଅଛି । ବସ୍ତିର ଦ୍ୱାର ବଡ଼ବଜାର ଗୃହକର୍ତ୍ତାଙ୍କ ପୂରିତ ବ୍ୟବସାୟ ସ୍ଥଳରେ ଏବେ ପ୍ରକାର ଜନଶୂନ୍ୟ ହେଲା ପରି ଦେଖା ଯାଏ ଅବଶ୍ୟ ଲୋକ ପଳାଇବାର ବିରାମ ନାହିଁ ।

ଟୀକା ସମ୍ବନ୍ଧରେ ଲୋକଙ୍କ ଭୟର ଗୋଟିଏ ଆଶ୍ଚର୍ଯ୍ୟ କାରଣ କଲିକତାର ଷ୍ଟେଟ୍ସମାନ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି । କଲିକତାର ନୂତନ ସହରର କୋଚମାନ ଓ ସଇସମାନେ ଏକତ୍ରେ ତାହାଙ୍କ ନିକଟକୁ ଯାଇ ବିଦାୟ ପ୍ରାର୍ଥନା କଲେ ଏବଂ ସେ ଯେତେ ପ୍ରକାର ବୁଝାଇଲେ ଚାକରମାନେ ଆଦୌ ମାନିଲେ ନାହିଁ । କାରଣ ପଚାରନ୍ତେ ସେମାନଙ୍କ ମଧ୍ୟରୁ ଜଣେ ମୁଖ୍ୟପାତ୍ର ସ୍ୱରୂପ ପ୍ରକାଶ କଲେ କି ସେମାନେ ଶୁଣି ଅଛନ୍ତି ଯେ ରୁଷିଆ ଭାରତକୁ ଆସୁଅଛି ତୁରସ୍କ ରୁଷିଆର ବନ୍ଧୁ ଅଟେ । ସୁତରାଂ ରୁଷିଆ ଭାରତକୁ ଆସିଲେ ମୁସଲମାନମାନେ ତୁରସ୍କର ବନ୍ଧୁତା ଯୋଗୁଁ ରୁଷିଆ ପକ୍ଷାବଲମ୍ବନ କରିବେ । ଇଂରେଜ ଏହା ଶୁଣି ଗୋପନରେ ମୁସଲମାନମାନଙ୍କୁ ମାରି ପକାଇବା ଅଭିପ୍ରାୟରେ କୌଶଳରେ ଟୀକା ପ୍ରୟୋଗର ଉପାୟ ବାହାର କରିଅଛନ୍ତି । ଅତଏବ ଯେତେ କହିଲେ ସେମାନେ କଲିକତାରେ ରହିବେ ନାହିଁ । ଏ ପ୍ରକାର ଅସମ୍ଭବ କଥା ବାହାର କରିବା ଦୁଷ୍ଟ ଲୋକର କଳ୍ପନା ଶକ୍ତି ଅଥବା ତାହା ବିଶ୍ୱାସ କରିବା ଲୋକଙ୍କ ଅଜ୍ଞତା ଏ ଦୁଇ ମଧ୍ୟରୁ କାହାକୁ ଅଧିକ ବୋଲିବାକୁ ହେବ ଆମ୍ଭେମାନେ ସ୍ଥିର କରି ପାରୁ ନାହୁଁ । ଫଳତଃ ଉଭୟ ଆଶ୍ଚର୍ଯ୍ୟ ବ୍ୟାପାର । ଟୀକା ବଳପୂର୍ବକ କାହାକୁ ଦିଆଯିବ ନାହିଁ ଏବଂ ହିନ୍ଦୁ ମୁସଲମାନ ବା ଅପର ଶ୍ରେଣୀର ଯେଉଁ ଲୋକ ଇଚ୍ଛା କରିବ ସେ ଟୀକା ନେବ ଏମନ୍ତ ନିୟମ ହୋଇଥିବା ସ୍ଥଳେ ଏପରି [illegible] ଅମୂଳକ ମିଥ୍ୟା କଥାରେ ବିଶ୍ୱାସ କରି କାର୍ଯ୍ୟ ଛାଡ଼ି ପଳାଇବା ସାମାନ୍ୟ ମୂର୍ଖତା ନୁହେଁ । ଯାହା ହେଉ ଏଥି ମଧ୍ୟରେ କଲିକତାର ବ୍ରାହ୍ମ ସମାଜ ଅନ୍ତର୍ଗତ ପ୍ରାୟ ନ ୫୦ ଜଣ ଯୋଗ୍ୟ ବଙ୍ଗାଳୀ ରାଜା ବିନୟକୃଷ୍ଣ ବାହାଦୂର ସପରିବାର ଉଦ୍ୟାନ ସହିତ ଏବଂ ଅପର କେତେ ଭଦ୍ର ଲୋକ ଟୀକା ନେଇଅଛନ୍ତି ଏବଂ ଅନେକ ଲୋକ ତାହା ଦେଖି ବୁଝିଅଛନ୍ତି ଯେ ଟୀକା ସମ୍ବନ୍ଧରେ ଯେ ସବୁ ଜନରବ ଉଠିଅଛି ସେ ସମସ୍ତ ମିଥ୍ୟା ଓ ଅମୂଳକ ଅଟେ । ଅତଏବ ଆଶା ହୁଅଇ ଟୀକା ସମ୍ବନ୍ଧୀୟ ଭୟ ଶୀଘ୍ର ଦୂର ହେବ । ଘର ତଲାସି ବମ୍ବେଇ ଓ ପୁନାରେ ଯେପରି ଗୋରା ସିପାହୀଦ୍ୱାରା ପ୍ରଥମେ ହୋଇଥିଲା କଲିକତାରେ ସେପରି ନ ହୋଇ ବିଶେଷ କମିଟିଦ୍ୱାରା ହେବ ଏବଂ ଦେଶୀୟ ଭଦ୍ରଲୋକମାନେ ସେହି କମିଟିର ସଭ୍ୟ ହୋଇଥିବାରୁ ଉଦ୍ବେଗ ଲୋକଙ୍କର ମନରୁ ହାନିର କେତେ ଭୟର କାରଣ ନାହିଁ । ଟୀକା ନେବା ପରିବାର ବର୍ଗପ୍ରତି ପୃଥକ୍ କରଣ ନିୟମ ଖଟିବ ନାହିଁ ଗବର୍ଣ୍ଣମେଣ୍ଟ ଏପରି ମଧ୍ୟ ଆଶ୍ୱାସ ଦେଇଅଛନ୍ତି । ଅତଏବ ଦେଖାଯାଏ ଯେ ଯେଉଁ ନିୟମ ଦେଶୀୟ ଲୋକଙ୍କର ଅତ୍ୟନ୍ତ ଅରୁଚିକର ସେ ସମସ୍ତର କଠୋରତା ହ୍ରାସ କରିବା ପ୍ରତି ଗବର୍ଣ୍ଣମେଣ୍ଟ ବିଶେଷ ମନୋଯୋଗୀ ସୁତରାଂ ଭୟ ଓ ଅବିଶ୍ୱାସର କାରଣ କିଛି ନାହିଁ। ଲୋକେ ଶାନ୍ତ ଭାବରେ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ କଲେ ମହାମାରୀ ନିବାରଣର ନିୟମାବଳି ସୁନ୍ଦରରୂପେ ଚାଲିବ ଏବଂ ତହିଁର ଯୁକ୍ତିସଙ୍ଗତ ପରିବର୍ତ୍ତନ ମଧ୍ୟ ଘଟିବ ।

### ମହାମାରୀ ସଭା ।

କଲିକତାରେ ପ୍ଲେଗ ବା ମହାମାରୀ ପଡ଼ିଅଛି ଥିବାର ଖବର ଶୁଣାଯିବା ଦିନୁ ଏ ନଗରରେ ଯେତେ ଜନରବ ଉଠିଅଛି, ବୃଦ୍ଧଲୋକମାନେ କହନ୍ତି ସେମାନଙ୍କ ବାଲ୍ୟାବସ୍ଥାରୁ ଆଜିପର୍ଯ୍ୟନ୍ତ କେବେ ତେତେ ଜନରବ ଉଠି ନ ଥିଲା ; ଯେଉଁଠାରେ ପାଞ୍ଚଜଣ ଲୋକ ଗୁଣ୍ଡ ହେଉଅଛନ୍ତି, ସେଠାରେ କେବଳ ପ୍ଲେଗର ଗଳ୍ପ । କ୍ରମେ କ୍ରମେ ଏତେ ମିଥ୍ୟା କଥା ରଟନା ହୋଇଅଛି ଯେ ଅନେକ ଲୋକଙ୍କ ଘରେ ଶ୍ରୀ [illegible] ତ୍ରିନ ତନ୍ତ୍ରରେ ଆହାର ନିଦ୍ରା ପରିହାର କରିଅଛନ୍ତି । କଏ କହୁଅଛି ଡାକ୍ତରମାନେ ଦେହରେ ଦୁଇ ବାଟରସ୍ତ ଖୋଳ ଦେଇ ଟୀକା ଦେବେ ରକ୍ତ ସଙ୍ଗରେ ଜହର ମିଶିବ ମନୁଷ୍ୟ ମରଯିବ । କଏ କହୁଅଛି ବେକମୂଳରେ କଣା କରି ଟୀକା ଦେବେ । କାଲେ ଶୁଣାଗଲା ଟୀକା ଦେବା ନିମନ୍ତେ ଜଣେ ଡାକ୍ତର ଗୋଟିଏ ମୂର୍ଦ୍ଦାର ଦେହ କଲିକତାକୁ ଆଣିଥିଲେ । କେତେଜଣ ଆଖିରେ ଦେଖିବା ପରି କହୁଛନ୍ତି ସେ ମୂର୍ଦ୍ଦାରଟି ମେନ୍ସ୍ତୁଲ ସାହେବଙ୍କ କୋଠିରେ ଅଛି ।

ଏହିପରି ଅନେକ ଜନରବ ଶୁଣି ଲୋକେ ଚମକି ହେଉଥିବାରୁ ଲୋକମାନଙ୍କୁ ପ୍ରକୃତ କଥା ବୁଝାଇ ଦେବା ନିମନ୍ତେ ଗତ ରବିବାର ଉପରଓଳ ଏଠା କଲେଜ ହଲରେ ବାବୁ ମଧୁସୂଦନ ଦାସଙ୍କ ଉଦ୍ୟମରେ ଗୋଟିଏ ସଭା ହୋଇଥିଲା । ସଭାରେ କେତେକ ଜଣ ଭଦ୍ରଲୋକ ଏବଂ ସହସ୍ରାଧିକ ସାଧାରଣ ଲୋକ ଉପସ୍ଥିତ ହୋଇଥିଲେ । ରାଜା ବୈଦ୍ୟନାଥ ପଣ୍ଡିତ ବାହାଦୁର ସଭାପତି ପଦରେ ଅଭିଷିକ୍ତ ହେବ ଉତ୍ତାରେ ମଉଲବୀ ମାହମୁଦ୍‌ଙ୍କ ଡେପୁଟି

Digitized by srujanika@gmail.com

ଢଲେକ୍ଟର ଲୋକମାନଙ୍କୁ ବୁଝାଇଲେ ଯେ ପ୍ଲେଗ ଦୁଇବର୍ଷ ହେବ ବୋମ୍ବାଇରେ ଲାଗିଅଛି, ବର୍ତ୍ତମାନ କଲିକତାରେ ପହଞ୍ଚିଲାଣି। କଟକକୁ ଆସିବା ଅସମ୍ଭବ ନୁହେଁ ଏଥିଯୋଗୁଁ ପୂର୍ବରୁ ସାବଧାନ ହେବା ଉଚିତ। ଈଶ୍ୱରଙ୍କ ବିନୁ ଆଉ କେହି ରୋଗ ନିବାରଣ କରି ପାରିବ ନାହିଁ କିନ୍ତୁ ଈଶ୍ୱର ମନୁଷ୍ୟଙ୍କୁ ଅକ୍କଲ ଦେଇଅଛନ୍ତି, ମନୁଷ୍ୟ ଯତ୍ନ ତଦବିର କରିବା ଉଚିତ। ଯେଉଁମାନେ ମକ୍କାରେ ହଜ କରିବାକୁ ଯାଆନ୍ତି ସେମାନେ ଜାଣନ୍ତି ଯେ କୌଣସି ଜାହାଜରେ ଜଣେ ଲୋକର ସଂକ୍ରାମକ ରୋଗ ହେଲେ ଜାହାଜ ଓ ସମସ୍ତ ଯାତ୍ରୀମାନେ ଅଟକରେ ରହନ୍ତି। ସେହିପରି କୌଣସି ସହରରେ କୌଣସି ଲୋକକୁ ପ୍ଲେଗ ଧରିଲେ ତାକୁ ପୃଥକ୍ ରଖିବାର ବ୍ୟବସ୍ଥା ହୋଇଅଛି। ଏ ବ୍ୟବସ୍ଥା ଗବର୍ଣ୍ଣମେଣ୍ଟ ଆପଣା ମନରୁ ବାହାର କରିନାହାନ୍ତି। ଭିନ୍ନ ନଗରରେ ନାନା ଦେଶର ପ୍ରସିଦ୍ଧ ଲୋକମାନେ ଆଲୋଚନା କରି ଏହା ସ୍ଥିର କରିଅଛନ୍ତି। କଲିକତାରେ ନାନା ଦେଶର ଶାସନକର୍ତ୍ତାମାନଙ୍କର ପ୍ରତିନିଧି ଅଛନ୍ତି, ସେମାନଙ୍କୁ କନସଲ କୁହାଯାଏ। ଏ ଦେଶରେ ଗବର୍ଣ୍ଣମେଣ୍ଟ ପ୍ଲେଗ ସମ୍ବନ୍ଧେ ଯେଉଁ ନିୟମ ପାଳୁଅଛନ୍ତି ତାହା ସେମାନେ ନିଜ ୨ ଦେଶକୁ ଲେଖି ପଠାଇବେ। ଯଦି ଜଣାଯିବ ଯେ ଗବର୍ଣ୍ଣମେଣ୍ଟ ସବୁ ନିୟମ ପାଳୁ ନାହାନ୍ତି, ତେବେ ଅନ୍ୟାନ୍ୟ ଦେଶ ସହିତ ଏ ଦେଶର ବାଣିଜ୍ୟ ବନ୍ଦ ହୋଇଯିବ। ଏଠାରେ ଯେଉଁ ସବୁ ଜନରବ ଉଠିଅଛି ତାହା ସବୁ ସତ ନୁହେଁ, କାହାରିକୁ ଯବରଦସ୍ତି ଟୀକା ଦିଆଯିବ ନାହିଁ। ଯେଉଁମାନଙ୍କୁ ରୋଗ ଧରିବ ସେମାନେ ଯଦି ନିଜ ୨ ସକାଶେ ପୂର୍ବରୁ କୌଣସି ହାସପାତାଲର ବନ୍ଦୋବସ୍ତ କରି ନ ଥିବେ ତେବେ ସେମାନଙ୍କୁ ସାଧାରଣ ହାସପାତାଲକୁ ନିଆଯିବ କିନ୍ତୁ ସେମାନଙ୍କ ଘରର କୌଣସି ଲୋକ ଯଦି ସେବା ଶୁଶ୍ରୂଷା ନିମନ୍ତେ ସେମାନଙ୍କ ସଙ୍ଗରେ ହାସପାତାଲକୁ ଯିବେ ତେବେ ସେମାନଙ୍କ ରହିବା ସକାଶେ ଉଚିତ ବନ୍ଦୋବସ୍ତ ହେବ।

ତହୁଁତ୍ତାରେ ବାବୁ ମଧୁସୂଦନ ଦାସ କହିଲେ ଯେ କୌଣସି ବେମାର ପହଞ୍ଚିଲେ ଆଗ ଗରିବମାନେ କଷ୍ଟ ଭୋଗ କରନ୍ତି। ଗରିବମାନଙ୍କ ଉପରେ ବଡ଼ଲୋକଙ୍କ ଦୃଷ୍ଟି ନିର୍ଭର କରେ ଏଥି ଯୋଗୁଁ ଗରିବକୁ ସାହାଯ୍ୟ କରିବା ବଡ଼ଲୋକଙ୍କର ଉଚିତ। ଗରିବ ଲୋକମାନେ ଘରଦ୍ୱାର ସଫା ରଖିବା ନିମନ୍ତେ କିଛି ୨ ଖର୍ଚ୍ଚ ହେବ। ସେମାନଙ୍କୁ ବଡ଼ଲୋକମାନେ ସାହାଯ୍ୟ ନ କଲେ ସେମାନେ ତାହା ନିର୍ବାହ କରି ପାରିବେ ନାହିଁ। ରୋଗୀ ମନୁଷ୍ୟଙ୍କୁ ପୃଥକ୍ ସ୍ଥାନରେ ରଖିବା କଥା ଏଦେଶରେ ପୂର୍ବରୁ ଅଛି। ଯାହାର କୁଷ୍ଠ ରୋଗ ହୁଏ ତାହା ସଙ୍ଗେ କେହି ବସାଉଠା ଖିଆପିଆ କରନ୍ତି ନାହିଁ। ବାବୁ ବେହାରିଲାଲ ପଣ୍ଡିତ ପ୍ରସ୍ତାବ କଲେ ଯେ ପ୍ଲେଗ ସମ୍ବନ୍ଧରେ ସରକାରଙ୍କଠାରୁ ସମସ୍ତ ସମ୍ବାଦ ଜାଣିବା ନିମନ୍ତେ, ପ୍ଲେଗ ସଂକ୍ରାନ୍ତ ନିୟମମାନ ଲୋକମାନଙ୍କ ପ୍ରତି କଷ୍ଟକର ନ ହେବା ପକ୍ଷେ ଦୃଷ୍ଟି ରଖିବା ନିମନ୍ତେ ଓ କୌଣସି ନିୟମ କଠୋର ହେଲେ ତାହା ଶିଥିଳ କରିବା ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିବା ନିମନ୍ତେ, ପ୍ଲେଗ ନିବାରଣ ନିମନ୍ତେ ଯେଉଁ ୨ ଉପାୟ ଆବଶ୍ୟକ ତାହା କରିବା ନିମନ୍ତେ ଲୋକମାନଙ୍କୁ ଘର ଦ୍ୱାର ଅତି ସଫା ରଖିବା କଥା ବୁଝାଇବା ନିମନ୍ତେ ଓ ଗରିବ ଲୋକମାନଙ୍କୁ ଘର ଦ୍ୱାର ସଫା ରଖିବାର ଖରଚ୍ ଦେବା ପାଇଁ ଚନ୍ଦା ସଂଗ୍ରହ କରିବା ନିମନ୍ତେ ଗୋଟିଏ ସାଧାରଣ କମେଟୀ ନିଯୁକ୍ତ ହେଉ। କେଉଁ ୨ ମାନେ ଉକ୍ତ କମେଟୀର ମେମ୍ବର ହେବେ ସେ ସେମାନଙ୍କର ନାମ ପଢ଼ି ଶୁଣାଇ ଦେଲେ। ବାବୁ ମଧୁସୂଦନ ଦାସ ଏହି ଲିଷ୍ଟ ପଢ଼ିବାବେଳେ ଜଣେ ମୁସଲମାନ ବାହାର ଅବଦୁସ ସମଦ ଓ କାଶୀ ନାଜିର ମହମ୍ମଦ ମୁସଲମାନଙ୍କର ପ୍ରତିନିଧି ନୁହନ୍ତି ବୋଲି ଆପତ୍ତି କଲେ। ଆଉ କେତେକ ଲୋକ କେତେଗୁଡ଼ିଏ ନାମ ପ୍ରସ୍ତାବ କଲେ। କମେଟୀ ନିଯୁକ୍ତ ହେବା ବିଷୟରେ ଲୋକମାନଙ୍କର ସମ୍ମତି ଅଛି କି ନା ବାବୁ ମଧୁସୂଦନ ଦାସ ପଚାରିବାରେ ଲୋକମାନେ ଗୋଳମାଲ ଆରମ୍ଭ କରି "ନା ନା" କହି ହାତ ହଲାଇଲେ। ସାଧାରଣ ଲୋକଙ୍କୁ ନେଇ ସଭା କରିବା କଥା ଦୁଃସାଧ୍ୟ କାରଣ ସେମାନେ ନିୟମର ବଶୀଭୂତ ନୁହନ୍ତି। ସଭାସ୍ଥଳରେ କେବଳ ଗୋଳମାଲ ଲାଗି ରହିଲା। ମଧୁବାବୁ ପୁଣି ସେମାନଙ୍କୁ ବୁଝାଇ କହିବାରୁ ସମସ୍ତେ କହିଲେ "ଆପଣ ଯାହା କହିଲ ମଞ୍ଜୁର।" ଜଣାଗଲା ଯେ ଲୋକେ ଟୀକା ଦେବା କଥାକୁ ଲକ୍ଷ କରି "ନା ନା" କହୁଥିଲେ।

ମଉଲବୀ ଅବଦୁସ ସମଦ ପ୍ରସ୍ତାବ କଲେ ଯେ କୌଣସି ଜାତି ନିମନ୍ତେ ବା କେତେକ ପରିବାରଙ୍କ ନିମନ୍ତେ କୌଣସି ବ୍ୟକ୍ତି ହାସପାତାଲ କରିବାକୁ ଇଚ୍ଛୁକ ଥିଲେ ସେବିଷୟ ବୁଝିବା ନିମନ୍ତେ ସବ୍ କମିଟୀମାନ ନିଯୁକ୍ତ ହେଉ। ସେ କହିଲେ ପ୍ଲେଗ ସମ୍ବନ୍ଧରେ ଚାରିଟି ଉପାୟ ଅଛି ଯଥା;—ଟୀକା ନେବା; ଆପଣା ଜାତି ସକାଶେ ଅଲଗା ହାସପାତାଲ କରିବା, ସରକାରୀ ହାସପାତାଲକୁ ଯିବା କିମ୍ବା ପୃଥକ୍ ରହିବା। ଲୋକେ ଏହା ନ କଲେ ଅବଶ୍ୟ ମରିବେ। ଏହି ସମୟରେ ଭାରି ଗୋଳମାଲ ଆରମ୍ଭ ହେଲା ଏବଂ ଲୋକେ ରାଗରେ ମାଡ଼ିଉଠି କହିଲେ "ହଁ ମରିବା, ହଁ ମରିବା"।

ସନ୍ଧ୍ୟା ହୋଇ ଆସିବାରୁ ବାବୁ ମଧୁସୂଦନ ଦାସ ବୁଝାଇ ଦେଲେ ଯେ ଅଜ୍ଞ ଲୋକମାନଙ୍କୁ ଘର ଦ୍ୱାର ପରିଷ୍କାର ରଖିବା କଥା ବୁଝାଇ ଦେବା ନିମନ୍ତେ ସାହାଯ୍ୟ କରିବା ନିମନ୍ତେ କେତେକଜଣ ଲୋକ ଦରମା ପାଇ ମୁକରର ହେବେ ଓ ସେମାନଙ୍କର ଦରମା ଇତ୍ୟାଦି ଓ ଅନ୍ୟାନ୍ୟ ବ୍ୟୟ ନିର୍ବାହ ନିମନ୍ତେ ସାଧାରଣ କମେଟୀ ଚନ୍ଦା ସଂଗ୍ରହ କରିବେ। ତହୁଁତ୍ତାରେ ସଭା ଭଙ୍ଗ ହେଲା ଓ ଲୋକେ ଫେରି ଗଲେ। ବାଟରେ ଅନେକ ଲୋକଙ୍କୁ ପଚାରିଲୁଁ ସଭାକୁ ଯାଇଥିଲ, କଣ ବୁଝିଲ? କେହି କହିଲେ ଗୋଳମାଲରେ କିଛି ବୁଝି ପାରିଲୁ ନାହିଁ, କେହି ୨ କହିଲେ ସରକାର ସହିତ ସଲ୍ଲା କରି ବାବୁମାନେ ଆମ୍ଭମାନଙ୍କୁ ଫସଲାଉ ଥିଲେ। ସୁତରାଂ ଅଜ୍ଞ ଲୋକଙ୍କ ମନରୁ କୁସଂସ୍କାର ଦୂର କରିବା ବଡ଼ କଠିନ।

ଉପରୋକ୍ତ ବିବରଣମାନ ଲେଖିବା ଦ୍ୱାରାରୁ ଅବଗତ ହୋଇଅଛୁଁ ଯେ ଲୋକମାନଙ୍କ ମଧ୍ୟରେ ଆଉ କୌଣସି ଜନରବ ଉଠୁନାହିଁ ଏବଂ ଯେଉଁ ସବୁ ଜନରବ ଉଠିଥିଲା ତାହା ସତ୍ୟ ନୁହେଁ ବୋଲି ଅନେକ ଲୋକ ବୁଝି ପାରି ଅଛନ୍ତି। ଏହି ସଭାର କାର୍ଯ୍ୟାବଳୀ ଏବଂ ଏହି ସଭା ହେବା ପୂର୍ବରୁ ତହିଁର ଉଦ୍ୟମକାରିମାନଙ୍କର ସଭାର କାର୍ଯ୍ୟାବଳୀମାନ ଇଂରାଜୀ ଭାଷାରେ ସ୍ଥାନାନ୍ତରେ ପ୍ରକାଶିତ ହେଲା। ପାଠକମାନେ ତହିଁରୁ ସମସ୍ତ ବିଷୟ ଜାଣି ପାରିବେ। ଭରସା କରୁ ଯେଉଁମାନେ ସଭାସ୍ଥଳେ ଉପସ୍ଥିତ ଥାଇଁ ସୁଦ୍ଧା ଗୋଳମାଲ ଯୋଗୁ ସମସ୍ତ ବୁଝି ପାରି ନାହାନ୍ତି ଏହାଦ୍ୱାରା ସେମାନଙ୍କର ଆଶା ପୂର୍ଣ୍ଣ ହେବ ଏବଂ ପ୍ରକୃତ ବିବରଣ ଜାଣି ପାରି ସଭାର ଆବଶ୍ୟକତା ହୃଦୟଙ୍ଗମ କରି ପାରିବେ। ସଭା ପ୍ରତି ସମସ୍ତଙ୍କର ସହାନୁଭୂତି ଦେଖାଇବା ଏକାନ୍ତ ବାଞ୍ଛନୀୟ। ସଭା ଯେପରିମାଣ ଅର୍ଥ ସାହାଯ୍ୟ ସଂଗ୍ରହ

[illegible]
[illegible]

Split by PDF Splitter



ଛଡି ପାରିବେ ସେପରିମାଣ ଛାଡା ସଫଳ ହେବାର ବୋଧହେବ ।

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

କଟକର ଡେପୁଟୀ ମେଜେଷ୍ଟର ଓ ଡେପୁଟୀ କଲେକ୍ଟର ବାବୁ ହରଚନ୍ଦ୍ର ଘୋଷ ... ହେଲା ।

[illegible]

### PROCEEDINGS.

A meeting of the leading residents of Cuttack was held at the residence of Mr. M. S. Das at 6-30 P. M. on 6th May 1898. The meeting was attended by all classes of men,— the Mahamedan and the Marwaree element predominating. Raja Boidyanath Pandit Bahadur was elected President of the meeting, Rai Hurry Balhub Bose Bahadur, Babu Gopal Balhub Das, Moonshee Abdoos samad, Kazi Nazir Mahamed and a few others addressed the meeting on the necessity of adopting precautionary measures against the plague. After an exited discussion in which the most of the gentlemen present took part it was resolved that caste hospitals and family hospitals should be constructed in anticipation of the emergency of the plague breaking out in the town. A Sub-Committee was appointed to make the preliminary arrangements for a public meeting with a view to secure the co-operation of the several castes and classes of the population in the construction of family and caste hospitals and in the adoption of general preventive measures against the spread of the epidemic in the town.

The following gentlemen formed the Sub-Committee.

Babu Jankinath Bose,
,, Gopal Ballhub Das,
Munshee Abdus Samad,
Babu Rupnarain,
Haji Yusuf Ahmed Mullah
Babu Sudam Charan Naik,
,, Behari Lal Pandit,
,, Anam Chander Das,
Rev. Shem Sahoo.
Moonshi Mohomed Ali,
Moonshi Syed Guzunfer Hossein.
Moonshi Golam Kadir.
Moulvi Ruffiuddin.
Babu Narain Marwari
,, Avinash Chandra Ghose, Contractor,
Dr. Zahuruddin Ahamed,
Subadar Fuqruddin.
,, Ahmed Beg.
Hajee Jaffer Tar Mohomed.
Rai Hurry Balhab Bose Bahadoor
Rai Radhanath Rai Bahadoor,
Babu Nemai Charan Mitra,
Chowdhuri Parsooram Das,
Babu Gouree Sunker Roy.

It was further resolved and announced that the abovementioned Sub-Committee should meet at the same place on sunday the 8th at 6-30 P. M. to make the necessary arrangements for the general public meeting.

THE SUB-COMMITTEE APPOINTED ON THE 6TH MET AT THE RESIDENCE OF MR. M. S. DASS AT 6-30 P. M. ON THE—8TH MAY 1898.

Baboo Behary Lall Pandit was voted to the chair. After some discussion the Sub-Committee decided that a general public meeting should be held in the building in the Cantonments which is known as Bhoo Baboo's Kotta at 4-30 P. M. On Sunday the 15th May 1898, but if that building be not available for the purpose the meeting should be held

Digitized by srujanika@gmail.com

in the Collectorate Compound. The time, place and object of the meeting should be notified by circulating printed notices in the names of Raja Bodianath Pandit, Rai Hari Ballav Bose Bahadur, Munshi Abdus Samad Hajee Jaffer Perta and Mr M. S. Dass.

Proclamation by beat of drum should also be used for the purpose.

It was unanimously resolved that the following resolutions should be laid before the general meeting on the 15th Instant for their adoption.

1. That a General Committe entrusted with the following duties be appointed: To get all information regarding the plague from the authorities, to see that the plague Regulations framed by Government and the rules and bey-laws which are in existence or may come into existence hereafter do not in practical working cause unnecessary and unjustifiable hardship to the people, to apply for any modification of the regulations, rules and bey-laws where such modification is called for by the peculiar condition of the country or the social habits of the people, and would not in any way enhance the risk to life from the epidemic; to see that the benevolent intention of the Government in framing the plague regulations and the enforcement of general sanitary measures are not misunderstood by the people; to help the several Sub-Committees representing the various sects of the population in fixing the sites and accomodation of the family and caste hospitals, to do everything which is calculated to check the spread of the disease, to secure to the Government the loyal and sympathetic co-operation of the people generally; to teach the ignorant mass the efficiency of disinfectants and cleanness as a safeguard against the spread epidomic, to induce them to improve the sanitary condition of their residence, to raise funds necessary to supply the poor people with desinfectants and other paccantionary measures and generally to do everything necessary toward off or minimise the danger from the epidemic.

The following gentlemen were appointed as members of the General Committee.

Raja Boidyanath Pandit Bahadoor Babu Behary Lall Pandit, Rai Hari Ballov Bose Bahadoor, Babus Jankinath Bose, Gopal Ballav Dass, Sudam Chandra Naik, Gokulanund Chawdhury, Gowri Sanker Roy, Modhu Sudan Rao, Chawdhry Kritibas Das, Moonshis Mahumud Ali, Abdus Samad, Kazi Hazar Mohumud, Moonshi Rafiuddin Mohumud, Moonshi Gazenfer Hosein, Saik Kadar, Hujee Jaffer Perta, Yusif Alemud Mullab, Mohumud Hajee Hashim Molvi Mohumudam Nabi, Harmusjee Dinshow, Sidik Hajee Hoshim, Satiapa sarang, Babu Khosal Chand, Babu Rakhal Chand Bhught, Babu Balkishna Appa, Adinarayan Appa.

RESOLUTION. II.

That the following Sub-Committees be appcinted to represent the several sects of the pepulation, that the duties of each Sub-Committee should be to enquire and find out the persons among the sects which they represent who are desirous of having family or cast hospitals, to raise the necessary funds for the purpose and to apply to the General Committee to do the needful in the matter.

That the following gentelemen with powers to add to their number form a Sub-Committee to represent the Bengalee population of the town,

Rai Hari Ballov Bose Bahadoor Rai Radhanath Rai Bahadoor, Rai Jogeshwer Chander Chund Bahadoor, Babus Ram Sanker Roy, Nemai Charn Miter, Jogesh Chander Rai, Koonja Behari Ghoswami, Autal Behary Bose, Priyanath Chatterji, Jankinath Bose, Dr. Abhinash Chander Ghose.

For Uryia population.

Babus Gopal Ballov Das, Sudam Charan Naik, Gokulanund Choudhuri, Mayadhar Das, Sadanund Behara, Durga Charan Das, Modhu Sudan Mahapater,

For Uryia Mohamedas.

Munshis Abdus Sammed, Gozenfer Hoshein, Mohamud Ali, Moulvi Raffiuddin Mohamud, Munshi Mohamod Muzher of Mehendipis, Dr. Zehiruddin Khan, Chowdhree Mohamud Ismail Khan, Moulvi Mahemudin Nabi, Moonshi Nural Huq, Daroga Syed Mohomud Attaher, Moulvi Mohomad Ismail, Kazi Nazar Mohomud, Moonshi Shaikh Asad Ali, Shaik Golam Kadar, Moonshi Monower Hoshein, Mounshi Shaik Kadar.

For Madrasi Mohamedans.

Subadar Major Ahumed Beg, Subadar Mohomed Fakiruddin, Soudagars Moulvi Mohamud Ali, Abdur Rahem and, Shaikh Ahmed.

For Hindus of Madras.

Satvapa Sarang, Eraniah, Kamya.

For Native Christians.

Rev: Shem Sahoo, Babus Anam Chander Das, Chakerdhor Das, J. Samson Rout, and M. S. Das.

For the people of marwar and Bhojpur.

Babus Khosal Chand, Hariram, Poran Mal, Krorde Mal, and Rakhal Chand Bhagat.

For the Mohamudans of Bombay.

Haji Jaffer Perta, Ysuff Ahumad Mullub, Jaffer Tar, Mohamud, Mohamud Haji Hoshim, Sidir Hajee Hosim Visram Ibrahim, and Sadak Ali Hasamali.

RESOLUTION III.

That a paid agency be Employed to impress on the ignorant the value of preventive sanitary measures which can be introduced into every house, and to help the poor in improving the sanitary condition of their residence by the free supply of desinfectants or by other means.

RESOLUTION IV.

That the General committee be authorized to raise funds for the maintenance of the paid agency provided in the third resolution and to meet any other expenditure which may be incurred in giving effect to the preceding resolutions.

RESOLUTION V.

That Mr M. S. Das be appointed the Honorary Secretary and Babu Sudam Chunder Naik be the Joint Secretary and Treasurer of the General Committee.

Split by PDF Splitter
Digitized by srujanika@gmail.com

Split by PDF Splitter



The Sub Committee was unanimously of opinion that at the General Meeting the Chair should be taken by Raja Boidyanath Pundit Bahadur and that the several resolutions should be moved, seconded and supported by the Gentlemen named here in below.

FIRST RESOLUTION.

Mover—Babu Behary Lal Pandit
Seconder—Ysuf Ahamed Mullavi

SECOND RESOLUTION.

Mover—Munshi Abdul Samad
Seconder—Rev. Shem Sahoo

THIRD RESOLUTION.

Mover—Babu Gopal Ballav Das
Seconder—Babu Ram Sankar Roy

FOURTH RESOLUTION.

Mover—Babu Gokulanund Chowdhry
Seconder—Some Marwari gentleman to be selected.

Open air meeting.

Agreeably to the Sub-Committee's resolutions of 8th May 1898 an open air meeting of the residents of the town was held in the Collectorate compound at 5 P. M. on Sunday the 15th May 1898. The meeting was attended by over three thousand people representing all sects and classes of people.

Babu Nimai Charan Mitter pleader proposed and Reverend Shem Sahu seconded that Raja Boidyanath Pundit Bahadoor be the president of the meeting.

Moulvi Mohomedan Nabi addressed the assembly in Urdu. He explained to them that plague segregation rules were a commercial necessity. They were necessary in the interests of India's trade with other countries of the world. It was not desirable that India's trade with other countries should be stopped. The speaker also remarked that the word quarantine was of Arabic origin. The Arabs recognised it as a necessary rule of international communication. Segregation was only quarantine on land. The speaker then exhorted the people to have confidence in the benevolent intentions of Government, and not allow themselves to be swayed by the utterly false reports regarding compulsary inoculation.

Mr. M S. Das next addressed the meeting in Oorya.

He said that so far as medical men have hitherto observed the plague is brought about by the presence of a certain bacilli in the human body. These bacillis cannot be seen with the naked eye and therefore it is impossible to prevent infection except by strictest rule of segregation. It is a note worthy fact that it attacks the poorer classes first, that it is so because they do not live in clean houses and cannot afford the use of disinfectants. So it should be our first duty to see that the houses of the poor people of the town are kept clean. There is no doubt there is a good deal of selfishness among the well-to-do people among us. We have been disregardful of the interests of the poor. This plague is a visitation of God for our selfishness and from the plague we ought to learn a most useful lesson which is that we should care for the lives of the poor. Our security is so intimately interwoven with theirs that we cannot hope to escape death if they die. On the point of segregation he said that it was not a new thing. Segregation is practised amongst us every day. We segregate lepers. The leper is not allowed to mix in society. In cases of cholera we do not allow people to approach the patient. He said he knew an incident in which a coach carrying some men was pursued by a pack of wolves. When the wolves were about to overtake the coach one of the travellers jumped out of the carriage and offered himself to be devoured by the wolves in order that the rest of the company might escape. The result was that while this man was attacked by the wolves the coach drove away. This was a glorious death because in his death the man saved the lives of others So it is with the plague stricken man who segregates himself from others. Even if he dies he dies a glorious death. When death is inevitable let us die so that in our death we may not kill others but rather save others As regards the popular belief in compulsary inoculation he remarked that it was perfectly unfounded, that it is no more worthy of belief than a report that the authorities had directed that every one's nose should be cut. They should not allow themselves to be seized with panic. This was a time of danger we were in a boat in a storm, if we lose our heads we shall all be drowned.

Babu Behari Lal Pundit then moved the first resolution which ran as follows. (vide Resolution I) above

The mover explained to the assembly the necessity of a general committee and the duties of the committee. When the names of the General Committee were read out and they were asked whether they approved of it, the assembly signified an emphatic dissent. Thereupon Mr. Das again addressed the assembly and said that seeing that the people were in danger, if being overtaken by this plague he had called a meeting of some respectable men in his house and these gentlemen had thought that the appointment of a general committee to guard the interests of the people at such a time of danger was very advisable, but as the assembly did not approve of it, he would be glad if some of them would make any suggestions, if they had no faith in Mr. Das they should appoint other people. Just at this moment some said to Mr. Das all people have confidence in you.

Digitized by srujanika@gmail.com

Then the following names were added to the general committee at the suggestion of the men named herein below.

Proposed by Kadar Bux seconded by Mir Mohomed Ali and carried unanimously. That the following names be added.

Moonshee Abdul Guffur
Moonshee Muzhur Mohomed
" Gulzar Mohomed
" Abdul Gani
" Golam Kadir
" Abdul Latif
" Mir Saif Ali

Proposed by Lakhun Singh seconded by Nabin Das. That Babu Gopinath Sahu be made a member. Carried unanimously.

Babu Hari Charan Banerjee seconded the 1st resolution. At the end of his remarks, the following names were proposed to be added to the General Committee.

Proposed by Fakir Mahrana seconded by Babu Nimai Charan Mitter pleader that Babu Issur Lal Purvar and Babus Lukhy Narain Roy Chowdhury, Chintamony Arh, and Binjharam be made members; carried unanimously.

Proposed by Shib Narayan Thakur and seconded by Brja Bhukaunram that the following gentlemen be made members of the general committee.

Babu Radha Prasad Bhagat
Loknath Rau
Monshee Shaikh Ahmed
" Mohomed Ali
carried unanimously.

Munshee Abdus Samad then rose to move the second resolution. There was an opposition from a large number of mohomedans in the assembly who said they did not want moonshee Abdoos Samad and Kazi Nazir Mohomed. There was much confusion. Rev. Shem Sahu addressed a few words but as there was much confusion Mr. M. S. Das again addressed the assembly and explained to them the third and fourth resolutions. As it was getting dark Mr. Das explained the third and fourth resolutions together and the assembly signified their approval of these resolutions by the usual acclamation of "Haribole".

The assembly then dispensed.

ବୁଲିଟ୍ରାପ୍ତି ।

| | | |
|---|---|---|
| ବାବୁ ପରମାନନ୍ଦ ସେନାପତି | ମୟୂରଭଞ୍ଜ | ଟ ୩ |
| " ସଦାଶିବ ମହାନ୍ତି ଜମିଦାର ।ମୌ। ଭୁଞ୍ଜହା | | ଟ ୧ |
| " ପ୍ରାଣବନ୍ଧୁ ମିଶ୍ର | କଟକ | ଟ ୩ |
| " ଦେବନାଥ ପ୍ରଧାନ | ବେଲ୍ତିପଦା | ଟ ୩ |
| " ପଦ୍ମନାଭ ଦାସ | କଟକ | ଟ ୩ |
| " କାନ୍ତିସୁ ରୋଜ୍ ଘଣ୍ଟପଡ଼ା ବାଲେଶ୍ୱର | | ଟ ୩ |
| ମିର୍ଜା କହମ ବେଗ | ବୃନ୍ଦାବନ | ଟ ୧୯ |
| ବାବୁ ବ୍ରଜବନ୍ଧୁ ଦାସ | କାଶୀପୁର | ଟ ୩ |
| " ଗୋକମଣି ଦାସ | କଟକ | ଟ ୨ |

ବିଜ୍ଞାପନ ।

ଚଳନ୍ତି ବର୍ଷ ସକାଶେ ଓଡ଼ିଶା ମେଡିକେଲ ସ୍କୁଲରେ ଟ ୫ ଙ୍କା ଲେଖାଏ ମୋ ୧୧ ଟି ଓ ଟ ୪ ଙ୍କା ଲେଖାଏ ମୋ ୧ ଟି ବୃତ୍ତି ଖାଲି ଅଛି । ଅଧ୍ୟୟନେଚ୍ଛୁ ବାଳକମାନେ ଅପଣା ପ୍ରଶଂସା ପତ୍ର ସହିତ ଆଗାମି ଜୁନ ମାସ ତା ୧୦ ରିଖରେ କଟକ ଜେନରଲ ହାସପାତାଲରେ ଉପସ୍ଥିତ ହେଲେ ମନୋନୀତ ହେବେ ।

ପ୍ରକାଶ ଥାଉକି ମାଇନର ଓ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ବାଳକମାନଙ୍କୁ ଏ ସ୍କୁଲରେ ଗ୍ରହଣ କରାଯିବ ସ୍ତ୍ରୀ ଲୋକମାନଙ୍କର ଶିକ୍ଷା ସକାଶେ ମୋ ୬ ଟି ବୃତ୍ତି ଖାଲି ଅଛି ଭର୍ଣ୍ଣାକ୍ୟୁଲର ପାସ କର କିମ୍ବା ଇଂରାଜୀ ଜାଣିଥିଲେ ବୃତ୍ତି ପ୍ରଦାନ କରାଯିବ ।

କଟକ ମେଡିକେଲ ସ୍କୁଲ
ତା ୧୭ ରଖ ମଇ
ସନ ୧୮୯୮ ମସିହା

M. Zorab
*Surgeon Lt. Col.*
*Superintendent*
Medical School
Cuttack

WANTED

A Pandit to teach Uriya to the Minor Raja of Kanika at his house at Cuttack both in the morning and evening at Rs. 15 per month.

Applications with copies of testimonials will be received by the undersigned up to the 28th Instant.

Cuttack Collectorate
The 17th May 1898.

H. C. Rai
*Dy : Collector Inch.*

ଅମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କୁ ଭୋଜନସାମଗ୍ରୀ ଏବଂ ରାସ୍ତାଖର୍ଚ୍ଚ ଦିଆଯାଉଅଛି ଅର୍ଥ ଦିଆଯାଏ । ବର୍ତ୍ତମାନ ଦେଖାଯାଉଅଛି ଏହି ସଦାବର୍ତ୍ତରୁ ବିଶେଷ ଅଭ୍ୟାଗତ ଅନ୍ନ ନ ଥିବାରୁ ଅମ୍ଭେ କଡ଼ାନ୍ତ ଚିନ୍ତିତ ଅଛୁଁ । ଏତଦ୍ଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଅମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଅମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ସେବା କରି ଆପଣାର ଜୀବନକୁ ଚରିତାର୍ଥ କରିବୁ । ତା ୧୦।୫।୯୮

ଶ୍ରୀ ମହାଜନ ଲାଲ ସାହୁ
ଷା । ଜଳସର ବ୍ରହ୍ମପୁର । ଡ୍ରା । ବରୁଆଁ
ଯାଜପୁର ସବ୍ ଡିଭିଜନ
ଜିଲ୍ଲା କଟକ ।

NOTICE

Candidates for admission into the English Training Classes of the Cuttack Training School should apply to the undersigned on or before the 15th June next. Ten stipends for the Senior class and an equal number of stipends for the Junior class will be awarded on receipt of applications.

The Government have ruled that in the case of all appointments whether in schools under public management or in aided or unaided schools, preference shall in future be given to the holders of teachership certificates.

Cuttack Training School.
The 4th May 1898

Madhusudan Rao
*Head Master.*

NOTICE.

Is hereby given that the Road side lands under the Cuttack District Board in Nos. 1 and 2 Sub-Divisions will be leased out by auction on Monday the 23rd May 1898 at 8 A. M. at the District Board meeting hall for the year 1306 and it is requested that persons intending to purchase them will attend the said place on the said date. Intending bidders who wish to know any particulars about the sale &c. may enquire in the District Board as well as in the District Engineer's offices. Auction purchasers will have to pay one-fourth of the annual Jama when their bids are accepted.

Cuttack District Board Office.
The 11th May 1898

J. C. Chunder
*Vice Chairman.*

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛି ଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡ ଅଧୀନସ୍ଥ

Split by PDF Splitter
Digitized by srujanika@gmail.com

Split by PDF Splitter



ନ ୧ । ୨ ମ୍ବର ସବ୍‌ଡିଭିଜନ ଇଲାକା ଅର୍ଥାତ୍ କଟକ ସାଲେପୁର ଜଗତ୍‌ସିଂହପୁର ଓ ତର୍କୋଇ ଥାନା ଅନ୍ତର୍ଗତ କମ୍ପୁନ୍ଦୁର ଇଜିମାଲ ସନ ୧୮୯୮ ସାଲ ମଇମାସ ତା ୨୩ ଉଣ ସମବାର ଦିବା ଘ ୮ ଘା ସମୟରେ ଡିଷ୍ଟ୍ରିକ୍ଟବୋର୍ଡ ଅଫିସ ଗୃହରେ ନିଲାମ ହେବ, ଯେଉଁମାନେ ଉକ୍ତ ଜମି ନିଲାମରେ ଖରିଦ କରିବାକୁ ଇଚ୍ଛା କରୁଥିବେ ସେମାନେ ଉକ୍ତ ତାରିଖରେ ହାଜର ହୋଇ ନିଲାମ ଡାକିବେ, ନିଲାମ ଖରିଦଦାରମାନେ ନିଲାମ ସମ୍ବନ୍ଧେ କୌଣସି ବିଷୟ ଜାଣିବାକୁ ଇଚ୍ଛିଲେ ଡିଷ୍ଟ୍ରିକ୍ଟବୋର୍ଡ ଏବଂ ଉକ୍ତ ଇଞ୍ଜିନିୟର ଅଫିସରେ ତତ୍ତ୍ୱ କଲେ ବୁଝି ପାରିବେ, ନିଲାମ ସ୍ଥଗିତ ହେବା ମାତ୍ରେ ନିଲାମ ଖରିଦଦାରକୁ ବାର୍ଷିକ ଜମାର ¼ ଅଂଶ ତତ୍‌କ୍ଷଣାତ ଦାଖଲ କରିବାକୁ ହେବ ତା ୧୧ ଉଣ ମାର୍ଚ୍ଚ ମଇ ସନ ୧୮୯୮ ମହିହା ।

ତପସିଲ କମ୍ପୁନ୍ଦୋଣ ଜମି ।

| | |
|---|---|
| ୧ ଗାଳଗଣ୍ଡା ଖଣ୍ଡ | ୫ ପୁଲ୍‌କାସାର ମାଧବ ଖଣ୍ଡ |
| ୨ କଳପୁର ମାଉଜା | ୬ ଗାଗ୍ରଡପୁର ବରଡ଼ା „ |
| ୩ କଟକ ଖନବାଇ ଖଣ୍ଡ | ୭ ଗୃହଡ଼ଖଣ୍ଡ ମାଉଜା „ |
| ୪ „ ଗୋଳପୁର „ | ୮ ଜଗତସିଂହପୁର ଜଗ୍ପୁର „ |

J. C. Chunder
Vice Chairman.

| | | |
|---|---|---|
| ଲକ୍ଷ୍ମୀପୁରାଣ | ଖ ୧ | ଟ ୦ ୵୵ |
| ଲୁଗ୍ନଲତା | ଖ ୧ | ଟ ୦ ୵ |
| ମହାଦେବବ୍ରତ ଓ ଦାନ୍ତବସା | | ଟ ୦ ୵ |
| ଦଶମଙ୍ଗଳଲୀଳା ଓ ଗୋଧନବାଡ଼ୁଆ | | ଟ ୦ ୵ |

ଉପରଲିଖିତ ପୁସ୍ତକମାନ ନୂତନ ଛପା ହୋଇ କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ।



ଅଠଦିନଯାଏ ସୁନ୍ଦର ରୂପର କଳଙ୍କିତ ଜଙ୍କଣର ଓ୍ୱାଚ ରୁପା କେଶର ଛୋଟ ସାଇଜ ଓ ସୁନା କେଶର ବଡ଼ ସାଇଜ ।

ରୁପା କେଶର ଓପନଫେସ ଓ୍ୱାଚର

| | | |
|---|---|---|
| | ମୂଲ୍ୟ | ଟ ୪୦ ୧ |
| „ ହାଣ୍ଟିଙ୍ଗବାଲ୍ଲର | „ | ଟ ୪୫ ୧ |
| ସୁନା କେଶର ଓପନଫେସ ଓ୍ୱାଚର | „ | ଟ ୧୬୦ ୧ |
| „ ହାଣ୍ଟିଙ୍ଗ ବାଲ୍ଲ | „ | ଟ ୨୦୦ ୧ |

ଗ୍ରାହକେ କଲିକତା ଦରରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଓ୍ୱାଚ ଅମ୍ଭ ଦୋକାନରେ ବିକ୍ରୀପାଇଁ ସଞ୍ଚିତ ଅଛି । ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଅମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ କେଟ୍‌ଲଗ ପାଇ ପାରିବେ ।

ଚୌଧୁରୀବଜାର କଟକ } ସେଖ ଅବଦୁଲଅଜିଜ ଓ୍ୱାଚ ମେକର ଓ ଜୁଏଲର

# ଚୌକିଦାରି ଆଇନ

## ଓ

ତତ୍‌ସମ୍ବନ୍ଧେ ପୋଲିସ ଜଜ୍‌ଙ୍କର ପ୍ରସ୍ତୁତିତ ସର୍କୁଲର ଓ ପୋଲିସର ପାଞ୍ଚଅଇନ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ପୋଲିସର ଶ୍ରୀଯୁକ୍ତ ଇନସ୍ପେକ୍ଟର ଜେନେରଲ ବାହାଦୁରଙ୍କ ଅନୁମତି ଅନୁସାରେ ଅଳ୍ପଦିନ ମଧ୍ୟରେ ପ୍ରକାଶିତ ହେବ । ମୂଲ୍ୟ ପୁସ୍ତକ ମୁଦ୍ରାଙ୍କନର ବ୍ୟୟରୁ ଅଧିକ ହେବ ନାହିଁ ।

ଶ୍ରୀ କୃଷ୍ଣ ମହାପାତ୍ର

## ବନାରସ ମାଲ ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଅମ୍ଭର କାର୍ଯ୍ୟ ଅମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଅମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର କିଛିମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ପାଟ୍‌ନା, ଅଠମଲ୍ଲିକ, ସୋନପୁର, ସରାଇକେଲା ପ୍ରଭୃତି ସ୍ଥାନର ମହାରାଜା ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର କଥା ପ୍ରକୃତ ଥିବାର ଜଣା ପଡ଼ିବ ଯାହାଙ୍କର ଯେ କିଛି ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ସଲରେ ପଠାଇ ଦିଆଯିବ । ମାଲ ମନୋମତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କେବଳ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଅମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିଦାର ଶାଢ଼ୀ, ଖେଳ ଚଦର, ଚୋପି, କୋଟ, ଚୋଗା, ଡଂଗାଣ ବାସ୍ତା, ଟଗି ଦୋପଟ୍ଟା ମଲମଲ, ଟିଲ୍ଲରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଅଗଣ୍ୟ ପ୍ରଭୃତି ।

ଏହା ଛଡ଼ା ସୁନା ରୁପାର ବାସନ, ସୁନା, ରୁପାର ଗିଲଟି କରା ହାତୀର ହାଉଦା ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତିଆର କରିଦେଉଁ । ବରାତ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଭାରତରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା (ଵହିରାବରଣ) ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଅମର ହସ୍ତଗତ ହେବ ।

ଶ୍ରୀ ପାଲୁମାଲ ଲୋକନାଥ
କୁଞ୍ଜଗଳି ପାଟକ ବନାରସ ସିଟି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ମାସିକ | ଟ [illegible] |
| ଅର୍ଦ୍ଧପୃଷ୍ଠା | ଟ ୨ |
| ପୂର୍ଣ୍ଣ ଏକ ପୃଷ୍ଠା | ଟ ୩ |

ମାତ୍ର କୌଣସି ବିଜ୍ଞାପନ [illegible] ଛପିବ ଶର୍ତ୍ତ ଟ [illegible] ରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇବା ଶର୍ତ୍ତ ପ୍ରଥମ [illegible] ଅଧିକ ହେବ ଓ ଚତୁର୍ଥ ଥରଠାରୁ [illegible]

ଅଧିକ ଦିନ ସକାଶେ ଛପିବ ବିଜ୍ଞାପନ [illegible] ହୋଇପାରିବ

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା [illegible] ଛାପାଖାନାରେ [illegible]
[illegible] ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

୩୩ ଭାଗ ।
୨୨ ସଂଖ୍ୟା

ତା ୨୮ ମଇ ମାହେ ମତ ସନ ୧୮୯୮ ମସିହା । ମୁ । ତା ୧୨ ଜ୍ୟେଷ୍ଠ ସନ ୧୩୦୫ ସାଲ ଶନିବାର ।

ଅଗ୍ରୀମ ଟ ୩
ପଶ୍ଚାଦେୟ ଟ ୬

ଦେଶୀସମ୍ବାଦପତ୍ର ସମୂହର ଶାସନ ନିମନ୍ତେ ପୁନାନଗରରେ ଯେପରି ଗୋଟିଏ କମିଟି ବସିଅଛି ଥାନା ଜଲ୍ଲାରେ ମଧ୍ୟ ସେହିପରି ଗୋଟିଏ କମିଟି ସ୍ଥାପିତ ହୋଇଅଛି । ଅନୁମାନ ହୁଏକି କ୍ରମେ ଅନ୍ୟାନ୍ୟ ଜଲ୍ଲାରେ ଏହିପରି ହେବ ଏବଂ ଦେଶୀ ସମ୍ବାଦପତ୍ରର ସ୍ୱାଧୀନତା ଆଉ ରହିବ ନାହିଁ ।

---

ଉତ୍ତର ପଶ୍ଚିମ ସୀମାନ୍ତ ଯୁଦ୍ଧରେ କାବୁଲର ଅମିର ବିଶେଷରୂପେ କ୍ଷତିଗ୍ରସ୍ତ ହୋଇଅଛନ୍ତି । ଏକା ଖାଇବାର ଘାଟି ବନ୍ଦ ହେବା ଯୋଗେ ତାହାଙ୍କ ରାଜ୍ୟ ଓ ଭାରତ ମଧ୍ୟରେ ବାଣିଜ୍ୟ ଦ୍ରବ୍ୟର ଯାତାୟାତ ଏକାବେଳେ ଆଠମାସ ପର୍ଯ୍ୟନ୍ତ ସ୍ଥଗିତ ହୋଇଗଲା । ସେହି ସମୟମଧ୍ୟରେ ବାଣିଜ୍ୟ ଦ୍ରବ୍ୟର ମାସୁଲ ଅନ୍ତତଃ ୧୪ ଲକ୍ଷ ଟଙ୍କା କ୍ଷତି ହେଲା ।

---

କଲିକତାର ଜଣେ ବିଖ୍ୟାତ ଜମିଦାର ଓ ମହାଜନ ବାବୁ ସୀତାନାଥ ରାୟ କଲିକତାର ସେରିଫପଦରେ ନିଯୁକ୍ତ ହୋଇଅଛନ୍ତି । ସୀତାନାଥ ବାବୁ ଦେଶୀୟ ବଣିକସଭାର ଅବୈତନିକ ସମ୍ପାଦକ ଏବଂ ବ୍ରିଟିଶ ଇଣ୍ଡିଆନ ଆସୋସିଏସନର ସହକାରୀ ସଭାପତି ଅଟନ୍ତି । ସେ ସର୍ବମତେ ସେରିଫପଦରେ ଉପଯୁକ୍ତ ଏବଂ ତାହାଙ୍କର ନିଯୋଗ ଆନନ୍ଦର ବିଷୟ ଅଟେ ।

---

କଲିକତାରେ ଭିକ୍ଟୋରିଆଯୁବିଲି ନାମକ ହାସପାତାଲନାମକ ଶ୍ରୀ ଚିକିତ୍ସାଳୟ ସ୍ଥାପିତ ହେବାର ସ୍ଥିର ହୋଇ ତହିଁର ଗୃହ ନିର୍ମାଣ ପାଇଁ ନିମନ୍ତେ ଗୋଟିଏ ଫଣ୍ଡି ଗଠିତ ହୋଇଅଛି । ସେହି ଫଣ୍ଡରେ ବାସିମପୁରର ନିବାସୀ ବାବୁ ଅଶ୍ୱିନୀକୁମାର ନାଥ ରାୟ ଏକଲକ୍ଷ ଟଙ୍କା ଦାନ କରିବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ପ୍ରକାଶ୍ୟଭାବରେ ତାହା ସ୍ୱୀକାର କରି ତାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

---

ମୋହରମ ଛୁଟିମଧ୍ୟରେ ଅର୍ଥାତ ଆସନ୍ତା ସୋମ ମଙ୍ଗଳ ଏବଂ ବୁଧ ଏହି ତିନବାର ବଙ୍ଗପ୍ରାଦେଶିକ ସମିତିର ଅଧିବେଶନ ଢାକାନଗରରେ ହେବ । ବଙ୍ଗଳାର ସମସ୍ତ ଜିଲ୍ଲାର ପ୍ରତିନିଧିମାନେ ସେଠାରେ ଏକତ୍ରିତ ହେବେ । ଢାକାର ଶିକ୍ଷିତ ଉତ୍ସାହି ଲୋକମାନେ ଅଧିବେଶନ ସଫଳ ହେବାର ସମସ୍ତ ଆୟୋଜନ କରୁଅଛନ୍ତି । ମାତ୍ର ଭୟ ହେଉଅଛି ଯେ ମହାମାରୀ ଆତଙ୍କ ହେତୁ ଜନତା ଆଶାନୁରୂପ ହେବ ନାହିଁ ।

---

ଚନସୁନ୍ଦର ହଂକୋଙ୍ଗଠାରେ ପୁଣି ମହାମାରୀ ପ୍ରବଳ ହୋଇଅଛି । ଗତ ଅପ୍ରେଲମାସ ତା ୧୪ ରଣରେ ଜ ୧୮ ଣ ନୂତନ ରୋଗାକ୍ରାନ୍ତ ଓ ସେଦିନ ଜ ୧୩ ଣ ମୃତ୍ୟୁ ମୁଖରେ ପତିତ ହୋଇଥିଲେ । ସେଠାର ସ୍ୱାସ୍ଥ୍ୟ ସମିତି ଅନ୍ୟାନ୍ୟ ଉପାୟ ମଧ୍ୟରେ ବାଣ୍ଡରେ ମରିପଡିଥିବା ଶବମାନ ପୋଡିପକାଇବାର ଆଦେଶ ଦେଇଅଛନ୍ତି । ଶବଦାହ ଚୀନ ବାସିମାନଙ୍କର ପୂର୍ବତନ ପ୍ରଥାର ବିରୁଦ୍ଧ ହେଲେ ମଧ୍ୟ ସେ ଆପତ୍ତି ବର୍ତ୍ତମାନ ଶୁଣାଯିବ ନାହିଁ ।

---

ଗତ ପୂର୍ବ ଶୁକ୍ରବାର ଅପରାହ୍ନ କାଳରେ ମାନ୍ୟବର ବଙ୍ଗେଶ୍ୱର କଲିକତାରୁ ଦାର୍ଜିଲିଂକୁ ଯାତ୍ରା କଲେ । ମହାମାରୀର ପ୍ରାଦୁର୍ଭାବ ସମୟରେ କଲିକତା ଛାଡି ଯିବାର ତାହାଙ୍କର ଇଚ୍ଛା ନ ଥିଲା ମାତ୍ର ଜ୍ୱର ଯାତନା ରୋଗରେ ସେ ତହିଁ ପୂର୍ବ ଦ ୪।୫ ଦିନରୁ ଏମନ୍ତ ପୀଡ଼ିତ ଥିଲେ ଯେ କସି କାର୍ଯ୍ୟ କରିବାର ଶକ୍ତି ନ ଥିଲା । ତେଣୁ ଅଗତ୍ୟା ସ୍ଥାନ ପରିବର୍ତ୍ତନ କଲେ । ଶୁଣାଯାଏ ଯେ ସେ ଦାର୍ଜିଲିଂରେ ଅଧିକ ଦିନ ନ ରହି କଲିକତାକୁ ଲେଉଟି ଆସିବେ ଏବଂ ବର୍ଷାକାଳର ନିଯୁକ୍ତିର ନଗ ଜାନ୍ତ ସମୁଦ୍ରରେ ମୁର୍ବାସ୍ଥଳକୁ ଗମନ କରିବେ ।

---

ପୁନାରେ ଦେଶୀୟ ସମ୍ବାଦ ପତ୍ରମାନଙ୍କର କର୍ତ୍ତବ୍ୟ ବିଷୟର ବିଚାର ନିମନ୍ତେ ବମ୍ବେଇ ଗବର୍ଣ୍ଣମେଣ୍ଟ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । ପୁନା ସହରର ମାଜିଷ୍ଟ୍ରେଟ ଓ ପୁଲିସ ଇନସ୍ପେକ୍ଟର ଏବଂ ଦୁଇଜଣ ବେସରକାରୀ

Digitized by srujanika@gmail.com

ଦେଶୀୟ ଲୋକ ଏପରି ଷ୍ଟୁଡେଣ୍ଟ ଏହି କମିଟିର ସଭ୍ୟ ଅଛନ୍ତି । ଦେଶୀୟ ସମ୍ବାଦପତ୍ରମାନଙ୍କରେ ଯାହା ପ୍ରକାଶ ହେବ ତହିଁର ସମାଲୋଚନା ଏହି କମିଟି କରି ଦୋଷ ଦେଖିଲେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ । ଅତ୍ୟନ୍ତ କଠିନ ନୂତନ ସେଡିସନ ଆଇନରେ ବମ୍ବେଇ ଗବର୍ଣ୍ଣମେଣ୍ଟ ତୃପ୍ତ ନ ହୋଇ ତହିଁଉପରେ ଏହି କମିଟିର ବ୍ୟବସ୍ଥା କରିଅଛନ୍ତି । ବଡ଼ଲୋକଙ୍କୁ ସବୁ ଶୋଭାପାଏ ।

---

କଟକ ଓ କଲିକତାମଧ୍ୟରେ ଜାହାଜ ଯାତାୟାତର ବାରମାନ ପ୍ରତି ସପ୍ତାହରେ ପାଞ୍ଚଥର ପଡ଼ୁଥିଲା ଅର୍ଥାତ୍ ସୋମବାର ଓ ଶୁକ୍ରବାର ଛଡ଼ା ଆଉ ସମସ୍ତ ବାରରେ ଜାହାଜ ଯାଉଥିଲା । ଚଳିତମାସ ଆରମ୍ଭରୁ ସପ୍ତାହରେ ପାଞ୍ଚଥର ସ୍ଥଳେ ଚାରିଥର ଅର୍ଥାତ୍ ପ୍ରତି ସପ୍ତାହରେ ମଙ୍ଗଳବାର ବୁଧବାର ଶୁକ୍ରବାର ଏବଂ ରବିବାର ଧାର୍ଯ୍ୟ ହୋଇଅଛି । କଲିକତାରେ ମହାମାରୀର ଭୟ ହେତୁ ଯାତ୍ରୀ ଏବଂ ଦ୍ରବ୍ୟାଦିର କାରବାର ଅଚଳପରିମାଣରେ ଊଣା ପଡ଼ିବାରୁ ଗୋଟିଏ ବାର ଊଣା ପଡ଼ିଅଛି ଏବଂ କାରବାର ଯେ ପରିମାଣରେ ଊଣା ପଡ଼ିଅଛି ତହିଁରୁ ଅନୁମାନ ହୁଏ ଯେ ଆହୁରି ଏକ ବା ଦୁଇ ବାର ଊଣା ପଡ଼ିବ ।

---

ସ୍ପେନ ଓ ମାରକିନ ଯୁଦ୍ଧ ସମ୍ବନ୍ଧରେ ଏ ସପ୍ତାହରେ ଏତିକି ସମ୍ବାଦ ଜଣା ଯାଇଅଛି ଯେ ଗୋଟିଏ ମାର୍କିନ ଜାହାଜ ଉଭୟ ଏକ ବନ୍ଦରରେ କାର୍ଯ୍ୟ କରୁଥିବା କାଳରେ ସ୍ପେନର ତୋପଦ୍ୱାରା ଖଣ୍ଡ ଖଣ୍ଡ ହୋଇଗଲା ଏବଂ ତାହାଙ୍କରେ ଥିବା ଜ ୧୨ ଣ ନାବିକ ସମସ୍ତେ ମରି ପଡ଼ିଲେ । ସ୍ପେନର ଜେନରାଲ ରେଷ୍ଟ୍ରେଜ ବନ୍ଦୀବାର ବିଦ୍ରୋହୀମାନଙ୍କୁ କାରଣ ଏବଂ ପଦଇଠାରେ ପରାସ୍ତ କରି ଦୁଇଶତଜଣ ହତ୍ୟା କରିଅଛନ୍ତି । ମାରକିନ ଲୋକ କଟକଣା କରିଥିବାରୁ ଯୁଦ୍ଧସ୍ଥଳର ସମ୍ବାଦ ମିଳିବା କଠିନ ହୋଇଅଛି ।

---

ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କ ଗତ ଜନ୍ମଦିବସ ଉତ୍ସବ ଉପଲକ୍ଷରେ ଯେ ସବୁ ଉପାଧି ବିତରଣ ହୋଇଅଛି ତହିଁର ତାଲିକା ଗତ ତା ୨୮ ରିଖର ଇଣ୍ଡିଆ ଗେଜେଟରେ ବାହାରିଅଛି । ଓଡ଼ିଶାରୁ କୌଣସି ବ୍ୟକ୍ତି ଏ ତାଲିକାରେ ସ୍ଥାନ ପାଇବାର ଭାଗ୍ୟବାନ୍ ହୋଇ ନାହିଁ । ମାତ୍ର ବଡ଼ ଆନନ୍ଦର ବିଷୟ ଯେ ଓଡ଼ିଶା ସଙ୍ଗେ ସମ୍ପର୍କ ରଖୁଥିବା କଣ୍ଠାବାପାଟନର ରାଜା ଗୋଭର୍ଦ୍ଧନାରାୟଣ ଗଜପତି ଓ ମହାରାଜା ଏବଂ ନନ୍ଦୋଟ ଓ ଅଠଗଡ଼ର ଜମିଦାର ସାହେବ ମେକେଞ୍ଜି ବାବ ହୋସ୍ନାନ ଶୀ ବାହାଦୁର ସର୍ବସାଜ ହେବ ଗାରୁ ରାଜା ଉପାଧି ପାଇଅଛନ୍ତି । ଏ ଦୁହେଁ ସର୍ବମତରେ ପାଇଥିବା ସମ୍ମାନର ଉପଯୁକ୍ତ ପାତ୍ର ଅଟନ୍ତି ଏବଂ ଆମ୍ଭେମାନେ ସେମାନଙ୍କୁ ମଙ୍ଗଳବାଦ ପ୍ରଦାନ କରୁଅଛୁଁ ।

—※—

ବିଲାତର ବିଖ୍ୟାତ ବୃଦ୍ଧ ମନ୍ତ୍ରୀ ଗ୍ଲାଡ଼ଷ୍ଟୋନ ସାହେବ ଚଳିତମାସ ତା ୧୯ ରିଖ ପ୍ରାତଃକାଳରେ ସ୍ୱର୍ଗାରୋହଣ କଲେ । ଏହି ଶୋକସମ୍ବାଦରେ ଏକା ବିଲାତ ନାହିଁ ସମସ୍ତ ପୃଥିବୀ ଅସ୍ଥିର କାରଣ ସେ ପୃଥିବୀରେ ଅଦ୍ୱିତୀୟ ଲୋକ ଥିଲେ ଏବଂ ତାହାଙ୍କ ସ୍ଥାନ ସହଜରେ କେହି ପୂର୍ତ୍ତି କରି ପାରିବ ନାହିଁ । ସେ ସନ ୧୮୦୯ ସାଲ ଡିସେମ୍ବର ମାସ ତା ୨୯ ରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ସନ ୧୮୩୨ ସାଲରେ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ପାର୍ଲିମେଣ୍ଟ ସଭାରେ ପ୍ରବେଶ ଲାଭ କରିଥିଲେ । ମୃତ୍ୟୁକାଳେ ତାହାଙ୍କର ବୟସ ପ୍ରାୟ ୯୮୯ ବର୍ଷ ହୋଇଥିଲା ଏବଂ ଅନ୍ତତଃ ୬୨ ବର୍ଷ ସେ ରାଜନୈତିକ ବ୍ୟାପାରରେ ଲିପ୍ତ ଥାଇ ଅସାଧାରଣ ବିଚକ୍ଷଣତା ଓ ନ୍ୟାୟପରାୟଣତା ସହକାରେ ଶେଷ ପର୍ଯ୍ୟନ୍ତ ଗୌରବାନ୍ୱିତ ହୋଇ ଥିଲେ । ଏମନ୍ତ ଦୁର୍ଲଭ ଜୀବନର ଅବସାନ ଅତ୍ୟନ୍ତ ପରିତାପର ବିଷୟ ହେଲେହେଁ ଈଶ୍ୱରଙ୍କ ଇଚ୍ଛା ଅନ୍ୟଥା ହେବାର ନୁହେ । ଆମ୍ଭେମାନେ ସର୍ବମଙ୍ଗଳକର୍ତ୍ତାଙ୍କଠାରେ ତାହାଙ୍କର ଆତ୍ମାର ଚିର ମଙ୍ଗଳ କାମନା କରୁଅଛୁଁ ।

---

ଏ ସପ୍ତାହରେ ଏ ନଗରରେ ଅଗ୍ନିଦେବତାଙ୍କର ବଡ଼ ପ୍ରବଳ ପ୍ରକୋପ ହୋଇଥିଲା । ଗତ ରବିବାର ଦିନ ଦୁଇପ୍ରହରଦୁଇଘଣ୍ଟା ବେଳେ ଚୌଧୁରୀବଜାର ଜାଉଁଳିଆ ପଟି ସମ୍ମୁଖରେ ୩୦।୪୦ ବଖରା ଘର ପୋଡ଼ିଗଲା । ଏ ସମସ୍ତ ବସାଘର ଏବଂ ଏଥିରେ ଅନେକ ବ୍ରାହ୍ମଣଙ୍କର ଦ୍ରବ୍ୟାଦି ନଷ୍ଟ ହେଲା । ପୁଣି ଏକଦିନ ଛଡ଼ା ସେହିଠାରେ ୩୪ ବଖରା ଘର ପୋଡ଼ିଗଲା । ତହିଁ ଉତ୍ତାରୁ ବୁଧବାର ଦିନ ଦୁଇପ୍ରହର ସମୟରେ ସୁତାହାଟର ଉତ୍ତର ପଶ୍ଚିମ ଦିଗସାହି ପ୍ରାୟ ସମସ୍ତ ଅର୍ଥାତ୍ ଶତାଧିକ ଘର ପୋଡ଼ିଗଲା । ଏଦିନର ଅଗ୍ନିକାଣ୍ଡ ଅତ୍ୟନ୍ତ ଭୟଙ୍କର ଥିଲା । ଈଶ୍ୱରଙ୍କ ଅନୁଗ୍ରହରୁ ଲୋକେ କେବଳ ପ୍ରାଣ ଘେନି ପଳାଇବାକୁ ସମର୍ଥ ହୋଇଥିଲେ, ଦ୍ରବ୍ୟାଦି ଅଧିକାଂଶ ନଷ୍ଟ ହେଲା । ପ୍ରତ୍ୟେକ ସ୍ଥଳେ ସବୁଠାରୁ ଭଙ୍ଗା ସ୍ଥଳରୁ ଉଠିଯିବାର କଥିତ ହୁଅଇ । ଏପରି ଶୀଘ୍ର ଦମନ କରିବା ମିଉନିସିପାଲିଟିର ଗୋଟିଏ ପ୍ରଧାନ କାର୍ଯ୍ୟ ମାତ୍ର ଏଠା ମିଉନିସିପାଲିଟିରେ ତହିଁର ବନ୍ଦୋବସ୍ତ କିଛି ନାହିଁ । ପଶ୍ଚାତ୍ରେ ପ୍ଲେଗ ଭୀତ ହେତୁ ଇତରବର୍ଗ ସକାଶେ ସହରରେ ମୂଲିଆ ମଜୁରି ମିଳିବା କଠିନ ଘର ତିଆରି କଥା କଏ ପଚାରେ । ଲୋକଙ୍କର ଅସହାୟତାର ସୀମା ନାହିଁ ।

---

ନାନ୍ଦୁ ଲୁଚା ଚୁଡ଼ିଙ୍କୁ ଯେ ସବୁ ସହରରେ ବାସ୍ତୁମୁକ୍ତି ଦିଆ ଯାଇଅଛି ସେ ସବୁ ଏହି କି ସେମାନେ ପୁରୀ ନଗର ଅପଣା ଘରକୁ ନ ଯାଇ ଅଧୀନରେ ଦେଲଗୋର୍ଡ଼ରେ ରହିବେ ଓ ସେଠାରୁ ଅନ୍ୟ କୌଣସି ସ୍ଥାନକୁ ଯାଇ ପାରିବେ ନାହିଁ । ସେମାନଙ୍କର ଯେଉଁ ସମ୍ପତ୍ତିମାନ ଜବତ ହୋଇଥିଲା ସେ ସମସ୍ତ ଫେରି ପାଇବେ ଏବଂ ସେମାନଙ୍କର ପେନ୍ସନ ଲୁହୁମ୍ ଦାବି ଦାରୀ ସହିତ ସେମାନେ ଅପଣା ଲୋକଙ୍କୁ ଅଣି ପାରିବେ । ସେମାନେ ସର୍ବଦା ସଚ୍ଚରିତ୍ରତା ଦେଖାଇବେ ଏବଂ ଭବିଷ୍ୟତରେ ସେମାନଙ୍କ ବିରୁଦ୍ଧରେ କୌଣସି କଥା ଶୁଣା ଗଲେ ସେମାନଙ୍କର ସମ୍ପତ୍ତି ଚିରଦିନ ସକାଶେ ପୁନର୍ବାର ଜବତ ହେବ ଏବଂ ବନ୍ଧୁ ନାତ୍ତୁର ସରକାରୀ ପଦ ରହିତ ହେବ । ବେଲ୍ଗାଁଓର କଲେକ୍ଟର ସାହେବ ଏହି ସବୁ ନିୟମ ନାତ୍ତୁ ଭାଇମାନଙ୍କୁ ବୁଝାଇ ଦେଇଅଛନ୍ତି । ନାତ୍ତୁମାନେ କି ଅପରାଧରେ କଏଦ ହୋଇଥିଲେ ଅଦ୍ୟାପି ପ୍ରକାଶ ପାଇ ନାହିଁ । କିମ୍ବା ତହିଁର ତଦନ୍ତ କିଛି ହେଲା ନାହିଁ । ତଥାପି ସେମାନଙ୍କୁ ଏବେଦିନେ ଛାଡ଼ି ଦେଲେ ଏଥିରେ ସର୍ବସାଧାରଣ ଅତ୍ୟନ୍ତ ଆନନ୍ଦିତ ହୋଇ ଧନ୍ୟବାଦ ଦେଉଅଛନ୍ତି । କେଶରୀ, ପ୍ରବୋଧ ଓ ମରହଟ୍ଟର ସମ୍ପାଦକମାନେ ବାସ୍ତୁମୁକ୍ତ ହେଲେ ବମ୍ବେଇ ଲାଟଙ୍କୁ ଲୋକେ ଅଧିକ ଧନ୍ୟବାଦ ଦେବେ ।

---

ଡିଏ କ୍ଲାସରେ ଜଣେ ଛାତ୍ର ଜଗନ୍ନାଥ ଦାସ ଅପଣା ସ୍ତ୍ରୀକୁ ଫେରି ପାଇବା କାରଣ କଲିକତା ମେଜିଷ୍ଟ୍ରେଟଙ୍କ ଅଦାଲତରେ ମୋକ-

Split by PDF Splitter
Digitized by srujanika@gmail.com

Split by PDF Splitter



ଦମା ଦାଏର କରଅଛି । ବାଲକଟି ମନବୁଦ୍ଧି ବଶତଃ ଦନକ ସକାଶେ ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରିଥିଲା ମାତ୍ର ସେହଦନ ସେ ତାହାର ଭ୍ରମ ବୁଝିପାରି ଉକ୍ତ ଧର୍ମ ପରିତ୍ୟାଗ ପୂର୍ବକ ପ୍ରାୟଶ୍ଚିତ୍ତ କରି ପୁନର୍ବାର ହିନ୍ଦୁଧର୍ମ ଗ୍ରହଣ କରଅଛି । ବାଲକଟିର ଶ୍ୱଶୁର ଆପଣା କନ୍ୟାକୁ ଜାମାତା ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରିଥିବା କାରଣରୁ ଜାମାତାର ଆଲୟକୁ ପଠାଇବାକୁ ଅନିଚ୍ଛୁକ ଥିବା ମର୍ମରେ ଜବାବ ଦେଇଅଛନ୍ତି ବାଲକଟିର ଉକିଲ ଅଦାଲତରେ ପ୍ରକାଶ କଲେ ଯେ ହିନ୍ଦୁଧର୍ମକୁ ଫେରି ଆସିବା କାରଣ ବାଲକଟି ଶାସ୍ତ୍ର ବିଧିମତେ ଗୋମୟ ଭକ୍ଷଣ ଏବଂ ଦରିଦ୍ର ଭୋଜନ କରାଇଅଛି ମାତ୍ର ଶ୍ୱଶୁର କନ୍ୟାକୁ ତାହାର ଘରକୁ ନ ପଠାଇବାରୁ ଶ୍ୱଶୁର ନାମରେ ଅନ୍ୟାୟ ଅବରୋଧର ନାଲିସ ଆଗତ ହେଲା । ମୋକଦ୍ଦମା ଅଦ୍ୟାପି ନିଷ୍ପତ୍ତି ପାଇ ନାହିଁ । ଶେଷ ନିଷ୍ପତ୍ତିକୁ ଆମ୍ଭେମାନେ ଉତ୍କଣ୍ଠିତ ହୋଇ ଅନାଇ ରହିଲୁଁ । ହିତାହିତ ବିବେଚନା ଶୂନ୍ୟ ବାଳକମାନେ ସମୟ ସମୟରେ ଏପରି କୁକ୍ରିୟା କାର୍ଯ୍ୟ କଲାବେଳେ ପ୍ରାୟଶ୍ଚିତ୍ତଦ୍ୱାରା ସେମାନଙ୍କୁ ସ୍ୱଧର୍ମକୁ ଫେରାଇ ଆଣିବା ସମୁଚିତ । ମାତ୍ର ବୋଧହୁଏ ସେ ବିଷୟ ଅଦାଲତରୁ ନିଷ୍ପତ୍ତି କରାଇବା ବାଳକଟିର ଶ୍ୱଶୁରଙ୍କର ଇଚ୍ଛା ଥିବାରୁ ଏପରି ମାମଲା ଆଗତ ହୋଇଥିବ ।

—ଠ✽ଠ—

ମାରୀ ଭୟ ହେତୁ ନଗର ପରିଷ୍କାର ରଖିବା ଏ ସମୟରେ ବିଶେଷ ପ୍ରୟୋଜନ । ମାତ୍ର ଏଠା ମିଉନିସିପାଲିଟି ତହିଁ ପାଇଁ ଅର୍ଥ ଯୋଗାଇବାକୁ ଅକ୍ଷମ ବରଂ ଋଣଗ୍ରସ୍ତ । ଆମ୍ଭମାନଙ୍କର ସୁବିବେଚକ ମାଜିଷ୍ଟ୍ରେଟ ଏହି ଶୋଚନୀୟ ଅବସ୍ଥା ଦେଖି ଅର୍ଥ ସାହାଯ୍ୟ ନିମନ୍ତେ ଗତ ଗୁରୁବାର ସାୟଂକାଳରେ ଏ ନଗରର ଅନେକ ଭଦ୍ରଲୋକଙ୍କୁ ଡକାଇ ଏକ ସଭା କରିଥିଲେ । ମିଉନିସିପାଲିଟିକୁ ସାହାଯ୍ୟ ଦେବାର ଅଯୌକ୍ତିକତା ସମ୍ବନ୍ଧରେ କେତେକ କଥା ଉଠିବାରୁ ସାହେବ ମହୋଦୟ ଯଥାର୍ଥ କହିଲେ ଯେ ମିଉନିସିପାଲିଟିର କାର୍ଯ୍ୟ ସମାଲୋଚନା କରିବା ଏ ସଭାର ଉଦ୍ଦେଶ୍ୟ ନୁହେ । ମିଉନିସିପାଲିଟିର କାର୍ଯ୍ୟରେ ଯାହା ତ୍ରୁଟି ଅଛି ସେଥିର ବିଚାର ଗବର୍ଣ୍ଣମେଣ୍ଟରୁ ଯଥା ସମୟରେ ହେବ । ମାତ୍ର ବୃଷ୍ଟି ପୂର୍ବରୁ ନାଲ ସଫାଇ ଏବଂ ଆବର୍ଜନା ସ୍ଥାନାନ୍ତର ନ କଲେ ମହା ବିପଦର କଥା । ଅତଏବ ସେହି କାର୍ଯ୍ୟର ଆବଶ୍ୟକୀୟ ବ୍ୟୟ ଅନ୍ତତଃ ଦୁଇହଜାର ଟଙ୍କା ସାହାଯ୍ୟ ପ୍ରାର୍ଥନା କରନ୍ତେ ଉପସ୍ଥିତ ସଭ୍ୟମାନେ ଏକସହସ୍ର ଟଙ୍କା ଚାନ୍ଦା ଦାନ କଲେ ଏବଂ ଅନ୍ୟ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ ନିମନ୍ତେ ବାବୁ ଜାନକୀନାଥ ବସୁ ଏବଂ ବାବୁ ଗୋପାଳଚନ୍ଦ୍ର ଦାସଙ୍କୁ ଭାର ଦିଆଗଲା । ଚାନ୍ଦା ଟଙ୍କା ସମସ୍ତ ସ୍ୱୟଂ ମାଜିଷ୍ଟ୍ରେଟଙ୍କଠାରେ ଦାଖଲ ହେବ ଏବଂ ସେ ତାହା ନଗର ସଫାଇ କାର୍ଯ୍ୟରେ ବ୍ୟୟ କରିବେ ।

———

ବରୋଦା ଅନ୍ତର୍ଗତ ଉନ୍ଦେରାରେ ଡାକ୍ତର ହାଫକିନ ସାହେବ ମଡକ ଟୀକା ଦେଇ ଯେଉଁ ଫଳ ଲାଭ କରିଅଛନ୍ତି ତାହା ପ୍ରକାଶ କରିଅଛନ୍ତି ସେଠାରେ ଜ ୨୮ ଣ ଗୃହସ୍ଥର ଘରେ ମହାମାରୀ ପ୍ଲେଗ ଘଟିଥିଲା । ଟୀକା ନ ନେଇବା ଜ ୨୮ ଣ ପୁରୁଷ ମଧ୍ୟରୁ ଜ ୭ ଣ ପୀଡିତ ହୋଇ ମରି ପଡିଲେ ଏବଂ ଟୀକା ନେଇଥିବା ଜ ୪୧ ଣ ପୁରୁଷ ମଧ୍ୟରୁ ଜ ୩ ଣ ର ପ୍ଲେଗ ମାରାତ୍ମକ ହେଲା ଜ ୪୦ ଣ ଟୀକା ନ ନେଇବା ସ୍ତ୍ରୀ ମଧ୍ୟରୁ ଜ ୧୯ ଣ ପୀଡିତ ହୋଇ ମରି ପଡିଲେ ଏବଂ ଟୀକା ନେଇବା ଜ ୩୦ ଣ ସ୍ତ୍ରୀ ମଧ୍ୟରୁ କାହାର ପୀଡା ମାରାତ୍ମକ ହେଲା ନାହିଁ । ଅତଏବ ଟୀକା ନେଇବାଦ୍ୱାରା ପୁରୁଷ ମଧ୍ୟରେ ମୃତ୍ୟୁସଂଖ୍ୟା ଶତକଡ଼ା ପ୍ରାୟ ୭୫ ଅର୍ଥାତ୍ ବାରପଣ ଊଣା ଘଟିଲା ଏବଂ ସ୍ତ୍ରୀ ମଧ୍ୟରେ ପୂର୍ଣ୍ଣ ଷୋଳ ପଣ ମୃତ୍ୟୁ ମୁଖରୁ ରକ୍ଷା ପାଇଲେ । ବୟସ ଅନୁସାରେ ବିଚାର କରି ଦେଖା ଯାଇଅଛି ଯେ ଟୀକା ନେଇବା ଦ୍ୱାରା ବ ୧୦ ବର୍ଷରୁ ଊଣା ବୟସର ଜ ୧୦ ଣ ପିଲା ମଧ୍ୟରେ କେବଳ ଗୋଟିଏ ମରି ପଡିଅଛି ଏବଂ ବ ୬୦ ବର୍ଷର ଊର୍ଦ୍ଧ୍ୱରୁ କେହି ମରି ପଡି ନାହିଁ । ଟୀକା ନ ନେଇବା ଦଶ ବର୍ଷଠାରୁ ବ ୬୦ ବର୍ଷ ପର୍ଯ୍ୟନ୍ତ ବୟସର ଜ ୪୪ ଣ ମଧ୍ୟରେ ଜ ୧୫ ଣ ମରି ପଡିଥିଲେ ଏବଂ ଟୀକା ନେଇବା ସେହି ବୟସର ଜ ୪୮ ଣ ମଧ୍ୟରୁ ଜ ୨ ଣ ମରି ପଡିଥିଲେ । ଅର୍ଥାତ୍ ଟୀକା ନେଇବାଦ୍ୱାରା ଶତକଡ଼ା ୮୩ ବାଳକ ବାଳିକା ଏବଂ ଶତକଡ଼ା ଜ ୯୦ ଣ ବୃଦ୍ଧ ରକ୍ଷା ପାଇଅଛନ୍ତି । ଭାରତର ସର୍ଜନ ଜେନେରଲ ଡାକ୍ତର ହାରଭି ସାହେବ ଡାକ୍ତର ହାଫକିନ ସାହେବଙ୍କ ଟୀକାର ଫଳ ବିଶେଷରୂପେ ଅନୁସନ୍ଧାନ କରି ଲେଖିଅଛନ୍ତି କି ତାହାଙ୍କ ବିବେଚନାରେ ଟୀକାର ଉପକାରିତା ନିଃସନ୍ଦେହ ଏବଂ ଏଦ୍ୱାରା ଶତକଡ଼ା ୭୫ ଠାରୁ ୮୦ ପର୍ଯ୍ୟନ୍ତ ରୋଗୀ ନିଶ୍ଚୟ ରକ୍ଷା ପାଇବେ । ସେ ଆହୁରି ଲେଖିଅଛନ୍ତି କି ବରୋଦାର ଏକ ଗ୍ରାମରେ ଟୀକାର ଏମନ୍ତ ସୁଫଳ ଦେଖି ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମବାସୀମାନେ ଆଗ୍ରହପୂର୍ବକ ଟୀକା ନେଇବା କାରଣ ଆସୁଅଛନ୍ତି । ଟୀକା ନେଇବାରେ କିଛି କଷ୍ଟ ନାହିଁ ମାତ୍ର ଟୀକା ନେଇଲା ଉତ୍ତାରୁ ପ୍ରାୟ ତାପମାନ ଯନ୍ତ୍ରର ୧୦୨ ଡିଗ୍ରି ପର୍ଯ୍ୟନ୍ତ ଜ୍ୱର ହୁଏ ଏବଂ ଫୁଲିବା ସ୍ଥାନର ବ୍ୟଥା କେତେକ ଦିନ ପର୍ଯ୍ୟନ୍ତ ରହଇ ଏବଂ କେତେ୨ ଅଧିକ ବେଦନା ହୁଏ ଏବଂ ବେଦନାର କଷ୍ଟ ହେତୁ ଟୀକା ନେଇବାକୁ ଅନେକ ଲୋକ ବିରକ୍ତ ହେବାରୁ ଡାକ୍ତର ମହାଶୟ ଯାହା ଲେଖିଅଛନ୍ତି ତାହା ଯଥାର୍ଥ ଅଟେ । ଅବଶ୍ୟ ରୋଗ ଛୁଇଁବାର କଥା ନାହିଁ ସେ ବୃଥା କ୍ଳେଶ ପାଇବାକୁ ସମ୍ମତ ହେବ ନାହିଁ ମାତ୍ର ବିବେଚନା କରିବା ଉଚିତ କି ଯେତେବେଳେ କୌଣସି ସ୍ଥାନରେ ରୋଗ ପ୍ରବେଶ କଲେ କାହାକୁ ଧରିବ ତହିଁର ସ୍ଥିରତା ନାହିଁ ଏବଂ ଯାହାକୁ ଧରିବ ତାହାର ମୃତ୍ୟୁ ପ୍ରାୟ ନିଶ୍ଚୟ ସେସ୍ଥଳରେ ଟୀକାର କଷ୍ଟଭୋଗ କରି ରୋଗର ଆକ୍ରମଣରୁ ରକ୍ଷା ପାଇବା ସର୍ବମତେ ବିବେଚକର କାର୍ଯ୍ୟ ଅଟେ । ମୃତ୍ୟୁଠାରୁ ତହିଁରୁ ରକ୍ଷା ପାଇବାର କୌଣସି କଷ୍ଟ ଅଧିକ ନୁହେ ।

———

## ପୁରୀ ମନ୍ଦିର ।

ପୁରୀ ମନ୍ଦିରର କାର୍ଯ୍ୟ ଅତ୍ୟନ୍ତ ଅସନ୍ତୋଷଜନକରୂପେ ନିର୍ବାହ ହେବାର ଦେଖି ଉତ୍କଳସଭା ଯାହା ସ୍ଥିର କରିଅଛନ୍ତି ତାହା ଗତମାସ ତା ୭ ରିଖର ଉତ୍କଳଦୀପିକାରେ ପ୍ରକାଶିତ ହୋଇଅଛି । ସୁଯୋଗ ଘଟି ନ ଥିବାରୁ କମିଟିର ମେମ୍ବରମାନେ ଏପର୍ଯ୍ୟନ୍ତ ତଦନ୍ତ ନିମନ୍ତେ ଯାଇ ନାହାନ୍ତି ମାତ୍ର ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଆଶା ଯେ ତହିଁରେ ଅଧିକ ବିଳମ୍ବ ଘଟିବ ନାହିଁ । କେହି୨ ଆଶଙ୍କା କରନ୍ତି କି ଯେମନ୍ତ ପୁରୀ ରାଜାଙ୍କଠାରୁ ମନ୍ଦିରର ଭାର ଅନ୍ତର କରିବା ସଭାର ଅଭିପ୍ରାୟ ଅଟେ । ମାତ୍ର ଏହା ଭ୍ରମ ବିନା ଆଉ କିଛି ନୁହେ ଓ ସେ ପ୍ରସ୍ତାବର ଶେଷଭାଗରେ ଆମ୍ଭେମାନେ ଯାହା ଲେଖିଅଛୁଁ କି ପୁରୀ ରାଜାଙ୍କ ମର୍ଯ୍ୟାଦା ଖର୍ବ କରିବା କୌଣସିମତେ ବାଞ୍ଛନୀୟ ନୁହେ ସାଧାରଣ ଅଭିପ୍ରାୟ ତହିଁରୁ ଭିନ୍ନ ନୁହେ । ମନ୍ଦିରର କାର୍ଯ୍ୟ ସୁଶୃଙ୍ଖଳାରେ ନିର୍ବାହ ଏବଂ ମନ୍ଦିରର ସମ୍ପତ୍ତି ସୁରକ୍ଷା ହେବାର ଉଚିତ ବ୍ୟବସ୍ଥା ଦେଖିବା

Digitized by srujanika@gmail.com

ସଭାର ଉଦ୍ଦେଶ୍ୟ । ଯେବେ ରାଜା ସ୍ୱତଃପ୍ରବୃତ୍ତ ହୋଇ ତହିଁର ସୁବ୍ୟବସ୍ଥା ନ କରିବେ ତେବେ ତାହା କରିବା ବିଷୟରେ ତାହାଙ୍କୁ ବାଧ୍ୟ କରିବାର ସକଳ ଉପାୟ ଅବଲମ୍ବନ କରିବାକୁ ହେବ । ମୂଳକଥା ପୁରୀ ରାଜା ଓ ମନ୍ଦିର ଉଭୟର କାର୍ଯ୍ୟ ସୁଶୃଙ୍ଖଳାରେ ଚଳିବାର ସୁବ୍ୟବସ୍ଥା ହେବା ବାଞ୍ଛନୀୟ ଏବଂ ମନ୍ଦିରର ସେବକ ଓ ଉପାସକବର୍ଗ ଦୃଢ଼ରୂପେ ସହବାନ୍ ହେଲେ ଉକ୍ତ ଉଦ୍ଦେଶ୍ୟ ଅନାୟାସରେ ସଂଶୋଧିତ ହେବ । ମନ୍ଦିରର ସୁଆରମାନେ ବ୍ରାହ୍ମଣ ନ ଥିବାର ଯାହା ଉକ୍ତ ପ୍ରବନ୍ଧରେ ଲେଖାଅଛି ତାହାସେତ ଟିକିଏ ଅନର୍ଥ ଘଟିବାର ଜଣାଯାଏ । ସୁଆରମାନେ ଉତ୍କୃଷ୍ଟ ବ୍ରାହ୍ମଣ ନ ଥିବାର ବୋଲିବା ଅମ୍ଭମାନଙ୍କର ଅଭିପ୍ରାୟ କେବଳ 'ଉତ୍କୃଷ୍ଟ' ଶବ୍ଦଟି ଛାପା ଦୋଷରୁ ଖସି ଯାଇଥିବାରୁ ତାହା ଘଟିଅଛି ।

ପୁରୀ ମନ୍ଦିରର କାର୍ଯ୍ୟ ବର୍ତ୍ତମାନ ନିତାନ୍ତ ଅସନ୍ତୋଷଜନକରୂପେ ନିର୍ବାହ ହେବାର ଦେଖି ଅନ୍ୟାନ୍ୟ ଲୋକ ପ୍ରାୟ ସକଳ ପୁରୀବାସୀମାନେ ବଡ଼ ବ୍ୟସ୍ତ ହୋଇ ଅଛନ୍ତି ଏବଂ ସେମାନେ ତହିଁର ଉପାୟ ଚିନ୍ତାରେ ମଧ୍ୟ ପ୍ରବୃତ୍ତ ହୋଇ ଅଛନ୍ତି । ଅମ୍ଭମାନଙ୍କର ପୁରୀ ସମ୍ବାଦଦାତା ଏ ବିଷୟରେ ଯାହା ଲେଖିଅଛନ୍ତି ତାହା ନିମ୍ନେ ପ୍ରକାଶ କଲୁ ଯଥା—

ଚନ୍ଦନଯାତ୍ରା ଶେଷ ହୋଇଅଛି । କିନ୍ତୁ ଏ ବର୍ଷ ଯାତ୍ରାର ଆମୋଦ ପୂର୍ବପ୍ରାୟ ହୋଇ ନ ଥିଲା । ଦୁଇ ତିନି ଦିନ ଛଡ଼ା ଦିନ ଶେଷ ପ୍ରାୟ ସବୁ ସମୟ ଘାଟରେ ଓ ରଥ ଉପରେ ଠାକୁରମାନେ ପ୍ରତ୍ୟାଗମନ କରିବା ସମୟରେ ସନ୍ଧ୍ୟା ଅବା କେତେକ ଦିନ ସବୁ ଶେଷ ପ୍ରାୟ ହୋଇ ଥାଏ । ଏପରି ଅସୁବିଧା ଦୃଷ୍ଟେ ନରେନ୍ଦ୍ର ସରୋବର ପ୍ରକୃତ ଆଡ଼ମ୍ବର ଲୋକମାନଙ୍କ ମନକୁ ବିଶେଷରୂପେ ତୋଷ ନ ଥିଲା । ସୁତରାଂ ବଡ଼ସିଂହାର ଭୋଗ ଅଧିକାଂଶଦିନ ହୋଇ ପାରି ନାହିଁ । ଚନ୍ଦନଯାତ୍ରା ପରେ ମଧ୍ୟ ନୀତି ଚଳାଇବା ବିଷୟରେ କେହି ମନୋଯୋଗୀ ନ ହେବା ଓ ଉପଯୁକ୍ତ ସମୟରେ ବ୍ୟବହାର୍ଯ୍ୟ ଦ୍ରବ୍ୟମାନଙ୍କ ଅଭାବରୁ ତେଲେଲବଦଳ ପ୍ରସ୍ତୁତ ହୋଇ ନ ଯିବାରୁ ବଡ଼ସିଂହାର ଭୋଗ ନଷ୍ଟ ହୋଇଅଛି । ଏହି ସବୁ ବିଶୃଙ୍ଖଳା ମୋଚନ ହେବା ଆଶାରେ ଚନ୍ଦନଯାତ୍ରା ମଧ୍ୟରେ ଏକଦିନ ମନ୍ଦିର ମଧ୍ୟରେ ସର୍ବସାଧାରଣର ଏକ ସଭା ହୋଇଥିଲା । ମହନ୍ତ, ଜମିଦାର, ଅମଲା, ସେବକ ପ୍ରଭୃତି ବହୁସଂଖ୍ୟକ ଲୋକ ଯୋଗ ଦେଇଥିଲେ । ଏବଂ ପୁରୀର ରାଜା ମହୋଦୟ ସ୍ୱୟଂ ଉପସ୍ଥିତ ଥାଇ ସଭାପତିର ଆସନ ଗ୍ରହଣ କରିବା ପରେ ମନ୍ଦିରର କାର୍ଯ୍ୟ କିରୂପେ ସୁଚାରୁରୂପେ ନିର୍ବାହ ହେବ ସେ ବିଷୟରେ ନାନାବିଧ ଆଲୋଚନା ହେବା ପରେ ସ୍ଥିର ହେଲା ଯେ ସ୍ଥାନୀୟ ବଡ଼ବ୍ୟକ୍ତିମାନଙ୍କ ସମ୍ମିଳନରେ ଗୋଟିଏ ସଭା ଗଠିତ ହେଉ ଏବଂ ରାଜା ମହୋଦୟ ସ୍ୱୟଂ ସଭାପତି ହେଉନ୍ତୁ । ଏ ବିଷୟରେ ରାଜା ମହୋଦୟ ସମ୍ମତ ହେବାରୁ ସଭା ଭଙ୍ଗ ହେଲା । ଭରସା କରୁଁ ପୂଜନୀୟ ରାଜା ମହୋଦୟ ଏବଂ ଏଠାର ସମ୍ଭ୍ରାନ୍ତ, ଧନୀ ବ୍ୟକ୍ତିମାନେ ଯେପରି ସଭାରେ ନିର୍ଦ୍ଧାରିତ ବିଷୟମାନ କାର୍ଯ୍ୟରେ ପରିଣତ ହୋଇ ଶୀଘ୍ର ମନ୍ଦିରର ନୀତିମାନ ସୁବିଧାମତେ ଚଳିବ ସେ ବିଷୟରେ ଚେଷ୍ଟାପରବଶ ହେବେ ।

---

## ମହାମାରୀ

ଏ ନଗରରେ ଅଥବା ଓଡ଼ିଶାର କୌଣସି ସ୍ଥାନରେ ଈଶ୍ୱରଙ୍କ ଅନୁଗ୍ରହରୁ ଅଦ୍ୟାବଧି ଏ ରୋଗ ଉପସ୍ଥିତ ହୋଇ ନାହିଁ ଏବଂ ବର୍ତ୍ତମାନ ଭାବରେ ଅଦ୍ୟ ଏମନ୍ତ ମଡ଼କର ଆକାର ଧାରଣ କରି ନାହିଁ ଯେ ଶୀଘ୍ର ଏଠାକୁ ଛଡ଼ି ଆସିବାର ଅନୁମାନ କରାଯିବ । ତଥାପି ଯେ ସ୍ଥଳେ ତାହା କ୍ରମେ ନିକଟବର୍ତ୍ତୀ ହେଉଅଛି ଏବଂ ଏଠାରେ ଜାତ ହେବା ବା ଏଠାକୁ ଉଡ଼ି ଆସିବା ଅସମ୍ଭବ ନୁହେଁ ଏହି କାରଣରୁ ତାହା ସଙ୍ଗେ ସଂଗ୍ରାମ କରିବା ପାଇଁ ପୂର୍ବରୁ ପ୍ରସ୍ତୁତ ହେବାର ଗବର୍ଣ୍ଣମେଣ୍ଟ ଯେଉଁ ନିୟମମାନ କରିଅଛନ୍ତି ସେ ସବୁ ପାଳିବା କର୍ତ୍ତବ୍ୟ ହେଉଅଛି । ପୂର୍ବରୁ ସାବଧାନ ହେବାରେ ଲାଭ ବିନା କ୍ଷତି ନାହିଁ । ମାତ୍ର ଅତ୍ୟନ୍ତ ସାବଧାନତା ଲୋକେ ଯେପରି କଷ୍ଟ ଓ ବ୍ୟୟର କଳଣା କରି ବ୍ୟସ୍ତ ହୋଇଅଛନ୍ତି ତାହା ଦେଖି ଅନୁମାନ ହେଉଅଛି ଯେମନ୍ତ ମୁଣ୍ଡ ନାହିଁ ମୁଣ୍ଡ ବ୍ୟଥାର କ୍ଲେଶ ଏଠାରେ ଅନୁଭବ ହେଉଅଛି । କଲିକତାରେ ପ୍ଲେଗ ଦମନର ଉଗ୍ର ନିଷ୍ପେଷଣ ଦେଖି ଏବଂ ତଦ୍ୱାରା ନାନା ଅସୁବିଧା ଓ କଷ୍ଟ ଅନୁମାନ କରି ଏ ଅଞ୍ଚଳର ଲୋକମାନେ ସେଠାରୁ ପଳାଇ ଆସିଅଛନ୍ତି ଏବଂ କେହି କେହି ବଙ୍ଗାଳି ମଧ୍ୟ ସପରିବାରରେ ଓଡ଼ିଶାକୁ ପଳାଇ ଆସିବାର କଥିତ ହୁଅଇ । କଲିକତା ଓ କଟକ ମଧ୍ୟରେ ସପ୍ତାହରେ ଦୁଇଥର ଜାହାଜ ଗତାୟାତ କରୁଥିବା ସ୍ଥଳେ କେତେବେଳେ ଏ ନଗରରେ ରୋଗ ଉପସ୍ଥିତ ହେବା ଅସମ୍ଭବ ନୁହେଁ ଏହି ଅବସ୍ଥାରେ ସେହି ବାଟ ଜଗିବାର ନିତାନ୍ତ ଆବଶ୍ୟକ ବିବେଚନା କରି ଅମ୍ଭମାନଙ୍କର ମାଜିଷ୍ଟ୍ରେଟ ଏ ନଗରକୁ ୨୧ ଭାଗରେ ବିଭକ୍ତ କରି ପ୍ରତି ଭାଗରେ ଜ ୨ ଣ ମେମ୍ବର ଏବଂ ଏକଜଣ ରେଜିଷ୍ଟ୍ରାର ନିଯୁକ୍ତ କରିଅଛନ୍ତି । ମେମ୍ବରମାନେ ଅବୈତନିକ ଓ ରେଜିଷ୍ଟ୍ରାରମାନେ ୫ । ୯ ଟଙ୍କା ଲେଖାଏ ବେତନ ପାଉଅଛନ୍ତି । ମହାମାରୀ ରୋଗ କାହାରିକୁ ଧରିଲେ ତହିଁର ଅନୁସନ୍ଧାନ କରି ସମ୍ବାଦ ଦେବା ଏମାନଙ୍କର କାର୍ଯ୍ୟ ଅଟେ । ସହର ନିମନ୍ତେ ଜଣେ ହେଲ୍ଥ ଅଫିସର ନିଯୁକ୍ତ ହୋଇ ସହର ସଫାଇ ପ୍ରତି ଦୃଷ୍ଟି ରଖିଅଛନ୍ତି ଏବଂ ରୋଗୀଙ୍କ ନିମନ୍ତେ ହାସପାତାଲ ଓ ସେମାନଙ୍କ ପରିବାରଙ୍କୁ ପୃଥକ୍ ରଖିବାର ଆବାସମାନ ପ୍ରସ୍ତୁତ ହେଉଅଛି ।

ସରକାରଙ୍କର ବ୍ୟଗ୍ରତା ଦେଖି ନଗରବାସୀମାନେ ଉଦ୍ବେଗ ନାହାନ୍ତି ଗତ ପୂର୍ବ ରବିବାରର ସଭାରେ ଯେଉଁ ସାଧାରଣ ସଭା ଗଠିତ ହୋଇଥିଲା ସେହି ସଭାର ପ୍ରଥମ ଅଧିବେଶନ ଗତ ସୋମବାର ସନ୍ଧ୍ୟା ସମୟରେ ଡିଷ୍ଟ୍ରିକ୍ଟବୋର୍ଡଙ୍କ କୋଠାରେ ହୋଇଥିଲା । ରାଜା ବୈଦ୍ୟନାଥ ପଣ୍ଡିତ ବାହାଦୁର ସଭାପତି, ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ସମ୍ପାଦକ ଓ କୋଷାଧ୍ୟକ୍ଷ ଏବଂ ମୁନସି ମହମ୍ମଦ ଅଲି ସହକାରୀ ସମ୍ପାଦକ ନିଯୁକ୍ତ ହେବାର ପ୍ଲେଗ ନିୟମାବଳୀମାନ ଛପା ହୋଇ ପ୍ରତ୍ୟେକ ସଭ୍ୟଙ୍କୁ ଏକ ୨ ଖଣ୍ଡ ଦେବାର ଏବଂ ଏକ ୨ ଜାତି ବା ସମ୍ପ୍ରଦାୟର ଗୋଟିଏ ୨ ସଭା ଗଢ଼ି ସଭ୍ୟମାନଙ୍କର ନାମ ଜଣାଇବା କାରଣ ସାଧାରଣ ସଭାର ଭିନ୍ନ ୨ ସମ୍ପ୍ରଦାୟର ସଭ୍ୟ ବିଶେଷଙ୍କୁ ଅନୁରୋଧ କରିବାର ପ୍ରସ୍ତାବମାନ ଧାର୍ଯ୍ୟ ହେଲା ଏହି ଶାଖା ସଭାମାନ ଗଠିତ ହେଲେ ସେମାନେ ଆପଣା ୨ ଜାତି ବା ସମ୍ପ୍ରଦାୟର ହାସପାତାଲ ଏବଂ ପୃଥକ୍ କରିବାର ସ୍ଥାନର ବ୍ୟବସ୍ଥା କରିବେ । ଏଥିମଧ୍ୟରେ

ବଙ୍ଗାଳିମାନଙ୍କର

ଏକ ସଭା ଗଠିତ ହୋଇ ପୃଥକ ରହିବାର ଗୋଟିଏ ଘର ଭଡ଼ା ହୋଇଅଛି ଏବଂ ହାସପାତାଲ ନିର୍ମାଣ ନିମନ୍ତେ ଦେବା ଚାନ୍ଦା ଆରମ୍ଭ ହୋଇଅଛି । ଏ ସଭାର ନିୟମ ଏହି ହୋଇଅଛି କି ଏ ଦେଶର ଏବଂ ବଙ୍ଗଦେଶରୁ ଆଗତ ବ୍ରାହ୍ମଣ କାୟସ୍ଥ ବୈଦ୍ୟ ସାଗରପେସା ଏବଂ ସଭାର ଅନୁମୋଦନ ମତେ ଅନ୍ୟ ଯେ କେହି ହିନ୍ଦୁ ବଙ୍ଗାଳି ଏ ସଭାର ଷ୍ଟାଫିଲ ପୃଥକାବାସ ଏବଂ ହାସପାତାଲରେ ସ୍ଥାନ ପାଇବାର ଯୋଗ୍ୟ ହେବେ ଏବଂ ବ୍ୟୟ ନିର୍ବାହାର୍ଥେ ପ୍ରତ୍ୟେକ ବ୍ୟକ୍ତି ଖର୍ଚ୍ଚ ସେମାନଙ୍କର

Split by PDF Splitter
Digitized by srujanika@gmail.com

ସେମାନେ ମିଉନିସିପାଲ ଟିକସ ଦେଉଅଛନ୍ତି ତେବେ ଏବଂ ତାହା ଏକଟଙ୍କାରୁ ଊଣା ହେଲେ ଏକ ଟଙ୍କା ଭେଦା ଦେବେ । ମିଉନିସିପାଲ ଟିକସ ଦେବା ବ୍ୟକ୍ତିମାନେ ସେହି ଦରରେ ଭେଦା ଦେବେ । ଅପାତତଃ ଟ ୧୫୦୦୦ ଙ୍କା ଭେଦାଦ୍ୱାରା ସଂଗ୍ରହ କରିବାର ଆବଶ୍ୟକ । ଆଗାମୀ ମାସ ତା ୭ ରିଖ ମଧ୍ୟରେ ଯେଉଁ ବ୍ୟକ୍ତି ଭେଦା ନ ଦେବେ ସେ ଏଥିର ଫଳ ପାଇବେ ନାହିଁ । ମାତ୍ର ଗଣ୍ଡିକମାନେ ଭେଦାରୁ ମୁକ୍ତି ପାଇବେ ।

ନଗରବାସୀ ଅଶିକ୍ଷିତ ଓ ନିମ୍ନଶ୍ରେଣୀର ଲୋକଙ୍କୁ ଆମ୍ଭମାନଙ୍କର ମାଜିଷ୍ଟ୍ରେଟ ବିଶେଷ ବିଜ୍ଞାପନ ପ୍ରଚାର ଏବଂ ଧୈର୍ଯ୍ୟଦ୍ୱାରା ବଳପୂର୍ବକ ତାହାଙ୍କୁ ଟୀକା ଦିଆ ନ ଯିବାର ବିଶେଷ କରି ବୁଝାଇ ଦେଲେ ସୁଦ୍ଧା

ଟୀକା ଭୟ

ଅନେକ ଲୋକଙ୍କର ମନରୁ ଅନ୍ତର ହେବାର ଜଣା ଯାଉ ନାହିଁ । ଅବଶ୍ୟ ଲୋକେ ନଗରରୁ ପଳାଉ ଅଛନ୍ତି ଏବଂ ମୋଫସଲରୁ ଦ୍ରବ୍ୟାଦି ଯଥୋଚିତରୂପେ ଆସୁ ନାହିଁ । ମୂଲିଆ ନ ମିଳିବାରୁ ଘର ଛପରବନ୍ଦ କାର୍ଯ୍ୟ ଅନେକ ବାକି ପଡ଼ିଅଛି ଏବଂ ମୂଲ ଦିନକୁ ଟ ୦। ବା ଅଧିକ ହୋଇଅଛି । ଚାଉଳ ଏବଂ ଅନ୍ୟାନ୍ୟ ଦ୍ରବ୍ୟର ଦର ଚଢ଼ା ହୋଇଅଛି । ତଥାପି ଆମ୍ଭେମାନେ ଆଶା କରୁଁ ଯେ ଏହି ଅମୂଳକ ଭୟ ଅଳ୍ପଦିନରେ ଭାଙ୍ଗିଯିବ ମାତ୍ର ଏଥିଦ୍ୱାରା ଲୋକଙ୍କର ଯାହା କ୍ଷତି ହେଉଅଛି ଓ ହେବ ତାହା ଫେରି ଆସିବ ନାହିଁ ।

କେନ୍ଦ୍ରାପଡ଼ା

ରୁ ସମ୍ବାଦ ପାଇଅଛୁଁ ଯେ ସେହି ସବଡିଭିଜନରେ ଗୋ ୭ ଟା ଚକରେ ବିଭକ୍ତ ହୋଇ ପ୍ରତ୍ୟେକ ଚକନିମନ୍ତେ ଗୋଟିଏ ଲେଖାଏଁ ପରିଦର୍ଶକ କମିଟୀ ନିଯୁକ୍ତ ହୋଇଅଛି । ଏତଦ୍ଦେଶରେ ଟୀକାସଂକ୍ରାନ୍ତ ନାନା ମିଥ୍ୟା ଜନରବ ଶୁଣି ଲୋକେ ଭୀତ ହେବାରୁ ସବଡିଭିଜନ ଅଫିସର ପ୍ରକୃତ କଥା ଲୋକଙ୍କୁ ବୁଝାଇ ଦେବା କାରଣ ପ୍ରତ୍ୟେକ କମିଟୀକୁ ଆଦେଶ ଦେଇଅଛନ୍ତି । ତଦନୁସାରେ ଦୁଇଚକ୍ରର କମିଟିମାନେ ସଭା କରି ଲୋକମାନଙ୍କୁ ପ୍ରକୃତ କଥା ବୁଝାଇଦେବାରେ ସଫଳ ହୋଇଅଛନ୍ତି । [illegible] କମିଟୀ ଆପଣା ଏଲେକା ନାଲକୁଲ କୋଠିଠାରେ ସଭା କରିବାର ସ୍ଥିର କରି ଆମନ୍ତ୍ରଣ କରିବାରେ କେହି ଉପସ୍ଥିତ ହେଲେ ନାହିଁ କାରଣ ସେମାନେ ଅନୁମାନ କଲେ ଯେ ସଭାକୁ ଗଲେ ସେଠାରେ ବଳପୂର୍ବକ ସେମାନଙ୍କୁ ଟୀକା ଦିଆଯିବ । ଏପରି କୁସଂସ୍କାର ଛଡ଼ାଇବା ସହଜ ନୁହେଁ ।

ବାଲେଶ୍ୱର

ଏଠାର ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ଅନ୍ୟାନ୍ୟ କେତେକ ଲୋକ ସହିତ ମିଉନିସିପାଲିଟୀର ଖୁବର ମେହନ୍ତରମାନେ ସେ ନଗରରୁ ପଳାଇଯିବାରୁ ଦ ୩ ନ ପର୍ଯ୍ୟନ୍ତ ପାଇଖାନା ଓ ରାସ୍ତାଘାଟର ଆବର୍ଜନା ପରିଷ୍କାର କାର୍ଯ୍ୟ ବନ୍ଦ ହେବାରୁ ଲୋକଙ୍କର ମହା କଷ୍ଟ ଉପସ୍ଥିତ ହୋଇଥିଲା । ମାଜିଷ୍ଟ୍ରେଟ ସାହେବ ସୋରୋ ଓ ଭଦ୍ରକକୁ ତାରସମ୍ବାଦ ପଠାଇ ସେମାନଙ୍କୁ ଫେରାଇ ଆଣି ଟୀକା ଦିଆ ନ ଯିବାର ବୁଝାଇ ଦେଲେ ଏବଂ ସେମାନେ ବେତନର ଆପତ୍ତି କରନ୍ତେ ପୁରୁଷ ମେହନ୍ତରମାନଙ୍କର ବେତନ ଟ ୪ ଙ୍କା ରୁ ଟ ୫ ଙ୍କା ଓ ସ୍ତ୍ରୀମାନଙ୍କର ବେତନ ଟ ୩ ଙ୍କା ରୁ ଟ ୪ ଙ୍କାକୁ ବଢ଼ାଇ ଦେଲେ ଏବଂ ଅଧିକା ଜ ୧୨ ଣ ମେହନ୍ତର ନିଯୁକ୍ତ କଲେ । ମେହନ୍ତରମାନେ ଏଥିରେ ସନ୍ତୁଷ୍ଟ ହୋଇ କାର୍ଯ୍ୟ କରୁଅଛନ୍ତି ଏବଂ ହାସପାତାଲ ଆଦି ନିର୍ମାଣର ବ୍ୟବସ୍ଥା ହେଉଅଛି ।

---

## ସାପ୍ତାହିକ ସମ୍ବାଦ ।

ଗତ ରବିବାର ଅପରାହ୍ନରେ ଏ ନଗରରେ ଅଳ୍ପ ବତାସ ଓ ବୃଷ୍ଟି ହୋଇଥିଲା । ମାତ୍ର ନିକଟବର୍ତ୍ତୀ ମୋଫସଲରେ ବତାସରେ ଘର ଓ ଗଛମାନ ଭାଙ୍ଗି ପଡ଼ିଥିଲା ଏବଂ ବୃଷ୍ଟିର ପରିମାଣ ମଧ୍ୟ ଊଣା ଥିଲା । ପ୍ରତିଦିନ ସନ୍ଧ୍ୟାବେଳେ ମେଘ ଉଦୟ ହେଉଅଛି ମାତ୍ର ବତାସରେ ଉଡ଼ିଯାଉଅଛି ।

ବର୍ତ୍ତମାନ ଏ ନଗରର ସାଧାରଣ ସ୍ୱାସ୍ଥ୍ୟ ଭଲ । କେବଳ ମହାମାରୀର ଭୟରେ ଲୋକେ ଅସ୍ଥିର ।

ମୋହରମ ପର୍ବର ଆଜ ପ୍ରଥମ ଦିନ ଆସନ୍ତା ମଙ୍ଗଳବାର କତଲରାତ୍ରି ଏବଂ ବୁଧବାର ପର୍ବ ଶେଷ ହେବ ।

ବୌଦ୍ଧଧର୍ମର ଜଣେ ନେତା ବିଖ୍ୟାତ ଧର୍ମପାଲଙ୍କର ନାମ ପାଠକମାନେ ଶୁଣିଅଛନ୍ତି । ସେ କେତେକଦିନ ହେଲା ଏ ନଗରରେ ଅଛନ୍ତି ଗତ କାଲି ସନ୍ଧ୍ୟା ସମୟରେ ଛାପାଖାନା କୋଠାରେ ଏକ ବକ୍ତୃତା ପ୍ରଦାନ କରିଥିଲେ ।

ଲାହୋରଠାରେ ମହାମାରୀ ପ୍ଲେଗ ନିବାରଣ ଉଦ୍ଦେଶ୍ୟରେ ଟୀକା ଦେବାର ଉଦ୍ୟୋଗ ଲାଗିଥିବାର ସମ୍ବାଦ ମିଳଇ ।— ଟୀକାଦ୍ୱାରା ଉପକାର ହେଉଥିଲେ ସର୍ବତ୍ର ଟୀକା ନେବାକୁ ଲୋକଙ୍କର ମନ ବଳନ୍ତା କି ?

କଲିକତା ହାଇକୋର୍ଟର ଭୂତପୂର୍ବ ଜଜ ସାର ରମେଶଚନ୍ଦ୍ର ମିତ୍ରଙ୍କଦ୍ୱାରା ତାଙ୍କରୁ ଘର ବଳପୂର୍ବକ ମହାମାରୀ ଟୀକା ଦେବା ସକାଶେ କେତେକ ଲୋକେ ଚେଷ୍ଟା କରୁଥିଲେ ମାତ୍ର ଗୋଳମାଳ ଉପସ୍ଥିତ ହେବାରୁ ତାହା ସଫଳ ହୋଇ ପାରି ନ ଥିବାର ସମ୍ବାଦ ମିଳଇ ।

କାଶ୍ମୀରଠାରେ ବିଶେଷ ଜଳ କଷ୍ଟ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ଗତ ଶୀତକାଳରେ ଅତ୍ୟଳ୍ପ ବରଫ ପତନ ହୋଇଥିବାରୁ ଶୀତ ବିଶେଷ ହୋଇ ନ ଥିଲା ଏବଂ ସେହିକାରଣରୁ ବର୍ତ୍ତମାନ ଜଳାଭାବ ଏକପ୍ରକାର ଗୁରୁତର ପଡ଼ିଅଛି । ଶୀତପରେ ବସନ୍ତକାଳ ମଧ୍ୟ ନିତାନ୍ତ ଶୁଷ୍କ ଥିଲା । ବୃଷ୍ଟିଅଭାବରେ ରବିଫସଲ ନଷ୍ଟ ହୋଇ ଯାଇଅଛି ଏବଂ ନଦୀ ଓ ନାଳମାନଙ୍କରେ ପାଣି ନ ଥିବାରୁ ଭବିଷ୍ୟତ ଫସଲ ପ୍ରତି ବିଶେଷ ଆଶଙ୍କା ହୋଇଅଛି ।

ଡାଏମଣ୍ଡହାରବରରେ ଜଣେ ଲୋକ ସହିତ କଳହ ଥିବା ହେତୁ ତାହାର ବ ୫ ଷ ବୟସ୍କ ପୁତ୍ରକୁ ମାରିପକାଇଥିବାର ସମ୍ବାଦ ମିଳଇ । ପିଲାଟି ନିଦ୍ରାବସ୍ଥାରେ ଥିବା ସମୟରେ କାଟି ତେଣୁ ଶରୀରକୁ ଖଣ୍ଡ ୨ କରି ହାଣିପକାଇବାଠାରୁ ଅଧିକ ନୃଶଂସତା ଆଉ କି ହୋଇପାରେ ? ସେ ଧୃତ ହୋଇ ଅପରାଧ ସ୍ୱୀକାର କରିଥିବାର କଥିତହୁଏ ।

କଲିକତା ଭବାନୀପୁରଠାରେ ଗତ ବୁଧବାର ରାତ୍ରିରେ ଚାରିଜଣ ଲୋକ ଜଣେ ସ୍ତ୍ରୀଲୋକ ସଙ୍ଗେ ଘେନି ଗାଡ଼ି ଚଲାଇ ଯାଉଥିଲେ । ସେମାନଙ୍କମଧ୍ୟରୁ ଜଣେ ପୁଲିସ ଇନସପେକ୍ଟର ଓ ଜଣେ କନେଷ୍ଟବଲ ଓ ଅବଶିଷ୍ଟ ଜଣକ ଗୋରା ସାହେବ ଥିଲେ । ସବରପଣି ଥାନା ଚଲାସ କଲାବେଳେ କେତେଗୁଡ଼ିଏ ଅଲଙ୍କାରରୁ ଗୋରା ଚେରମାଲ ହୋଇ କିଣାଣ ଦେଲାରୁ ସେ ସବୁ ମାଲ ସହିତ ସେମାନେ ସାର୍ଜେଣ୍ଟଙ୍କ ଧରିଥିଲେ । ଥାନାରେ ଉକ୍ତ ଇନସ୍ପେକ୍ଟରର ସାର୍ଜେଣ୍ଟଙ୍କ ଏକ ପତ୍ର କନେଷ୍ଟବଲ ହସ୍ତରେ ନିକଟବର୍ତ୍ତୀ ମାଲର ଅଧିକାରୀଠାରୁ ଆଣି ଉପସ୍ଥିତ କରାଇବାକୁ ଯିବାର ବାଟରେ କହିବାରୁ କନେଷ୍ଟବଲ ତାଙ୍କୁ ମିଥ୍ୟା କର୍ମଚାରୀ ବୋଲି ବୁଝି ନ ପାରି ସାର୍ଜେଣ୍ଟଙ୍କ ଆପଣା ହସ୍ତରେ ନେଇ ଏବଂ ଇନସ୍ପେକ୍ଟରର ପ୍ରଭାତ ସେହି ଅଦୃଶ୍ୟ ଅନ୍ତର୍ଦ୍ଧାନ ହୋଇଗଲେ । ଅତଃପର ପୁଲିସ ତଦନ୍ତ କରି ଏ ମିଥ୍ୟା ଇନସ୍ପେକ୍ଟରଙ୍କୁ ଧରିଅଛନ୍ତି । ସେ ବଙ୍ଗୀ ଜଣେ ଚୋର ଓ ସେ ଇତିପୂର୍ବେ ସାତଥର ସଜା ପାଇଅଛି । ଶେଷ ଥରକୁ କାଳ ବର୍ଷ କାରାଦଣ୍ଡ ଭୋଗ କରି ମୁକ୍ତ ହୋଇ ଏକାଠି ହୋଇଅଛି । କନେଷ୍ଟବଲ ଓ ଗୋରା ସାଜିଥିବା ଲୋକମାନେ ଅଦ୍ୟାପି ଧରା ପଡ଼ି ନାହାନ୍ତି ।

କରାଚୀଠାରେ ମହାମାରୀର ବଳ ଅଦ୍ୟାପି ଊଣା ହୋଇ ନାହିଁ । ଗତମାସ ତା ୧୬ ରିଖଠାରୁ ତା ୧୭ ରିଖ ସୁଦ୍ଧା ଜ ୫୦୭ ଣ ଆକ୍ରାନ୍ତ ଏବଂ ଜ ୪୬୯ ଣ ମୃତ୍ୟୁ ମୁଖରେ ପତିତ ହୋଇଥିଲେ । ସର୍ବସୁଦ୍ଧା ସେଠାରେ ଜ ୬୧୬୮ ଣ ପୀଡ଼ିତ ହୋଇ ସେମାନଙ୍କମଧ୍ୟରୁ ଜ ୧୬୬୪ ଣ କାଳକବଳରେ ପଡ଼ିଅଛନ୍ତି ।

Split by PDF Splitter

Digitized by srujanika@gmail.com

ତୁର୍କି ସୈନ୍ୟଗଣ ଥେସାଲି ପରିତ୍ୟାଗ କରିବାକୁ ଆରମ୍ଭ କରିଅଛନ୍ତି ।

କାବୁଲର ୧୫୦୦ ଘର ଘୋଡ଼ା ମୁସଲମାନ ମକ୍କାର ଯାତ୍ରା କରିଅଛନ୍ତି ।

ଫାକର ସାହେବ ଦାର୍ଜିଲିଂ ଯାଇଅଛନ୍ତି, ବୋର୍ଡର ମେମ୍ବର ଲୋୟାନ ସାହେବ ତାହାଙ୍କ ଅନୁପସ୍ଥିତ କାଳରେ ପ୍ଲେଗ କମିଶନର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଆସାମ ପ୍ରଦେଶରେ ଭରଭର ଗଛ ଅନେକ ଜନ୍ମେ । ୧୮୯୭।୯୮ ମସିହାରେ ୬,୯୨ ମଣ ରବର ରପ୍ତାନି ହୋଇଅଛି, ତହିଁରେ ୫୭,୧୨ ଟଙ୍କା କର ଅଦାୟ ହୋଇ ଅଛି କିନ୍ତୁ କାଟିବା ଦୋଷରେ ଅନେକ ଗଛ ମରିଯାଇଅଛି, ତାହାର ପ୍ରତିକାର ପ୍ରୟୋଜନ ।

ଭରତପୁର ପ୍ଲେଗର ଆକ୍ରମଣ ଦ୍ରୁତ ହେଉ ନ ଥିବାରୁ ସେଠାରେ କଲିକତାର ଲୋକମାନଙ୍କୁ ସହରରୁ ସ୍ଥାନାନ୍ତରିତ କରି-ବାର ଚେଷ୍ଟା ହେଉଅଛି

## କେନ୍ଦ୍ରାପଡ଼ା-ସମ୍ବାଦ

ଏ ସପ୍ତାହରେ ତା ୨୩ ର ଦପାହରରୁ ବର୍ଷା ହୋଇ ଏପରି ଗ୍ରୀଷ୍ମର ପ୍ରକୋପ କମିଅଛି ଅଥଚ ହେବାରେ ଅଛି ଓ ତହିଁ ସଙ୍ଗେ ଅଗ୍ନି ଲାଗିବାର ବୃଦ୍ଧି ହୋଇଅଛି ପ୍ରାୟ ତ ୭।୫ ଦିନ ଭିତରେ ମାଲକଲ ପୁରୁଷୋତ୍ତମରେ ଅଗ୍ନି ଲାଗି ଘର ଗୋ ୭ ଟା ଘର ଭସ୍ମିଭୂତ ହୋଇଥିଲା ।

ଜୟପୁର ଅଞ୍ଚଳରେ ଗୋ ୧ ଟା ବାଘିଣୀ ଉପଦ୍ରବ କରୁଛି ପଡ଼ି ଦୁଇ ଜଣ ଲୋକ ଆଘାତ ପାଇ ମରିବାର ଦେଖା ଯାଇଥିଲା ।

ଏଠାକାର ସ୍ଥାୟୀ ମୁନସଫ ଶ୍ରୀ ବାବୁ ଅଘୋରଚନ୍ଦ୍ର ଭଟ୍ଟାଚାର୍ଯ୍ୟ ୫ ତା ୧୯ ଦିନରୁ ଅବକାଶରେ ଉପସ୍ଥିତ ହୋଇଥିଲେ ଏବଂ ମୁନସଫ ବାବୁ ବାଲେଶ୍ୱର ପ୍ରତ୍ୟାଗମନ କରିଅଛନ୍ତି ।

ଏଠା ସବଡିଭିଜନ ଅଫିସର ରାଜକିଶୋର ବାବୁ ତ୍ରୈଲୋକ୍ୟନାଥ ମିତ୍ର ସେହୁ ଅଫିସର ଏବଂ ନାଜରମାନଙ୍କର କେଉଁବଦଳ ହେବା କାର୍ଯ୍ୟ କରୁଥିଲେ ସମ୍ପ୍ରତି ତାଙ୍କର ସବଡିଭିଜନ ଅଫିସର ପଦରେ ଅବସ୍ଥାନ ସେଠାରେ କର୍ମଦକ୍ଷ ହେବାରୁ ଅମ୍ଭମାନଙ୍କର ମାଜିଷ୍ଟ୍ରେଟ ସାହେବ ତ୍ରୈଲୋକ୍ୟ ବାବୁଙ୍କୁ ଉକ୍ତ କାର୍ଯ୍ୟରେ ସ୍ଥାୟୀରୂପେ ନିଯୁକ୍ତ କରୁଅଛନ୍ତି ।

## ଜଗତସିଂହପୁର-ସମ୍ବାଦ ।

ଗ୍ରୀଷ୍ମର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇଥିଲା । ମଧ୍ୟରେ ଯେ ବର୍ଷା ହୋଇଥିଲା ସେହି ବର୍ଷା ହେତୁ କର୍ଷକମାନେ ହଳ ଓ ଘେଟ ବୁଣା କାର୍ଯ୍ୟ ଆରମ୍ଭ ହୋଇଅଛି ।

ଥାନେ ୨ ବସନ୍ତ ଓ ଅଗ୍ନିଦେବତା ଉପସ୍ଥିତ ହେଲେଣି । କିନ୍ତୁ ପଞ୍ଚ ପୁରିଙ୍ଗ ଗ୍ରାମର ଗୋ ୨୩ କୁଡ଼ିଆଘର ଜଳି ଯାଇ ଅଛି ।

ଦାଉଦଗ୍ରାମ ସଡ଼କର ପାର୍ଶ୍ୱରେ ଗୋଟିଏ ରେଳ ସଡ଼କ ପ୍ରସ୍ତୁତ ହେବାର ପ୍ରସ୍ତାବ ହୋଇ ମାପ୍ରାପି କାମ ଉପସ୍ଥିତ କର୍ମଚାରୀମାନଙ୍କ ନିକଟରୁ ଘୋଷଣା ହୋଇଥିବାର ଶୁଣାଯାଉଛି ।

ଜଗତସିଂହପୁର କସବା ଏବଂ ମୁସଲମାନ ପୁରୁଷର ଏକ ଗାଈକୁ ଜବେ କରିବା କାଳରେ ଅତ୍ୟନ୍ତ ଲଢ଼ାଇ ହେଇ ଯାଇଥିବା କାଳୀ ପ୍ରସାଦର ଘର ହୋଇ ମୃତ ହେବାରୁ ମୁସଲମାନ ୧୭ ପ୍ରାୟ ବାସ ବାହାରେ ଗ୍ରେପ୍ତାର ପାଇଅଛି ।

ଅଳ୍ପ ଏଥିରେ ହୋଇଅଛି ଯେ ଘଣ ସମୟରେ ୫ ୦ ୯ ୩ ୫ ୦ ୬ ୩ ରେ ମିଳୁଅଛି । ଅନେକ ଲୋକ କେବଳ ଉପା-ବାସ କରୁଅଛନ୍ତି ।

ଏଠା ଲୋକେ କହନ୍ତି "ସରକାର ଥର ଟୀକା ଦେଇ ଥିବା ଓ ଲଗାଇବା ଦେଖାରେ ମନୁଷ୍ୟ ମରିଯାଉଥିବା" ରୂପ ମିଥ୍ୟା କଥା ଉପରେ ବିଶ୍ୱାସ କରି ବାଳକ ଦିବାକୁ ଭୟ କରୁ ନାହାନ୍ତି ।

ଗୋଲଧାର ମୁକ୍ତାର ବାବୁ ରାଧାକୃଷ୍ଣ ଦାସ ବର୍ଦ୍ଧିତ ଦେବାଳୟ ଓ ଦେବତା ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏଥିସହିତ କେତେକ ପୁରୋହିତ ପଣ୍ଡିତଙ୍କୁ ଆମନ୍ତ୍ରଣ କରି ନେଇଥିବାର ଦେଖି ଆନନ୍ଦର ସହିତ ନୂତନ ପ୍ରତିଷ୍ଠିତ ଦେବତାଙ୍କ ପ୍ରାର୍ଥନା କରୁଅଛୁଁ ଯେ ସେ ବାବୁ ମହୋଦୟଙ୍କର ସୁଧର୍ମରେ ମତି ରଖି ଭଗବାନଙ୍କ ଭକ୍ତ କରନ୍ତୁ ତାଙ୍କର ଅନ୍ତଃକାଳ ସମୟରେ ଏପରି ଶ୍ରଦ୍ଧାଭକ୍ତି ଥାଉ ।

## ପୁରୀ-ସମ୍ବାଦ ।

ବାଲେଶ୍ୱର ନିବାସୀ ଜମିଦାର ରାଜାରାଜେଶ୍ୱର ଦାସ ମହୋଦୟ ଏଠାକୁ ଆଗମନ କରିଥିବା ସମୟରେ ଏଠାର ଭଦ୍ରବ୍ୟକ୍ତିମାନଙ୍କ ଅନୁରୋଧରେ ମୃଇଦ୍ୟୋଗ ଜୁପ ଖୋଳାଇ ଦେବା ଦାୟରେ ସହର ଟାଉନ ହାଟ କଟ୍ୟାଳୟର ସମ୍ମୁଖରେ ଏକଗୋଟି ଏବଂ ଶ୍ମଶାନ ଗୃହ ସମୀପରେ ନୃସିଂହ-ନାଥଙ୍କ ନିକଟରେ ଏକଗୋଟି କୂପ ଖନନ କାର୍ଯ୍ୟ ଶେଷ କରାଇ ଦେବାରୁ ଜଳ କଷ୍ଟ ଦୂର ହୋଇଅଛି । ଅପର ଦୁଇଟିର କାର୍ଯ୍ୟ ଚାଲିଅଛି । ଅଚିରେ ଶେଷ ହେବାର ସମ୍ଭା-ବନା ବାବୁ ମହୋଦୟ ବାହାର ପ୍ରଦେଶରେ ପାନୀୟ ଜଳ ପ୍ରଦାନ କରି ସର୍ବ ସାଧାରଣର ଆଶୀର୍ବାଦ ଭାଜନ ଓ ଅକ୍ଷୟ କୀର୍ତ୍ତି ସଞ୍ଚୟ କରିଅଛନ୍ତି । ଜଗନ୍ନାଥଙ୍କ ନିକଟରେ ରାଜେଶ୍ୱର ବାବୁଙ୍କର ଉତ୍ତରୋତ୍ତର ଶୁଭ କାମନା କରୁଁ ।

ଏଠା ହାଇସ୍କୁଲ ଶ୍ରୀଗୁଣ୍ଡିଚା ସ୍ନାନ ଘର ତା ୧୯ ଦିନ ଠାରୁ ଏକ ମାସ ନିମନ୍ତେ ବନ୍ଦ ହୋଇଅଛି ।

ଆମ୍ବ ପ୍ରଚୁର ପରିମାଣରେ ମିଳୁଅଛି । ଅନେକ ବର୍ଷରେ ଏପରି ଘଟିଅଛି । ଗରିବ ଲୋକମାନେ ଏକ ପଇସା ଆମ୍ବରେ ପେଟପୂରା ଭୋଜନ କରି ଏକବେଳା ଭାତ ଖାଉଅଛନ୍ତି ।

ମହାସନ୍ଧ ସଲଭମାନ ମହାପ୍ରସାଦପ୍ରାର୍ଥୀ ଧ୍ୱଂସ ହୋଇ ଯାଉ ହେଉଥିବାରୁ ବର୍ତ୍ତମାନ ସହର ଅନ୍ଧକାର ଅଛି ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହା-ଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ସ୍ୱକୀୟ ଶ୍ରେଷ୍ଠ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା କେବେ । ଅମ୍ଭେ ଆଶା କରୁଁ ଉତ୍କଳପତ୍ରିକା କାରମାନେ ଅମ୍ଭର ପ୍ରଶ୍ନର ସଦୁତ୍ତର ପ୍ରଦାନ କରି ଅମ୍ଭର ଓ ଅମ୍ଭପରି ଜିଜ୍ଞାସୁ ବ୍ୟକ୍ତିମାନଙ୍କର ସନ୍ଦେହ ଭଞ୍ଜନ କରିବେ ।

ଏ ବର୍ଷର ଅର୍ଥାତ୍ ୧୮୨୦ ଶକାବ୍ଦା ସକାଶେ କଟକର ପ୍ରିଣ୍ଟିଂକୋମ୍ପାନିଙ୍କ ପ୍ରେସରୁ ଏବଂ ଜଗନ୍ନାଥ ପ୍ରେସରୁ ଦୁଇଖଣ୍ଡି ପଞ୍ଜିକା ମୁଦ୍ରିତ ଓ ପ୍ରକାଶିତ ହୋଇଅଛି । ଅବଶ୍ୟକ ବୋଧ କରି ଅମ୍ଭେ ଦୁଇ-ଖଣ୍ଡି ପଞ୍ଜିକା ସଂଗ୍ରହ କରିଅଛୁଁ । ଉଭୟପଞ୍ଜିକା ମନ୍ଥନ କରି ଅମ୍ଭେ ଅମ୍ଭର ଗୋଟିଏ ଦୀର୍ଘକାଳର ଆଚରିତ ବ୍ରତ ବିଧାନର ଦିନ ସ୍ଥିର କରିବାକୁ ଯାଇ ସନ୍ଦେହରେ ପଡ଼ିଅଛୁଁ । ପ୍ରସଙ୍ଗଟି ଏହି-ଯେ ଶ୍ରୀଭୁବନେଶ୍ୱର ଧାମ ବିଜୟୀ ଶ୍ରୀ ଶ୍ରୀ ଲିଙ୍ଗ-ରାଜ ମହାପ୍ରଭୁଙ୍କର ଗୋ ୧୪ ଟି ଯାତ୍ରା ସମ୍ବତ୍-ସରମଧ୍ୟରେ ପଡ଼ଇ । ଉତ୍କଳର ପୁଣ୍ୟକାମନା-କାରୀ ବହୁବ୍ୟକ୍ତିମାନେ ଉପରୋକ୍ତ ଚଉଦଟି ଯାତ୍ରା ଦିବସରେ ବ୍ରତ ଆଚରଣ କରନ୍ତି । ଏ ବର୍ଷର ପଞ୍ଜିକାରେ ସେହି ବ୍ରତ ଦିବସ ନିର୍ଣ୍ଣୟ କରିବାକୁ ଯାଇ ପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରୁ ପ୍ରକାଶିତ ପଞ୍ଜିକାରେ ଅକ୍ଷୟ ତୃତୀୟାଠାରୁ ଶିବରାତ୍ରି ପର୍ଯ୍ୟନ୍ତ ଗୋ ୧୧ ଟି ଯାତ୍ରା ଦିବସ ପ୍ରାପ୍ତ ହେଲୁଁ । ଦମ-ନକ ଚତୁର୍ଦ୍ଦଶୀ ପ୍ରଭୃତି ଆଉ ତିନିଗୋଟି ଯାତ୍ରା ଦିବସର ଉଲ୍ଲେଖ ସେଥିରେ ନାହିଁ । ଜଗନ୍ନାଥପ୍ରେ-ସର ପଞ୍ଜିକାରେ ଗୋ ୧୬ ଟି ଯାତ୍ରା ଦିବସର ଉଲ୍ଲେଖ ଅଛି ମାତ୍ର ଆଷାଢ଼ ତା ୨୦ ନ ଶନିବାର ଏବଂ ଶ୍ରାବଣ ତା ୧୭ ନ ରବିବାର ଉଭୟ ଦିନ ଶୟନଚତୁର୍ଦ୍ଦଶୀ ବୋଲି ଲେଖାଥିବାରୁ ଉକ୍ତ ଦୁଇ ଦିବସ ଲିଙ୍ଗରାଜମହାପ୍ରଭୁଙ୍କ ଯାତ୍ରା ଦିବସ ଥିବାର ସନ୍ଦେହ ହେଉଅଛି । ଶୟନ ଚତୁର୍ଦ୍ଦଶୀ ଓ ଉତ୍ଥାପନ ଚତୁର୍ଦ୍ଦଶୀ ଏ ଦୁଇଟି ଯାତ୍ରା ଦିବସ ସ୍ଥିର କଲୁ ଉତ୍ଥାପନ ଚତୁର୍ଦ୍ଦଶୀ କାର୍ତ୍ତିକର ତା ୧୩ ନ ଶନିବାର ଥିବାର ଉଭୟ ପଞ୍ଜିକାରେ ଐକ୍ୟ ମତ ହୋଇଥିବାରୁ ଶୟନଚତୁର୍ଦ୍ଦଶୀ ଠିକ କେଉଁଦିନରେ ପଡ଼ିବ ତାହା ନିରୂପଣ କେବାର ଆବଶ୍ୟକ । ଆଉ ତିନିଗୋଟି ଯାତ୍ରା ଦିବସ କେଉଁ କେଉଁ ତାରିଖରେ ପଡ଼ିବ ତାହା ପଞ୍ଜିକା କାରମାନେ ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ପ୍ରକାଶ କରିଦେଲେ ସାଧାରଣ ବ୍ୟକ୍ତିମାନେ ଅବଗତ ହୋଇ ପାରିବେ । ଆଉ ଗୋସ୍ୱାମୀ ମତରେ ଏକାଦଶୀ ବ୍ରତର ନିର୍ଣ୍ଣୟ ସମ୍ବନ୍ଧରେ ଅନେକ ବ୍ରାହ୍ମଣମାନେ ଏହି ଦୁଇପଞ୍ଜିକା ସେଇ ସନ୍ଦେହରେ ପଡ଼ୁଥିବାର ଅମ୍ଭଠାରେ ଏହି ପତ୍ର ଲେଖିବା ସମୟରେ ପ୍ରକାଶ କରିବାକୁ ଜଣାଉଅଛି ଯେ ପଞ୍ଜିକାକାରମାନେ ଉଭୟଙ୍କରେ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ପଞ୍ଜିକାର ଶେଷରେ ସଂଗ୍ରହ ଗୌଡ଼ୀୟ ବୈଷ୍ଣବମାନଙ୍କର ଜାନକା

Digitized by srujanika@gmail.com

Split by PDF Splitter



ହଅନ୍ତି ଯେହୁଠାରେ ଶ୍ରୀ ଶ୍ରୀ ଲିଙ୍ଗରାଜମହାପ୍ରଭୁଙ୍କର ଗୋ ୧୪ ଟି ଯାତ୍ରା ଦିବସ ଏବଂ ଗୋସ୍ୱାମୀମତରେ ଏକାଦଶୀବ୍ରତର ଦିବସମାନଙ୍କର ଗୋଟିଏ ଓଁାଇକା ସ୍ୱରୂପ ଛାପିବା ହେବେଁ ସାଧାରଣଙ୍କର ବିଶେଷ ଉପକାର ସାଧିତ ହେବ । । ଇତି ।

ତା ୧୮ ଋଣ ଏପ୍ରିଲ
ସନ ୧୮୯୮ ମସିହା

ଏକାନ୍ତବଶମ୍ବଦ
ଶ୍ରୀହରି ପ୍ରସାଦ ଦାସ ।
ବାରିପଦା । ମୟୂରଭଞ୍ଜ

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଦୂର ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦେଓ ପାତ୍ର | ଭଞ୍ଜପୁର | ଟ ୧୨ |
| ବାବୁ ସୋମନାଥ ସାମନ୍ତଙ୍କ ଦ୍ୱାର ଜଗନ୍ନାଥ ମିଶ୍ର | ପୁରୀ | ଟ ୩ |
| ଚୌଧୁରୀ କୃତ୍ତିବାସ ଦାସ | କଟକ | ଟ ୩ |
| ରାମଚନ୍ଦ୍ର ଖୁଣ୍ଟିଆ | କଲିକତା | ଟ ୩ |
| ବାବୁ ହରିହର ଘୋଷ ମୁକ୍ତାର | ପୁରୀ | ଟ ୪ |
| „ ବ୍ରଜକିଶୋର ସିଂହ ଦେଓ ମେନେଜର ମହଲ | ପାଟଣା | ଟ ୭ |
| „ ଭଗୀମନ୍ତ୍ରୀ କର | ଭୂୟାଁପୁର | ଟ ୩ |

## ବିଜ୍ଞାପନ ।

### NOTICE.

Wanted a Sub-Inspector of Police for the Keonjhar State. Salary Rs. 20 per mensem. None need apply who has no experience of Police officer's duties. Preference will be given to those who failed at the last Sub-Inspector's examination.

Applications wil be received up to 31st May 1898.

Keonjhar State
Police office,
Dated the 15th
May 1898.

B. S. Martin
*Officiating*
*Superintendent*
*of Pol*

### WANTED.

A Head master for Bahugr[illegible] E. School, Cuttack, on a s[illegible] Rs. 18 per mensem.

Applications should r[illegible] Secretary on or before the[illegible] 1898.

25-5-98.
Bahukud

Brundabon[illegible]

ଚଳିତ ବର୍ଷ ସକାଶେ ଓ[illegible] ...ହେଲ
ସ୍କୁଲରେ ଟ ୫ ଙ୍କା ଲେଖାଏଁ [illegible] ଟି ଓ

ଟ ୪ ଙ୍କା ଲେଖାଏ ଗୋ ୧ ଟି ବୃତ୍ତି ଖାଲି ଅଛି । ଅଖସ୍ତନେହି ବାଳକମାନେ ଆପଣା ପ୍ରଶଂସା ପତ୍ର ସହିତ ଆଗାମୀ ଜୁନ ମାସ ତା ୧୦ ଋଣରେ କଟକ ଜେନେରଲ ହାସପାତାଲରେ ଉପସ୍ଥିତ ହେଲେ ମନୋନୀତ ହେବେ ।

ପ୍ରକାଶ ଥାଉକି ମାଇନର ଓ ପ୍ରବେଶିକା ପରୀକ୍ଷୋତୀର୍ଣ୍ଣ ବାଳକମାନଙ୍କୁ ଏ ସ୍କୁଲରେ ଗ୍ରହଣ କରାଯିବ ସ୍ତ୍ରୀ ଲୋକମାନଙ୍କର ଶିକ୍ଷା ସକାଶେ ଗୋ ୬ ଟି ବୃତ୍ତି ଖାଲି ଅଛି ଭର୍ଣ୍ଣାକ୍ୟୁଲର ପାସ କରି କିଞ୍ଚିତ ଇଂରାଜୀ ଜାଣିଥିଲେ ବୃତ୍ତି ପ୍ରଦାନ କରାଯିବ ।

କଟକ ମେଡ଼ିକେଲ ସ୍କୁଲ
ତା ୧୭ ଋଣ ମଇ
ସନ ୧୮୯୮ ମସିହା

M. Zorab
*Surgeon Lt. Col.*
*Superintendent*
Medical School
Cuttack

## ବିଜ୍ଞାପନ ।

ଶାରଳାଦାସଙ୍କର ଅଷ୍ଟାଦଶପର୍ବ
ସଚିତ୍ର
### ମହାଭାରତ ।

ଏହା ଓଡ଼ିଶାବାସୀଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଲଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥପ୍ରାପ୍ତିର ଅଭାବ ସେତେ-ଅଧିକ ଅତଏବ ପୁସ୍ତକପ୍ରକାଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅଚିରେ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆଯିବ । ସାଧାରଣଙ୍କ ସୁବିଧା ନିମନ୍ତେ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ କ୍ରୟ କଲେ ମୂଲ୍ୟ ବିଷୟ କାହାରିକି ବାଧିବ ନାହିଁ । ବର୍ତ୍ତମାନ ସଭାପର୍ବ ଓ ଆଦ୍ୟପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଆଦିପର୍ବ ଟ ୦।୵ ଡାକମାସୁଲ ଟ ୦୧୬
ସଭାପର୍ବ ଟ ୦ ।୵ „ ଟ ୦୧୬

### WANTED

A Pandit to teach Uriya to the Minor Raja of Kanika at his house at Cuttack both in the morning and evening at Rs. 15 per month.

Applications with copies of testimonials will be received by the undersigned up to the 28th Instant.

Cuttack Collectorate
The 17th May 1898.

H. C. Rai
*Dy: Collector Inch.*

ଅମ୍ଭର ଗୋଟିଏ ସଦାବର୍ତ୍ତ ଅଛି ଯେଉଁଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବ ମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କୁ ଭୋଜନସାମଗ୍ରୀ ଏବଂ ଶାସ୍ତ୍ରୀୟ ବିବେଚନା ମତେ ଦିଆଯାଏ । ବର୍ତ୍ତମାନ ଭେଭେକଣ୍ଡ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଅମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁ ଅଛୁ ଯେ ସେମାନେ ତୀର୍ଥକୁ ଯିବା ସମୟରେ ଅମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଅମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ଚର୍ଯ୍ୟା କରି ଆପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୫।୯୮

ଶ୍ରୀ ମହାଜନ ଦାନ ସାହୁ
ସା । ଜଇପୁର ବ୍ରହ୍ମପୁର । ଥା । ବରୁଆଁ
ଯାଜପୁର ସବ ଡିଭିଜନ
ଜିଲ୍ଲା କଟକ ।

ଦ୍ୱିତୀୟ ସଂସ୍କରଣ ।

### ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରପୂର୍ଣ୍ଣ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅମ୍ଭ କୃତ ଉପରୋକ୍ତ ପୁସ୍ତକ ବେଙ୍ଗଲଗଭର୍ଣ୍ଣମେଣ୍ଟ ପ୍ରମୁଖ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ୍ କଟକପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଶ ୧୫୦୦୦ ଶ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି। ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ତୃତୀୟଭାଗ ପ୍ରତିଖଣ୍ଡକୁ ପାଞ୍ଚପଇସା

ଓଡ଼ିଶ୍ୟାସେଷ୍ଟ୍ରାଲ
ମେଡିକେଲ୍ ହଲ
ବାଲୁବଜାର୍ କଟକ

ଡାକ୍ତର
ଶ୍ରୀ ରାମକୃଷ୍ଣପ୍ରସାଦ

Digitized by srujanika@gmail.com

Split by PDF Splitter



## ଧ୍ରୁବଲୀଳା ।

ଅଙ୍କପର୍ଯ୍ୟନ୍ତ ଯେତେ ପୁଥଗ୍ଗବତ୍ତ ବାହାର ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୨ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତ ଭାଗବତ୍ତ- ଗିଣିରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥି- ର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦ ।୵ ମୋଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ୵ ୦ ୯ ୬ ଡାକମାସୁଲ ପଡ଼ିବ ।

ବାମନଦ୍ୱିବେଦ ।

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଷ୍ଟକଷ୍ଟାଇପ ଫାଉଣ୍ଡ୍ରି କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂଲିଶ ଓ ସ୍ମଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଟଲିନକସା କୌଣସି ଛାପାଖାନା ପାଇଁ କାହାର ପ୍ରୟୋଜନ ହେଲେ ସେ ଆମ୍ଭଙ୍କୁ ବରାତ ଦେଲେ ଆମ୍ଭେ ଯୋଗାଇ ପାରୁଁ । ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର } ଶ୍ରୀ ଗୌରୀଶଙ୍କର ରାୟ
କଟକ } ମ୍ୟାନେଜର



ଆଟ ଦଣ୍ଡା ସ୍ପ୍ରିଙ୍ଗ ଉପର ଲିଖିତ କମ୍ପାନିର ଗୋଲ୍ଡ ରୁପା କେଶର ରୋଷ୍ଟ ସାଇଜ ଓ ସୁନା କେଶର ବଡ଼ ... ।

ରୁପା କେଶର ଓପନଫେସ ଓ୍ୱାଚର ମୂଲ୍ୟ ଟ ୪୦ ୯
„ ଘାଣ୍ଟିବାଲ୍ଲର „ ଟ ୪୫ ୯
ସୁନା କେଶର ଓପନଫେସ ଓ୍ୱାଚର „ ଟ ୧୬୦୯
„ ଘାଣ୍ଟିବାଲ୍ଲ „ ଟ ୨୦୦୯

ଗ୍ରାହକେ କଇକଟ୍ଟା ଭିତରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଓ୍ୱାଚ ଆମ୍ଭ ଦୋକାନରେ ବିକ୍ରୀପାଇଁ ରହିଛି ଅଛି । ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଆମ୍ଭ ଦୋକାନରେ ତଲ୍ଲ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଭେଲ୍ୟୁ ପେଏବଲ ପାଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓ ଜୁଏଲର

## ଚୌକିଦାରି ଗାଇଡ

### ଓ

ଉତ୍ତମ୍ମଳେ ପୋଲିସ ବିଭାଗରୁ ପ୍ରଚଳିତ ସର୍କୁଲର ଓ ପୋଲିସର ପାଞ୍ଚଥିଇନ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ପୋଲିସର ଶ୍ରୀଯୁକ୍ତ ଇନସ୍ପେକ୍ଟର ଜେନରଲ ବାହାଦୁରଙ୍କ ଅନୁମତି ଅନୁସାରେ ଅଳ୍ପଦିନ ମଧ୍ୟରେ ପ୍ରକାଶିତ ହେବ । ମୂଲ୍ୟ ପୁସ୍ତକ ମୁଦ୍ରାଙ୍କନର ବ୍ୟୟରୁ ଅଧିକ ହେବ ନାହିଁ ।

ଶ୍ରୀ କୃଷ୍ଣ ମହାପାତ୍ର

### ବନାରସ ମାଲ ।

ବନାରସରେ ଆମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଆମ୍ଭର କାର୍ଯ୍ୟ ଆମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମି ଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଆମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଲେଶମାତ୍ର ଆଶଙ୍କା ନାହିଁ । କାମଗ୍ରା, କେନ୍ଦୁଝର, ପାଟନା, ଅଠଗଡ଼, ବାମ୍ବଗଡ଼, ହଳେଇକଳା ପ୍ରଭୃତି ସ୍ଥାନର ମହାରାଜ ବାହାଦୁରମାନଙ୍କ ନିକଟରେ ତଲ୍ଲ କଲେ ଆମ୍ଭର କଥା ପ୍ରକୃତ ହେବାର ଜଣା ପଡ଼ିବ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠା- ଇଲେ ଅବିଳମ୍ବେ ଭେଲ୍ୟୁପେଏବଲ ପାର୍ଶଲରେ ପଠାଇ ଦିଆ ଯିବ । ମାଲ ମନୋନୀତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆ ଯିବ ବା ଟଙ୍କା ଫେର ଦଆଯିବ ବନ୍ଧୁ ମାଲଗୁଡ଼ିକ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଆମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ କିଂଖାବ ସାଢ଼ୀ, ଦୋପଟ୍ଟା, ଚଦର, ଟୋପି, କୋଟ, ପୈତା, ବାଘ୍ରା, ସଙ୍ଗୀ ଦୋପଟ୍ଟା ମଣ୍ଡଲ, ଖିଇରେ କାମ କାର ପେଟି, ରୁମାଲ, ଶାଲ ଏବଂ ନାନା ପ୍ରକାର ଜହାଜ ଖଚିତ ଅଙ୍ଗରଖା ପ୍ରଭୃତି ।

ଏହା ଛଡ଼ା ସୁନା ରୁପାର ବାସନ, ଗହଣା, ରୁପାରେ ଗିଲିଟି କରା ହାତୀର ହାଉଦା ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଗୋଟିଏ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା (ବହିରାବରଣ) ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଆମ୍ଭ ହସ୍ତଗତ ହେବ ।

ଶ୍ରୀ ପାନ୍ନାଲାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ... | ଟ ... |
| ... | ଟ ... |
| ... ଏକ ... | ଟ ... |

... ଟ ... ଲୁ ... ଦେବ ...

... ସକାଶେ ...

... ସକାଶେ ...

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା ।

୩୪ ଭାଗ ୨ | ୨୩ ସଂଖ୍ୟା } ତା ୫ ଜୁନ ମାହେ ଜୁନ ସନ ୧୮୯୯ ଖ୍ରିଷ୍ଟାବ୍ଦ । ମ୍ରା ଛ ୨୮ ନ ଜ୍ୟେଷ୍ଠ ସନ ୧୩୦୪ ସାଲ ଶନିବାର । { ଅଗ୍ରୀମ ଟ ୩ | ପଶ୍ଚାଦେୟ ଟ ୬

ଅନରେବଲ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ବାବୁ ବଙ୍କିମ ଚନ୍ଦ୍ର ମଜୁମଦାର 'ରାୟ ସାହେବ' ଉପାଧି ପାଇ ଅଛନ୍ତି । ଗତ ସପ୍ତାହରେ ଉପାଧି ବିତରଣର ଉଲ୍ଲେଖ କରିବାବେଳେ ଭ୍ରମବଶତଃ ଏହାଙ୍କର ନାମ ଛାଡ ଯାଇଥିଲା ।

———

ପୁନାରେ ମହାମାରୀ ପ୍ଲେଗ ଉଚ୍ଛିନ୍ନରୂପେ ନିବର୍ତ୍ତ ହେବାରୁ ସରକାର ପ୍ଲେଗ ନିବାରଣ ଏବଂ ଚିକିତ୍ସା ନିମନ୍ତେ ଯେ ସମସ୍ତ ବନ୍ଦୋବସ୍ତ କରିଥିଲେ ସେ ସମସ୍ତ ଉଠାଇ ଦେଇଅଛନ୍ତି । ସୈନ୍ୟ ଅଶ୍ୱାରୋହୀ ପୁଲିସ ଓ କର୍ମଚାରୀମାନେ ସ୍ଥାନାନ୍ତରିତ ହୋଇଅଛନ୍ତି । ଏତେଦିନେ ପୁନାବାସୀଙ୍କର ଭାଗ୍ୟ ପ୍ରସନ୍ନ ହେଲା ।

—※—

ମାଲବାର ରାଜ୍ୟକୁ ପ୍ରତିବର୍ଷ ପ୍ରାୟ ଦୁଇକୋଟି ଟଙ୍କାର ଖୋଟର ବସ୍ତା ଓ ଅଖାପଟି ଭାରତରୁ ରପ୍ତାନି ହୁଏ । ବୌଦ୍ଧ ଅଖା ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଅନେକ ଖୋଟ ସେ ଦେଶରେ ଖରଚ ହେବାରୁ ସେଠାରେ ଖୋଟ ଫସଲ କରିବାର ପରୀକ୍ଷା ସ୍ୱରୂପ ଆରମ୍ଭ ହୋଇଅଛି । ଯେବେ ଖୋଟ ଚାଷ ସଫଳ ହେବ ତେବେ ଭାରତର ବସ୍ତାର ଖର୍ଚ୍ଚ ହେବ ।

———

ଡାକ୍ତରମାନଙ୍କର କହିବା ମତେ ମହାମାରୀ ରୋଗ ସଞ୍ଚାରର ଗୋଟିଏ ପ୍ରଧାନ ହେତୁ ମୂଷା ଅଟେ । ରୋଗାକ୍ରାନ୍ତ ସ୍ଥାନର ମୂଷାମାନେ ପୀଡିତ ହୋଇ ସ୍ଥାନାନ୍ତରକୁ କୌଣସି ବାଟେ ଗଲେ ସେଠାରେ ପ୍ଲେଗ ସଞ୍ଚାରିତ ହୁଏ । ଏହି କାରଣରୁ ପୀଡିତ ସ୍ଥାନର ମୂଷାମାନଙ୍କୁ ମାରି ପକାଇବା ଆବଶ୍ୟକ । ବମ୍ବେରେ ସରକାରୀ ତାଲିକା ମତେ ପ୍ରାୟ ୩୨୦୦ ମୂଷା ନଷ୍ଟ ହୋଇଥିଲେ । କଲିକତାରେ ୫।୬ ଶତ ମୂଷା ମରା ଯାଇ ଅଛନ୍ତି । ଅଥଚ କଲିକତା ମିଉନିସିପାଲିଟିରେ କୁଲି ସ୍ୱରୂପ କାର୍ଯ୍ୟ କରୁଥିବା ଧାଙ୍ଗଡମାନେ ମୂଷା ଖାଇ ପୀଡିତ ହେବାର ଦେଖାଯାଇ ନାହିଁ । ଧାଙ୍ଗଡମାନେ ମୂଷା ଖାଇବାକୁ ବଡ ସୁଖ ପାନ୍ତି ।

———

ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀଙ୍କ ଜନ୍ମଦିନ ପ୍ରତିପାଳନ ନିମନ୍ତେ ଗତ ତା ୨୪ ଋଖରେ ଶ୍ରୀ ଶ୍ରୀ ମଞ୍ଜୁସା ରାଜା ଆପଣା ରାଜଧାନୀରେ ଏକ ଦରବାର କରିଥିଲେ । ରାଜାଙ୍କର ଭ୍ରାତୃବର୍ଗ, ପଣ୍ଡିତ, ଅମଲା ଏବଂ କେତେକ ସ୍ଥାନୀୟ ସରକାରୀ କର୍ମଚାରୀମାନେ ସଭାରେ ଉପସ୍ଥିତ ଥିଲେ । ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଉଦାର ରାଜନୀତି ଏବଂ ଶ୍ରୀମତୀ ଭାରତେଶ୍ୱରୀଙ୍କ ଅନୁପମ ଗୁଣାବଳୀ ବିଷୟରେ ସଂସ୍କୃତ, ଇଂରାଜୀ, ତେଲଙ୍ଗୀ ଏବଂ ଓଡ଼ିଆ ଭାଷାରେ ବକ୍ତୃତାମାନ ହେଲା ଯହିଁରୁ ସମସ୍ତେ ଦଣ୍ଡାୟମାନ ହୋଇ ମହାରାଣୀଙ୍କ ଦୀର୍ଘଜୀବନ ଏବଂ ସୌଭାଗ୍ୟ କାମନାରେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କଲେ ଏବଂ କତ୍ସକ୍ଷଣ ସଙ୍ଗୀତ ଉତ୍ତାରୁ ଦରବାର ଭଙ୍ଗ ହେଲା ।

———

ବଙ୍ଗପ୍ରଦେଶର ସନ ୧୮୯୭।୯୮ ସାଲର ରବିଫସଲ ସମ୍ବନ୍ଧରେ ଯେଉଁ ସରକାରୀ ବିବରଣ ପ୍ରକାଶିତ ହୋଇଅଛି ତହିଁରୁ ପ୍ରକାଶ ଯେ ଖାଦ୍ୟୋପଯୋଗୀ ରବିଫସଲ ହାରାହାରି ପ୍ରାୟ ୫॥୵୨ ଉତ୍ପନ୍ନ ହୋଇଥିଲା ତହିଁ ପୂର୍ବ ବର୍ଷର ଉତ୍ପନ୍ନ ୫୵୨ ଥିଲା । ଅନ୍ୟାନ୍ୟ ରବିଫସଲ ଯଥା ତମାଖୁ ରାଇସୋରିଷ ଓ ଅଫୁ ହାରାହାରି ୫॥୵ ଉତ୍ପନ୍ନ ହୋଇଥିଲା ଏବଂ ତହିଁ ପୂର୍ବ ବର୍ଷର ଉତ୍ପନ୍ନ ୫॥୵ ଥିଲା । ପାଗ ଭଲ ହେବାରୁ ବର୍ତ୍ତମାନ ବର୍ଷର ଫସଲ ଉତ୍ତମ ହୋଇଅଛି ଏବଂ ଅଧିକ ପରିମାଣ ଜମି ଆବାଦ ହୋଇଅଛି । ଅଧିକ ପରିମାଣ ଫସଲ ଉତ୍ପନ୍ନ ହେବା ପ୍ରତ୍ୟକ୍ଷେ ଦର ହ୍ରାସ ରହିବାର କାରଣ କେବଳ ବାଣିଜ୍ୟ ବୃଦ୍ଧି ଅଟେ ଏବଂ ଏଥିରେ କୃଷକମାନଙ୍କର ଉପକାର ହେଉଅଛି ସନ୍ଦେହ ନାହିଁ ।

———

Digitized by srujanika@gmail.com

Split by PDF Splitter



ବମ୍ବେଇରେ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରିବା ଅଭିଯୋଗରେ ନ ୭ ଣ ଲୋକ ପୁଲିସଦ୍ୱାରା ଧୃତ ହୋଇ ଗ୍ରେପ୍ତାର ହୋଇଅଛନ୍ତି ଏବଂ ଟଙ୍କା ତିଆରି କରିବାର ଅନେକ ଯନ୍ତ୍ରାଦି ବରାମଦ ହୋଇଅଛି । କଥିତ ଅଛି ଏମାନେ ପ୍ରାୟ ୭୦ ହଜାର ଜାଲ ଟଙ୍କା ତିଆରି କରି ଚଳାଇ ଦେଇଅଛନ୍ତି । ବର୍ତ୍ତମାନ ରୂପାର ଦର ଭ ୧୦୦ ଭରି ଟ ୭୦୯ କା ସୁତରାଂ ଟଙ୍କା ତିଆରିରେ ତିଆରି ଖରଚ ବାଦ ଦେବା ପରେ ଶତକରା ଟ ୨୫୯ କା ଲାଭ ଅଛି । ଉକ୍ତ ବ୍ୟବସାୟୀମାନେ ଧରା ପଡ଼ିବା ଭୟରେ ସାଧାରଣ ଟଙ୍କା ତିଆରି ଅଡ଼କୁ ନ ଯାଇ ଫରକାବାଦ ଟଙ୍କା ତିଆରି କରି ମଧ୍ୟଭାରତର ସ୍ୱାଧୀନ ରାଜାମାନଙ୍କରେ ଚଳାଇବାଦ୍ୱାରା ବହୁତ ଲାଭ କରି ନେଲେ । ଏଥର ବମ୍ବେଇର ଫଳ ପାଇବେ ।

---

ବ୍ରିଟିଶ ସାମ୍ରାଜ୍ୟ ଗୋଟିଏ ପ୍ରକାଣ୍ଡ ବ୍ୟାପାର । ଏହାର ଭୂମି ପରିମାଣ ଇଉରୋପର ତିନିଗୁଣ ଏବଂ ପୃଥିବୀର ଏକପଞ୍ଚମାଂଶ ଅଟେ । ଏହା ପୃଥିବୀର ଚତୁର୍ମହାଖଣ୍ଡରେ ବିସ୍ତୃତ ଏବଂ ଏଥିମଧ୍ୟରେ ଦଶହଜାର ଦ୍ୱୀପ, ପାଞ୍ଚଶତ ଉପଦ୍ୱୀପ ଏବଂ ଦୁଇହଜାର ନଦୀ ଅଛି । ଲୋକ ସଂଖ୍ୟା ସମସ୍ତ ପୃଥିବୀର ଲୋକ ସଂଖ୍ୟାର ଏକପଞ୍ଚମାଂଶ ଅଟେ । ପୃଥିବୀର ବଡ଼ ୨ ପର୍ବତମାନ ଏହି ସାମ୍ରାଜ୍ୟରେ ସ୍ଥିତ । ଏହାର ଅପର ଐଶ୍ୱର୍ଯ୍ୟ-ପରିଚୟ ଦେବା ଅସମ୍ଭବ । ଏହି ବୃହତ ସାମ୍ରାଜ୍ୟର ସର୍ବୋତ୍କୃଷ୍ଟ ଅଂଶ ଭାରତବର୍ଷ ଯାହା କି ଏକାକୀ ଗୋଟିଏ ପୃଥିବୀତୁଲ୍ୟ ଅଟେ । ଇଂଲଣ୍ଡର ଶ୍ରୀ ଭାରତ ହେତୁ ଅଟେ । ଏହି ଭାରତପ୍ରତି ଶ୍ରୀମତୀ ଇଂଲଣ୍ଡେଶ୍ୱରୀଙ୍କର ସର୍ବଦା ସୁଦୃଷ୍ଟି ଥାଉ ଏହିଣ ଅମ୍ଭମାନଙ୍କର କାମନା ।

---

ଢାକା ନଗରରୁ ମହାମାରୀ ପ୍ଲେଗ ଅଦ୍ୟାପି ନ ଯାଉଥିବାର ବହୁତ ଉପାୟମାନ ଅବଲମ୍ବନ କରିବା କାରଣ ଏବଂ ବିଦେଶରୁ ଲୋକ ନଗରରେ ପ୍ଲେଗ ପ୍ରବେଶ କଲେ ତହିଁ ସମସ୍ତ ଗରିବ ହିନ୍ଦୁ ଓ ମୁସଲମାନମାନଙ୍କୁ ଯେ କ୍ଳେଶ ଘଟିବ ସେମାନଙ୍କର ସହାୟତା କାରଣ ଢାକା ନବାବ ନବାବ ସର ଖାଜା ଅହସାନଉଲ୍ଲା ବାହାଦୁର ଏକଲକ୍ଷ ଟଙ୍କା ସରକାରଙ୍କ ହାତରେ ଦାନ କରିଅଛନ୍ତି ଏବଂ ସେ ଏଥିସଙ୍ଗେ ଜଣାଇ ଦେଇଅଛନ୍ତି ଯେ ଆବଶ୍ୟକ ହେଲେ ଅଧିକ ଏକଲକ୍ଷ ଟଙ୍କା ଦାନ କରିବେ । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ନବାବ ବାହାଦୁରଙ୍କର ଆନ୍ତରିକ ବଦାନ୍ୟତାର ଏହି ନୂତନ ଘଟନାରେ ଅତ୍ୟନ୍ତ ମୋହିତ ହୋଇ ତାହାଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରିଅଛନ୍ତି ଏବଂ ଏଥିର ସମ୍ବାଦ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ପଠାଇ ଅଛନ୍ତି । ନବାବ ବାହାଦୁରଙ୍କର ଏପ୍ରକାର ବଦାନ୍ୟତାର ପ୍ରଶଂସା ଅମ୍ଭେମାନେ କି କରିବା ଅସଂଖ୍ୟ ଗରିବ ଲୋକଙ୍କର ହୃଦୟପୂର୍ଣ୍ଣ ଆଶୀର୍ବାଦ ତାହାଙ୍କର ସମସ୍ତ ମଙ୍ଗଳ କରିବ ।

---

ଆଲିପୁର ସବଜଜଙ୍କ ଅଦାଲତରେ ଗୋଲାପ ଅର୍ଥାତ ଅନ୍ତରଜାତୀୟଙ୍କର ଏକ ବିବାହ ମୋକଦ୍ଦମା ଜାରି ହୋଇଥିବାର ସମ୍ବାଦ ମିଳଇ । ବର କାୟସ୍ଥ ଘରର ଅନୁରଣିଙ୍କ । ଜଣେ ବ୍ରାହ୍ମଣୀ ଗର୍ଭରୁ ସଦଗୋପ ଔରସରେ ଜାତ ଏକ କନ୍ୟା ସହିତ ତାହାର ବିବାହ ହୋଇଥିଲା । ବରକନ୍ୟା ପାଞ୍ଚବର୍ଷ କାଳ ଏକତ୍ରରେ ରହିଲେ ଏବଂ ସେମାନଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା । ଅତଃପର କନ୍ୟାର ବାପ କନ୍ୟାକୁ ଆପଣା ଘରକୁ ଆଣି ଆଉ ନ ପଠାଇବାରୁ ସ୍ୱାମୀପକ୍ଷରୁ ସ୍ତ୍ରୀ ଉପରେ ସହବାସ ସମ୍ପାଦନ ନିମିତ୍ତ ମୁନସିଫି ମହକୁମାରେ ମୋକଦ୍ଦମା ଅଗତ ହେଲା । ସ୍ତ୍ରୀ ପକ୍ଷରୁ ଜବାବ ଦିଆଗଲା ଯେ ହିନ୍ଦୁଶାସ୍ତ୍ର ଅନୁସାରେ ବିବାହ ଅସିଦ୍ଧ ଅଟେ ଏବଂ ସ୍ୱାମୀ ଓ ସ୍ତ୍ରୀ ଭିନ୍ନଜାତୀୟ ଥିବାରୁ ଆଇନସିଦ୍ଧ ବିବାହ ହୋଇ ନ ପାରେ । ଏଣୁ ମୋକଦ୍ଦମା ଅଚଳ ଅଟେ । ମୁନସଫ ସ୍ୱାମିକୁ ଡିକ୍ରି ଦେଇଥିଲେ ମାତ୍ର ଅପିଲରେ ସବଜଜ ସାବ୍ୟସ୍ତ କଲେ ସ୍ୱାମୀ ସ୍ତ୍ରୀ ପରସ୍ପର ଭିନ୍ନଜାତୀୟ ଥିବାରୁ ଶାସ୍ତ୍ରସିଦ୍ଧ କୌଣସି ବିବାହ ହୋଇ ନ ପାରେ ଏବଂ ପତିତ ଜାତିର ବିବାହ କେବଳ ପ୍ରଚଳିତପ୍ରଥା ଉପରେ ନିର୍ଭର କରେ ମାତ୍ର ଅନ୍ୟଥା ହିନ୍ଦୁଶାସ୍ତ୍ର ମତେ ବିବାହ ହୋଇ ନ ପାରେ । ସୁତରାଂ ସ୍ୱାମିର ମୋକଦ୍ଦମା ଡିସମିସ ହେଲା । ବୋଧହୁଏ ମୋକଦ୍ଦମା ହାଇକୋର୍ଟ ଯାକେ ଯିବ ।

—•✻•—

କଲିକତାରେ ଭାରତବର୍ଷ ଆରମ୍ଭରୁ "ଶିଳ୍ପ-ସଙ୍ଗ୍ରହ" ନାମକ ଗୋଟିଏ ଶିଳ୍ପସମ୍ବନ୍ଧୀୟ ମାସିକ-ପତ୍ରିକା ବାହାରୁଅଛି । ଅମ୍ଭେମାନେ ତହିଁର ପ୍ରଥମ ଦୁଇସଂଖ୍ୟା ଓ ଗୋ ୩ ଟି ଛବି ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏଥିର ସମ୍ପାଦକ ଶ୍ରୀ ନୃପେନ୍ଦ୍ରକୃଷ୍ଣ ବନ୍ଦ୍ୟୋପାଧ୍ୟାୟ ଏବଂ ଶିଳ୍ପକର ଶ୍ରୀ ନୃପେନ୍ଦ୍ରନାଥ ଦାସ । ଏ ଦୁଇଜଣଙ୍କ ଅତ୍ୟନ୍ତ ସହୃଦୟ ଲୋକ ବୋଲି ବୋଧ ହୁଏ । କାରଣ ଉକ୍ତ ପତ୍ରିକା ଯେମନ୍ତ ସୁନ୍ଦର ପତ୍ରିକାର ଲେଖା ମଧ୍ୟ ସେମନ୍ତ ପ୍ରାଞ୍ଜଳ । ପ୍ରତିମାସରେ ଦୁଇ ସଂଖ୍ୟକ କରଣୋପଯୋଗୀ ବୃହତ ଛବି ଏବଂ ପ୍ରତିବର୍ଷ ପ୍ରାରମ୍ଭରେ ଗୋଟିଏ ସ୍ୱତନ୍ତ୍ର ପତ୍ରିକା ବିନାମୂଲ୍ୟରେ ଉପହାର ଦେବାର ପତ୍ରିକାରେ ପ୍ରକାଶିତ ହୋଇଅଛି । ପତ୍ରିକା ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଏଥିର ଆଦର ଏମନ୍ତ ବଢ଼ିଗଲା ଯେ ଦ୍ୱିତୀୟ ସଂଖ୍ୟାରୁ ତହିଁର କଲେବର ବର୍ଦ୍ଧିତ ହୋଇଅଛି । ସୁପ୍ରସିଦ୍ଧ ତୀର୍ଥସ୍ଥାନମାନଙ୍କର ଛବି, ମନୋହର ସ୍ୱାଭାବିକ ଦୃଶ୍ୟାବଳୀ, ପ୍ରସିଦ୍ଧ ନାଟ୍ୟକାର ଓ ଔପନ୍ୟାସିକମାନଙ୍କର ବର୍ଣ୍ଣିତ ଦୃଶ୍ୟ, ବଡ଼ଲୋକମାନଙ୍କର ପ୍ରତିମୂର୍ତ୍ତି ଏବଂ ଛାପାର ଓ ରଙ୍ଗିଣ ସୂଚିକାର ଛବିମାନ ଉପହାର ଦେବାର ପ୍ରକାଶିତ ହୋଇଅଛି । ଏଥିର ମୂଲ୍ୟ ନିତାନ୍ତ ଅଳ୍ପ ଅର୍ଥାତ ବର୍ଷକୁ ଦେଢ଼ଟଙ୍କା । ଭରସା କରୁଁ ଶିଳ୍ପହିତୈଷୀମାନେ ଏ ପତ୍ରିକାର ଗ୍ରାହକ ଶ୍ରେଣୀଭୁକ୍ତ ହୋଇ ଦେଶର ଗୋଟିଏ ମହତ ଉଦ୍ଦେଶ୍ୟ ପୂରଣପକ୍ଷେ ଯତ୍ନବାନ ହେବେ । ଆମ୍ଭଦେଶରେ ଶିଳ୍ପସମ୍ବନ୍ଧୀୟ ମାସିକ ପତ୍ରିକା ନାହିଁ । ଏତୁପରସ୍ଥଳେ କାୟମନୋବାକ୍ୟରେ ଅମ୍ଭେମାନେ ଏଥିର ଦୀର୍ଘଜୀବନ କାମନା କରୁଅଛୁଁ ।

---

କଲିକତାରେ ମହାମାରୀ ପ୍ଲେଗ କ୍ଷମା ନ ଦେଲେହେଁ ଅଧିକ ବୃଦ୍ଧି ହୋଇ ନାହିଁ । କୌଣସି ଦିନ ଜଣେ ବା ଦୁଇଜଣରୁ ଅଧିକ ରୋଗାକ୍ରାନ୍ତ ହେବାର ସମ୍ବାଦ ଆସି ନାହିଁ ଏବଂ ଏହି ଅବସ୍ଥା ଦେଖି ଅନେକଙ୍କ ମନରେ ହେଉଅଛି ଯେମନ୍ତ ସରକାରଙ୍କର ସଙ୍କଟ ଘୋଷଣା କରିବା ଯଥାର୍ଥ ହୋଇ ନାହିଁ । କୌଣସି ଘରେ ଏକଜଣକୁ ପ୍ଲେଗ ଧରିଲେ ଯେବେ ସେ ଘରର ଅପର ବ୍ୟକ୍ତିମାନଙ୍କୁ ତାହା ନ ଧରିଲା ଏବଂ ଏକ ୨ ନଗରରେ ଦଶ ପନ୍ଦର ଜଣ ପୀଡ଼ିତ ନ ହେଲେ ତେବେ ମଡ଼କ ହୋଇଅଛି ବୋଲି କିରୂପେ କୁହାଯିବ ? ଫଳତଃ ଯେଉଁମାନେ ମହାମାରୀରେ ମରି ପଡ଼ିବାର କଥିତ ହୁଅଇ ସେମାନଙ୍କ ମଧ୍ୟରୁ ଅନେକ ଲୋକ ଅନ୍ୟ ରୋଗରେ ମରିବାର ଅନେକ ଡାକ୍ତର ମଧ୍ୟ ସନ୍ଦେହ କରୁଅଛନ୍ତି । ମଡ଼କ ହେବାର ଲକ୍ଷଣ ଦେଖା ନ ଯିବା ସ୍ଥଳେ ମଡ଼କ ବନ୍ଦ ନାଶ କରିବାର ଅସ୍ଥାୟୀତ୍ୱ ହୋଇ-

Digitized by srujanika@gmail.com

Split by PDF Splitter



ଅଛୁ ଏମନ୍ତ ବୋଲିବା ମଧ୍ୟ ଅସଙ୍ଗତ ହେଉ ନାହିଁ । ମିଥ୍ୟା ରଟନା ହେତୁ ପୂର୍ବେ ଯେମନ୍ତ ଲୋକ ପଳାଉଥିଲେ ବର୍ତ୍ତମାନ୍ ସେପରି ନାହିଁ ବରଂ କେତେ ଲୋକ ପିଲା ପିଲୀଙ୍କୁ ମୋଫସଲରେ ଛାଡ଼ି ସହରକୁ ଫେରି ଆସିବାର ଆରମ୍ଭ ହୋଇଅଛି । ବଦମାସମାନେ ଦଙ୍ଗା-ହଙ୍ଗାମାରେ ପ୍ରବୃତ୍ତ ହେବାର ଦେଖି ପୁଲିସ ଆଦେଶ ଜାରି କରିଅଛନ୍ତି କି କେହି ଲୋକ ଉନଫୁଟ ଲମ୍ବ ଏବଂ ଏକଅଙ୍ଗୁଳ ମୋଟରୁ ଅଧିକ ମାପର ବାଡ଼ି ଯେବେ ହାତରେ ବାହାରିଲେ ପୁଲିସ ତାହାକୁ ଧରି ନେବେ । ଏଥିରେ ବଦମାସମାନଙ୍କର ଉପଦ୍ରବ ଊଣା ପଡ଼ିଅଛି ଏବଂ ରୋଗୀର ପରୀକ୍ଷା ଓ ତାହାକୁ ଡାକ୍ତରଖାନାକୁ ନେଯିବା ବିଷୟରେ ସୁନିୟମ ହେବାରୁ ଲୋକଙ୍କର ମନ କିଛି ଥୟ ଧରିଅଛି । ଟୀକା ଦେବାର ସ୍ୱତ ଓ ତହିଁର ଫଳ ଦେଖି ଲୋକଙ୍କର ଭୟ ଅନେକ ପରିମାଣରେ ନ୍ୟୁନ ପଡ଼ିବାର ଜଣା ଯାଏ । ଭରସା କରୁଅଛୁ ପୃଥକ୍ ନିବାସର ନିୟମଟା ଶୀଘ୍ର ରହିତ ହେବ ଏବଂ ତାହା ହେଲେ କଲିକତାରେ ଶାନ୍ତି ସ୍ଥାପିତ ହେବ ।

—।—

ପୁରୀରୁ ହିନ୍ଦୁ ପ୍ରଦାୟିନୀ ସଭାର ଦୁଇଖଣ୍ଡ କାର୍ଯ୍ୟ ବିବରଣ ପ୍ରାପ୍ତ ହୋଇଅଛୁଁ । ଏକଖଣ୍ଡରେ ଲେଖାଅଛି ତାହା ୧୭ ଶ ଅଧିବେଶନର ବିବରଣ ଏବଂ ତାହା ଶ୍ରୀ ଭଗବାନ ଚରଣ ମହାନ୍ତି ସମ୍ପାଦକ ସ୍ୱରୂପ ସ୍ୱାକ୍ଷର କରିଅଛନ୍ତି । ଅନ୍ୟ ଖଣ୍ଡ ୧୪ ଶ ଅଧିବେଶନର ଏବଂ ତହିଁରେ ପଣ୍ଡିତ ଶ୍ରୀ ଗଦାଧର ରଥ ସଭାପତି ଏବଂ ପଣ୍ଡିତ ଶ୍ରୀ ଜଗନ୍ନାଥ ରଥ ସମ୍ପାଦକ ସ୍ୱରୂପ ସ୍ୱାକ୍ଷର କରିଅଛନ୍ତି ଏବଂ ଅନ୍ୟାନ୍ୟ କେତେକ ସଭ୍ୟଙ୍କ ସ୍ୱାକ୍ଷର ଅଛି । ଉଭୟ ବିବରଣ ପାଠ କଲେ ଜଣାଯାଏ କି ସଭ୍ୟମାନଙ୍କ ମଧ୍ୟରେ ବିରୋଧ ଘଟିବାରୁ ସେମାନେ ଦୁଇ ଦଳ ହୋଇ ଏକ ନାମ ଓ ଏକ ସ୍ଥାନରେ ଦୁଇ ଗୋଟି ସଭା କରୁଅଛନ୍ତି । ଏକ ଦଳ ଅନ୍ୟଦଳସ୍ଥ କେତେକ ଲୋକଙ୍କ ଉପରେ କେତେ ପ୍ରକାର ଦୋଷାରୋପ କରୁଅଛନ୍ତି । ମାତ୍ର କେଉଁ ଦଳର ଉକ୍ତି କି ପରିମାଣ ସତ୍ୟ ସ୍ଥିର କରିବାର ଉପାୟ ନ ଥିବାରୁ ଆମ୍ଭମାନଙ୍କ ବିବେଚନାରେ କୌଣସି ବିବରଣ ପ୍ରକାଶ କରିବା ଉଚିତ ନୁହେଁ । ଆମ୍ଭମାନଙ୍କର ବକ୍ତବ୍ୟ ଏତିକି ଯେ ସୁଶିକ୍ଷା ପ୍ରଦାନ ନିମନ୍ତେ ସଭା ସ୍ଥାପନ କରି ଅଶିକ୍ଷିତ ଲୋକଙ୍କ [ପର ଅପର୍ଣ ମଧ୍ୟରେ ବିବାଦ ଲଗାଇବା ବଡ଼ ନିନ୍ଦନୀୟ । ସଭାର କୌଣସି ସଭ୍ୟ ବା କର୍ମଚାରୀ ନିରପେକ୍ଷ ବିଚାରରେ ଅଧିକାଂଶ ସଭ୍ୟଙ୍କ ମତେ ଅନ୍ୟାୟ କାର୍ଯ୍ୟ କଲେ ତାହାଙ୍କୁ ଦୋଷୀ କରି ଶାସ୍ତି ଦେବା ବା ପରିତ୍ୟାଗ କରିବା ଅବଶ୍ୟ କର୍ତ୍ତବ୍ୟ ଅଟେ । ମାତ୍ର ଦଳାଦଳରେ ତାହା ହେବ ନାହିଁ । ବରଂ ତହିଁରେ ଈର୍ଷା ପ୍ରବୃତ୍ତି ଅଧିକ ବୃଦ୍ଧି ହୋଇ ନାନା ଅନର୍ଥ ଜାତ କରିବ । ଅନେକ ପଣ୍ଡିତ ଯେଉଁ ସଭାର ସଭ୍ୟ ସେଠାରେ କେବଳ ନ୍ୟାୟ ସରଳତା ଏବଂ ସହିଷ୍ଣୁତା ଦେଖିବାକୁ ଆମ୍ଭେମାନେ ଆଶା କରୁଁ ।

—※—

ସମ୍ବଲପୁର ହିତୈଷିଣୀ ଏକ ତାଲିକା ପ୍ରକାଶ କରି ଦେଖାଇ ଅଛନ୍ତି କି ଗତ ବ ୩ ବର୍ଷରେ ବାମଣ୍ଡାର ମୃତ୍ୟୁସଂଖ୍ୟା ୫୨୦୩ ମଧ୍ୟରୁ ଏକା ଜ୍ୱର ରୋଗର ମୃତ୍ୟୁ ୨୯୬୭ ଅର୍ଥାତ୍ ଶତକଡ଼ା ୫୭ ସ୍ଥଳରେ ମୃତ୍ୟୁର କାରଣ ଏକା ଜ୍ୱର ଅଟେ । ଏକା ବାମଣ୍ଡା: ନାହିଁ କି ମଧ୍ୟପ୍ରଦେଶର ସକଳ ସ୍ଥାନର ଅବସ୍ଥା ଏହିପରି ଅଟେ । ସହଯୋଗୀ ସ୍ଥିର କରିଅଛନ୍ତି କି ସୁଚିକିତ୍ସାର ଅଭାବ ହେତୁ ଜ୍ୱରର ମାରାତ୍ମକତା ଏତେ ପ୍ରବଳ ଏବଂ ସେହି ଅଭାବ ମୋଚନାର୍ଥେ ଖଣ୍ଡିଏ ଗାର୍ହସ୍ଥ୍ୟ ଜ୍ୱର ଚିକିତ୍ସା ପୁସ୍ତକ ପ୍ରକାଶ କରିବାକୁ ଚେଷ୍ଟା କରୁଅଛନ୍ତି । ଏ ଚେଷ୍ଟା ଅବଶ୍ୟ ଉତ୍ତମ ସନ୍ଦେହ ନାହିଁ । ମାତ୍ର ଏତିକରେ ସନ୍ତୁଷ୍ଟ ହେବାର ନୁହେଁ । ଚିକିତ୍ସା ଠାରୁ ରୋଗ ନିବାରଣର ଉପାୟ ଶ୍ରେୟସ୍କର । ବାମଣ୍ଡା ଏବଂ ଅନ୍ୟାନ୍ୟ ସ୍ଥାନ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ବିଶେଷତଃ ଜ୍ୱର ରୋଗର ଆକର ବୋଲି ଏପ୍ରଦେଶର ଲୋକଙ୍କର ସାଧାରଣ ବିଶ୍ୱାସ ଏବଂ ଉପରଲିଖିତ ତାଲିକା ତହିଁର ପ୍ରମାଣ ଦେଉଅଛି । ସୌଭାଗ୍ୟ ବଶତଃ ବାମଣ୍ଡାର ବର୍ତ୍ତମାନ ମହାରାଜା ବିଦ୍ୟା ବୁଦ୍ଧି ଧନ ଏବଂ ସାଧାରଣ ହିତାକାଂକ୍ଷୀ ନିମନ୍ତେ ବିଖ୍ୟାତ ସେ ମନୋଯୋଗୀ ହେଲେ ବାମଣ୍ଡାର ସ୍ୱାସ୍ଥ୍ୟୋନ୍ନତି ଅବିଳମ୍ବେ ସାଧିତ ହେବ । ଜଙ୍ଗଲ ପରିଷ୍କାର ଲୂଦିର ବିସ୍ତାର ନାନାସ୍ଥାନ ଭେଦ କରି ପ୍ରଶସ୍ତ ସଡ଼କମାନ ନିର୍ମାଣ ବିଶୁଦ୍ଧ ଜଳ ଯୋଗାଇବା ନିମନ୍ତେ ବଡ଼ ବଡ଼ ଜଳାଶୟମାନ ପ୍ରସ୍ତୁତ ପ୍ରୟୋଜନ ସ୍ଥାନମାନଙ୍କରେ ବୃକ୍ଷାରୋପଣ ଇତ୍ୟାଦି ସ୍ୱାସ୍ଥ୍ୟୋନ୍ନତିର ପ୍ରଧାନ ସହାୟ । ଆମ୍ଭେମାନେ ଜାଣୁ ଯେ ଜାଠ ଇତ୍ୟାଦି ବ୍ୟବସାୟୀର ସୁବିଧା ଏବଂ ପ୍ରଜାଙ୍କ ଉପକାରାର୍ଥେ ମହାରାଜା କେତେକ ପରିମାଣରେ ସେ ସବୁ କାର୍ଯ୍ୟ କରୁଅଛନ୍ତି । ମାତ୍ର ଅଧିକ ପରିମାଣରେ ଏ ସବୁ କାର୍ଯ୍ୟରେ ମନୋଯୋଗୀ ହୋଇ ସ୍ୱରାଜ୍ୟର ସ୍ୱାସ୍ଥ୍ୟସାଧନ ଦ୍ୱାରା ଅନ୍ୟାନ୍ୟ ଗଡ଼ଜାତର ଅନୁକରଣର ସ୍ଥଳ ହେଉନ୍ତୁ ଏହାହିଁ ଆମ୍ଭମାନଙ୍କର କାମନା ।

## ମହରମ ।

ମୁସଲମାନମାନଙ୍କର ଏହି ପ୍ରଧାନ ପର୍ବ ଗତ ଶନିବାର ଆରମ୍ଭ ହୋଇ ବୁଧବାର ଦିନ ଶେଷ ହେଲା । ଏ ନଗରରେ କେବଳ ରବିବାର ରାତ୍ର ଘ ୧୦ ଟା ସମୟରେ ପବନ ସହିତ ଏକ ଅଳ୍ପ ବୃଷ୍ଟି ହେବାରୁ ପ୍ରାୟ ଦୁଇଘଣ୍ଟା କାଳ ଆଖଡ଼ାବାଲାଙ୍କର କିଛି ଅସୁବିଧା ହୋଇଥିଲା ନହେବା ଆଉ ସମସ୍ତ ସମୟରେ ସୁଯୋଗ ହୋଇଥିଲା ଏବଂ ଯେଉଁ ଦିନର ଯେଉଁ କାର୍ଯ୍ୟ ତାହା ବିଧିମତେ ନିର୍ବାହ ହୋଇଥିଲା । ଅନ୍ୟାନ୍ୟ ବର୍ଷପରି ଏ ବର୍ଷ ପର୍ବ ରକ୍ଷା ହେଲା ସତ୍ୟ ମାତ୍ର ବହୁ କଷ୍ଟ ଓ ଜଗିନଜରେ ହେଲା । ଏଥିର କାରଣ ଏକମାତ୍ର ମହାମାରୀ ସଂକ୍ରାନ୍ତ ମିଥ୍ୟା ଜନରବ ଏବଂ ହିନ୍ଦୁଙ୍କର ବିବାହ ତିଥି ପଡ଼ିବା । ବିବାହର ରୋଷନାଇ ପ୍ରସ୍ତୁତ କରିବା ସକାଶେ ଏ ନଗରର ଅନେକ କାରିଗର ମୋଫସଲକୁ ବାହାର ଯିବାରୁ କାରିଗର ଏବଂ ବାଜାଦାରର ଅଭାବ ଘଟିଥିଲା ଏବଂ ମହାମାରୀ ଭୟରେ ଅନେକ ଲୋକ ସହର ଛାଡ଼ି ପଳାଇ ଯାଇ ଥିବାରୁ ବେହେରା କୁଲି ଇତ୍ୟାଦିର ଏମନ୍ତ ଅଭାବ ଘଟିଥିଲା ଯେ ତାଜିଆ କାନ୍ଧେଇବା ଏବଂ ଆଲୋକ ଧରିବାର ଲୋକ ମିଳିଲା ନାହିଁ । ସୁତରାଂ ତାଜିଆମାନଙ୍କର ସଂଖ୍ୟା ଆକାର ବାଣ୍ଡଲ ବାହାରିବାର ଆଡ଼ମ୍ବର ସମସ୍ତ ଊଣା ହୋଇଥିଲା । ଏକେ ମୋଫସଲରୁ କେତେ ଦିନ ହେଲା ଭୟରେ ଲୋକ ଆସୁ ନାହାନ୍ତି । ତହିଁ ଉପରେ ମିଥ୍ୟା ଜନରବ ଉଠିଲା ଯେ କତଲ ରାତିରେ ମହା ଦଙ୍ଗା ହେବ ଏବଂ ଗୋରା ସିପାହୀମାନେ ଆସି ବଳପୂର୍ବକ ଲୋକଙ୍କୁ ଧରି ଟୀକା ଦେବେ ଏବଂ ଧରି ନେଇ ମାରି ପକାଇବେ । ସୁତରାଂ ମୋଫସଲର ଲୋକ ଆଦୌ ଯାତ୍ରା ଦେଖିବାକୁ ଆସିଲେ ନାହିଁ ଏବଂ କତଲ ଓ ଅଲବିଦା ଦିନମାନଙ୍କରେ ଆଦୌ ଜନତା ଦେଖା ଗଲା ନାହିଁ । ପ୍ରତ୍ୟେକ ଆଖଡ଼ା ଦଳରେ ଅନ୍ୟାନ୍ୟ ବର୍ଷର ପ୍ରାୟ ଅଧେ ଲୋକ ନ ଥିଲେ ଏବଂ କୌଣସିଠାରେ ଯମକ ଦେଖା ଗଲା ନାହିଁ । ସୁଅଙ୍ଗର ସଂଖ୍ୟା ମଧ୍ୟ ଅନେକ ଊଣା ଥିଲା ।

Digitized by srujanika@gmail.com

Split by PDF Splitter



ପ୍ରଥମ ଦୁଇଦିନର କାର୍ଯ୍ୟ ସାମାନ୍ୟରେ ସମ୍ବାଦ ହେଲା ଉତ୍ତାରୁ କଥିତ ଦିନ ରାତ୍ର ଘ ୯ ଘଣ୍ଟା ସମୟରେ ପଲ୍ଟନବାଲାଙ୍କ ଆମନ୍ତ୍ରଣମତେ ନଗରବାସୀ ଇଉରୋପୀୟ ଏ ଦେଶୀୟ ଭଦ୍ରଲୋକମାନେ ସେମାନଙ୍କ ତାଜିଆ ମଣ୍ଡପରେ ସମବେତ ହୋଇ ଦୁଇଘଣ୍ଟା କାଳ ବଡ଼ ଆନନ୍ଦ ଲାଭ କରିଥିଲେ । ଆମନ୍ତ୍ରିତ ବ୍ୟକ୍ତିମାନେ ସୁସଜ୍ଜିତ ମଣ୍ଡପରେ ବସି ତାଜିଆ ଏବଂ ସୁଅଙ୍ଗମାନ ଦେଖିବାରେ କେତେକ୍ଷଣ ଅତିବାହିତ କଲେ ଏବଂ ଫୁଲ ପାନ ସୁଗନ୍ଧ ଇତ୍ୟାଦି ସେମାନଙ୍କର ଚର୍ଚ୍ଚା ହେଲା । ତହିଁ ଉତ୍ତାରୁ ମଣ୍ଡପରୁ ପଦାକୁ ଆସି ବାଜିଗରମାନଙ୍କର ଖେଳ ଓ ଆତସବାଜି ଦେଖିଲେ ଏବଂ ସେଠାରେ ଇଉରୋପୀୟ ଏବଂ ଦେଶୀୟ ହିନ୍ଦୁ ଓ ମୁସଲମାନମାନଙ୍କ ଅଭ୍ୟର୍ଥନା ନିମନ୍ତେ ପୃଥକ୍ ୨ ଟେବୁଲରେ ଶାନ୍ତିକର ପାନୀୟଦ୍ରବ୍ୟ ପିଠା ଇତ୍ୟାଦି ପ୍ରସ୍ତୁତ ରଖା ଯାଇଥିଲା ଏବଂ ଆମନ୍ତ୍ରଣକାରିମାନେ ସେ ସମସ୍ତର ସୁବ୍ୟବହାର କରିବା କାରଣ ସମସ୍ତଙ୍କୁ ଶୋଭ ଅହ୍ୱାନ କରିଥିଲେ । ଏହି ବ୍ୟାପାରର ସକଳ ବନ୍ଦୋବସ୍ତ ଉତ୍ତମ ଥିଲା । କେବଳ ଆତସବାଜିଟା ଏ ନଗରର ଉପଯୁକ୍ତ ହୋଇ ନ ଥିଲା ।

ଚତୁର୍ଥଦିନ ଶେଷ ରାତ୍ରରେ ତାଜିଆମାନ କୃନ୍ଦନଗଡ଼ୀକରେ ଯଥା ସ୍ଥାନରେ ଉପସ୍ଥିତ ହୋଇଥିଲେ । ମାତ୍ର ତାର ଖବରର ତାର ଅନ୍ୟାନ୍ୟ ବର୍ଷପରି ଯଥା ସମୟରେ ପିନ୍ଧା ଯାଇ ନ ଥିବାରୁ ପ୍ରାୟ ଦୁଇଘଣ୍ଟା କାଳ ସେଠାରେ ତାଜିଆମାନ ଅଟକି ରହିଲେ । ସୁତରାଂ କଦମରସୁଲରେ ପହଞ୍ଚିବା ବେଳକୁ ସକାଳ ଘ ୮ ଘଣ୍ଟା ବାଜି ଯାଇଥିଲା । ଜନତା ନ ଥିବାରୁ ଶୀଘ୍ର ତାଜିଆମାନ ଫେରି ଗଲେ । ଅଲବିଦା ସକାଶେ ସନ୍ଧ୍ୟା ଉତ୍ତାରୁ ତାଜିଆମାନ ବକସିବଜାରରେ ଏକତ୍ରିତ ହୋଇ ପ୍ରାୟ ଘ ୧୧ ଘଣ୍ଟା ସମୟରେ କାର୍ଯ୍ୟ ଶେଷ କରି ଫେରି ଗଲେ ।

ଗତବର୍ଷ ମୋଟ ୧୪ଟା ତାଜିଆ ହୋଇଥିଲା । ମାତ୍ର ଏ ବର୍ଷ ମୋଟ ୧୧ ଟାରୁ ଅଧିକ ନୁହେ ଏବଂ ସମସ୍ତଙ୍କର ଆକାର କ୍ଷୁଦ୍ର ଥିଲା । ପଲ୍ଟନର ଓ ସୁଭାହାଟର ତାଜିଆ ଶିଳ୍ପକାର୍ଯ୍ୟରେ ସମ ଶ୍ରେଣୀର ଏବଂ ତହିଁ ମଧ୍ୟରେ ପଲ୍ଟନ ତାଜିଆ ବଡ଼ ହେଲେହେଁ ସୁଭାହାଟର ତାଜିଆ ବଡ଼ ସୁନ୍ଦର ହୋଇଥିଲା ଏମନ୍ତ କି ଏ ବର୍ଷର ସମସ୍ତ ତାଜିଆ ମଧ୍ୟରେ ସୁଭାହାଟ ପ୍ରଥମସ୍ଥାନ ଅଧିକାର କରିବେ ବୋଲା ଯିବ । ଚାଉଳଜାର ଏବଂ ବାଙ୍କାବଜାରର ତାଜିଆମାନ ସମ ଶ୍ରେଣୀର ଜଡ଼ାଉକାର୍ଯ୍ୟ ନିର୍ମିତ ହୋଇଥିଲେହେଁ ବାଙ୍କାବଜାରର ତାଜିଆ ନିତାନ୍ତ କ୍ଷୁଦ୍ର ଥିଲା । ସୁତରାଂ ଚାଉଳଜାରର ତାଜିଆ ଦର୍ଶକ ବୃନ୍ଦର ମନୋଯୋଗ ଅଧିକ ଆକର୍ଷଣ କରିଥିଲା । ଅନ୍ୟାନ୍ୟ ତାଜିଆ ସମ୍ବନ୍ଧରେ ବିଶେଷ କିଛି କହିବାର ପ୍ରୟୋଜନ ନାହିଁ । ଜନତା ନିତାନ୍ତ ଊଣା ହେବାରୁ ପୁଲିସକୁ ଶାନ୍ତିରକ୍ଷା ନିମନ୍ତେ ଅଧିକ କଷ୍ଟ ପାଇବାକୁ ହୋଇ ନାହିଁ ଓ ଯାତ୍ରା ନିର୍ବିଘ୍ନରେ ସମାପ୍ତ ହୋଇଥିଲା ।

---

## ସାଧୁ ଧର୍ମପାଲ ।

ସାଧୁ ଧର୍ମପାଲ ଆମ୍ଭମାନଙ୍କର ପାଠକଙ୍କ ପାଖରେ ଅପରିଚିତ ନୁହନ୍ତି । ଆମେରିକାର ସିକାଗୋ ମହା ପ୍ରଦର୍ଶନୀର ଧର୍ମ ସଭାକୁ ଏ ମହାଶୟ ବୌଦ୍ଧ ଧର୍ମର ପ୍ରତିନିଧି ସ୍ୱରୂପ ମହାବୋଧି ସମାଜରୁ ପ୍ରେରିତ ହୋଇଥିଲେ । ଏବଂ ସେଠାରେ ତାହାଙ୍କର ଗୌରବ ହୋଇଥିଲା । ସେଠାରୁ ଫେରି ଆସି କିଛିକାଳ ଗୟାରେ ରହି ବୁଦ୍ଧ ଗୟାର ମନ୍ଦିର ହିନ୍ଦୁ ମହନ୍ତଙ୍କ ହାତରୁ ପୁନରୁଦ୍ଧାର କରିବା ବିଷୟରେ ଅନେକ ମାମଲା ମୋକଦମା କରିଥିଲେ ଏବଂ ସେହି ଉପଲକ୍ଷରେ କଲିକତାରେ ଅନେକ କାଳ ଥିଲେ । ସେ ଆସିୟା ଇଉରୋପ ଏବଂ ଆମେରିକାର ପ୍ରାୟ ସକଳ ସ୍ଥାନ ଭ୍ରମଣ କରିଅଛନ୍ତି ଏବଂ ନାନାସ୍ଥାନ ଭ୍ରମଣ କରି ସ୍ୱଧର୍ମର ଉପଦେଶ ଦେବା ତାହାଙ୍କର କାର୍ଯ୍ୟ ଅଟେ । ତାହାଙ୍କ ନିବାସ ସିଂହଳ ଦ୍ୱୀପରେ । ସେ ନିକଟରେ କଲିକତାରେ ଥିଲେ । ସେଠାରୁ ମହାମାରୀ କଥିତ କଠୋରତା ହେତୁ ପରବାହାରେ ସମୁଦ୍ର ପଥରେ ସ୍ୱଦେଶକୁ ଯିବାର ସୁବିଧା ନ ଦେଖି ଜଳପଥରେ ଏ ନଗରରେ ଗତ ସପ୍ତାହରେ ଉପସ୍ଥିତ ହେଲେ ଏବଂ ତାହାଙ୍କର ଦର୍ଶନ ଲାଭ କରି ଏ ନଗରବାସୀମାନେ କୃତାର୍ଥ ହେଲେ । ଏହି ସୁଯୋଗରେ ଗତ ପୂର୍ବ ଶୁକ୍ରବାର ସନ୍ଧ୍ୟା ସମୟରେ ପ୍ରିଣ୍ଟିଂ କମ୍ପାନିଙ୍କ କୋଠାରେ ସେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ ଏବଂ ତାହା ଶୁଣିବା ପାଇଁ ଅନେକ ଦେଶୀୟ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ବାବୁ ମଧୁସୂଦନ ଦାସ ସଭାପତିର ଆସନରେ ବସିତ ହୋଇ ବକ୍ତା ଧର୍ମପାଳ ମହାଶୟଙ୍କର ସଂକ୍ଷେପ ପରିଚୟ ପ୍ରଦାନାନନ୍ତର ଅନୁରୋଧ କରନ୍ତେ ବକ୍ତା ମହାଶୟ ସଭାସ୍ଥମାନ ହୋଇ ଇଂରାଜୀ ଭାଷାରେ ନାନା ଦେଶ ପରିବର୍ତ୍ତନ କରି ସେ ଯେଉଁ ବକ୍ତୃତା ଲାଭ କରିଅଛନ୍ତି ସେ ବିଷୟରେ ଘର୍ଣ୍ଣକାଳ ଅର୍ଥାତ୍ ଏକ ଘଣ୍ଟାର ଉପର ସୁନ୍ଦର ସଦୁପଦେଶ-ପୂର୍ଣ୍ଣ ବକ୍ତୃତା କରିବାହାରା ସଭାସ୍ଥ ଲୋକଙ୍କୁ ମୋହିତ କଲେ ଏବଂ ତାହାଙ୍କ କଥାରୁ ତାହାଙ୍କର ତେଜ ଅନୁରାଗ ଉଦ୍ୟମ ଏବଂ ସରଳତାର ବିଲକ୍ଷଣ ପରିଚୟ ପାଆ ଗଲା । ସେ ପ୍ରଥମେ ସ୍ୱଦେଶ ସିଂହଳ ଦ୍ୱୀପର ପରିଚୟ ଦେଇ କହିଲେ କି ଏହି ଦ୍ୱୀପ ଯେ ରାମାୟଣର ବର୍ଣ୍ଣିତ ଲଙ୍କା ଅଟେ ତାହା ଅପ୍ରମାଣିତ ନୁହେ । ସେକାଳର ଅଧିବାସୀମାନଙ୍କର ସେ ସମୃଦ୍ଧି ନାହିଁ । ଇଦାନୀ ସେମାନଙ୍କର ବଂଶଧରମାନେ ନିବିଡ଼ ଅରଣ୍ୟରେ ବନ୍ୟପଶୁପ୍ରାୟ ବାସ କରୁଅଛନ୍ତି । ସିଂହଳ ବର୍ତ୍ତମାନ ସଭ୍ୟ ଅଞ୍ଚଳରେ ପ୍ରଥମେ ବଙ୍ଗାଳିମାନେ ଓ ତତ୍ପର ଦକ୍ଷିଣୀ ବା ମାନ୍ଦ୍ରାଜମାନେ ଉପନିବେଶ ସ୍ଥାପନ କଲେ । ବୁଦ୍ଧଙ୍କର ପବିତ୍ର ଦନ୍ତ ଓଡ଼ିଶାର ପୁରୀରେ ସ୍ଥାପିତ ହୋଇଥିଲା ଏବଂ ସେଠାରୁ ସିଂହଳକୁ ନୀତ ହେଲା । ସେ ସମୟରେ ପୁରୀ ଓ ସିଂହଳ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିଲା । ତହିଁ ଉତ୍ତାରୁ ସିଂହଳର ପ୍ରସିଦ୍ଧ ଆର୍ଯ୍ୟମାନଙ୍କର ଅନେକ ପ୍ରଶଂସା କରି କହିଲେ କି ନିସ୍ୱାର୍ଥ ଭାବରେ ଧର୍ମ ଓ ସଭ୍ୟତା ପ୍ରସାର ସେମାନଙ୍କ ଜୀବନର ପ୍ରଧାନ ଲକ୍ଷ ଥିଲା ଏବଂ ସେମାନଙ୍କ ମଧ୍ୟରେ ଏମନ୍ତ ସାହସୀ ଉଦ୍ୟମୀ ଜନହିତୈଷୀ ଲୋକମାନେ ଥିଲେ ଯେ ସେମାନେ କୌଣସି ବାଧା ବିଘ୍ନ ନ ମାନି ବ୍ରହ୍ମ, ଶ୍ୟାମ ଚୀନ ଜାପାନ ପ୍ରଭୃତି ଦୂରବର୍ତ୍ତୀ ସ୍ଥାନମାନଙ୍କରେ ଧର୍ମବୃକ୍ଷ ସଭ୍ୟତା ପ୍ରଚାର କରି ଅକ୍ଷୟ କୀର୍ତ୍ତିମାନ ରଖି ଯାଇଅଛନ୍ତି । ଉଦାହରଣ ସ୍ୱରୂପ କହିଲେ ଯେ ଶ୍ୟାମ ଦେଶର ରାଜଧାନୀରେ ଗୋଟିଏ ନଗର ଅଦ୍ୟ ବର୍ତ୍ତମାନ ଅଛି କି ଯହିଁରେ ସମ୍ପୂର୍ଣ୍ଣ ରାମାୟଣ ପ୍ରସ୍ତରରେ ଖୋଦିତ ହୋଇ ଲେଖା ହୋଇଅଛି । ଏଥିରେ ଅନ୍ୟୁନ ଦୁଇ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ଏପରି ମହାନନ୍ଦହାରା ଭାରତ ଭୂଷିତ ହୋଇ ଥିବାରୁ ଏହି ଦେଶ ପ୍ରତି ତାହାଙ୍କର ବିଶେଷ ପ୍ରେମ । ଇଦାନି ଭାରତର ସେ ଗୌରବ ନାହିଁ । ଇଉରୋପ, ଆମେରିକା ଓ ଜାପାନକୁ ସେ ଗୌରବ ଚାଲି ଯାଇଅଛି ଏବଂ ସେସବୁ ଆମ୍ଭମାନଙ୍କର ଶିକ୍ଷାର ସ୍ଥଳ ଅଟେ । ଆମେରିକାର ସଭ୍ୟତା ସମ୍ବନ୍ଧରେ କହିଲେ କି ଜଣେ ଧନାଢ୍ୟ ଗୃହସ୍ଥ ଘରକୁ ଯାଇ ଦେଖିଲେ ସେ ତାହାଙ୍କର ପୁତ୍ର କନ୍ୟା ଏବଂ ଦାସ ଦାସୀଙ୍କର ରହିବା

Digitized by srujanika@gmail.com

ସ୍ଥଳେ କଛୁ ମାତ୍ର ପ୍ରଭେଦ ନାହିଁ । ବାସ୍ତ ବ୍ୟାକ୍ତିଙ୍କ କୋଠରିରେ ମଧ୍ୟ ପଢିବାର ପୁସ୍ତକ ଏବଂ ସମ୍ବାଦ ପତ୍ରମାନ ରହିଅଛି । ସେମାନେ କାର୍ଯ୍ୟ ଶେଷ ପରେ ଆପଣା କୋଠରିରେ ସ୍ୱାଧୀନ ଲୋକ ପରି ବିଶ୍ରାମ ଓ ପାଠ କରନ୍ତି । ମାଲିକ-ଙ୍କର ମାତାମାନେ ବାଲ୍ୟକାଳର ପୁତ୍ରଙ୍କ ମନରେ ଏମନ୍ତ ଭାବ ମୁଦ୍ରିତ କରନ୍ତି ଯେ ସେମାନେ ଯୋଗ୍ୟତା ଓ ସ୍ୱାଧୀନ ବ୍ୟବସାୟ ବଳରେ ସାମାନ୍ୟ ଅବସ୍ଥାରୁ ସର୍ବୋଚ୍ଚ ସ୍ଥାନ ଅଧିକାର କରି ପାରନ୍ତି । ପରିଶେଷରେ ସେ କହିଲେ କି ଭାରତବାସୀମାନେ ଆପଣା ପୂର୍ବପୁରୁଷଙ୍କ ଗୌରବ ବହୁଳ ହୋଇ ବର୍ତ୍ତମାନ ଆଳସ୍ୟରେ ମଗ୍ନ ରହିଅଛନ୍ତି । ସ୍ୱାଧୀନ ବ୍ୟବସାୟ ଅବଲମ୍ବନ କରି ପେଟ ପାଇଁ ଏହା ତାହା ଲୋକଙ୍କରେ କର ଯୋଡ଼ ଛିଡ଼ା ହେଉଅଛନ୍ତି । ଏପରି ଭାବରେ ରହିଲେ ଭଲ ହେବ ନାହିଁ । ଉନ୍ନତି ଲାଭର ଚେଷ୍ଟା କର ଶରୀର ମନ ଏବଂ ବୁଦ୍ଧିର ପରିଷ୍କାର ଲାଭ କରିବାକୁ ଚେଷ୍ଟା କର । ଯେ ସକଳ ଅନ୍ୟାୟ ବ୍ୟବହାର ଉନ୍ନତିର ପ୍ରତିକୂଳ ତାହା ପରିବର୍ତ୍ତନ କରିବାକୁ ଚେଷ୍ଟା କର ତାହା ହେଲେ ତୁମ୍ଭେମାନେ ଉନ୍ନତି ମାର୍ଗରେ ଅଗ୍ରସର ହେବ । ପରିବର୍ତ୍ତନ ଅନିବାର୍ଯ୍ୟ । ତୁମ୍ଭେ ଯେତେ ଚେଷ୍ଟା କଲେହେଁ କାଳ ପରିବର୍ତ୍ତନ ଘଟାଉ ଅଛି ଏବଂ ଘଟାଉଥିବ । ଏକ ଗତି ଚିରକାଳ ରହିବ ନାହିଁ ତେବେ ଯେଉଁ ପରିବର୍ତ୍ତନରେ ଉନ୍ନତି ହେବ ତାହାର ଅନୁଷ୍ଠାନ ନ କଲେ କାପୁରୁଷ ଭଳି ପରିବର୍ତ୍ତନ ସ୍ରୋତରେ କାହିଁକି ଭାସିଯାଉଅଛ । ଏହିପ୍ରକାର ସଦୁପଦେଶ ଦେଇ ବକ୍ତୃତା ଶେଷ କଲେ ଏବଂ ତହିଁ ଉତ୍ତାରୁ ସଭାପତି ମହାଶୟ ବକ୍ତାଙ୍କୁ ସଭା ପକ୍ଷରୁ ଧନ୍ୟବାଦ ଦେଇ ତାହାଙ୍କର କେତେକ ସଦୁପଦେଶର ଉଲ୍ଲେଖ କରି ତାହା ଅବଲମ୍ବନ କରିବା କାରଣ ସମସ୍ତଙ୍କୁ ଅନୁରୋଧ କଲେ । ସବାଶେଷରେ ଧର୍ମପାଳ ମହାଶୟ ମାରକିନ ଦେଶରୁ ଆଣିଥିବା ଗୋଟିଏ ଅଭିନବ ଯନ୍ତ୍ର ଦେଖାଇଲେ । ସେ ଯନ୍ତ୍ରର କଳ ମୋଡ଼ିଲେ ମନୁଷ୍ୟ ଗାଇଲା ପରି ସ୍ପଷ୍ଟ ଗୀତ ଶୁଣାଯାଏ ଏବଂ ଗୀତର କଥାମାନ ସ୍ପଷ୍ଟ ବୁଝା-ଯାଏ । ଧର୍ମପାଳ ମହାଶୟ ତହିଁ ଅନନ୍ତର ପ୍ରସ୍ଥାନ ଯାତ୍ରା କଲେ ଏବଂ ସେଠାରୁ ରେଲବାଟେ ସ୍ୱଦେଶାଭିମୁଖେ ଗମନ କରିବେ ।

# ସାପ୍ତାହିକ ସମ୍ବାଦ ।

## କଲିକତା—ଗେଜେଟ ।

ପୁରୀଜିଲ୍ଲାର ମୁନସଫ ବାବୁ କମୋଦିନୀଲାଲ ସେନ ସ୍ଥାନା-ପନ୍ନ ଅଛନ୍ତି ୪୮ ଧାରା ୧୫୩ ଧ (ଚ) ପ୍ରକରଣର କ୍ଷମତା ପାଇଅଛନ୍ତି ।

ଶାଳିପୁର ଡାକ୍ତରଖାନାର ଅଫିସିଏଟିଂ ସିଃ ଅଃ ଅଫିସ୍ଟେଣ୍ଟ ବାବୁ ଆଶୁତୋଷ ଘୋଷ ଇଂରାଜୀ ଭାଷାର ପରୀକ୍ଷାରେ ପାଶ କରିଅଛନ୍ତି ।

ନିମ୍ନଲିଖିତ ସିଃ ଅଃ ଇଞ୍ଜିନିୟରମାନେ ବଙ୍ଗଳାଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମ ଶ୍ରେଣୀକୁ ଉଠିଅଛନ୍ତି ।

ବାବୁ ନବୀନଚନ୍ଦ୍ର ଚନ୍ଦ୍ର, ପୁରୀ ଜେଲ ଡ଼ିଭିଜନ ।

„ ଶୈବିଚନ୍ଦ୍ର ସେନ ଗୁପ୍ତ, ଅନୁଗୁଳ ଡ଼ିଭିଜନ ।

„ କୈଳାଶଚନ୍ଦ୍ର ଦାସ, ବାଲେଶ୍ୱର ଜେଲ ଏବଂ ପୁଲିସ ଡ଼ିଭିଜନ ।

„ କେହାରି ବଣାକ, ପୁରୀ ଖାଣପୁର ଡ଼ିଭିଜନ ।

ମିର ବସାରତ ଅଲି, ମହାନଦୀ ଡ୍ରେନେଜ୍ ୱାର୍କ ।

ଉତ୍କଳ ସ୍କୋଲବୋର୍ଡ଼ର ଭେଷ୍ଟାରମେନ ବାବୁ ରାଜକିଶୋର ଦାସ ଉକ୍ତ ପଦରୁ ଛୁଟି ସହ ଡ଼େପୁଟି କଲେକ୍ଟର ଅଫିସର ବାବୁ ଜୟମୋହନ ଚାଟାର୍ଜି ଉକ୍ତ କର୍ମରେ ନିଯୁକ୍ତ ହେଲେ ।

ଗତ ରବିବାର ପ୍ରାତରେ ଏଠାରେ ଅଳ୍ପ ବର୍ଷା ହୋଇ ଥିଲା । ଗ୍ରାମ୍ୟ ପ୍ରଚଳନ ଯେମନ୍ତ ବାହାରିଥିଲେହେଁ ଅଧିକ ବୃଷ୍ଟି ହୋଇ ନାହିଁ । କେବେଳେ କେବେଳେ ଅତ୍ୟନ୍ତ ଗ୍ରୀଷ୍ମ ହେଉ ଥିଲେହେଁ ପବନ ଓ ମେଘୁଆ ହେତୁ ବଡ଼ ବାଧୁ ନାହିଁ ।

ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ଉପର୍ଯ୍ୟପରି ଦୋକାନରେ ଦସ୍ତୁର ଅମ୍ବ ଖଣ୍ଡ ପଡ଼ିବାରୁ ଗାଉସ୍ଥି ଅମ୍ବ ଭଣା ଉଠିଅଛି ଏବଂ ଦର ଡ଼ାକୁଅଛି ।

ଶ୍ରୀଯୁକ୍ତ ଜଜ ସାହେବ ବାଲେଶ୍ୱରକୁ ଫୌଜଦାରୀକୁ ଯାଇଅଛନ୍ତି । ଅନୁମାନ ଏକସପ୍ତାହ ଭିତରୁ ଫେରି ଆସିବେ ।

ବର୍ଷାକାଳ ଆଗତପ୍ରାୟ ହେବାରୁ ରେଲ ଏଠାର ପୁଲବନ୍ଧ କାର୍ଯ୍ୟମାନ ଏବର୍ଷ୍ୟାହରୁ ସ୍ଥଗିତ ହେବାର ବନ୍ଦୋବସ୍ତ ଲାଗିଅଛି । କାଠଯୋଡ଼ି ଓ କୁଆଖିଆର ପୁଲ କାର୍ଯ୍ୟ ଅନେକ ଦୂର ଅଗ୍ରସର ହୋଇଅଛି ।

ଦକ୍ଷିଣ ପ୍ରକୃତର କୋପରେ ମୃତ୍ତିକଣି ୬୮୦ ଫିଟ ପର୍ଯ୍ୟନ୍ତ ଖୋଳା ହୋଇ ତହିଁରେ ବର୍ତ୍ତମାନ କାର୍ଯ୍ୟ ହେଉଅଛି, ଏତେ ଗଭୀରରେ କାର୍ଯ୍ୟ କରିବା ସହଜ ନୁହେ ମାତ୍ର ଅର୍ଥ ଥିଲେ ସବୁ କର୍ମ କରାଯାଏ ।

ଭରତ ପଣା ଆପଣା ବକ୍ଷରେ ଏକଘଣ୍ଟାକୁ ଉପର ପୁସ୍ତକ ଫାଉସାଦ ଛପା କରିବା ଇଂରାଜୀମାନ ଆରମ୍ଭ କରି ଅଛନ୍ତି ।

ବମ୍ବେଇନଗରରେ ଦଳେ ହୁମ୍ବ ଲୋକ ମହାମାରି ଟୀକା ଘେଇଥିବାର କଥିତ ହୁଏ । ଏହାମାନ ରୋଗର ପ୍ରାଦୁର୍ଭାବ ସେଠାରେ ଦୃଷ୍ଟି ହୁଅନ୍ତେ ଜଳପୂର୍ଣ୍ଣ ଲୋକମାନଙ୍କୁ ଆପଣା ଘରମାନ ଛାଡ଼ିବାର ଆଦେଶ ହୋଇଥିଲା । ଏଥିରେ ଲୋକମାନଙ୍କର ବିଶେଷ କଷ୍ଟ ହୋଇଅଛି ଏବଂ ଅଳ୍ପକାଳନିମିତ୍ତ ଘର ପ୍ରସ୍ତୁତ କରିବାକାରଣ ଦ୍ରବ୍ୟାଦିର ମୂଲ୍ୟ ଓ ମଜୁରିର ମୂଲ ସାଧାରଣ୍ଟ ଅଧିକ ହୋଇଥିବାରୁ କଷ୍ଟ ବିଶେଷ ହୋଇଅଛି ।

ଅଫଗାନିସ୍ଥାନର ଗ୍ରେଟମାନେ ଫେରିସ କମ୍ପିକ ଟ୍ରେଜର ନେଇ ନ ପାରନ୍ତି ଏହେତୁ ଇଣ୍ଡିକୋଷ୍ଟାଲ ଏବଂ ଅଦ୍ଭୁମନସି ଦଳ ସିପାହୀମାନଙ୍କୁ ଠାକୁର କରି ଯାଇଥିଲା । ଗତମାସ ତା ୨୨ ଦିନ ଦଳ ସିପାହୀମାନଙ୍କ ଦଳ ୨ ହୋଇ ଟ୍ରେଜ ଘେରାଇବା ନିମିତ୍ତ ବାହାରିଥିବା ସମୟରେ ଗ୍ରେଟମାନେ ସିପାହୀଙ୍କ ଉପରେ ଯଦି ଅନେକ ଉତ୍ପାତ ସଙ୍ଗିନ ଓ କାଢ଼ିଥିବା ସେମାନେ ପଳାୟନ କଲେ । ଯେଉଁ ସିପାହୀମାନେ ଟ୍ରେଜ ଘେରାଇବାକୁ ବାହାରିଥିଲେ ସେମାନେ ଗ୍ରେଟଙ୍କୁ ଦେଖିଲେ ନାହିଁ । ଯାହାହେଉ ବନ୍ଧୁକ ଗ୍ରେଟଙ୍କ ନିଜ ଦଖଲରେ କଟକଣା ଥିବାହେତୁ ବନ୍ଧୁକ ସେ ଗ୍ରେଟ ହୋଇ ନାହିଁ ଏବଂ ସିପାହୀଙ୍କ ବାହାଦୁରୀ ।

ହେଲିଗୋଲାଣ୍ଡରେ ଗତମାସ ତା ୨୦ ଦିନ ପ୍ରାତଃ ୮।୧୫ ଘଟିକା ସମୟରେ ଜଣେ ପାଦ୍ରୀସାହେବ ଭୋଜନ କରୁଥିବା ସମୟରେ ଜ ୨ ଣ ସିପାହୀ ହଠାତ ତାଙ୍କ କୋଠରି ଭିତର ପଶି ଘରେ ପଶି ଗୋଟିଏ ଲୌହସିନ୍ଦୁକ ଫେରାଇ ନେଇ ଯାଇ ଥିବାର ସମ୍ବାଦ ମିଳିଲା । ଉକ୍ତ ସିନ୍ଦୁକ-ରେ ଅନେକ କାଗଜପତ୍ର ଏବଂ ନୋଟ ଓ ନଗଦ ହୋଇ ଦୁଇହଜାର ଟଙ୍କା ଥିଲା । ଏଥିଦ୍ୱାରା ସାହେବଙ୍କର ଯଥା ସର୍ବସ୍ୱ ନଷ୍ଟ ହୋଇଅଛି ଏବଂ ତହିଁରେ ଅନେକମୂଲ୍ୟ ଦାଖଲ ସମିତର ପାଣ୍ଡି ସଞ୍ଚିତ ଥିଲା ।

ମୃତ ମହାତ୍ମା ଗ୍ଲାଡଷ୍ଟୋନ ସାହେବଙ୍କ କବର ପ୍ରକାଶ୍ୟ ବିଧି ଅନୁସାରେ ନ ହୋଇ ସାମାନ୍ୟରୂପେ ହେବାର ସାହେବଙ୍କ ଇଚ୍ଛା ଥିବାରୁ ସେଠାରୁ କବର ଦେବାସମୟରେ କୌଣସି ଲୋକଙ୍କୁ ବିଧି ପ୍ରତିପାଳିତ ହୋଇ ନ ଥିଲା । ମାତ୍ର ଗଲା ଅଠେ ୨ ଉଭୟ ପାର୍ଲିଆମେଣ୍ଟ ମ୍ୱିଟର ମେମ୍ବରମାନେ ଓ ଦୁଇଜଣ ରାଜପରିବାରବର୍ଗଙ୍କ ଶବବାହୀ ହୋଇ ଥିବାରୁ ତହିଁ ଭଳି ସମ୍ମାନର ଆଡ଼ମ୍ବର ମନୋହର ବୋଲି କୋହିଯାଇ ନ ପାରେ ।

ଜାପାନମାନେ ଉଇହାଇୱାଇ ଛାଡ଼ିଲେ ଗତ ମାସ ତା ୨୩ ଦିନ ଜନ ଉକ୍ତ ସ୍ଥାନକୁ ଚୀନ ଆପଣା ଦଖଲରେ ନେଇ ପରେ ତହିଁ ଅନନ୍ତର ଇଂରାଜମାନେ ତାହାକୁ ଦଖଲ କଲେ ଚୀନମାନେ ଘଉର ହୋଇ ଯିବାର ଛିଡ଼ି ହୋଇ ଥିଲା । ବର୍ତ୍ତମାନ ଇଂରାଜମାନେ ଉଇହାଇୱାଇର ଅଧିକାର କରୁଥିବାର ଜଣାଯାଏ । ସେଠାରେ ନୌ ୩ ଇଂରାଜ ଯୁଦ୍ଧ-ଜାହାଜ ଉପସ୍ଥିତ କରୁଅଛି ।

Split by PDF Splitter



ଗତମାସ ତା ୨୪ ରୁଣ ଦିନ ହିଅଲବହୁଠାରୁ ଜଳପାଇ-ଗୁଡ଼ିକୁ ଯିବା ଗାଡ଼ିରେଲରେ ଜଣେ ସାହେବ ପ୍ରଥମ ଶ୍ରେଣୀରେ ଯାଉଥିବା କାଳୀନ ହିଥଲଦହ ଓ ଜମଦମାର ମଧ୍ୟବର୍ତ୍ତୀ ନାଠ ଯାଉଥିବା ସ୍ଥାନରେ ହଠାତ୍ ସାହେବଙ୍କୁ ରେଲଗାଡ଼ିରୁ ବାହାର ହୁରେ ନାଳଗର୍ତ୍ତରେ ପତିତ ହୋଇ ତତକ୍ଷଣାତ୍ ପଞ୍ଚତ୍ୱ ପ୍ରାପ୍ତ ହେଲେ । ଜାଣନ୍ତି ଶୁଣିଲ ଥିଲା ଏକ ସାହେବଙ୍କ ମସ୍ତକ ଚୂର୍ଣ୍ଣ ଓ ଗୋଡ଼ ଭଙ୍ଗି ଯାଇଥିଲା । ରେଲକର୍ମଚାରୀମାନେ ଏହା ଜାଣିପାରି ନ ଥିଲେ । ୨ ୨ ଶ ଚେଣୀପ୍ରେସେ ସାହେବଙ୍କୁ ପଡ଼ିଥିବାର ଦେଖି ପ୍ଲାଟଫରେ ସମ୍ବାଦ ଦିଅନ୍ତେ ଏହା ପ୍ରକାଶ ହେଲା, ସାହେବଙ୍କ ସମ୍ଭ୍ରାନ୍ତ ଥିବାର ଜଣାଯାଏ ମାତ୍ର କି କାରଣରୁ ଏମନ୍ତ ଦୁର୍ଘଟନା ଘଟିଲା ଅବଧି ପ୍ରକାଶ ପାଇ ନାହିଁ ।

ଫିରୋଜପୁରଠାରେ ଅନେକ ଶତବର୍ଷର ଗୋଟିଏ ପୁରାତନ ପକ୍କା କୂପ ଆବିଷ୍କୃତ ହୋଇଥିବାର ସମ୍ବାଦ ମିଳଇ । କିଅଛି ଏପର୍ଯ୍ୟନ୍ତ ଜଳ ପରିଷ୍କାର ଅଛି । ଏହା ଇଷ୍ଟକରେ ନିର୍ମିତ । ଇଷ୍ଟକଗୁଡ଼ିକ ଅର୍ଦ୍ଧ ଗୋଲାକାର ଏବଂ ଏମନ୍ତ କୌଶଳରେ ନିର୍ମିତ ହୋଇଅଛି ଯେ ଖୋଳିବା ମାତ୍ରକେ ଯୋଡ଼ି ହୋଇ ଗୋଟିଏ ଜନ ହୋଇଅଛି । ଏହାର ବ୍ୟାସ ଫି ୧୩ ଫୁଟ ଏବଂ ଗଭୀର ଫି ୨୦ ଫୁଟ ଅଟେ । ଏ କୂପ ଦେଖି ସମସ୍ତେ ପୂର୍ବକାଳର କାରିଗରର ପ୍ରଶଂସା କରୁଅଛନ୍ତି କାରଣ ଏମନ୍ତ ଘଟା ବର୍ତ୍ତମାନ ପ୍ରସ୍ତୁତ ହେବା ସୁକଠିନ ।

ପଞ୍ଜାବ ସିବିଲ ସର୍ଭିସର ସର୍ଦ୍ଦାର ସୁରତସିଂହଙ୍କ ନାମକ ଜନୈକ ଲାହୋର ଗହଣ ଦେଶୀୟ ମୋକଦ୍ଦମାର ବିଚାର ଆରମ୍ଭ ହୋଇଅଛି । ଅଧିମାନଙ୍କ ପକ୍ଷରୁ ସର ଲିଣ୍ଡସେ ଇଟୋନ ସାହେବ ବାରିଷ୍ଟର ଏବଂ ଅନେକ ଗୁଡ଼ିଏ ଦେଶୀୟ ଉକିଲ ନିଯୁକ୍ତ ହୋଇଅଛନ୍ତି । ଗୋଟିଏ ସମ୍ପତ୍ତି ଅଥବା ଭଳିମିନ କରିବା କାରଣ ପାଇଥିବାର କଣ୍ଟ୍ରାକ୍ଟର ଠାରୁ ୫୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ପ୍ରଥମ ଅଭିଯୋଗର ବିଷୟ ଅଟଇ ।

## ଯାଜପୁର-ସମ୍ବାଦ ।

ଏ ସବଡ଼ିଭିଜନର ଯେଉଁ ସମସ୍ତ ମଜୁରି ଶ୍ରେଣୀର ଲୋକ ମରାମତି ଟୀକା ଭୟରେ ଆପଣା ଗ୍ରାମରୁ ପଳାଇ ଥିଲେ ସେମାନେ ବର୍ତ୍ତମାନ ବସ୍ତିରେ ମଜୁରମାନେ ଦୈନିକ ୫୨ ବା ୫ ୨୮ ବା ନେଗାର୍ଟ ପ୍ରେଜଗାର କରିବା ଓ ଜଳଦୁର୍ଲଭ ତାହାଙ୍କୁ ଟୀକାଦିଆ ଯାଉ ନ ଥିବାର ସମ୍ବାଦ ପାଇ ଫେରିଯିବାକୁ ଆରମ୍ଭ କରିଅଛନ୍ତି ।

ଏଠାରେ ଏକ ଦେଶ ଡିସପେନ୍ସରି ପ୍ରସ୍ତୁତ ହେଉଅଛି ତାହାଛଡ଼ା ଏଠା ଜନ୍ତୁସେବକମାନେ ଆପଣା ମଧ୍ୟରେ ଚାନ୍ଦା କରି ସ୍ୱତନ୍ତ୍ର ଡିସପେନ୍ସରି ପ୍ରସ୍ତୁତ କରିବାର ଏଠା କମିଟିରୁ ସ୍ଥିର ହୋଇ ତାହା ମଞ୍ଜୁର ନିମନ୍ତେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କଠାରୁ ପତ୍ର ଯାଇଅଛି ।

ପ୍ଲେଗ ନିମନ୍ତେ ଏଠା ମିଉନିସିପାଲିଟିକୁ ମଧ୍ୟ ସୁରକ୍ଷା ସଙ୍ଗରେ ଶତକଡ଼ା କରିବାକୁ ପ୍ରତ୍ୟେକ ଘରର ଏକଜଣ କେବଳ ଲୋକ ରେଜିଷ୍ଟର ଅଫିସର ଓ ତ୍ରଣଜଣ ମେମ୍ବର ନିଯୁକ୍ତ ହୋଇଅଛନ୍ତି ।

ପୂର୍ବ ଖାଲଡମଧ୍ୟରେ ଏକବାହର ଶାନ ନଦୀ ନ ଥିବାରୁ ଲୋକ ତାହାର ସୁବିଧା ଅନୁସାରେ ଯଥାତଥା ଶବ ପୋଡ଼ିବା ସମୟ କରୁଥିଲେ ମ୍ୟୁନିସିପାଲ କମିଶନରଙ୍କର

ବାରମ୍ବାର ତାଗିଦ ଓ ବର୍ତ୍ତମାନ ପ୍ଲେଗର ଭୟରେ ମିଉନିସିପାଲିଟି ସମସ୍ତ ଟାଉନ ମଧ୍ୟରେ ହିନ୍ଦୁମାନଙ୍କର ଦୁଇ ଗୋଟି ଶବ ଦାହସ୍ଥାନ ଓ ମୁସଲମାନମାନଙ୍କର ତିନିଗୋଟି କବରସ୍ଥାନ ନିର୍ଦ୍ଦିଷ୍ଟ କରି ଦେଇ ପ୍ରତ୍ୟେକ ସ୍ଥାନ ନିମନ୍ତେ ଏକଏକ ଜଣ ରେଜିଷ୍ଟର ସାମାନ୍ୟ ବେତନରେ ନିଯୁକ୍ତ କରିଅଛନ୍ତି । ଗତ ଅପ୍ରେଲମାସଠାରୁ ଏହି ନିୟମ ଜାରି ହୋଇ ମୃତ୍ୟୁ ରେଜେଷ୍ଟ୍ରୀ ହେଉଅଛି ।

କଟକପୁର ମୌଜିର ଯମପଣ୍ଡା ପ୍ରଭୃତି ୬୦ ଣ ପ୍ରଜା, କାଶୀ ଷଷ୍ଠଣର ନାଲିସରେ ଜମିଦାରଙ୍କର ନାମ ନାଲି ବସ୍ତରରୁ କାଟି ଦେବାପାଇଁ ଦାଖଲ କରି ଫୌଜଦାରୀ ଦୁପର୍ଦ୍ଦ ହୋଇଥିବାର ଏଥିପୂର୍ବେ ପ୍ରକାଶ କରିଥିଲୁଁ ଗତ ମଇମାସ ତଳରେ କେବଳ ଯମପଣ୍ଡାର ମକଦ୍ଦମା ବିଚାର ହୋଇ ତାହାର ଛଅମାସ କାରାଦଣ୍ଡର ଆଦେଶ ହୋଇଅଛି ଅବଶିଷ୍ଟ ମୋକଦ୍ଦମାମାନ ଜୁନମାସ ତାଂଶ-ଷରେ ହେବ ।

ଏବର୍ଷ ଅପର୍ଯ୍ୟାପ୍ତ ଆମ୍ବ ଫଳ ହୋଇଥିବାରୁ ଅମ୍ବପଣ ୫ ୦ । ଓ ୫ ୦ । ୵ ଦରରେ ସୁଦ୍ଧା ଗାହାକ ମିଳିଲେ ନାହିଁ । କେତେକଦିନହେଲା ଉପର୍ଯ୍ୟୁପରି ବୋଷାକ ହେବାରୁ ଆମ୍ବକୁ ଝଡ଼ିଯାଇ ଶେଷପ୍ରାପ୍ତ ହୋଇ ଅଛିସବି ଗରିବମାନେ ଅଧ୍ୟ ଖାଇ ଅଲ୍ପଦାମ ପାଉ ନ ଥିଲେ କ୍ରମେ ସେ ଅଲ୍ପତା ବୃଦ୍ଧି ହେଉଅଛି ।

ପ୍ରାୟ ଏକସପ୍ତାହହେବ ବର୍ଷା ହେଉଥିବାରୁ ଏଠାରେ ଚୁଲ ଅଲଗ ହୋଇଅଛି ଅନାବୃଷ୍ଟି ଏ ସମୟରେ ଆଜନ୍ଦ ଅଧିକ ହୋଇଥାଏ ।

ବର୍ତ୍ତମାନ ଏଠାବଜାରରେ ମୋଟଚାଉଳ ଟଙ୍କାରେ ୧୨ ସେର ଓ ସରୁଚାଉଳ ସେ ୮ ର ଦରରେ ବିକ୍ରୀ ହେଉଅଛି ।

ପ୍ରତିବର୍ଷ ଏଥ ଟାଉନ ମଧ୍ୟରେ ଅନେକ ଲୋକଙ୍କର ଘର ପୋଡ଼ି ଯାଉଥିବାରୁ ଏଠା ମିଉନିସିପାଲିଟି ଏକଗୋଟି ଦମକଳ କିଣାଇବାର ପ୍ରସ୍ତାବ କରିଅଛନ୍ତି । ପ୍ରକୃତରେ ଦମକଳ ଥିଲେ ଅନେକ ଗୃହ ଅଗ୍ନି ଦାହରୁ ରକ୍ଷା ପାଇବ

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ବରାବର-ଷେଷୁ-

ମହାଶୟ !

ଗଳିତ ମାସ ତା ୧୮ ରୁଣ ଅପରାହ୍ନ ୬ଘ° ଘଟିକା ସମୟରେ ଏଠା ଉତ୍କଳ ବାଳିକା ବିଦ୍ୟାଳୟରେ ବିଦ୍ୟାବର୍ଦ୍ଧିନୀ ସମାଜର ଗୋଟିଏ ସୁହୃଦ ଅଧିବେଶନ ହୋଇଥିଲା । ଆମ୍ଭ ଉତ୍କଳ ମଣ୍ଡଳୀର ପରମ ବନ୍ଧୁ ଏବଂ ଉତ୍କଳ ସାହିତ୍ୟ ଜଗତର ସୁଉଜ୍ଜ୍ୱଳ ନକ୍ଷତ୍ର ଉତ୍କଳ ବନ୍ଧୁ ନାମକ ଖବର କାଗଜର ସମ୍ପାଦକ ବାବୁ ଶ୍ରୀ ବ୍ରଜବନ୍ଧୁ ମିଶ୍ର ଉପସ୍ଥିତ ହୋଇଥିଲେ, ତାହାଙ୍କ ବିଷୟରେ ଜନୈକ ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟଙ୍କ ମନ୍ତବ୍ୟ ପାଠ କଲା ବାଦ ଉକ୍ତ ମହାତ୍ମା ଉତ୍କଳ ସାହିତ୍ୟର ଗୌରବ ବୃଦ୍ଧି ସକାଶେ ଗୋଟିଏ ସୁଦୀର୍ଘ ବକ୍ତୃତା ପ୍ରଦାନ କରି ଉପସ୍ଥିତ ସଭ୍ୟବୃନ୍ଦ ଏବଂ ଦର୍ଶକ ମଣ୍ଡଳୀର ଚିତ୍ତକୁ ବିମୋହିତ ଏବଂ ମାର୍ଜିତ କରିଥିଲେ ଉକ୍ତ ବକ୍ତୃତାଟି ଐତିହାସିକ, ପୌରାଣିକ, ଭୌଗୋଳିକ, ଦାର୍ଶନିକ, ବୈଜ୍ଞାନିକ, ସାରଲ୍ୟ, ଔଦ୍ଧତ୍ୟ ପ୍ରଭୃତି ନାନା ଓ ଧର୍ମାଦି ଅଳଙ୍କାରମାନଙ୍କରେ ଅଳଙ୍କୃତ ଥିଲା ଉତ୍କଳ ଭାଷାରେ ଏପରି ସାରଗର୍ଭକ ସୁଦୀର୍ଘ ବକ୍ତୃତା କେବେହେଁ ଆମ୍ଭମାନଙ୍କର ଶ୍ରୁତିଗୋଚର ହୋଇ ନ ଥିଲା । ମିଶ୍ର ମହାଶୟ ବାଲ୍ୟକାଳରୁ ଅଧ୍ୟବସାୟ ସହକାରେ ବିଦ୍ୟାଧ୍ୟୟନ କରି ସାଂସାରିକ ବିଷୟ ବାସନାର ବଶବର୍ତ୍ତୀ ନହୋଇ ଆମ୍ଭମାନଙ୍କ ମଙ୍ଗଳ କାମନାରେ ନାନା ଦେଶ ପର୍ଯ୍ୟଟନ କରି ବନ୍ଧୁ ସସ୍ତ୍ରହ ପୂର୍ବକ ଏହି ଉତ୍କଳ ସାହିତ୍ୟ ଜଗତର ଶ୍ରୀବୃଦ୍ଧି ସମ୍ପାଦନ କରିବାରେ ଆପଣାର ରକ୍ତ ପ୍ରଦାନ କରୁଅଛନ୍ତି ।

| | | |
|---|---|---|
| ପାରଳା ଖେମଣ୍ଡି<br>ଉତ୍କଳ ବାଳିକା<br>ବିଦ୍ୟାଳୟ<br>୨୧-୫-୯୮ | } | ଏକାନ୍ତ ବଶମ୍ବଦ<br>ଶ୍ରୀ ବଳଭଦ୍ର ମହାପାତ୍ର<br>ଶର୍ମ୍ମା ଶାସ୍ତ୍ରୀ ପଣ୍ଡିତ |

---

ମହାଶୟ !

ସର୍ବସାଧାରଣଙ୍କ ଉପକାର ନିମନ୍ତେ ଏବଂ ଉପରିସ୍ଥ କର୍ମଚାରୀମାନେ ଏ ବିଷୟର ସତ୍ୟାସତ୍ୟ ଅନୁସନ୍ଧାନ କରିବା ନିମନ୍ତେ ନିମ୍ନଲିଖିତ କେତେକ ପଙ୍କ୍ତିକୁ ଆପଣଙ୍କର ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦେଇ ବାଧିତ କରିବେ ।

ଏହି ଟ୍ରେନିଂ ସ୍କୁଲରେ ପ୍ରାୟ ପ୍ରତିବର୍ଷ ପରୀକ୍ଷା ନ ୧୦୦ ଣ ପାସ କରିଥାନ୍ତି ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ ବିଶେଷତଃ ଶିକ୍ଷକ ମାନେ ଏଥିନିମନ୍ତେ ବରାବର ବିଶେଷ ପ୍ରଶଂସା ପାଇ ଆସୁଅଛନ୍ତି ଏହା କହିବା ବାହୁଲ୍ୟ ମାତ୍ର । ଏଥିରେ ଏଠିକାର ଶିକ୍ଷକମାନଙ୍କର ସ୍ୱ ସ୍ୱ କର୍ତ୍ତବ୍ୟ କର୍ମରେ ବିଶେଷ ମନୋଯୋଗିତା ଏବଂ ଉଚିତ ନିୟମରେ ପରୀକ୍ଷା କାର୍ଯ୍ୟ ନିର୍ବାହ ହେଉଥିବା ବିଷୟରେ ସର୍ବସାଧାରଣଙ୍କର କୌଣସି ଅବିଶ୍ୱାସ କରିବାର କାରଣ ନ ଥିଲା । କିନ୍ତୁ ଗତ ମାଇନର ପରୀକ୍ଷା ସମ୍ବନ୍ଧରେ ଓଡ଼ିଆ ନବସମ୍ବାଦ

Digitized by srujanika@gmail.com

Split by PDF Splitter



ଏବଂ ଆପଣଙ୍କ ପତ୍ରିକାରେ ଗଣିତ ପ୍ରଶ୍ନୋତ୍ତର ସମ୍ବନ୍ଧେ କେତେକ ବିଷୟର ଆନ୍ଦୋଳନ ହୋଇ ଥିବାର ଦେଖି ଆମ୍ଭେମାନେ ଏଠା କେନ୍ଦ୍ରର କାର୍ଯ୍ୟ ସମ୍ବନ୍ଧରେ ସନ୍ଦିଗ୍ଧ ହୋଇ ଅନୁସନ୍ଧାନ ଦ୍ୱାରା କେତେକ ବିଷୟ ଜାଣିଥିଲୁଁ । କିନ୍ତୁ ଏଥି-ମଧ୍ୟରେ ତଦାନୀନ୍ତନ ଏଃ ଇନ୍ସ୍‌ପେକ୍ଟର ବାବୁ ମଧୁସୂଦନରାଓ ମହାଶୟ ପରିଦର୍ଶନ ଉପଲକ୍ଷେ ଏଠାକୁ ଆସିଥିବାରୁ ଆମ୍ଭେମାନେ ଆଶା କରି-ଥିଲୁଁ ଯେ ତାଙ୍କତୁଲ୍ୟ ଜଣେ ସତ୍ୟ ପ୍ରିୟ ସୁଯୋଗ୍ୟ ଓ ନିଷ୍ଠାବାନ୍ କର୍ମଚାରୀ ଏହି ବିଷୟମା-ନଙ୍କର ଗୁପ୍ତ ଓ ପ୍ରକୃତ ଅନୁସନ୍ଧାନଦ୍ୱାରା ପ୍ରକୃତ ସତ୍ୟ ବାହାର ନ କରି କ୍ଷାନ୍ତ ରହିବେ ନାହିଁ । କିନ୍ତୁ ଅତିଶୟ ଦୁଃଖର ସହିତ କହିବାକୁ ହେଉଅଛି ଯେ ଉକ୍ତ ମହାଶୟଙ୍କର ଅନୁସନ୍ଧାନର କୌଣସି ଫଳାଫଳ ଆମ୍ଭେମାନେ ଏପର୍ଯ୍ୟନ୍ତ କିଛି ଜାଣିପାରିଲୁଁ ନାହିଁ । ଆମ୍ଭେମାନେ ଅନୁ-ସନ୍ଧାନ ସୂତ୍ରରେ ଯେଉଁ କେତେକ ଗୋଟି ବିଷୟ ଅବଗତ ହୋଇଅଛୁଁ ତହିଁମଧ୍ୟରୁ ଦୁଇଟି ଗୋଟିଏ ନିମ୍ନରେ ଉଲ୍ଲେଖ କଲୁଁ ଭରସାକରୁଁ ଏହି ସୂତ୍ର ଧରି ଉପରସ୍ଥ କର୍ମଚାରୀମାନେ ପ୍ରକୃତ ତତ୍ତ୍ୱ ବାହାର କରିବାକୁ ସମର୍ଥ ହେବେ । ଯଦି ସମର୍ଥ ନ ହୁଅନ୍ତି ତେବେ ବିଶେଷ ପ୍ରମାଣ ସହିତ ଅନ୍ୟାନ୍ୟ ବିଷୟମାନ ଯାହା କି ଆମ୍ଭେମାନେ ଅନୁସନ୍ଧାନ ଦ୍ୱାରା ଜାଣିପାରିଅଛୁଁ ତାହା ଭବିଷ୍ୟ-ତରେ ପ୍ରକାଶ କରିବୁଁ ।

ପାଟୀଗଣିତ ପତ୍ରସମ୍ପାଦନ ପରୀକ୍ଷା ଗୃହରେ ପ୍ରଶ୍ନ କାଗଜମାନ ପରୀକ୍ଷାର୍ଥୀମାନଙ୍କୁ ବଣ୍ଟନ ହେବାର ପରକ୍ଷଣରେ ଶିକ୍ଷକମାନେ ଉକ୍ତ ପରୀକ୍ଷା ଗୃହରେ ବସି ସମସ୍ତ ଅଙ୍କ କିପରି କଷିଥିଲେ କି ନା ? ତତ୍ପରେ ଆଉ ଯାହାସବୁ ଘଟିଥିଲା ତାହା ସମସ୍ତ ପଡିଲେ କହିବାକୁ ପ୍ରସ୍ତୁତ ଅଛୁଁ । ଯେଉଁ ଛାତ୍ର ଟେଷ୍ଟ ପରୀକ୍ଷାରେ ପାଟୀଗଣିତ ବିଷୟରେ ୮ କିମ୍ବା ୧୦ ନମ୍ବରରୁ ଅଧିକ ପାଇ ନ ଥିଲା ଏବଂ ପୂର୍ବେ କୌଣସି ସମୟରେ ୨୦ ନମ୍ବରରୁ ଊର୍ଦ୍ଧ୍ୱ ପାଇଅଛି କି ନା ସନ୍ଦେହ ଏରୂପ ଛାତ୍ର ଚନ୍ଦ୍ରମଣି ଦାସ ମାଇନର ପରୀକ୍ଷାରେ ୯୦ କିମ୍ବା ତତୋଧିକ ନମ୍ବର ରଖିବା କେତେଦୂର ସମ୍ଭବ ତାହା ଆମ୍ଭ-ମାନଙ୍କୁ କେବଳ ଗୂଢ଼ ରହସ୍ୟ ତୁଲ୍ୟ ବୋଧ ହେଉଅଛି । ବୋଧହୁଏ ଏ ରହସ୍ୟ ସମସ୍ତେ ଭେଦ କରି ପାରିବେ ପୁନଶ୍ଚ ଏ ବିଷୟମାନଙ୍କର ଆନ୍ଦୋଳନ ହେବାରୁ ଅସ୍ମାନଙ୍କର ହେଡ୍‌ମା-ଷ୍ଟର ମହୋଦୟ ପରୀକ୍ଷାଦିନରେ ଜ୍ୱର ହୋଇ-ଥିବାର ପ୍ରକାଶ କରୁଅଛନ୍ତି । କିନ୍ତୁ ପରୀକ୍ଷାର ଦ୍ୱିତୀୟ ଦିନ ଅର୍ଥାତ୍ ପାଟୀଗଣିତ ପତ୍ରସମ୍ପାଦନ ସେ ସ୍ୱୟଂ ପରୀକ୍ଷା କ୍ଷେତ୍ରରେ ଉପସ୍ଥିତ ଥିଲେ କି ନା ?

ଢେଙ୍କାନାଳ
୨୨।୫।୯୮ } ଆପଣଙ୍କର
ଶ୍ରୀ—

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ମାଳକଣ୍ଠ ଘୋଷ | ପୁରୀ | ଟ ୧ । |
| " ସତ୍ୟବାଦି ପାତ୍ର | ଗୋପୀନାଥପୁର | ଟ ୩ |
| " ଯୁଧିଷ୍ଠିର ପାଢ଼ୀ ମୁଆଁଇ | କେନ୍ଦୁଝର | ଟ ୩ |
| " ଅର୍ଜୁନ ସିଂହ | ଭବାନୀପାଟଣା | ଟ ୩ |
| " ସଦନପତ୍ରିଅର | ମଣିପୁର | ଟ ୫ |
| ଶେଖ ମିର୍ଜା କରିମ ବେଗ | ସୁନାଖଳା | ଟ ୧୨ |

## ବିଜ୍ଞାପନ ।

### ବିଜ୍ଞାପନ ।

ଶାରଳାଦାସଙ୍କର ଅଷ୍ଟାଦଶପର୍ବ
ସଚିତ୍ର
**ମହାଭାରତ ।**

ଏହା ଓଡ଼ିଶାବାସୀଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଲଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେ-ମନ୍ତ ଅଧିକ ଗ୍ରନ୍ଥପ୍ରାପ୍ତିର ଅଭାବ ତତୋ-ଧିକ ଅତଏବ ପୁସ୍ତକପ୍ରକାଶକ ବକ୍ଷାଳୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅତଏବ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନ-ବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମିତ୍ତ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ କ୍ରୟ କଲେ ମୂଲ୍ୟ ବିଷୟ କାହାରିକି ବାଧିବ ନାହିଁ । ବର୍ତ୍ତ-ମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଓ ଗଦାପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

କର୍ଣ୍ଣପର୍ବ ଟ ୦।୵ ଡାକମାସୁଲ ଟ ୦୵୬
ଶଲ୍ୟପର୍ବ ଟ ୦।୵ ,, ଟ ୦୵୬
ଗଦାପର୍ବ ଟ ୦। ଡାକମାସୁଲ ଟ ୦୵୬

ଆମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବ-ମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କୁ ଭୋଜନ-ସାମଗ୍ରୀ ଏବଂ ସ୍ୱସ୍ଥାଶର୍ଚ୍ଚି ବିବେଚନା ମତେ ଦିଆ-ଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥ ବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉ ଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭ-ର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଅପ-ଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୫।୯୮

ଶ୍ରୀ ମହାଜନ ଦାନ ସାହୁ
। ସା । ଜଲସର ବ୍ରହ୍ମପୁର । ଥା । ବରୁଆ-
ଯାଜପୁର ସଃ ଉଦଂଜନ
ଜିଲ୍ଲା କଟକ ।

ଦ୍ୱିତୀୟ ସଂସ୍କରଣ ।

## ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରପ୍ରଦତ୍ତ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅସ୍ମ କୃତ ଉପରୋକ୍ତ ପୁସ୍ତକ ବେଙ୍ଗଲଗଭର୍ଣ୍ଣ-ମେଣ୍ଟ ପ୍ରମୁଖ ଶିକ୍ଷାବିଭାଗୀୟ ଡାଇରେକ୍ଟର ସା-ହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ-କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ୍ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ୧୫୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡକୁ ପାଞ୍ଚପଇସା

ଓଡ଼ିଶ୍ୟାସ୍କୁଲ
ମେଡିକେଲ ହଲ
ବାଲୁବଜାରକଟକ } ଡାକ୍ତର ଶ୍ରୀ ରାମକୃଷ୍ଣସାହୁ

## ଧୂବଳୀଳା ।

ଆଜିପର୍ଯ୍ୟନ୍ତ ଯେତେ ପୁଥଙ୍ଗବହି ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ

Digitized by srujanika@gmail.com

Split by PDF Splitter



ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୬ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତ ସ୍ତବଗୁ ଗିରିଣରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥି-ର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦ ।୵

ମୋଫସଲ ଗ୍ରାହକଙ୍କୁ ମୂଲ୍ୟ ଛଡ଼ା ୵ ୦ ୧ ୬ ଡାକମାସୁଲ ପଡ଼ିବ ।

ବାମନଦ୍ୱିବେଦ ।

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଟକଷ୍ଟାଇପ ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂଲଣ୍ଡ ଓ ସୁଲଭ ପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସୁଲଭ ପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଟଲବକ୍ସା ଯେକୌଣସି ଛାପାଖାନା ପାଇଁ ଯାହାର ପ୍ରୟୋଜନ ହେଲେ ସେ ଅମ୍ଭଙ୍କୁ ବରାଦ ଦେଲେ ଅମ୍ଭେ ଯୋଗାଇ ପାରୁ । ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର } ଶ୍ରୀ ଗୌରୀଶଙ୍କର ରାୟ
କଟକ } ମାନେଜର



ଅଠରଟଙ୍କା ରୁବଲ ରୂପାର ଲକ୍ଷିତ ନମ୍ବର ଓ୍ୱାଚ ରୂପା ଚେଇନ ଛୋଟ ବଡ଼ [ ଛଅ ରୂପା ଜଞ୍ଜିର ବଡ଼ ସାଇଜ ।

ରୂପା ଚେଇନ ଓପନଫେସ ଓ୍ୱାଚ
ମୂଲ୍ୟ ଟ ୪୦ ୯
„ ଘାଙ୍କୁଣୀବାଲର „ ଟ ୪୫ ୯
ସୁନା ଚେଇନ ଓପନଫେସ ଓ୍ୱାଚ „ ଟ ୧୬୦୯
„ ଘାଙ୍କୁଣୀ ବାଲ୍ „ ଟ ୬୦୦୯

ଗ୍ରାହକେ କଲିକତା ସ୍ଥଳରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଓ୍ୱାଚ ଅମ୍ଭ ଦୋକାନରେ ବିକ୍ରୀପାଇଁ ମହଜୁଦ ଅଛି । ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଅମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଭେଲ୍ୟୁ-ପେଏବଲ ପାର୍ସଲ ଯାଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓ ଜୁଏଲର

# ଚୌକିଦାରି ଗାଇଡ

ଓ

ତତ୍‌ସମ୍ବନ୍ଧେ ପୋଲିସ ବିଭାଗରୁ ପ୍ରଚାରିତ ସର୍କ୍ୟୁଲର ଓ ପୋଲିସର ପାଞ୍ଚଅଲଇନ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ପୋଲିସର ଶ୍ରୀଯୁକ୍ତ ଇନସ୍ପେକ୍ଟର ଜେନେରଲ ବାହାଦୁରଙ୍କ ଅନୁମତି ଅନୁସାରେ ଅଳ୍ପଦିନ ମଧ୍ୟରେ ପ୍ରକାଶିତ ହେବ । ମୂଲ୍ୟ ପୁସ୍ତକ ମୁଦ୍ରାଙ୍କନର ବ୍ୟୟରୁ ଅଧିକ ହେବ ନାହିଁ ।

ଶ୍ରୀ କୃଷ୍ଣ ମହାପାତ୍ର

## ବନାରସ ଘାଟ ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଅମ୍ଭର କାର୍ଯ୍ୟ ଅମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଅମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଲେଶମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ପାଟନା, ଅଠମଲ୍ଲିକ, ସୁବର୍ଣ୍ଣପୁର, ସରାଇକେଲା ପ୍ରଭୃତି ସ୍ଥାନର ମହାମାନ୍ୟ ରାଜା ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ତଥା ପ୍ରକୃତ ଅବସ୍ଥା ଜଣା ପଡ଼ିବ ଯାହାଙ୍କର ଯେ ବସ୍ତ୍ର ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେଏବଲ ପାର୍ସଲରେ ପଠାଇ ଦିଆଯିବ । ମାଲ ମନୋମତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କେବଳ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଅମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ଧର୍ମମାଳ ବଡ଼ମ୍ଭ ସଦାଶେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିଦାର ସାଢ଼ୀ, ଯୋଡ଼ି ଉଡ଼ନି, ଚୋଗା, କୋଟ, ପେସ୍କା, ଦଂଶାଳ ବାସ୍ତା, ବର୍ଣ୍ଣ ଦୋପଟ୍ଟା ମଦଲ, ଝିଲରେ ବାନ୍ଧ ନାଇ ଫେଣ୍ଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଇତ୍ୟାଦି ପଟର ଅଙ୍ଗବସ୍ତ୍ର ପ୍ରଭୃତି ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା ରୂପାର ଗିଲଟି ବସ୍ତ୍ର ହାତୀର ଦାନ୍ତର ପ୍ରଭୃତି ପଦାର୍ଥ ବରାଦ ଅନୁସାରେ ତିଆର କରାଯାଇ ଦେଉଁ । ବରାଦ ଦେବାବେଳେ ଅନ୍ତତଃ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଗ୍ରାହକେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାଫା ( ବହିରାବରଣ ) ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଶ୍ରୀ ଧାନ୍ନୁମାଲ ଗୋଲାନାଥ
ଭୂତଗଡ ଫାଟକ ବନାରସ ସିଟି

ଉତ୍କଳଦୀପିକାର କ୍ଷୁପନ ଛପାଇବାର ନିମ୍ନ ଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—
ପ୍ରଥମଥର ସକାଶେ
ଧାଡ଼ିପିଛେ
ଅଧ୍ରୁମିହ୍ନ
ବର୍ଷ ଏକ ସମୁକ୍ତ
ଥାଳି ଥରେ ଇଷ୍ଟାପନ [illegible]
ଇଞ୍ଚିର ଏକା ୫ ୦ ୦ କୁ ଲଣ୍ଡା [illegible]
କୁଣ୍ଡେସ୍ ଓ କୁଟ୍ଟନ୍ୟୁପର ସକାଶେ ଅର୍ଦ୍ଧ [illegible]
ଅଧିକ ଦେବା ଓ ଦ୍ୱିଗୁଣ ଯିଆଶଙ୍ଗେ ହୋଇ ।
ଅଧିକ ଥରର ସକାଳର ବୃତ୍ତିର [illegible]
ହୋଇପାରିବ
ବିଜ୍ଞାପନର ମୂଲ୍ୟ ଅଗ୍ରିମଦେବାକୁ ପଡ଼ିବ ।

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀ [illegible]
ବୃତ୍ତିଧାରୀ ମାନେଜର [illegible]

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

୩୩ ଭାଗ | ତା ୧୧ ଉଣ ମାହେ ଜୁନ ସନ ୧୮୯୮ ମସିହା । ମୂ। ୩୦ ୨ ଜ୍ୟେଷ୍ଠ ସନ ୧୩୦୫ ସାଲ ଶନିବାର । | ଅଗ୍ରିମ ଟ ୨

ସଂ ୨୪ ସଂଖ୍ୟା | | ପଶ୍ଚାଦେୟ ଟ ୨॥


ନେ୍ହରସ୍ପୁ ପଥରକୋଇଲା ଖଣିଠାରୁ ମେଦନୀପୁର ପର୍ଯ୍ୟନ୍ତ ଯେଉଁ ରେଲବାଟ ହେବ ବେଙ୍ଗଲ ନାଗପୁର ରେଲବେ କମ୍ପାନୀ ତାହା ନିର୍ମାଣ କରିବେ । ଏହି ରେଲବାଟ ପରଶେଷରେ ହଜାରିବାଗ ପର୍ଯ୍ୟନ୍ତ ବିସ୍ତୃତ ହେବ ।

---

ପେସୁଅର ନଗରରେ ଗତ ପୂର୍ବ ମଙ୍ଗଳବାର ସକାଳ ଘ ୮ ଘା ବେଳେ ଘରପୋଡ଼ା ଆରମ୍ଭ ହୋଇ ତହିଁ ଆରଦିନ ସ୍ତ୍ର ଘ ୫ ଘା ବେଳେ ନିଭିଲା । ଏହି ଭୀଷଣ ଅଗ୍ନିକାଣ୍ଡରେ ପ୍ରାୟ ୪୦୦୦ ଘର ଏବଂ ୪ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେବାର ଅନୁମିତ ହୋଇଅଛି ।

---

ଚଳିତମାସ ତା ୩ ରିଖ ପର୍ଯ୍ୟନ୍ତ କଲିକତାରେ ସର୍ବସୁଦ୍ଧା ଜ ୮୪ ଣ ପ୍ଲେଗ ରୋଗରେ ପୀଡ଼ିତ ଏବଂ ଜ ୬୪ ଣ ମୃତ ହୋଇଥିଲେ । ଏଥିରୁ ଦେଖାଯାଏ ଯେ ଏପର୍ଯ୍ୟନ୍ତ ପ୍ଲେଗ ସମାନଭାବରେ ରହିଅଛି ଏବଂ ବର୍ଷାକାଳରେ ବଢ଼ିବାର କେହି୨ ଆଶଙ୍କା କରନ୍ତି । ସୁତରାଂ ବିଶେଷରୂପେ ସାବଧାନ ରହିବା ଆବଶ୍ୟକ ।

---

ଆମ୍ଭେମାନେ ଅନେକସହର ସମ୍ବାଦପତ୍ରରୁ ଅବଗତ ହେଲୁଁ କଲିକତା ନିବାସୀ ବାବୁ ଆନନ୍ଦମୋହନ ବସୁ ଭାରତବର୍ଷ ସମ୍ବନ୍ଧରେ ବିଲାତର ନାନାସ୍ଥାନରେ ବକ୍ତୃତା କରିବାରୁ ତାହାଙ୍କର ଯୋଗ୍ୟତା ଦେଖି ବିଲାତର ଏକସ୍ଥାନର ଲୋକମାନେ ତାହାଙ୍କୁ ସେମାନଙ୍କର ପ୍ରତିନିଧିସ୍ୱରୂପ ବରଣ କରିବାରେ ସେ ତାହା ଗ୍ରହଣ କରିଅଛନ୍ତି । ନିର୍ବାଚନରେ ସଫଳ ହେଲେ ପାରଲିଆମେଣ୍ଟର ଜଣେ ମେମ୍ବର ହୋଇପାରିବେ ।

---

ସରକାରୀ ବୃଷ୍ଟି ପରୀକ୍ଷକଙ୍କ ଗଣନାନୁସାରେ ଚଳିତ ମାସ ତୃତୀୟ ସପ୍ତାହରେ ଅର୍ଥାତ୍ ଅନୁର ବ ୧୦।୧୬ ନ ଭିତରୁ ମୌସୁମି ବର୍ଷାକାଳ ଆରମ୍ଭ ହେବ । ମାତ୍ର ସେଥିପାଇଁ ଭାବନା ନାହିଁ । ଏ ସପ୍ତାହରେ ଏ ଜିଲ୍ଲାରେ ଏକା ନୁହେ ବଙ୍ଗ ପ୍ରଦେଶର ସର୍ବତ୍ରରେ ପ୍ରାୟ ପ୍ରତିଦିନ ଅଳ୍ପ ବୃଷ୍ଟି ହୋଇ କୃଷିକାର୍ଯ୍ୟର ଆଶାନୁରୂପ ସୁବିଧା କରି ଦେଇଅଛି । ବୁଣା ହେବା ଧାନ ସବୁ ଉତ୍ତମରୂପେ ଉଠିଅଛି ଏବଂ ବୁଣାବୁଣି କାର୍ଯ୍ୟ ଅତ୍ୟନ୍ତ ବେଗରେ ଲାଗିଅଛି । ଏଥି ପାଗ ବହୁଦିନ ରହିବା ଭଲ ।

---

ଏଣ୍ଟ୍ରାନସ ପରୀକ୍ଷାର ଫଳ ଏ ପର୍ଯ୍ୟନ୍ତ ବାହାରି ନାହିଁ । ସମ୍ଭବତଃ ଅଦ୍ୟ ଯେଉଁ କଲିକତା ଗଜେଟ ଏ ନଗରରେ ପହଞ୍ଚିବ ତହିଁରେ ଦେଖାଯିବ । ଯେଉଁ ଛାତ୍ରମାନେ ସମସ୍ତ ବିଷୟରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଇତି ମଧ୍ୟରେ ସେମାନଙ୍କର ନାମ ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଲେଖି ପଠାଇ ଅଛନ୍ତି । ତହିଁରୁ ଜଣା ଯାଇଅଛି ଯେ ଏଠା କଲେଜିଏଟ ସ୍କୁଲରୁ ଜ ୧୬ ଣ ଏବଂ ପ୍ୟାରୀମୋହନ ଏକାଡେମିରୁ ଜ ୪ ଣ ପାସ କରିଅଛନ୍ତି ।

---

ଏ ନଗରର ବଙ୍ଗାଳିମାନଙ୍କ ସକାଶେ ପ୍ଲେଗ ହାସପାତାଲ ଓ ପୃଥକ ନିବାସ ସ୍ଥାପନ ଉଦ୍ଦେଶ୍ୟରେ ଯେଉଁ ସଭା ଗଠିତ ହୋଇଥିବାର ପାଠକମାନଙ୍କୁ ଜଣା ଅଛି ସେହି ସଭାର ଏକ ଅଧିବେଶନ ଗତ ପୂର୍ବ ଶୁକ୍ରବାର ସନ୍ଧ୍ୟା ସମୟରେ ହୋଇଥିଲା । ଦେଖାଗଲା ଯେ ପୂର୍ବ ନିର୍ଦ୍ଧାରିଣ ଅନୁସାରେ ଗତ ଜୁନମାସ ତା ୩ ରିଖ ମଧ୍ୟରେ ଅତ୍ୟଳ୍ପ ଲୋକ ଚାନ୍ଦା ବହିରେ ସ୍ୱାକ୍ଷର କରିଥିଲେ । ମାତ୍ର ସେହି ତା ୩ ରିଖର ପୂର୍ବେ ମୋହରମ ଛୁଟୀ ପଡ଼ିଥିଲା ଏବଂ ଅନେକ ଲୋକ ମୋଫସଲ ବାହାରିଯିବା ଅଥବା ଅନ୍ୟ କାରଣରୁ ଚାନ୍ଦାବହି ଦେଖି ପାରି ନ ଥିବାର ସନ୍ଦେହ ହେବାରୁ ଚାନ୍ଦାବହି ଦେଖାଇବା ସଭାର କେତେକ ସଭ୍ୟଙ୍କୁ ଦିଆଯାଇ ଚଳିତ ମାସ ତା ୧୮ ରିଖ ପର୍ଯ୍ୟନ୍ତ ସମୟ ଦିଆଗଲା । ସେହି ତାରିଖ ଉତ୍ତାରୁ ଅନ୍ୟ ଏକ ଅଧିବେଶନ ହେବ ଏବଂ ଯେଉଁମାନେ ସେହି ସମୟ ମଧ୍ୟରେ ଚାନ୍ଦା ସ୍ୱାକ୍ଷର କରି ନ ଥିବେ ସେମାନେ ଏହି କାର୍ଯ୍ୟରେ ଯୋଗ ଦେବାକୁ ସମ୍ମତ ନୁହନ୍ତି ବୋଲି ଜ୍ଞାନ କରାଯିବ ।

---

Digitized by srujanika@gmail.com

ଏସ୍ଥଦେଶର ଖଜଣା ସମ୍ବନ୍ଧୀୟ ମୋକଦ୍ଦମାମାନ କଲେକ୍ଟରୀ କଚେରୀରେ ଦାଏର ନ ହୋଇ ବଙ୍ଗଳା ପରି ଦେୱାନୀ ଅଦାଲତରେ ଦାଏର ହେବାର ପ୍ରସ୍ତାବ ପୁଣି ଉଦୟ ହୋଇଅଛି ଏବଂ ସେ ସମ୍ବନ୍ଧରେ ଜମିଦାର ସଭାର ମତ ଜାଣିବାକୁ ଏ ଜିଲାର କଲେକ୍ଟର ସାହେବ ଇଚ୍ଛା କରି ପତ୍ର ଲେଖିବାରୁ ଗତ ସୋମବାର ସନ୍ଧ୍ୟା ସମୟରେ ଜମିଦାର ସଭାର ଗୋଟିଏ ଅଧିବେଶନ ହୋଇଥିଲା। ଉପସ୍ଥିତ ସଭ୍ୟମାନଙ୍କ କଥୋପକଥନରୁ ଜଣାଗଲା ଯେ ପ୍ରସ୍ତାବିତ ପରିବର୍ତ୍ତନ ସପକ୍ଷରେ କାହାରି ମତ ନୁହେ। ସାହେବ ମହୋଦୟଙ୍କ ପତ୍ରର ଯୁକ୍ତିସଙ୍ଗତ ଉତ୍ତର ଶୀଘ୍ରଦିନ ମଧ୍ୟରେ ପ୍ରସ୍ତୁତ କରିବା କାରଣ ଗୋଟିଏ ସବକମିଟି ଗଠିତ ହୋଇଅଛି। ବାବୁ ଜଗନ୍ମୋହନ ଲାଲ ବାବୁ ବୈକୁଣ୍ଠନାଥ ଦେ ଏବଂ ବାବୁ ଗୋକୁଳାନନ୍ଦ ଚୌଧୁରୀ ସେହି ସବକମିଟିର ସଭ୍ୟ ଅଟନ୍ତି। ଉତ୍ତରର ଖଠା ଅଗତ ହେଲେ ସଭାରେ ତାହା ବିବେଚିତ ହୋଇ ଯଥା ସ୍ଥାନକୁ ପଠାଯିବ। ଆମ୍ଭମାନଙ୍କ ବିବେଚନାରେ ପ୍ରସ୍ତାବିତ ପରିବର୍ତ୍ତନ ଜମିଦାର ବା ପ୍ରଜା କାହାରି ପକ୍ଷରେ ସୁବିଧାଜନକ ନୁହେ।

---

ମେଦିନୀପୁର ଜିଲାର ଘାଟାଲ ସବଡିଭିଜନରେ ପ୍ଲେଗ ରୋଗ ନିମନ୍ତେ ଗୋଟିଏ ପୃଥକ ହାସପାତାଳ କରିବାର ସ୍ଥିର ହୋଇ ଜଣେ ଶୁଣ୍ଡି ମହାଜନର ଗୋଦାମ ନିକଟ ଏକପଦ ଜମି ଉପରେ ଗୋଟିଏ କାଠ ଘର ନିର୍ମାଣ ହେଉଥିଲା। ବଜାର ଲୋକେ ପ୍ରାୟ ଦୁଇ ହଜାର ଜଣ ମେଳ ହୋଇ ସେହି ଘରକୁ ଭାଙ୍ଗିବା ସକାଶେ ମହା ବିକ୍ରମରେ ଧାବମାନ ହେଲେ ଏବଂ ଉଚ୍ଚୈଃସ୍ୱରରେ ଡାକ ପକାଇ କହୁଥିଲେ କି ଯେବେ ସବଡିଭିଜନ ମାଜିଷ୍ଟ୍ରେଟ ହାସପାତାଳ ଫିଟାଇବାର କମା ଟୀକା ଦେବାର ଚେଷ୍ଟା କରିବେ ତେବେ ତାହାଙ୍କର ମୁଣ୍ଡ ଚୂନା କରିଦେବେ। ସ୍ଥାନୀୟ ଅଳ୍ପସଂଖ୍ୟକ ପୁଲିସ ଏହିକି ଲୋକଙ୍କୁ ଅଟକାଇ ପାରିଲେ ନାହିଁ। ଜିଲା ମାଜିଷ୍ଟ୍ରେଟ ସମ୍ବାଦ ପାଇ ସଦର ମୁକାମରୁ ଅସ୍ତ୍ରଧାରୀ ପୁଲିସ ସଙ୍ଗେ ଘେନି ଆସିବାରୁ ତାହା ଦେଖି ଏବଂ ସମ୍ପ୍ରତି ଉକ୍ତ ଉଦ୍ୟମ ନଷ୍ଟ ପାଇ ମେଳିଆମାନେ ନିରସ୍ତ ହେଲେ। ସମ୍ପ୍ରତି ସେସ୍ଥାନରେ ଆଉ କିଛି ଗୋଳମାଳ ନାହିଁ ଏବଂ ହାସପାତାଲ ପ୍ରସ୍ତୁତ ହେଉଅଛି। ଦଙ୍ଗାକାରୀଙ୍କ ମଧ୍ୟରୁ ନ [illegible] ଣ ଜଣଙ୍କି ମସ୍ତ ଧରିଅଛନ୍ତି ଏବଂ ନ ୩୨ ଣ ଜାମିନ ହୋଇ ହାଜତ୍ସ୍ୱାଧୀନରେ ଅଛନ୍ତି। ଏଥି ଉତ୍ତାରୁ ଆଉ କିଛି ଗଣ୍ଡଗୋଳ ହେଲେ ତାହା ନିବାରଣ ନିମନ୍ତେ ନ ୫୦ ଣ ଅତିରିକ୍ତ ପୁଲିସ ଘାଟାଲରେ ମା ୬ ସ ପର୍ଯ୍ୟନ୍ତ ରହିବାର ଏବଂ ସେମାନଙ୍କର ବେତନାଦି ସେହି ଥାନା ଅନ୍ତର୍ଗତ ନାମଧେୟ ମୌ ୨୫ ଜଣ ନିବାସୀଙ୍କଠାରୁ ଆଦାୟ ହେବାର ଘୋଷଣାପତ୍ର ମାନ୍ୟବର ବଙ୍ଗେଶ୍ୱର ବାହାଦୁର ପ୍ରଚାର କରିଅଛନ୍ତି। ଅନେକ ସ୍ଥାନରେ ପ୍ଲେଗ ଅପେକ୍ଷା ତାହା ଦମନ କରିବାର ଉପାୟରୁ ଅଧିକ ଅନିଷ୍ଟ ଜାତ ହେବା ବଡ଼ ଦୁଃଖର ବିଷୟ ଅଟେ।

---

ବମ୍ବେର ତାରସମ୍ବାଦରୁ ଜଣାଯାଏ ଯେ କଦମ୍ବଠାରେ ମୋହରମ ପର୍ବର କତଲ ରାତ୍ରିର ବ୍ୟାପାର ଶାନ୍ତିଭାବରେ ଚାଲୁଥିଲା। ମାତ୍ର ରାତ୍ରି ଦୁଇପ୍ରହର ଘ ୧୦ ଘା ସମୟରେ ପୁଲିସ ଫଉଜଦାର କାବାସା ସାହେବ ଓ ସେ ଜଣେ ପାରଶୀ ଅଟନ୍ତି ମାଜିଷ୍ଟ୍ରେଟ ସାହେବଙ୍କ ପ୍ରଦତ୍ତ ପାସ ଅନୁସାରେ ବାଜା ବନ୍ଦ କରିବାକୁ କହିବାରେ ଯାତ୍ରିବାଲାମାନେ ତାହା ନ ମାନି କାବାସା ଓ ତାହାଙ୍କ ସଙ୍ଗରେ ଥିବା ଜଣେ ହର୍ଓ୍ୟାଲଦାର ଓଲ୍ସ ସାହେବ ନାୟକ ଏବଂ ନ ୩ ଣ ପୁଲିସ ସିପାହୀଙ୍କୁ ଲାଠିରେ ଏମନ୍ତ ପ୍ରହାର କଲେ ଯେ ଫଉଜଦାର ଏବଂ ହର୍ଓ୍ୟାଲଦାର ଅଚେତନ ହୋଇ ପଡ଼ିଗଲେ ଏବଂ ଦଙ୍ଗାକାରୀମାନେ ଏହା ଦେଖି ତାଜିଆମାନ ଛାଡ଼ି ପଳାଇ ଗଲେ। ତାଜିଆ ସବୁ ସଡ଼କ ପାଖରେ ପଡ଼ି ରହି ଚୂର୍ଣ୍ଣିଭୂତ ହୋଇଗଲା। ଫଉଜଦାରଙ୍କର ମୁଣ୍ଡ ଏପରି ଫାଟିଯାଇଥିଲା ଯେ ଦୁଇଦିନ ହାସପାତାଲରେ ରହି ମରିଗଲେ। ହର୍ଓ୍ୟାଲଦାରଙ୍କ ଅବସ୍ଥା ମଧ୍ୟ ଶୋଚନୀୟ। ସକାଳବେଳେ ମାଜିଷ୍ଟ୍ରେଟ ଓ ପୁଲିସ ସେଠାରେ ପହଞ୍ଚି ତଦନ୍ତ କରି ପ୍ରାୟ ନ ୭୨ ଣ ମୁସଲମାନଙ୍କୁ ଚାଲାନ ଦେଇ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ନ ୬୮ ଣ ଜାମିନରେ ଏବଂ ନ ୪ ଣ ହାଜତରେ ଅଛନ୍ତି। ସତ୍ର ଗୋଟାଏ ବାଜଣା ଉତ୍ସବକୁ ବାଜା ବନ୍ଦ କରିବା ନିୟମ ଯେଉଁ ଏହି ଦଙ୍ଗା ଘଟିଥିଲେହେଁ କଥିତ ହୁଏ ଯେ ପ୍ଲେଗବିଧି ସମ୍ବନ୍ଧରେ ନିମ୍ନ ଶ୍ରେଣୀର ଲୋକ ଏବଂ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ କେତେକ ଦିନରୁ ମନାନ୍ତର ରହିଥିଲା ତାହା ଏହିବାଟେ ବାହାରି ପଡ଼ିଲା। ବମ୍ବେ ସହରରେ ତାଜିଆ ଯାତ୍ରା ନିର୍ବିଘ୍ନରେ ନିର୍ବାହ ହୋଇଥିଲା। ପୁଲିସ ପୃଷ୍ଠଦଳରେ ଉପସ୍ଥିତ ଥିଲେ ଏବଂ ଦର୍ଶକଙ୍କ ନିକଟରୁ ଲମ୍ବାତ ସବୁ କାଢି ନେଇଥିଲେ। ପୁନା ଓ କଲିକତାରେ କିଛି ଗୋଳମାଳ ହୋଇ ନାହିଁ। ପୁଲିସ ସତର୍କ ଥାଇ ଶାନ୍ତି ରକ୍ଷା କରିବାକୁ ସମର୍ଥ ହୋଇଥିଲେ।

---

ସହରସଫାଇ କାର୍ଯ୍ୟରେ ଏ ନଗରର ମିଉନିସିପାଲିଟୀକି ସାହାଯ୍ୟ କରିବା କାରଣ ଆମ୍ଭମାନଙ୍କ ଶ୍ରଦ୍ଧାସ୍ପଦ ମାଜିଷ୍ଟ୍ରେଟଙ୍କ ଉଦ୍ୟମରେ ସାଧାରଣ ସଭା ହୋଇ ଏକ ହଜାର ଟଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଥିବାର ପାଠକମାନଙ୍କୁ ଜଣା ଅଛି। ତହିଁ ମଧ୍ୟରୁ ଗତ ସୋମବାର ପର୍ଯ୍ୟନ୍ତ ନିମ୍ନଲିଖିତମତେ ଟ ୬୨୮ ଟଙ୍କା ଆଦାୟ ହୋଇଥିଲା। ଯଥା—

| | | |
|---|---|---|
| ବାବୁ ତାରାପ୍ରସନ୍ନ ବାନାର୍ଜି ସବ୍ଜଜ | ଟ | ୨୦୲ |
| ମୌଲବୀ ମହମ୍ମଦ ଖଲିଲ ଡଃ କାଃ | ଟ | ୨୦୲ |
| ବାବୁ ଜାନକୀନାଥ ବୋଷ ଓକିଲ | ଟ | ୨୫୲ |
| " ଶମନ୍ତକର ସାହୁ ଓକିଲ | ଟ | ୫୲ |
| ରାଜା ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୁର | ଟ | ୩୦୦୲ |
| ବାବୁ ବନମାଳୀ ପଣ୍ଡିତ | ଟ | ୫୦୲ |
| " ପ୍ରିୟନାଥ ଚାଟୁର୍ଜ୍ଜୀ ଓକିଲ | ଟ | ୨୫୲ |
| " ଯୋଗେନ୍ଦ୍ରନାଥ ରାୟ ବାହାଦୁର | ଟ | ୧୦୲ |
| " ମଧୁସୂଦନ ଦାସ ଓକିଲ | ଟ | ୧୦୦୲ |
| " ସୁଦାମଚନ୍ଦ୍ର ନାୟକ ଅଃ ସୁପ୍ରିଣ୍ଟ | ଟ | ୧୦୲ |
| " ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ | ଟ | ୨୫୲ |
| " କାର୍ତ୍ତିକଚନ୍ଦ୍ର ରାଏ ଚୌଧୁରୀ | ଟ | ୫୲ |
| " ମହାବୀରଲାଲ ବନ୍ଦୋପାଧ୍ୟାୟ ମୁନ୍ସିଫ | ଟ | ୧୫୲ |
| " ଗୌରୀଶଙ୍କର ରାୟ | ଟ | ୩୲ |
| " ଅଟଲବିହାରୀ ବୋଷ ଡେଃ କଲେକ୍ଟର | ଟ | ୧୦୲ |
| " ବସନ୍ତକୁମାର ରାୟ " | ଟ | ୧୦୲ |
| | ଟ | ୬୨୮୲ |

ଅଧୁନା ଠିକାଦ୍ୱାରା ବହୁ କାଳରୁ ପଡ଼ିଥିବା ଆବର୍ଜନା ପରିଷ୍କାର ଏବଂ ପାଣି ନାଳମାନ ଖୋଳିବା କାର୍ଯ୍ୟ ଲାଗିଅଛି। ମାତ୍ର ଏ କାର୍ଯ୍ୟ ସକାଶେ ଯେତେ କୁଲି ମେହେନ୍ତର ଆବଶ୍ୟକ ତାହା ଏଠାରେ ନ ମିଳିବାରୁ ବର୍ଦ୍ଧମାନ ବ୍ରହ୍ମପୁରରୁ ନ ୩୦ ଣ ମେହେନ୍ତର ଆଣିବାର ବନ୍ଦୋବସ୍ତ ହୋଇଅଛି। ସେମାନେ ଆସି ପହଞ୍ଚିଲେ କାର୍ଯ୍ୟ ଭଲରେ ହେବ।

---

ପୁରୀରୁ ସମ୍ବାଦ ପାଇଅଛୁ ଯେ ଚଳିତମାସ ତା ୪ ରିଖ ଶନିବାର ସ୍ନାନପୂର୍ଣ୍ଣିମା ଦିନ ଦ୍ୱିପ୍ରହର ଘ ୧ ଘାଟରେ ପହଣ୍ଡି ବିଜେ ଆରମ୍ଭ ହୋଇ

ପ୍ରାୟ ଘ ୧୧ ଠାରେ ଦେବମାନେ ସଭାମଣ୍ଡପରେ ଉପସ୍ଥିତ ହେଲେ । ଅନର୍ଯ୍ୟାନ୍ୟ ନୀତିମାନ ହେବା ପରେ ପ୍ରାୟ ଅପରାହ୍ନ ଘ ୩ ଘା ଠାରେ ସ୍ନାନବେଦୀ ହୋଇଥିଲା । ତତ୍ପୂର୍ବେ ଶ୍ରୀଜୀଉମାନେ ହସ୍ତିବେଶ ଧାରଣ କରି ଭେଟରେ ଗଲା ପୂଜାରମ୍ଭ ସମୟେ ଆକାଶର ଶୂନ୍ୟ ଖଣ୍ଡିଏ ମେଘ ଉଦୟ ହୋଇ ଏକଥଣ୍ଡା ବ୍ରହ୍ମ ବୃଷ୍ଟି ହୋଇଥିଲା । ଏ ବୃଷ୍ଟି କେବଳ ସ୍ନାନ ବେଦିକ ମଧ୍ୟରେ ହୋଇଥିଲା । ବିଶେଷତଃ ମନ୍ଦିର ମଧ୍ୟରେ ଏହାର ଆଧିକ୍ୟ ଦେଖା ଯାଇଥିଲା । ଶ୍ରୀଜୀଉଙ୍କର ଭୋଜନ ସମୟରେ ଦେବଗଣ ସହ ଇନ୍ଦ୍ରଦେବ ଅପ୍ସରାର ସେବାରେ ନିଯୁକ୍ତ ରହି ଅକୃତ୍ରିମ ଜଳବୃଷ୍ଟି ଦ୍ୱାରା ଭଗବାନଙ୍କର ବାର୍ଷିକ ସ୍ନାନୋତ୍ସବ କରାଇଥିଲେ କି ? ଏହା ଏବର୍ଷର ଶୁଭଚିହ୍ନ ବୋଲି ଲୋକମାନେ କହୁଅଛନ୍ତି । ପରେ ଛେରାପହରା ପ୍ରଭୃତି ନୀତିମାନ ଶେଷ ହୋଇ ରାତ୍ରି ଘ ୧୧ ଘା ଠାରେ ପହଣ୍ଡି ଆରମ୍ଭ ହୋଇଥିଲା । ଠାକୁରମାନେ ଅଣସରର ପିଣ୍ଡିରୁ ଯାଇ ପଟ୍ଟ ସ୍ଥାପନାଦି କାର୍ଯ୍ୟ ହେବାରେ ରାତ୍ରି ଶେଷ ହୋଇଯିବାରୁ ଦ୍ୱିପ୍ରହର ଧୂପଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ସମସ୍ତ ନୀତି ହୋଇ ପାରିଲା ନାହିଁ ।

ଗତ ବର୍ଷ ବିଦ୍ୟାପତି ବଂଶଶୂନ୍ୟ ହେବାରୁ ସାଧାରଣ ସଭା ଓ ସ୍ଥାନୀୟ ଅନୁମୋଦନ କ୍ରମେ ପତି କୁଳରୁ ଏକ ପୋଷ୍ୟପୁତ୍ର ସ୍ଥାପନ କରାଯାଇ ତାହାଦ୍ୱାରା ନୀତି ନିର୍ବାହ ହୋଇଥିଲା । କିନ୍ତୁ ଦଇତାମାନେ ଏବର୍ଷ ତାହାଦ୍ୱାରା କାର୍ଯ୍ୟ କରାଇ ନ ଦେଇ ଜଣେ ବିଦ୍ୟାପତି କାର୍ଯ୍ୟ କରିବା ବିଷୟରେ ନାନାବିଧ ଆପତ୍ତି କରି ଗଣ୍ଡଗୋଳ ଆରମ୍ଭ କରିବାରୁ ତା ୬ ରଖ ସୋମବାର ସନ୍ଧ୍ୟାରେ ପଣା ଭୋଗଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ସମସ୍ତ ନୀତି ବନ୍ଦ ରହିଥିଲା । ଏବଂ ପ୍ରସ୍ତୁତ ଭୋଗାର୍ଥ ଦ୍ରବ୍ୟମାନ ନଷ୍ଟ ହୋଇଥିଲା । ଗତ ବର୍ଷରୁ ପୋଷ୍ୟପୁତ୍ର ଗ୍ରହଣ ହୋଇ ତଦ୍ୱାରା ନୀତି ଚଳି ଆସିଥିବା ସ୍ଥଳେ ଦଇତାମାନଙ୍କର ପୁନଃ୨ ଗଣ୍ଡଗୋଳ ଆରମ୍ଭ କରିବା କିପାଇଁ ଜନ୍ମଯାଇ । ଏଥିରୁ ସେମାନଙ୍କର ସ୍ୱାର୍ଥପରତା ସ୍ପଷ୍ଟ ପ୍ରକାଶ ପାଉଅଛି ।

---

ଦୁଧ ଯେମନ୍ତ ପ୍ରୟୋଜନୀୟ ପଦାର୍ଥ ତାହା କାହାରି କହି ଦେବାକୁ ହେବ ନାହିଁ । ଶିଶୁର ଏହା ଏକମାତ୍ର ଆହାରୀୟ ଦ୍ରବ୍ୟ ଏବଂ ରୋଗିର ପ୍ରଧାନ ପଥ୍ୟ । ମାତ୍ର ଦୁଧ ଅଧିକ ରକ୍ଷଣୀୟ ଦ୍ରବ୍ୟ ନୁହେ ଏବଂ ଯେତେବେଳେ ଯେଉଁଠାରେ ମିଳିବ ପାଇବ ନାହିଁ । ଏହି କାରଣରୁ ଇଉରୋପର ବ୍ୟବସାୟୀମାନେ ରାସାୟନିକ କୌଶଳଦ୍ୱାରା ରକ୍ଷଣୀୟ ଏବଂ ଶୁଷ୍କ ଦୁଗ୍ଧ ପ୍ରସ୍ତୁତ କରି ଟିନ ପରୁଆରେ ବନ୍ଦ କରି ଦେଶ ବିଦେଶକୁ ପଠାଉଅଛନ୍ତି ଏବଂ ତଦ୍ଦ୍ୱାରା ଅନେକ ପ୍ରୟୋଜନ ସାଧିତ ହେଉଅଛି । ସେହି ଶୁଷ୍କ ଦୁଗ୍ଧ ଦେଖିବାକୁ ପାଉଡ଼ର ପରି ଏବଂ ପରିମାଣ ଅନୁସାରେ ଉଷ୍ଣ ଜଳରେ ସେହି ପାଉଡ଼ରକୁ ମିଶାଇ ଦେଲେ ସଦ୍ୟ ଦୁଧପରି ହୋଇଯାଏ ଏବଂ ସଦ୍ୟ ଦୁଧର ସ୍ୱାଦ ଓ ଗୁଣ ପ୍ରଦାନ କରେ । ସ୍କଟଲଣ୍ଡ, ଜରମାନୀ ଏବଂ ସୁଇଟ୍‌ଜରଲଣ୍ଡରୁ ପ୍ରତିବର୍ଷ ଅନେକ ସହସ୍ର ଟଙ୍କାର ରକ୍ଷଣୀୟ ଦୁଧ ଭାରତରେ ବିକ୍ରୟ ହୁଏ । ଭାରତରେ ଏହିପରି ଦୁଧ ପ୍ରସ୍ତୁତ ହେଲେ କେବଳ ଏ ଦେଶରେ ଖରଚ ହେବ ଏମନ୍ତ ନୁହେ ଚୀନ, ଜାପାନ, ଆଫ୍ରିକା ପ୍ରଭୃତି ରାଜ୍ୟକୁ ରପ୍ତାନୀ ହୋଇ ପାରିବ ଏବଂ ତଦ୍ଦ୍ୱାରା ଲାଭ ହୋଇ ପାରିବ । ଅତଏବ ଏ ବ୍ୟବସାୟ ଲାଭକର ବିବେଚନା କରି ବମ୍ବେଇର କେତେକ ଲୋକ ମିଶି ରକ୍ଷଣୀୟ ଦୁଧ ପ୍ରସ୍ତୁତ କରିବା କମ୍ପାନୀ ନାମରେ ଗୋଟିଏ ଯୌଥ ବ୍ୟବସାୟର ସମିତି ସଂଗଠିତ କରି ତହିଁର ଅନୁଷ୍ଠାନପତ୍ର ପ୍ରଚାର କରୁଅଛନ୍ତି । ଏହି କମ୍ପାନୀର ମୂଳଧନ ପଞ୍ଚାଶସହସ୍ର ଟଙ୍କା ଏବଂ ତାହା ୫୦୦ ଅଂଶରେ ବିଭକ୍ତ ହୋଇଅଛି । ସୁତରାଂ ପ୍ରତ୍ୟେକ ଅଂଶର ମୂଲ୍ୟ ଟ ୧୦୦ ଙ୍କା ଅଟେ । କମ୍ପାନୀ ଆଶା କରନ୍ତି ଯେ ଏ ବ୍ୟବସାୟରେ ଶତକଡ଼ା ବାର୍ଷିକ ଅନ୍ତତଃ ଟ ୯ ଙ୍କା ଲାଭ ହେବ । ବମ୍ବେଇବାସିମାନେ ଯେପ୍ରକାର ବ୍ୟବସାୟପଟୁ ଏବଂ ଯେପରି କୃତବିଦ୍ୟମାନେ ଏଥିରେ ନିଯୁକ୍ତ ହୋଇଅଛନ୍ତି ତହିଁରୁ ବିଲକ୍ଷଣ ଆଶା ହେଉଅଛି ଯେ ଏ କମ୍ପାନୀର ଉଦ୍ୟମ ସଫଳ ହେବ । ଏ ଅଞ୍ଚଳର କେହି ଅଂଶ ନେବାକୁ ଇଚ୍ଛା କଲେ ବମ୍ବେଇ କାଲବାଦେବୀ ରୋଡ଼ସ୍ଥିତ ପ୍ରିନ୍ସ ଅବ ଓଏଲସ ବଡ଼ଥସା କମ୍ପାନୀଙ୍କ ନିକଟକୁ ପତ୍ର ଲେଖିବେ ।

---

## ବଙ୍ଗପ୍ରାଦେଶିକ ସମିତି ।

ବଙ୍ଗପ୍ରାଦେଶିକ ସମିତିର ଏତଦ୍ ବର୍ଷର ଅଧିବେଶନ ଗତ ମୋହରମ ପର୍ବ ଛୁଟି ମଧ୍ୟରେ ଗତ ମାସ ତା ୩୦ ରଖରେ ଢାକା ନଗରରେ ଆରମ୍ଭ ହୋଇ ଚଳିତ ମାସ ତା ୧ ରଖରେ ଶେଷ ହେଲା । ଦୁଇଶତ ପ୍ରତିନିଧି ସହିତ ପ୍ରାୟ ଦେଡ଼ ସହସ୍ର ଲୋକ ସଭା ଘରକୁ ପୂର୍ଣ୍ଣ କରିଥିଲେ । ବାବୁ ରବୀନ୍ଦ୍ରନାଥ ଠାକୁର ଗୋଟିଏ ଗୀତ ଗାୟନ କରି ସଭାର କାର୍ଯ୍ୟାରମ୍ଭ କରନ୍ତେ ବାବୁ ଗୁରୁପ୍ରସାଦ ସେନ ଅଭ୍ୟର୍ଥନା କମିଟିର ସଭାପତି ସ୍ୱରୂପ ଗୋଟିଏ ବକ୍ତୃତା ପ୍ରଦାନ କରି ପ୍ରତିନିଧିମାନଙ୍କର ଅଭ୍ୟର୍ଥନା କଲେ ଏବଂ ସମିତିର ଉଦ୍ଦେଶ୍ୟ ବୁଝାଇ ଦେଲେ । ତହିଁ ଉତ୍ତାରୁ ବାବୁ କାଳୀଚରଣ ବାନୁର୍ଯ୍ୟା ଏହି ଅଧିବେଶନର ସଭାପତି ମନୋନୀତ ହେଲେ ଏବଂ ତାହାଙ୍କର ବକ୍ତୃତା ଏବଂ ସଭାର ଆଲୋଚ୍ୟ ବିଷୟ ନିର୍ବାଚନ କମିଟି ଗଠିତ ହୋଇ ପ୍ରଥମ ଦିନର କାର୍ଯ୍ୟ ଶେଷ ହେଲା । ଏହି ଅଧିବେଶନର ବ୍ୟୟ ନିର୍ବାହାର୍ଥ ଟ ୨୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ସମସ୍ତ ଶ୍ରେଣୀର ଲୋକଙ୍କଠାରୁ ଚେନ୍ଦାଦ୍ୱାରା ସଂଗୃହୀତ ହୋଇଥିଲା । ଚେନ୍ଦାର ସର୍ବ ନିମ୍ନ ଟ ୧ଙ୍କା ସର୍ବୋଚ୍ଚ ଅଙ୍କ ଟ ୩୦୦ ଙ୍କା ଥିଲା । ୨ୟ ଓ ୩ୟ ଦିନରେ ପ୍ରସ୍ତାବମାନ ଗୃହୀତ ହେଲା । ଅଧିକାଂଶ ପ୍ରସ୍ତାବ ଅନ୍ୟାନ୍ୟ ବର୍ଷପ୍ରାୟ ଥିଲା ଯଥା ସିଭିଲ ସର୍ଭିସ, ଅବକାରୀନୀତି, ଶାସନ ଓ ବିଚାର ବିଭାଗର ପାର୍ଥକ୍ୟ, ଜୁରିପ୍ରଥା, ସ୍ୱାୟତ୍ତ ଶାସନ ବିସ୍ତାର ପ୍ରଭୃତି । ନୂତନ ପ୍ରସ୍ତାବ ମଧ୍ୟରେ କଲିକତା ମିଉନିସିପାଲ ବିଲ ବା ପାଣ୍ଡୁଲିପି ଏବଂ ତଦ୍ଦ୍ୱାରା ସ୍ୱାୟତ୍ତ ଶାସନର ମୂଳ ଛେଦ ଏବଂ ଚଟ୍ଟଗ୍ରାମବାସିଙ୍କର ଦୁର୍ଦ୍ଦଶା ମୋଚନ ବିଷୟ ପ୍ରସ୍ତାବମାନ ପ୍ରଧାନ ଥିଲା । ମହାମତି ଗ୍ଲାଡଷ୍ଟୋନ ସାହେବଙ୍କ ମୃତ୍ୟୁରେ ଶୋକ ପ୍ରକାଶ, ନୂତନ ବଙ୍ଗେଶ୍ୱର ସରଜନ ଉଡବରନଙ୍କୁ ଧନ୍ୟବାଦ ପ୍ରଦାନ ଇତ୍ୟାଦି ପ୍ରସ୍ତାବମାନ ଉପସ୍ଥିତ ହୋଇ ମହା ସମାଦରରେ ଗୃହୀତ ହୋଇଥିଲା । ଏ ସମସ୍ତ କାର୍ଯ୍ୟ ଶେଷ ହୁଅନ୍ତେ ବାବୁ ତ୍ରୈଲୋକ୍ୟନାଥ ବସୁ ଅଭ୍ୟର୍ଥନା କମିଟି ପକ୍ଷରୁ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେଲେ ଏବଂ ସଭାପତି ମହାଶୟ ପ୍ରତିନିଧିମାନଙ୍କ ପକ୍ଷରୁ ପ୍ରତିଧନ୍ୟବାଦ ପ୍ରଦାନ କଲେ । ସଭାପତିଙ୍କର ଆଦ୍ୟ ଏବଂ ଅନ୍ତ ଉଭୟ ବକ୍ତୃତା ଅତ୍ୟନ୍ତ ତେଜସ୍ୱୀ ଏବଂ ପ୍ରୀତିକର ହୋଇଥିଲା । ପରଶେଷରେ ସମିତିର ଆଗାମୀ ଅଧିବେଶନ ବାବୁ ରବୀନ୍ଦ୍ରନାଥ ଠାକୁରଙ୍କର ଆମନ୍ତ୍ରଣମତେ ଚକଶା ପରଗନାରେ ହେବାର ସ୍ଥିର ହୋଇ ସଭା ଭଙ୍ଗ ହେଲା ଏବଂ ଶ୍ରୀମଗଧାରଦେଶଙ୍କ ଜନ୍ମଦିନରେ ସଭା ମଣ୍ଡପ ବନ୍ଦମାନ ହେଲା ।

ଭାଗ୍ୟ କୁଳର ରାଜପରିବାରସ୍ଥ ବାବୁ ଯୋଗେନ୍ଦ୍ରନାଥ ରାୟ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରି ଷ୍ଟିମର ଯୋଗେ ନଦୀରେ ଜଳ ବିହାର କରୁ-

Split by PDF Splitter
Digitized by srujanika@gmail.com

ଥିଲେ ଏବଂ ଲୁଥମ ସଙ୍ଗୀତ ଏବଂ ମିଷ୍ଟାନ୍ନ ରେ ଜନଦ୍ୱାରା ଯଥୋଚିତ ସମାଦର କରିଥିଲେ ।

---

### ପରୀକ୍ଷା ବୃତ୍ତାନ୍ତ

କଲ୍ୟାଣପୁର ଟାଉନର ଗତ ପୂର୍ବବର୍ଷର ପ୍ରାଇମେରୀପରୀକ୍ଷାର କଳଙ୍କର କଥା ପାଠକମାନଙ୍କୁ ଜଣାଅଛି । ଯାଜପୁର ସବଡିଭିଜନରେ ସେ ସମ୍ବନ୍ଧରେ ମୋକଦ୍ଦମା ହୋଇ ଯେଉଁ ଶିକ୍ଷକ ଓ ବସ୍ତ୍ରଦ୍ୱାରା ଗଣ୍ଡମାନଙ୍କ ଲିଖିତ ଉତ୍ତର ପରିବର୍ତ୍ତରେ ଜାଲ ଉତ୍ତର କାଗଜମାନ ପଠାଯାଇଥିଲି ସେମାନେ ଢାଣ୍ଡଦଣ୍ଡ ପାଇଅଛନ୍ତି । ଏବଂ ଜଜସାହେବଙ୍କର ଅପିଲ ବିଷୟରେ ଜନ୍ମ ଅଦାଲତର ସ୍ଥିର ସ୍ଥିତ ହୋଇଅଛି । ଏହି ପରୀକ୍ଷା ହେବା ସମ୍ପର୍କରେ ଶିକ୍ଷା ବିଭାଗର ଯେଉଁ କର୍ମଚାରୀମାନେ ପ୍ରଶ୍ରୟ ଏବଂ ପ୍ରଦର୍ଶୀ ନିଯୁକ୍ତ ଥିଲେ ମୋକଦ୍ଦମା ନିଷ୍ପତ୍ତିରୁ ସେମାନଙ୍କ କଥା ବୁଝାଯିବାର ଥିବାରୁ ଏଠା ଜିଲ୍ଲା ବୋର୍ଡର ଗତ ସୋମବାରର ଅଧିବେଶନରେ ସେ ବିଷୟ ଉପସ୍ଥିତ ହେଲା । ସେଦିନ ଜଣ ୧୧ ଏ ସଭ୍ୟ ଉପସ୍ଥିତ ଥିଲେ । ବିଜ୍ଞବର୍ତ୍ତୀ ମାଜିଷ୍ଟ୍ରେଟ ଏବଂ ଜଜସାହେବ ଉଭୟ ନିଷ୍ପତ୍ତିରେ ଦେଖାଗଲା ଯେ ସେମାନେ ପରୀକ୍ଷାର ପ୍ରଶ୍ରୟ ବାବୁ ଭଗବାନଚରଣ ଦାସ ସବଇନସ୍ପେକ୍ଟରଙ୍କ ଉପରେ ତୀବ୍ର ସମାଲୋଚନା କରିଅଛନ୍ତି । ଉଭୟ ନିଷ୍ପତ୍ତିରେ ସ୍ପଷ୍ଟ ଲେଖାଅଛି କି ସବଇନସ୍ପେକ୍ଟର ଏମନ୍ତ ଭାବରେ ଗୋଳମାଳ ହୋଇଥିଲା ଯେ ସେ ଅପରାଧ ଉପୁଡ଼ ପୋତାଇବାକୁ ଚେଷ୍ଟାକରିଁ କାର୍ଯ୍ୟତଃ ଅପରାଧିମାନଙ୍କର ପକ୍ଷ ସମର୍ଥନ କରିଥିଲା । ସେ ଏହି ବ୍ୟାପାରରେ ଲିପ୍ତ ନ ଥିବାର ସମ୍ଭବ ହେଲେ ହେଁ ତାହାର ଚରିତ୍ର ଆଦୌ ସନ୍ତୋଷଜନକ ହୋଇ ନାହିଁ ଏବଂ ଯେବେ ତାହାଙ୍କ ତତ୍ତ୍ୱାବଧାନର ଅଧୀନରେ ଏତେବଡ ପରୀକ୍ଷା ବୃତ୍ତାନ୍ତ ଘଟିଲା ତେବେ ସେ ଯେତେ ନିର୍ଦ୍ଦୋଷୀ ହୋଇଥିଲେ ପରକେ ତାହାଙ୍କର ଏ ଦୃଷ୍ଟି ଅବସ୍ଥା ଅଟେ । ବିଶେଷତଃ ସେ ଯେପରି ଭାବରେ ଅଛନ୍ତି ତହିଁରୁ ଆଶା କରାଯାଏ ଯେ ସେ ଏହି ପରୀକ୍ଷା ବୃତ୍ତାନ୍ତର ମୂଳ ଅପରାଧୀମାନଙ୍କୁ ଧରାଇଦେବା ବିଷୟରେ ସାଧ୍ୟାନୁସାରେ ସାହାଯ୍ୟ କରନ୍ତେ ମାତ୍ର ତହିଁର ବିପରୀତ ସେ ଅପରାଧୀମାନଙ୍କର ଧରାଯିବା ବିଷୟରେ ବାଧା ଜନ୍ମାଇଲେ । ଏଥିପାଇଁ ବୋର୍ଡ ଅଧିକାଂଶ ସଭ୍ୟଙ୍କ ମତାନୁସାରେ ତାହାଙ୍କୁ ମାସେ ନିମନ୍ତେ ସସପେଣ୍ଡ କଲେ । ତାହାଙ୍କ ସାହାଯ୍ୟ ନିମନ୍ତେ ଯେଉଁ କର୍ମଚାରୀମାନେ ଏହି ପରୀକ୍ଷାର ତତ୍ତ୍ୱାବଧାରଣ ଏବଂ ପ୍ରଦର୍ଶ କାର୍ଯ୍ୟରେ ନିଯୁକ୍ତ ଥିଲେ ସେମାନଙ୍କମଧ୍ୟରୁ ବର୍ତ୍ତମାନ ଚଉଡା ସ୍କୁଲର ହେଡପଣ୍ଡିତ ଶ୍ୟାମସୁନ୍ଦର ଘୋଷାଲ ମା ୬ ସ ସସପେଣ୍ଡ, ଇନ୍‌ସ୍ପେକ୍ଟିଙ୍ଗ ପଣ୍ଡିତ ଗୋପୀନାଥ ଶତପଥି ମାଂସ ସସପେଣ୍ଡ ଓ ସ୍ଥାନାନ୍ତରିତ ଏବଂ ଅଭୁସ୍ଥ ଅଃ ପ୍ରାଃ ସ୍କୁଲ ଶିକ୍ଷକ ଘନଶ୍ୟାମ ମିଶ୍ର ଏକବର୍ଷ ସକାଶେ ପୁରସ୍କାର ପାଇବାରୁ ବଞ୍ଚିତ ହେବାର ଦଣ୍ଡ ଲଭିଲେ । ଯେ ସମସ୍ତ ଅବଧାନମାନେ ସେହି କଲ୍ୟାଣପୁର ଟାଉନରେ ଆପଣା ୨ ଶିଷ୍ୟମାନଙ୍କ ସହିତ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ସେମାନଙ୍କମଧ୍ୟରୁ ଯେଉଁମାନେ ପ୍ରକୃତ କଥା କହି ଏହି କଳଙ୍କ ଧରାଇଦେବା ବିଷୟରେ ସାହାଯ୍ୟ କରିଥିଲେ ସେମାନେ ଉକ୍ତବର୍ଷ ନିମନ୍ତେ ଏବଂ ଅନ୍ୟ ଅବଧାନମାନେ ତିନିକାଳ ନିମନ୍ତେ ସରକାରି ପୁରସ୍କାର ପାଇବାରୁ ବଞ୍ଚିତ ହେଲେ ।

ଆମ୍ଭମାନଙ୍କ ବିବେଚନାରେ ଜିଲ୍ଲା ବୋର୍ଡଙ୍କର ଉପରୋକ୍ତ ଦଣ୍ଡ ପ୍ରଦାନ ଅସଙ୍ଗତ ବା ଅନୁଚିତ ହୋଇ ନାହିଁ ।

ପରୀକ୍ଷା ବୃତ୍ତାନ୍ତ ଘଟିବା ଅନେକ ଉଦାହରଣ ସମୟ ୨ ରେ ବୋର୍ଡଙ୍କ ଗୋଚରରେ ଆସିଅଛି ଏବଂ ବୋର୍ଡଙ୍କ ଅଧୀନରେ ଥିବା ଶିକ୍ଷା କର୍ମଚାରୀଙ୍କର ଚରିତ୍ର ବିରୁଦ୍ଧରେ ମଧ୍ୟ ବେଳେ ୨ ବେତେ କଥା ପ୍ରକାଶ ପାଇଅଛି । କେବଳ ଯଥେଷ୍ଟ ପ୍ରମାଣ ଅଭାବରେ ଉପଯୁକ୍ତ ଶାସ୍ତି ଦିଆଯାଇ ପାରିନାହିଁ । ଏଥର ଈଶ୍ୱରତେ ଅନୁସନ୍ଧାନରେ ଦୋଷୀମାନେ ଧରା ହୋଇ ଫଉଜଦାରୀ ଅଦାଲତ ଏବଂ ବିଭାଗୀୟ ବିଚାରରେ ଉଚିତ ଦଣ୍ଡ ପାଇଲେ ଏଥିରୁ ଆଶା ହେଉଅଛି ଯେ କର୍ମଚାରୀମାନେ ଆପଣା ୨ ଦାୟିତ୍ୱର ଗୁରୁତ୍ୱ ଅନୁଭବ କରି ଅତ୍ୟନ୍ତ ସାବଧାନତା ସହିତ କାର୍ଯ୍ୟ କରିବେ ଏବଂ ଏପ୍ରକାର କଳଙ୍କ ଅନେକ ପରିମାଣରେ ଧୋଇଯିବ । ଏସମ୍ବନ୍ଧରେ ବାବୁ ପ୍ୟାରୀମୋହନ ସେନ ଡେପୁଟି ଇନ୍‌ସ୍ପେକ୍ଟରଙ୍କୁ ଯଥେଷ୍ଟ ଧନ୍ୟବାଦ ନ ଦେଇ ଆମ୍ଭେମାନେ ଏ ପ୍ରବନ୍ଧ ଶେଷକରି ନ ପାରୁ । ତାହାଙ୍କର ପ୍ରଶଂସନୀୟ କର୍ତ୍ତବ୍ୟ ପରାୟଣତା, ନିରପେକ୍ଷତା, ସରଳତା ଏବଂ ଆପଣା ବିଭାଗର ଉନ୍ନତି ଲାଗି ବ୍ୟଗ୍ରତା ପ୍ରାୟ ସମସ୍ତଙ୍କୁ ଜଣାଅଛି । ଏହି ପରୀକ୍ଷା ବୃତ୍ତାନ୍ତ କେବଳ ତାହାଙ୍କର ସ୍ଥିର ଅଧ୍ୟବସାୟ ଓ ସୂକ୍ଷ୍ମାନୁସନ୍ଧାନ ହେତୁ ଧରାପଡିଲା । ଅତ୍ୟନ୍ତ ଦୁଃଖର ବିଷୟ ଯେ ସେ ଅଳ୍ପ ଏକମାସରେ ପେନସନ ନେଇ କାର୍ଯ୍ୟ ଛାଡି ଯାଉଅଛନ୍ତି । ସରକାର ତାହାଙ୍କୁ ଆଉ କିଛିକାଳ ସମୟ ଦେଇଥିଲେ ବଡ ଭଲ ହୋଇଥାନ୍ତା । ଏମନ୍ତ ବସ୍ତୁଦର୍ଶୀ କର୍ମଚାରୀର ଅଭାବ ସାଧାରଣ କ୍ଷତିର ବିଷୟ ଅଟେ ।

---

### ଶାନ୍ତିବଚନ ।

ପ୍ରଜାସତ୍ତ୍ୱ ଆଇନର ବନ୍ଦୋବସ୍ତ ବିଧିମାନ ସଂଶୋଧନାର୍ଥେ ଆଇନ ଯେତେବେଳେ ଗତମାସରେ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ପାସ ହେଲା ସେତେବେଳେ ବଙ୍ଗଳାର ଲୁଫଟେନାଣ୍ଟ ଗବର୍ଣ୍ଣର ସର ମାକେଞ୍ଜୀ ବାହାଦୁର ବଡ଼ ଆନନ୍ଦିତ ହୋଇ ଉତ୍ସାହିତ ମର୍ମରେ ବକ୍ତୃତା କରିଥିଲେ ଯଥା ।—

ବଙ୍ଗପ୍ରଦେଶରେ ବନ୍ଦୋବସ୍ତର ଉପଯୁକ୍ତ ଆଇନର ଅଭାବ ଗତ ବ ୨୦ ବର୍ଷରୁ ଅନୁଭୂତ ହୋଇଥିଲା । ସନ ୧୮୮୫ ସାଲରେ ବ୍ୟବସ୍ଥାପକ ସଭା ଗବର୍ଣ୍ଣମେଣ୍ଟ ଏବଂ ଜମିଦାରସକାଶେ ଖଜଣା ଧାର୍ଯ୍ୟ କରିବାର ଗୋଟିଏ ବିଧାନ ସ୍ଥିର କରିଦେଇ ବିଶେଷ ବିଚକ୍ଷଣତା ଉଦ୍ୟୋଗର ବ୍ୟବସ୍ଥା ଏହି ଅଭିପ୍ରାୟରେ କରିଦେଲେ ଯେ ସେହି ବିଚାରପତିଙ୍କ ନିଷ୍ପତ୍ତି ଏ ବିଷୟର ଶେଷ ନିଷ୍ପତ୍ତି ହେବ । ମାତ୍ର ଅନେକସ୍ଥଳେ ରୟତ ଏବଂ ମଧ୍ୟସତ୍ତ୍ୱାଧିକାରୀମାନେ ବନ୍ଦୋବସ୍ତ କର୍ମଚାରୀଙ୍କଠାରୁ ଅନ୍ତରରେ ରହି ଦେଓୱାନି ଅଦାଲତରେ ନାଲିଶ ଲଢ଼ାଇବାରୁ ସେ ଅଭିପ୍ରାୟ ସିଦ୍ଧି ହୋଇପାରିଲା ନାହିଁ । ବର୍ତ୍ତମାନ ସଂଶୋଧିତ ଆଇନରେ ଉଚିତ କର ସ୍ଥିର କରିବାର ପ୍ରସଙ୍ଗ ଦେୱାନୀ ଅଦାଲତ ହାତରୁ ବାହାରିଗଲା । ସୁତରାଂ ରୟତମାନେ ଆଉ କ୍ଷୁଦ୍ରସ୍ୱାର୍ଥପରତାଙ୍କ କଥାରେ ଭୁଲିବେ ନାହିଁ । ବାସ୍ତବରେ ଅନେକସ୍ଥାନରେ ମଧ୍ୟସତ୍ତ୍ୱାଧିକାରୀମାନେ ଅକ୍ଳେଶ ଓ ବିନାଆପତ୍ତିରେ ଖଜଣା ଦେଉଅଛନ୍ତି ଏବଂ ଓଡ଼ିଶାରେ ବନ୍ଦୋବସ୍ତ କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକରୂପେ ଅଗ୍ରସର ହେଉଅଛି ଏବଂ ବନ୍ଦୋବସ୍ତ କର୍ମଚାରୀଙ୍କ ପ୍ରସ୍ତାବମାନ ପ୍ରଜାମାନେ ଗ୍ରହଣ କରୁଅଛନ୍ତି । ଖଜଣା ଧାର୍ଯ୍ୟ ବିଷୟରେ ସରକାର ସର୍ବଦା ନରମ ଭାବରେ ମାତ୍ର ଯେଉଁଠାରେ ବ ୨୦ ବର୍ଷରୁ ବନ୍ଦୋବସ୍ତ ହୋଇଅଛି ସେଠାରେ ଜମିଦାରଙ୍କ ହାତରୁ ଅବଶ୍ୟ କିଛି ବାହାରିଯିବା ଏହା ଅସଙ୍ଗତ ନୁହେ । ମାତ୍ର ଭରସା ହେଉଅଛି ଯେ ଜମିଦାରଙ୍କର ଆୟ ବର୍ତ୍ତମାନ ଯାହା ଊଣା ପଡିବ ତାହା ସହଜସ୍ଥାର ଖଜଣାବୃଦ୍ଧି ଏବଂ ଦେଶର ସାଧାରଣ ଉନ୍ନତି ଓ ନୂତନ ରେଲବାଟ ଫିଟିବାଦ୍ୱାରା ଅଳ୍ପ ସମୟରେ ପୂର୍ଣ୍ଣ ହୋଇଯିବ । ଓଡ଼ିଶାର ବନ୍ଦୋବସ୍ତର ମିଆଦ ବ. ୩୦ ବର୍ଷ ଧାର୍ଯ୍ୟ ହୋଇଅଛି

Split by PDF Splitter
Digitized by srujanika@gmail.com

ଏବଂ ଆଶା ହୁଅଇ ଯେ ଏହି ସମୟମଧ୍ୟରେ ଏମନ୍ତ ସୁଯୋଗମାନ ଉପସ୍ଥିତ ହେବ ଯେ ଜମି-ଦାରମାନଙ୍କଠାରୁ ସରକାର ବର୍ତ୍ତମାନ ଯେ ନିର୍ଦ୍ଦିଷ୍ଟ କର ଗ୍ରହଣ କରୁଅଛନ୍ତି ତହିଁର ସମସ୍ତ ବଦଳା ହରଣ ହୋଇଯିବ ।

ବର୍ତ୍ତମାନ ସ୍ଥାୟୀ ବନ୍ଦୋବସ୍ତରେ ଜମିଦାର-ଙ୍କର ଯିଇ ହେବାର ଦେଖି ସର ଥିଲେକଜା-ଣ୍ଡର ମାକେଞ୍ଜି ବାହାଦୁର ସରକାରଙ୍କ ପକ୍ଷରୁ ଆନୁକୂଲ୍ୟ ପ୍ରକାଶ କରିଥିଲେ ସେଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ମାତ୍ର ତାହା-ଙ୍କ ସୁଖସ୍ୱପ୍ନ ଯେ ଅଚିରେ ଫଳବ ଏହା ଆମ୍ଭର ମନରୁ ଆସୁ ନାହିଁ । ଅବାଦ ହେବା ଯୋଗ୍ୟ ପଡ଼ିଆଜମି ଅନେକ ଜମିଦାରୀରେ ଅଛି ନାହିଁ । ପାହିଜମିର ଖଜଣା ନାକବୁଡ଼-ସ୍ଥାନକୁ ଉଠିଅଛି ଏବଂ ଅଧିକାଂଶ ସହ୍ୟବାନ ନ ଥିବାରୁ ବ ୧୫ ବର୍ଷପର୍ଯ୍ୟନ୍ତ ଖଜଣା ବଢ଼ି-ବାର ଅଇନାନୁସାରେ ବାଟ ନାହିଁ । ଯୋଇ ... ଉତ୍କଳର ଭାଗ୍ୟସ୍ଥଳରେ ସର୍ବଦା ବିଦ୍ୟ-... । ସରକାରଙ୍କର ଆଶାସ୍ଥଳ ଏକମାତ୍ର ରେଲବାଟ ଯାହାର ନିର୍ମାଣ ହେଉଅଛି । ରେଲ ... ଜମି ଉନ୍ନତ ହେବ ନାହିଁ କେବଳ ... ମୂଲ୍ୟ ବୃଦ୍ଧି ହେବାର କଥା । ଏଥିରୁ ... ଫସଲର ଦର ଯେବେ ବୃଦ୍ଧି ହୋଇ-... ତହିଁରୁ ଅଲ୍ପ ଅଧିକ ବଢ଼ିଲେ ଲୋକେ ... କି ? ବରଂ ରେଲବାଟ ନିର୍ମାଣ-... ଶେଷ ହେଲେ ତହିଁରେ ମୂଲଲାଗି ଯେଉଁ ... ପୋଷା ହେଉଅଛନ୍ତି ସେମାନଙ୍କର କଷ୍ଟ ... ଏବଂ ଖଜଣା ଆଦାୟ କଷ୍ଟକର ହେବ । ... ଭଗବାନଙ୍କର ଇଚ୍ଛା ଯାହା ଥିବ ତାହା ... । ମାତ୍ର କେବଳ ଜମିଦାରଙ୍କର ଲାଭ ... ବୋଲି ବର୍ତ୍ତମାନ ସେମାନଙ୍କର ସ୍ୱତ୍ୱ-... ସରକାରଙ୍କର ଦୟାଳୁତାର ସୁସଙ୍ଗତ ... ନ ପାରେ ।

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

... ମୁନସି ଅଫିସିଏଟିଂ ଡେପୁଟି ମାଜିଷ୍ଟ୍ରେଟ ... କଲେକ୍ଟରଙ୍କ ନମ୍ବମଲଙ୍ଗିକ ... ଅବକାଶ ... ବଦଳ ହେଲେ ।

... ସର୍ଜନ ... ମେଜର ... ପ୍ରସବ ... ଠାରୁ ଦେଇ ଥିବା ... ଜେଲର ... କାର୍ଯ୍ୟକୁ ବଦଳ ହେଲେ ଓ ସର୍ଜନ ଲେଫଟେ-... ଲିପିବ ଗୁପ୍ତ ସ୍ୱଭାବେ ବାହାଲ ହେଲେ ।

... ସପ୍ତାହରେ ଏ ନଗରରେ ସମାନ୍ୟ ମେଘୁଆ ପାଗ ... କାଳ ... ଯାଇଥିଲା । ଅଣନ୍ୟର ... ଦେଖା ହେଉଅଛି ।

ବର୍ତ୍ତମାନ ନଗରର ସ୍ୱାସ୍ଥ୍ୟ ଭଲ ଅଛି ଏବଂ ଏହା ଦେଖି କର୍ତ୍ତୃପକ୍ଷମାନେ ପ୍ଲେଗ ନିବାରଣର ବନ୍ଦୋବସ୍ତ କିଛି ଶିଥିଳ କରିଅଛନ୍ତି ।

ଅନାବୃଷ୍ଟି ସେମନ୍ତ ଗ୍ରୀଷ୍ମ ପଡ଼ିବା ଇତ୍ୟାଦ ହେମନ୍ତ ... କାରଣର ମୂଲ୍ୟ ... ବଡ଼ା ହୋଇଅଛି ମନୁଷ୍ୟ ମଧ୍ୟ କମେ କରୁଅଛି ।

ଶ୍ରୀମତୀ ମହାରାଣୀ ... ଙ୍କ ଶ୍ରାଦ୍ଧରେ ଅସ୍ଥୀୟ ... ଦାସ ଦାସୀ ପ୍ରଭୃତି ମିଶି ପ୍ରାୟ ଏକହଜାର ଲୋକ ବାସ କରନ୍ତି । ଏହି ପରିବାର ସାମାନ୍ୟ ନୁହେ । ମାତ୍ର ଏ ଦେଶର ଏକ ଜଣ ରାଜା ବା ଜମିଦାରଙ୍କ ଘରେ ଏଥିରୁ ଅଧିକ ଲୋକ ଅଛନ୍ତି ।

ଅଲିପୁର ପଶୁଶାଳାର ସୁପ୍ରିଣ୍ଟେଣ୍ଡ ବାବୁ ରାମବ୍ରହ୍ମ ସାନ୍ୟାଲ ... ଯାହା କରୁଅଛନ୍ତି ।

ବମ୍ବେଇରେ ମହାମାରୀ କମିଲା ଭଳି ଦେଖାଯାଉଅଛି । ଆଶା ହୁଅଇ ସେମନ୍ତ ଏଥର ଥମିଯିବ ! ଏଗଣରେ କମେ ... ହୋଇ ଆସୁଥିଲେ ମଧ୍ୟ ... ୧୩୮ ମୃତ୍ୟୁ ହେଉଅଛି ।

ତାହିରପୁରର ରାଜା ଶଶିଶେଖରେଶ୍ୱର ରାୟ ... ହିନ୍ଦୁ ... ବୋଡ଼ର ... ବ୍ୟବସ୍ଥାପକ ସଭାର ସଭ୍ୟ ମନୋନୀତ ହେବାର ସମ୍ବାଦ ପତ୍ରରେ ପ୍ରକାଶିତ ହୋଇଅଛି ।

ବଙ୍ଗଳାର ମହିଳାମାନଙ୍କର ଜାତୀୟ ସମିତିର ବାର୍ଷିକ ଅଧିବେଶନରେ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ମହାଶୟ ସମିତିର ଅନୁରୋଧ କ୍ରମେ ଭାରତବର୍ଷ ସମ୍ବନ୍ଧରେ ବକ୍ତୃତା କରିଥିଲେ ।

ବମ୍ବେଇ ପ୍ରଦେଶରେ ୧୧ ହଜାର ଏବଂ ମାନ୍ଦ୍ରାଜ ପ୍ରଦେ-ଶରେ ୧ ହଜାର ଲୋକ ଅଦ୍ୟାପି ଦୁର୍ଭିକ୍ଷ ପାଣ୍ଠିରୁ ସାହାଯ୍ୟ ପାଇ ଜୀବନ ଧାରଣ କରୁଅଛନ୍ତି ।

ଥିଓସଫିକଲ ସୋସାଇଟିର ଯତ୍ନରେ କାଶୀଧାମରେ ହିନ୍ଦୁ କଲେଜ ନାମରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହେ-ଉଅଛି । ... ହେବେ ।

ଅଗ୍ରାର ପୁଲିସ ସୁପ୍ରିଣ୍ଟେଣ୍ଡ ବଡ଼ ଯତ୍ନରେ ଏକଦଳ ଡକା-ଏତ ଧରିଅଛନ୍ତି । ଧରିବା ବେଳେ ସେମାନେ ବନ୍ଧୁକ ଧରି ପ୍ରାୟ ଏକଘଣ୍ଟା କାଳ ପୁଲିସ ସଙ୍ଗେ ଯୁଦ୍ଧ କରିଥିଲେ । ଏମାନେ ପୁରୁଣା ଡକାଏତ ବୋଲି ପୁଲିସ ବହୁଦିନରୁ ଏମାନଙ୍କୁ ଖୋଜୁଥିଲେ । ସରଦାରମାନେ ଧରା ହୋଇ ଅଛନ୍ତି ।

ବଣ୍ଡାଡ ... ଜଣକୁ, ମିସ୍, ବାନାର୍ଜୀଙ୍କ କନ୍ୟା, ବଙ୍ଗଳରେ ବି, ଏ, ପରୀକ୍ଷାରେ ପାସ କରି ଡାକ୍ତରୀ ଅଧ୍ୟୟନ କରିଅଛନ୍ତି । ତାଙ୍କର ମର୍ଦ୍ଦିକ ... ଲଣ୍ଡନ ହାସପାତାଲରେ କାର୍ଯ୍ୟ କରୁଅଛନ୍ତି । ଏହାଙ୍କ ମଧ୍ୟରେ ବିବାହ ହେବାର ସ୍ଥିର ହୋଇଅଛି । ଏହା ... ଯୋଟକ ବୋଲିବାକୁ ହେବ ।

ଅନ୍ୟ ମସଜିଦଠାରେ ମଧ୍ୟ ସିପାହିମାନଙ୍କର ... ମେଘ ହୋଇଥିବାର ସମ୍ବାଦ ମିଳଇ । ଏଠାରେ ସୁବା ... ଗୋଳ ବାରଦ, ସଙ୍ଗିନ ଓ ... ସେଗ୍ ... ଯାଇଅଛି ଏବଂ ମେଘର ... ସକାଣେ ... ହୋଇ ସେଉଁ ସିପାହିମାନେ ବାହାରିଥିଲେ ସେମାନେ କାହାରିକି ଦେଖିପାରିଲେ ନାହିଁ ।

କଲିକତା ... ଏକ ତେଲକଲର କାରଖାନା ଅଛି । ଏଥିରେ ସେହି କାରଖାନାରେ କାର୍ଯ୍ୟ କରୁଥିବା ଜଣେ ଲୋକ ଅପଣାର ... ବର୍ଷ ... ପୁଅଟିକୁ ସେଠି ... ଥିଲା । ... କଳ ନିକଟରେ ଖେଳୁଥିବା ସମୟରେ ହଠାତ୍ ଦେଖାଗଲା ଯେ ତାହାର ମୁଣ୍ଡ ଓ ... କଳର ... ଯାଇଅଛି । କଳରୁ ... ମାତ୍ର ସେତେବେଳକୁ ପିଲାଟିର ପ୍ରାଣବାୟୁ ... ହୋଇ ଯାଇଥିଲା ।

ମୁଲତାନଠାରେ ... ନଗରରେ ... ହଙ୍ଗାମା ହୋଇ ଯାଇଥିବାର ସମ୍ବାଦ ମିଳଇ । ପ୍ରାୟ ସମସ୍ତ ସରକାରୀ ... ଲୁଟପାଟ ହୋଇ ଯାଇଅଛି ।

କଲିକତାର ଅସିସ୍ତାନ ନାମକ ସମ୍ବାଦପତ୍ର କେତେକ ... ସମ୍ବାଦପତ୍ର ଅଫିସର ... କାଗଜପତ୍ର ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଅପରାଧରେ ଧୃତ ହୋଇ ଫୌଜଦାରୀ ସୁପର୍ଦ୍ଦ ହୋଇଅଛି ।

ଗତମାସ ତା ୨୭ ଋଖରେ ଯେଉଁ ତୋଫାନ ହୋଇଥିଲା ତହିଁରେ ଗଙ୍ଗାନଦୀରେ ଗୋ ୭ ଟି ନୌକା ବୁଡ଼ି ଯାଇଥିବାର ସମ୍ବାଦ ମିଳଇ । ଏଥିମଧ୍ୟରୁ ଗୋ ୨ ଟି ନୌକାରେ ବ ୩୪୦ ମହଣ ... ଗୋଟିଏରେ ୩୫୦୦ ମହଣ ଲୁଣ ଏବଂ ଅନ୍ୟ ଗୋଟିକରେ ... ବୋଝାଇ ହୋଇଥିଲା । କୌଣସି ଲୋକ ମରି ପଡ଼ି ନାହିଁ ।

ଭାରତବର୍ଷ ... ନ ହେଲେ ... ଦଳକ ... ସବର୍ଣ୍ଣମେଣ୍ଟ ... କାରଣ ପ୍ରସ୍ତୁତଥିବା ... ଉଠିଅଛି ।

ଶିବାଳଗଡ଼ ... ଏକ ସପ୍ତାହମଧ୍ୟରେ ଗୋଟିଏ ବାଘ ମାରିଥିବାର ସମ୍ବାଦ ମିଳଇ । ଏ ଶିକାରରେ ଜ ୨ ଣ ଲୋକ ଗୋଟିଏ ବାଘ କର୍ତ୍ତୃକ ... ଆହତ ହୋଇଅଛନ୍ତି । ବାଘଟା ଗୋଟିଏ ହାତୀକୁ ଆକ୍ରମଣ କରି ... ପ୍ରଦାନ ପୂର୍ବକ ତାହାର ମୁଣ୍ଡରେ ପଡ଼ିଲା । ମାହୁନ୍ତ ଭୟରେ ତଳେ ପଡ଼ିଗଲା ଏବଂ ତଳେ ମାହୁନ୍ତ ଓ ବାଘମଧ୍ୟରେ ... ହେବା ସମୟରେ ଜଣେ ସିପାହି ବାଘକୁ ଗୋଳି ଚାଳିଲା । ମାତ୍ର ଗୋଳିଟା ବାଘ ଦେହରେ ବାଜିଲା ନାହିଁ ଏବଂ ବାଘ ... ହୋଇ ମାହୁନ୍ତକୁ ଛାଡ଼ି ସିପାହିକୁ ଆକ୍ରମଣ କଲା ।

ଗତମାସ ତା ୨୭ ଓ ୨୭ ଋଖ ଦିନ ମୃତମହାମାନ୍ୟ ଗ୍ଲାଡ୍‌ଷ୍ଟୋନ ସାହେବଙ୍କ ମୃତଦେହ ଓଏଷ୍ଟମିନଷ୍ଟର ଅବେଠାରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ସଂରକ୍ଷିତ ହୋଇଥିଲା । ପ୍ରଥମଦିନ ଜ ୧,୬୦,୦୦୦ ଏବଂ ଦ୍ୱିତୀୟ ଦିନ ଏକଲକ୍ଷରୁ ଅଧିକ ଲୋକ ଦେଖିବାକୁ ଯାଇଥିଲେ ।

ଲାହୋରଠାରୁ ସମ୍ବାଦ ମିଳଇ ଯେ ଜ ୭ ଣ ପୁଲିସ କର୍ମଚାରୀ ମହାମାରୀ ପ୍ଲେଗ ନିବାରଣ କାର୍ଯ୍ୟରେ ନିଯୁକ୍ତ ଥାଇ ଉକ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି ।

ସିହାଲଦହ ରେଲଷ୍ଟେସନରେ କାର୍ଯ୍ୟ କରୁଥିବା ଜଣେ କୁଲି ଉପରେ ରେଲଗାଡ଼ି ଚାଲିଯିବାରୁ ଲୋକଟା ଅତ୍ୟନ୍ତ ଅବସ୍ଥାରେ ହାସପାତାଲରେ ପଡ଼ିଅଛି ।

ଇଂରେଜମାନେ ଗତ ମଇମାସ ତା ୨୪ ଋଖରେ ... ଦୁର୍ଗ ଅଧିକାର କରି ସେଠାରେ ଇଂରେଜ ଧ୍ୱଜା ଉଡ଼ାଇଥିବାର ସମ୍ବାଦ ମିଳଇ ।

## ପୁରୀ-ସମ୍ବାଦ ।

ଅସ୍ମାକଙ୍କର କମିଶନର ବାହାଦୁର ... ସରକାରୀ ... ମାନ ପରିଦର୍ଶନ କରୁଅଛନ୍ତି । କାର୍ଯ୍ୟ ଶେଷ କରି ... ଫେରିଯିବେ ।

ଏଠାରେ ପ୍ଲେଗ ହାସପିଟାଲ ନିର୍ମାଣ ହେବାର ... ଯେଉଁ ଉଦ୍‌ଯୋଗ ଲାଗିଥିଲା କମିଶନର ବାହାଦୁରଙ୍କ ଆଦେଶ ଅନୁସାରେ ବର୍ତ୍ତମାନ ସ୍ଥଗିତ ରହିଲା । ଏଥିରେ ନଗରବାସିମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ସାହେବ ମହୋଦୟଙ୍କର ମଙ୍ଗଳ କାମନା କରୁଅଛନ୍ତି ।

ଗତ ତା ୧ ଋଖଠାରୁ ... ନିକଟସ୍ଥ ... ହାସପିଟାଲ ସମ୍ମୁଖ ନୂତନ ଷ୍ଟେସନ ପର୍ଯ୍ୟନ୍ତ ରେଲ ଗମନା-ଗମନ କରୁଅଛି ।

ଏପର୍ଯ୍ୟନ୍ତ ବାର୍ଷିକ ଯାତ୍ରୀସଂଖ୍ୟା ୩।୪ ହଜାରରୁ ଅନ-ଧିକ ଏଥିମଧ୍ୟରୁ ... ଉପରେ ବାହାର ... ଏଠାର ପ୍ରଧାନ ସାକ୍ଷୀ ।

Split by PDF Splitter
Digitized by srujanika@gmail.com

...ଶ୍ୱଦସ୍ତ ସ୍ୱାମୀମାନେ ଏ ଯାତ୍ରାରୁ ବଡ଼ ଆଶା କରନ୍ତୁ ଅଛନ୍ତି ଏବଂ ଯାତ୍ରୀସଂଖ୍ୟା ଅତ୍ୟନ୍ତ ସ୍ୱଳ୍ପ ଦେଖି ସେମାନେ ହତାଶ ହୋଇଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ବଡ଼ାମ୍ବା ଗଡ଼ଜାତର ନାବାଳକ ଶ୍ରୀମାନ୍ ରାଜା ମହୋଦୟଙ୍କ ଯତ୍ନରେ ଯେ ସ୍ଥାନୀୟ ଭଦ୍ରମଣ୍ଡଳୀ ଶ୍ରୀଯୁକ୍ତ ରାମଶଙ୍କର ସ୍ୱାମୀଙ୍କ କୃତ ଓଡ଼ିଆ ରାମବନବାସ ଓ କଳଙ୍କାଳ ନାଟକର ଅଭିନୟ କରିଥିଲେ । ତାହା ଦର୍ଶକବୃନ୍ଦଙ୍କର ମନୋହାରୀ ହୋଇଥିଲା । ସମସ୍ତ ଦର୍ଶକ ଓ ଅଭିନେତାମାନେ ଶ୍ରୀମାନ୍ ରାଜା ମହୋଦୟଙ୍କର ନାଟକ ଅଭିନୟ ପ୍ରତି ପ୍ରଗାଢ଼ ଅନୁରାଗ ସନ୍ଦର୍ଶନ କରି ଚମତ୍କୃତ ହୋଇଅଛନ୍ତି । ପ୍ରଥମ ଉଦ୍ୟମରେ ଅଭିନୟ ସଫଳ ହେବାର ଦେଖି ଆଶା ହେଉଅଛି ଭବିଷ୍ୟତରେ ଉକ୍ତ ବିଷୟରେ ଏ ସ୍ଥାନ ଉତ୍କଳବାସୀଙ୍କର ଆଦର୍ଶସ୍ଥାନ ହେବ ।

ଡମ୍ୱିଙ୍ଗ
ବଡ଼ାମ୍ବାଗଡ଼
୨।୬।୯୮

ବଶମ୍ବଦ
ଶ୍ରୀ ସନ୍ଦର୍ଶନ ଶର୍ମା
ଦର୍ଶକ

To the Editor of the Utkal Dipika

Sir,

The well-wishers of the Jajpur H. E. School cannot be sufficiently thankful to the Munsiff Babu Aswini Kumar Basu, the present secretary; for the uncommon interest he takes in the well being of the institution. Babu Aswini Kumar Basu regards the school as primary parts of his care and surpasses all his predecessors in the amount of attention, he constantly devotes to its improvement. It is due to only his promptitude that the school has been in existence after the fire which lately destroyed the school building with al' its maps, books and other furniture and it is no less due to untiring efforts that in a short space of two months the school has been restored almost to its former state. We shall be guilty of sheer ingratitude to Babu Aswini Kumar Basu unless we bring this facts to the notice of the public. Hoping you will do us the favour of publishing the above few lines in a corner of your highly esteemed journal.

Jajpur
7—6—98.

We remain,
yours faithfully
*Justice*
(on behalf of the jajpur public)

ମହାଶୟ

ଝଙ୍କଡ଼ ପ୍ରଗନାର ଜଜପୁର ଗ୍ରାମର ଗତ ମଇମାସ ତା ୨୬ ରିଖ ବୁଧବାର ହାଟରେ ପ୍ରାୟ ୩୨ ହଜାର ଲୋକଙ୍କର ସମାଗମ ହୋଇଥିଲା । କାରଣ ଏହାପୂର୍ବ ସ ୧୬ ନ ଛଅରେ ଏ ଅଞ୍ଚଳର ବନ୍ଧୁଲୋକଙ୍କର ଝଡ଼ାବୋଇକ ସମାପନ ହେବାର ନିର୍ଦ୍ଧାରିତ ହୋଇଥିବାରୁ ଜନ ସମୂହ ବିଶେଷ ହେଉଥିଲା ଦିବସ ପ୍ରାୟ ଦୁଇ ପ୍ରହର ବେଳରୁ ଘୋର ହାଟ ଲାଗି ଜନରବରେ ଉକ୍ତ ସ୍ଥାନ କମ୍ପିତ ହେଉଥିବା କାଳରେ କୌଣସି ଗ୍ରାହକ ଗୋଟିଏ ଦୋକାନୀସଙ୍ଗରେ କଳହ କରି ମାରାମାରି କରିବାକୁ ଉଦ୍ୟତ ହେବାରୁ ସେହିସ୍ଥାନରେ ହୋଡ଼ଏ ପଚାଶ ଜଣ ଲୋକ ଏକତ୍ରିତ ହେଲେ । ଏହି ଗୋଲମାଳର କାରଣ ପରସ୍ପର ପଚରାପଚରି କରିବାରେ କେହି ଲୋକ ଉତ୍ତେଜନାରେ (ବା ଦୁଷ୍ଟାମିରେ) କହିଲା କି "ପ୍ଲେଗ ଟୀକାଦିଆ ଆସି ଗୋଟିଏ ମନୁଷ୍ୟକୁ ଧରି ଟୀକା ଦେଉଅଛନ୍ତି" । ପ୍ରାୟ ମିନିଟ୍ ୫ ରେ "ଟୀକାଦିଆ ଆସି ହାଟରେ ପଶି ବଳାତ୍କାର ପୂର୍ବକ ଟୀକା ଦେଲେଣି" ଏହି ଜନରବ ସର୍ବତ୍ର ବ୍ୟାପି ଯିବାରୁ ଅସଂଖ୍ୟ ଲୋକ ଚତୁର୍ଦ୍ଦିଗକୁ ଅନ୍ଧପ୍ରାୟ ଅସ୍ତବ୍ୟସ୍ତରେ ପ୍ରବଳ ଜଳସ୍ରୋତବତ୍ ଧାବମାନ ହେଲେ । ମୁଁ ସେହିସମୟରେ ହାଟ କରିବାକୁ ଯାଉଥିଲି । ଏହି ଗୋଲମାଳର କାରଣ ପଚାରିବାରୁ କେହି ମୋହ ପ୍ରଶ୍ନର ଉତ୍ତର ପ୍ରଦାନ ନ କରି ଜୀବନ ରକ୍ଷା ଲାଗି ଅନ୍ଧବ୍ୟସ୍ତଭାବରେ ଧାବିତ ହେଲେ । ତେଣୁ ମୁଁ ଏକଲୋକକୁ ଅତି ଜୋରପୂର୍ବକ ପଚାରିବାରୁ ସେ କହିଲା, "ଅନ୍ତ କିଥଣ ପଚାରୁଛ ଟିକାଦିଆ ଆସି ହାଟରେ ପଶିଲେଣି" । ଅତଏବ ବହୁସ୍ଥାପନ ହୋଇ ମୁଁ ବସ୍ତ୍ରାବୃତ ହୋଇଅଛି ଏମନ୍ତ ସମୟରେ ଚ ୧୦।୧୨ ଜଣ ସ୍ତ୍ରୀଲୋକ ମୋହନିକଟରେ ଆସି ପଦକୁ ହର୍ଦ୍ଦଶାସ ହୋଇ ପଡ଼ିଗଲେ ଏବଂ ଆଶ୍ରୟ ଦେବାନିମନ୍ତେ ପ୍ରାର୍ଥନା କଲେ । ମୁଁ ସେମାନଙ୍କୁ ଦାଣ୍ଡମଧ୍ୟରୁ ଯିବାଲାଗି ପଥ ଦେଖାଇ ଦେଲି । ଗ୍ରାମସ୍ଥ ଲୋକମାନେ ଦରଜା ବନ୍ଦ କରି ଘରେ ଜମ୍ବୁକଙ୍କବରେ ରହିଲେ । ଏତ୍ପରର ଘଟନାମାନ ଦେଖି ମୁଁ ଅତିବ୍ୟସ୍ତରେ ଶଙ୍କାକୁଳ ହୋଇ ପ୍ରକୃତ ଘଟନା ବୁଝିବାଲାଗି ହାଟକୁ ପ୍ରସ୍ଥାନ କଲି । ଦେଖିଲି ଯେ ସେଠାରେ ୩୨ ହଜାର ଲୋକ ମଧ୍ୟରୁ କେବଳ ପ୍ରାୟ ଦେଡ଼ଶତ ଲୋକ ଅବଶିଷ୍ଟ ଅଛନ୍ତି । ସେଠାରେ ବୁଝିଲି ଯେ ପ୍ରକୃତରେ ଟୀକାଦିଆ ପ୍ରଭୃତ କେହି ନାହାନ୍ତି ଏବଂ ଗୋଟିଏ ବୃଥା ଜନରବ ଉତ୍ଥିତ ହୋଇଅଛି । ପ୍ରକୃତ ଜାରଣ ଲୋକଙ୍କ ପଳାଇବାରେ ସେମାନଙ୍କ ପୂର୍ବ ରକ୍ଷିତ ଗ୍ରାହକ ଦୋକାନୀଙ୍କ କଳହ ବୃତ୍ତାନ୍ତଟି ମୋହ ଆଗରେ ବର୍ଣ୍ଣନା କଲେ । ପରକ୍ଷେପରେ ଏହି ଗଣ୍ଡଗୋଳର ପ୍ରକୃତ କାରଣ ଜଣାଇ ହେବାରୁ ଅବଶିଷ୍ଟ ହାଟସ୍ଥ ବ୍ୟକ୍ତିମାନଙ୍କ ମଧ୍ୟରେ ଗୋଟିଏ ଭଳ ହାସ୍ୟରବ ଉତ୍ଥିତ ହେଲା । ସେହି ଅବଶିଷ୍ଟ ଲୋକମାନେ ପଳାତକମାନଙ୍କ ମଧ୍ୟରୁ ଯେଉଁମାନେ ହାଟର ନିକଟବର୍ତ୍ତୀ ସ୍ଥାନରେ ଯାଉଥିଲେ ସେମାନଙ୍କୁ "କଳରବଟି ମିଥ୍ୟା" ବୋଲି ଉଚ୍ଚସ୍ୱରରେ ଡାକ୍ତାର କରି ଫେରିଆସିବା ଲାଗି ଆହ୍ୱାନ କରିବାରୁ କେତେକ ପ୍ରତ୍ୟାଗମନ କଲେ । କିନ୍ତୁ ପୂର୍ବପରି ଲୋକ ଏକତ୍ରିତ ହେଲେ ନାହିଁ । ଟୀକାଦିଆ ନ ହେଉଣୁ ଲୋକମାନଙ୍କର ଭୟରେ ଦୁର୍ଲକ୍ଷ ହେଉଥିବାରୁ ଏଥିରୁ ସୂକ୍ଷ୍ମ ପ୍ରତ୍ୟକ୍ଷମାନ ହେଉଅଛି । ଏପର୍ଯ୍ୟନ୍ତ ଯଥା ଏହି ଭୟ ଦୂରୀଭୂତ ହୋଇ ନାହିଁ । କାରଣ ଶ୍ରୀ ଷାରିଳାଦେବୀଙ୍କ ଦର୍ଶନ ଲାଗି ଏ ଗ୍ରାମସ୍ଥ ବଜାରକୁ ଆସୁଥିବା ଯାତ୍ରିମାନେ କୌଣସି ଗୋଟିଏ ହାମିନ ପରିଧାନ କରିବା ଦଣ୍ଡଧାରୀ ଲୋକ ଦେଖିଲେ ଟୀକାଦିଆ ବୋଲି ଆଶଙ୍କାକରି ପଳାୟନ କରିବାକୁ ଉଦ୍ୟତ ହେଉଅଛନ୍ତି ।

ଜଜପୁର । ସ୍ତ୍ର ।
ଝଙ୍କଡ଼ । ଡା । କଟକ
୩।୬।୯୮

ଆପଣଙ୍କ
ଏକାନ୍ତ ବଶମ୍ବଦ
ଶ୍ରୀ ଗଣେଶ୍ୱର ଦାସ

ମହାଶୟ !

ଆମ୍ଭମାନଙ୍କର ଅବାଧ ଉନ୍ନତି କୁ ଲକ୍ଷ୍ୟକରି ଶ୍ରୀଯୁକ୍ତ ବାବୁ ବଙ୍କିମଚନ୍ଦ୍ର ମଜୁମଦାର ମାନ୍ୟବର ଗଭର୍ଣ୍ଣମେଣ୍ଟଙ୍କଠାରୁ ରାୟ ସାହେବ ଉପାଧି ପ୍ରାପ୍ତ ହୋଇଥିବାରୁ ଆମ୍ଭମାନଙ୍କର ମେନେଜର ମହୋଦୟ ବାବୁ ଶ୍ରୀ ଜଗନ୍ମୋହନ ଘୋଷ ଉପରୋକ୍ତ ବାବୁ ମହାଶୟଙ୍କୁ ମାନ୍ୟ ଏବଂ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଅତ୍ରସ୍ଥ ଭଦ୍ରବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରି ଡାକବଙ୍ଗଳାରେ ଗତ ତା ୨୯ ରିଖରେ ଏକ ସଭା ହୋଇଥିଲା । ଏଥିରେ ଆମ୍ଭମାନଙ୍କର ପରମପୂଜନୀୟ ନାବାଳକ ରାଜା ଶ୍ରୀ ଶ୍ରୀ ... ମଲ୍ଲ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ଏ ସଭାରେ ଅନେକଗୁଡ଼ିଏ ଲୋକ

Digitized by srujanika@gmail.com

Split by PDF Splitter

Split by PDF Splitter



ଏକତ୍ରିତ ହୋଇ ସଭା ଗୃହଟିକୁ ପୂର୍ଣ୍ଣ କରିଥିଲେ ସଙ୍ଗୀତ ନୃତ୍ୟ, ପାନ, ଅତର, ଚନ୍ଦନ, ଫୁଲ-ମାଳ, ଗୋଲାପପାଣି ଆଦି ସୁବାସିତ ଦ୍ରବ୍ୟମାନ ବିତରଣ ହେଲା ପରେ ପ୍ରଥମେ ଶ୍ରୀଯୁତ ବାବୁ ବନମାଲୀ ସିଂହ ହେଡ଼ ମାଷ୍ଟର ବାବୁ ଶ୍ରୀ ଅକ୍ଷୟ-କୁମାର ଗୁପ୍ତ ଡାକ୍ତର ବାବୁ ଶ୍ରୀ ମହମଦ୍ ହନିଫ, ରାଜା ସାହେବଙ୍କ ମାଷ୍ଟର ବାବୁ ଶ୍ରୀ ପାର୍ବତୀଚରଣ ଦାସ ସଙ୍ଗରେ ଦଣ୍ଡାୟମାନ ହୋଇ କ୍ରମାନ୍ୱୟେ ବାବୁ ମହାଶୟଙ୍କର ଅସୀମ ସାହସ ଏବଂ ଉତ୍ସାହ ସହିତ ପ୍ରଶଂସିତ କାର୍ଯ୍ୟାବଳୀମାନ ବର୍ଣ୍ଣନାରେ ପ୍ରକାଶ କରି ପ୍ରଶଂସାର ସହିତ କୋଟିକୋଟି ଧନ୍ୟବାଦ ପ୍ରଦାନ କରିଥିଲେ କରତାଳିରେ ସଭା ଗୃହଟି ପୂର୍ଣ୍ଣ ହୋଇଥିଲା । ଅବଶେଷରେ ଇଞ୍ଜିନୀୟର ବାବୁ ଗାତ୍ରୋତ୍ଥାନ କରି ଦେଶର ଉନ୍ନତି-ସାଧନ ଯଥାସାଧ୍ୟରେ ଉନ୍ନତି କରିବା ପକ୍ଷରେ ଯତ୍ନବାନ୍ ହେବା ବିଷୟରେ ପ୍ରକାଶ କଲେ ଏଥିଉତ୍ତାରୁ ମହାରାଜାଙ୍କର ଏବଂ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିମାନଙ୍କର କରମର୍ଦ୍ଦନ କରି ସଭା-ଭଙ୍ଗ କଲେ ।

ଯଥାର୍ଥରୂପେ କହିବାକୁ ଗଲେ ବାବୁ ମହାଶୟଙ୍କର ଯେ ସବୁ କାର୍ଯ୍ୟ ତାହା ମନରେ ଭାବିବାକୁ ଗଲେ ଆଶ୍ଚର୍ଯ୍ୟ ଆଉ ଚମତ୍କାର ହେବାକୁ ହୁଏ । ଯେତେ ଇଞ୍ଜିନୀୟର ଅଦ୍ୟାବଧି ଏଠାକୁ ଆସିଥିଲେ ଏପରି ସାହସିକ ଏବଂ ଉତ୍ସାହସହିତ କାର୍ଯ୍ୟ କାହାଠାରେ ଦେଖା ଯାଇ ନ ଥିଲେ ଏ ମହାଶୟଙ୍କ କାର୍ଯ୍ୟ ସବୁ ଅବଶ୍ୟ ପ୍ରଶଂସନୀୟ ଏବଂ ମଙ୍ଗଳକର ଅଟେ । ତାହାଙ୍କ ବଡ଼ ବଡ଼ କାର୍ଯ୍ୟ ଗୁଡ଼ିକ କିଛି ଯେ କେବଳ ଦସ ଜଣଙ୍କର ତାହା ନୁହେ । ଅନ୍ୟାନ୍ୟ କେତେଗୁଡ଼ିଏ କାର୍ଯ୍ୟ କରି ଥାନ୍ତି ଗବର୍ଣ୍ଣମେଣ୍ଟ ଯେ ତାଙ୍କୁ ଉପଯୁକ୍ତ ଜାଣି ରାୟ ସାହେବ ଉପାଧି ପ୍ରଦାନ କରିଅଛନ୍ତି ତହିଁର ସେ ଅବଶ୍ୟ ଉପଯୁକ୍ତ ପାତ୍ର ଏଥିରେ କୌଣସି ଭୁଲ ନାହିଁ । ଏଥି ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ କୋଟିକୋଟି ଧନ୍ୟବାଦ ଦେଉଅଛୁଁ ।

ଶେଷରେ ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ବାବୁ ମହାଶୟ ଏଠାରେ ଚିରକାଳ ରହି ଏହି ସ୍ଥାନର ଉନ୍ନତି ସାଧନ କରି ଯଶସ୍ୱୀ ହୁଅନ୍ତୁ । ଏଣୁ ଅମ୍ଭେମାନେ ବାବୁ ମହାଶୟଙ୍କଠାରୁ ଯେତେଦୂର ଉପକାରମାନ ପ୍ରାପ୍ତ ହୋଇ ଥାଉଁ ସେଥି ନିମନ୍ତେ ତାଙ୍କଠାରେ ଚିରକାଳ କୃତଜ୍ଞ ଅଛୁଁ । ଇତି

| ନ |

...ଢେଙ୍କାନାଳ } ଆପଣଙ୍କର ଅଧୀନ

...।୬।୯୮ } ଶ୍ରୀ ବ୍ରଜବିହାରୀ ଦାସ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ହଳଧର ପଟ୍ଟନାୟକ | କେନ୍ଦୁଝର | ଟ ୩ |
| " ବାଞ୍ଛାନିଧି ଚୌଧୁରୀ | କଲିକତା | ଟ ୩ |
| ମୁନ୍ସି ଫାଜଲ ମହମ୍ମଦ | ବଲାଶ | ଟ ୩ |
| ବାବୁ ବନମ ଗଡ଼ନାୟକ | ଅଠମଲ୍ଲିକ | ଟ ୩ |
| " ନୀଳମାଧବ ପଣ୍ଡା | ବେଗୁନିଆ ବାଲିଗାଁ | ଟ ୩ |
| " ମଦନମୋହନ ପଟ୍ଟନାୟକ | କଟକ | ଟ ୧ |
| " କାର୍ତ୍ତିକଚନ୍ଦ୍ର ବସୁ ଚୌଧୁରୀ | " | ଟ ୧ |
| " କାଳୀକୃଷ୍ଣ ସରକାର | " | ଟ ୩ |
| " ବାସୁଦେବ ମାହାପାତ୍ର | " | ଟ ୧ |
| " ଭ୍ରମର ସିଂହ ରେଉଁ | | ଟ ୩ |
| " ନୈବେଦ୍ୟାସବ ପଟ୍ଟନାୟକ | ଭୁସୁଲଲୁଣ୍ଡା | ଟ ୩ |
| " ଲକ୍ଷ୍ମୀନାରାୟଣ ଚୌଧୁରୀ | କଟକ | ଟ ୩ |
| ରାଜା । କ । ବଡ଼ାମ୍ବା | ବଡ଼ାମ୍ବା | ଟ ୩ |
| ବାବୁ ଗୋବିନ୍ଦଚନ୍ଦ୍ର ମିଶ୍ର | ଅନନ୍ତପୁର | ଟ ୩ |

## ବିଜ୍ଞାପନ ।

### ବିଜ୍ଞାପନ ।

ଶାରଳାଦାସଙ୍କର ଅଷ୍ଟାଦଶପର୍ବ

ସଚିତ୍ର

### ମହାଭାରତ ।

ଏହା ଓଡ଼ିଶାବାସୀଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ସେମନ୍ତ ଅଧିକ ଗ୍ରନ୍ଥପ୍ରାପ୍ତିର ଅଭାବ ତତୋଧିକ ଅତଏବ ପୁସ୍ତକପ୍ରକାଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଂକଳ୍ପ ହୋଇଅଛନ୍ତି ଅତଏବ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ପୁଣି ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନ-ବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମନ୍ତେ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ କ୍ରମେ କ୍ରୟ କଲେ ମୂଲ୍ୟ କଷ୍ଟ କାହାରିକି ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଓ ଗଦାପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ୦।୵ | ଡାକମାସୁଲ | ଟ ୦୯୬ |
| ଶଲ୍ୟପର୍ବ | ଟ ୦।୵ | " | ଟ ୦୯୬ |
| ଗଦାପର୍ବ | ଟ ୦। | ଡାକମାସୁଲ | ଟ ୦୯୬ |

ଅମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କୁ ଭୋଜନ-ସାମଗ୍ରୀ ଏବଂ ସ୍ୱସ୍ଥାକାର୍ଯ୍ୟ ନିମିତ୍ତ ବିବେଚନା ମତେ ଦିଆଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଅମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁ ଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଅମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଅମ୍ଭର ସାଧ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଅପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୬।୯୮

ଶ୍ରୀ ମହାଜନ କାଳ ସାହୁ
। ସା । ଜଳସର ବ୍ରହ୍ମପୁର । ପ୍ର । ବରୁଆ-
ଯାଜପୁର ସଃ ତିକନନ
ଜିଲ୍ଲା କଟକ ।

ନୂତନ ସଂସ୍କରଣ ।

## ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଛାପାହେଲା ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅମ୍ଭମାନଙ୍କ ଉପରୋକ୍ତ ପୁସ୍ତକ ବେଙ୍ଗଲ ଗବର୍ଣ୍ଣମେଣ୍ଟ ତ୍ରମୂଶ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ୍ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଶ୍ରୀ ୧୫୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ପ୍ରଣେତାଙ୍କ ନିକଟରୁ ପାଇପାରିବ।

ଓଡ଼ିଶା ମେଡ଼ିକେଲ୍ ହଲ
ମେଡ଼ିକେଲ୍ ହଲ
କାଲୁବଜାର କଟକ } ଡାକ୍ତର ଶ୍ରୀ ସତ୍ୟକୃଷ୍ଣପାତ୍ର

## ଧ୍ରୁବଲୀଳା ।

ଆଜପର୍ଯ୍ୟନ୍ତ ଯେତେ ପୁସ୍ତକ ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ

Digitized by srujanika@gmail.com

ଏହା ସର୍ବୋତ୍କୃଷ୍ଟ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ ୧୦୬ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତଗୀତ ଗୁଡ଼ିଏରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥିର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦ ।୵

ଡାକମାଶୁଲ ଗ୍ରାହକଙ୍କୁ ମୁଣ୍ଡାଇବା ୬ ୦ ୯ ୬ ଡାକମାଶୁଲ ପଡ଼ିବ ।

ବାମନଦ୍ୱିବେଦ ।

---

# ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଟକଟାଇପ ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂରେଜି ଓ ସ୍ମଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଷ୍ଟଲନକ୍ସା କୌଣସି ଛାପାଖାନା ପାଇଁ ଯାହାର ପ୍ରୟୋଜନ ହେଲେ ସେ ଆମ୍ଭଙ୍କୁ ଖବର ଦେଲେ ଆମ୍ଭେ ଯୋଗାଇ ଦେଉ । ଅର୍ଡ଼ର ଦେବା ପୂର୍ବେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ ।

ବକ୍‌ସିବଜାର } ଶ୍ରୀ ଗୌରୀଶଙ୍କର ରାୟ
କଟକ } ମାନେଜର

---



ଅଠଦିନଯାଏ ଦମ୍ ଦେଲେ ଚାଲିବା ଘଣ୍ଟାର ଓ୍ୱାଚ ରୂପା କେଶର ଛୋଟ ଖଲ ଓ ଦୁଇ ଜଣର ବଡ଼ ସଉଳ ।

---

ରୂପା କେଶର ଓପନଫେସ ଓ୍ୱାଚର
ମୂଲ୍ୟ ଟ ୪୦ ୯
„ ଢାକୁଣୀବାଲାର „ ଟ ୪୫ ୯
ସୁନା କେଶର ଓପନଫେସ ଓ୍ୱାଚର „ ଟ ୧୬୦୯
„ ଢାକୁଣୀ ବାଲା „ ଟ ୨୦୦୯

ଗ୍ରାହକେ କଲିକତା ସହରରେ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଓ୍ୱାଚ ଆମ୍ଭ ଦୋକାନରେ ବିକ୍ରୀପାଇଁ ରହିଅଛି । ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଆମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଭେଲ୍ୟୁ-ପେଏବଲ ଡାକରେ ନେଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓଜୁଏଲର

---

# ଚୌକିଦାରି ଆଇନ

ଓ

ଉତ୍ତମ୍ଭଙ୍କ ପୋଲିସ ବିଭାଗରୁ ପ୍ରକାଶିତ ସର୍କୁଲର ଓ ପୋଲିସର ପାଞ୍ଚଅଇନ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ପୋଲିସର ଶ୍ରୀଯୁକ୍ତ ଇନସ୍ପେକ୍ଟର ଜେନରଲ ବାହାଦୁରଙ୍କ ଅନୁମତି ଅନୁସାରେ ଅଳ୍ପଦିନ ମଧ୍ୟରେ ପ୍ରକାଶିତ ହେବ । ମୂଲ୍ୟ ପୁସ୍ତକ ମୁଦ୍ରାଙ୍କନର ବ୍ୟୟରୁ ଅଧିକ ହେବ ନାହିଁ ।

ଶ୍ରୀ ଲକ୍ଷ୍ମୀ ମହାପାତ୍ର

---

## ବନାରସ ମାଲ ।

ବନାରସରେ ଆମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଆମ୍ଭର କାର୍ଯ୍ୟ ଆମ୍ଭେ ଭାରତର ନାନାସ୍ଥାନବାସୀ ରଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଆମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ବିନ୍ଦୁମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ପାଟନା, ଅଠମଲ୍ଲିକ, ସୁନ୍ଦରଗଡ଼, ଷଢ଼େଇକଳା ପ୍ରଭୃତି ସ୍ଥାନର ମହାରାଜ ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର କଥା ପ୍ରକୃତ ଥିବାର ଜଣା ପଡ଼ିବ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯିବ । ମାଲ ମନୋମତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କିନ୍ତୁ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଆମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ଦ୍ରବ୍ୟମାନ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିବାର ଶାଢ଼ୀ, ଯୋଡ଼ ଚଦର, ଟୋପି, କୋଟ, ପୁଗା, କିଂଖାପ ବାଫ୍ତା, ସଙ୍ଗୀ ଦୋପଟ୍ଟା ମଣ୍ଡଳ, ଧିଇରେ କାମ କରା ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍ତମ ଖଦର ଅଙ୍ଗୁରୀ ପ୍ରଭୃତି ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା ରୂପାର ଗିଲିଟ କରା ହାତୀର ଦାନ୍ତର ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତିଆରି କରାଯାଏ । ବରାତ ଦେବାବେଳେ ଫରମାଇସ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ କେହି ବେଶୀ ମାଲ କିଣିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଅଂଶୀ ସ୍ୱୟଂ ଯାଇ ପାରନ୍ତି ।

ଗ୍ରାହକେ ପଣ୍ୟ [illegible] ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ପ୍ରକାରରେ (ଅର୍ଥାତ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । [illegible] ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାଫା (ବହିରାବରଣ) ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଶ୍ରୀ ପାଲୁମାଲ ଗୋଲାନାଥ
ଭୁଲୁଭଲ ଫାଟକ ବନାରସ ସିଟି

---

ଉତ୍କଳଦୀପିକାର କି ଶ୍ରୀପତ୍ର ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, [illegible]

ପ୍ରଥମଥର ସକାଶେ

| | |
|---|---|
| ଷାଣ୍ମାସିକ | ଟ [illegible] |
| ଅବସ୍ଥାନୁଯାୟୀ | ଟ [illegible] |
| ବର୍ଷ ଏକ ସମ୍ପୂର୍ଣ୍ଣ | ଟ [illegible] |

ଯଦି କୌଣସି ବିଜ୍ଞାପନ ପତ୍ରକେ ତିନି ଥର [illegible] ଛାପିବା ଖର୍ଚ୍ଚ ଟ ୦ ୪ ରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ଅର୍ଦ୍ଧ [illegible] ଅଧିକ ଦଫା ସକାଶେ ସ୍ୱତନ୍ତ୍ର [illegible] ହୋଇପାରିବ

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

---

ଏହି ଉତ୍କଳଦୀପିକା [illegible]
କଟକ [illegible]

Split by PDF Splitter



( ନିଜେ ପାଠ କରନ୍ତୁ ଓ ବନ୍ଧୁମାନଙ୍କୁ ପାଠ କରିବାକୁ ଦିଅନ୍ତୁ । )

# ଉତ୍କଳ-ସାହିତ୍ୟ

ଓଡ଼ିଶାରେ ଏକମାତ୍ର

## ସମାଜ, ଧର୍ମ, ସାହିତ୍ୟ, ବିଜ୍ଞାନ, ଇତିହାସ, ପ୍ରଭୃତି ନାନା ବିଷୟକ ମାସିକପତ୍ର ଓ ସମାଲୋଚନ ।

୧୮୯୭ ଖ୍ରୀଃ ଜାନୁୟାରୀ ମାସରୁ ନିୟମିତରୂପେ ପ୍ରକାଶିତ ହେଉଅଛି । ଆକାର ରଏଲ ୮ ପେଜୀ ୩ ଫର୍ମା । କାଗଜ ଉତ୍କୃଷ୍ଟ, ଛପା ସୁନ୍ଦର । ଉତ୍କଳର କବିବର ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୁର, ଭକ୍ତକବି ଶ୍ରୀଯୁକ୍ତ ମଧୁସୂଦନ ରାଓ, ହାସ୍ୟରସ ଓ ବ୍ୟଙ୍ଗୋକ୍ତିର ଉତ୍ସ ଶ୍ରୀଯୁକ୍ତ ଫକୀରମୋହନ ସେନାପତି, ଚିନ୍ତାଶୀଳ ଲେଖକ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା, ଶ୍ରୀଯୁକ୍ତ ରମାନାଥ ଦାସ, ଶ୍ରୀଯୁକ୍ତ ସାମନ୍ତ ରାଜନାରାୟଣ ଦାସ, ଶ୍ରୀଯୁକ୍ତ ସାଧୁଚରଣ ରାୟ, ଶ୍ରୀଯୁକ୍ତ ପଣ୍ଡିତ ପୁରୁଷୋତ୍ତମ ତର୍କାଲଙ୍କାର, ଶ୍ରୀଯୁକ୍ତ ଦାମୋଦର ପଟ୍ଟନାୟକ, ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ନନ୍ଦ, ଶ୍ରୀଯୁକ୍ତ ବିଶ୍ୱନାଥ ସାମନ୍ତରାୟ, ସମ୍ବଲପୁର ଅଞ୍ଚଳର ସୁପରିଚିତ ସୁଲେଖକ ଶ୍ରୀଯୁକ୍ତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଶ୍ରୀଯୁକ୍ତ ଗଙ୍ଗାଧର ମେହେର, ଗଞ୍ଜାମ ଅଞ୍ଚଳର ପ୍ରଧାନ ଲେଖକ ଶ୍ରୀଯୁକ୍ତ ସଦାଶିବ ବିଦ୍ୟାଭୂଷଣ ପ୍ରଭୃତି ଏହାର ନିୟମିତ ଲେଖକ । ଅଳ୍ପ ସମୟ ମଧ୍ୟରେ ଗ୍ରାହକସଂଖ୍ୟା ଆଶାତୀତ ବୃଦ୍ଧିଲାଭ କରିଅଛି ଏବଂ କ୍ରମେ୨ କରୁଅଛି । ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ ଦିଓଟି ଟଙ୍କା ମାତ୍ର ।

ଶୀଘ୍ର ଆକାର ବୃଦ୍ଧିର ସମ୍ଭାବନା ଅଛି । ଘରେ ବସି ନାନା ଦେଶର ସାହିତ୍ୟର ଅବସ୍ଥା, ଇତିହାସ, କାବ୍ୟ, ଉପନ୍ୟାସ, ରାଜନୀତି, ସମାଜନୀତି, ବିଜ୍ଞାନ, ଦର୍ଶନ ପ୍ରଭୃତି ପାଠ କରିବାକୁ ଇଚ୍ଛା ଥିଲେ—ଓଡ଼ିଆ ସାହିତ୍ୟର ଉନ୍ନତି କାମନା ପ୍ରାଣରେ ଥିଲେ ସତ୍ୱର ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଓ ମୂଲ୍ୟ ପ୍ରେରଣ କରି ଏହାର ଗ୍ରାହକ ହେଉନ୍ତୁ ।

## ଗରିବ ଛାତ୍ରମାନଙ୍କ ପକ୍ଷରେ ମହାସୁଯୋଗ ।

ଉତ୍କଳର ଦରିଦ୍ର ଛାତ୍ରମାନଙ୍କ ସୁବିଧାର୍ଥେ ଏହି ପତ୍ରିକା ସେମାନଙ୍କୁ ଅର୍ଦ୍ଧମୂଲ୍ୟରେ ପ୍ରଦାନ କରିବାର ବ୍ୟବସ୍ଥା ହୋଇଅଛି—ସେମାନେ ଆପଣା୨ ଅବସ୍ଥାର ଉପଯୁକ୍ତ ପ୍ରମାଣ ସହ ଆବେଦନ କଲେ ଅକ୍ଳେଶରେ ଅର୍ଦ୍ଧମୂଲ୍ୟରେ ଏହା ପାଇ ପାରିବେ ।

ପୁଣି କୌଣସି ବ୍ୟକ୍ତି ୫ ଖଣ୍ଡ ପତ୍ରିକାର ଅଗ୍ରିମ ପୂର୍ଣ୍ଣ ମୂଲ୍ୟ ପ୍ରଦାନ କଲେ ବିନାମୂଲ୍ୟରେ ଖଣ୍ଡିଏ ପତ୍ରିକା ପାଇ ପାରିବେ ।

ଉତ୍ସାହ ଓ ଅନୁରାଗର ଅଭାବରୁ ଅନେକଗୁଡ଼ିଏ ସାମୟିକ ପତ୍ରିକା ଇତିପୂର୍ବେ ଉତ୍କଳସାହିତ୍ୟକ୍ଷେତ୍ରରୁ ଅନ୍ତର୍ହିତ ହୋଇଥିବାରୁ ସାମୟିକ ପତ୍ରିକାର ସ୍ଥାୟିତ୍ୱ ସମ୍ବନ୍ଧରେ ଅନେକେ ସନ୍ଦିହାନ ହେଲେହେଁ "ଉତ୍କଳସାହିତ୍ୟ"ର ଜନ୍ମ ଓ ବର୍ତ୍ତିତ ପ୍ରଗତିର ଉକ୍ତ ସନ୍ଦେହ ଅନେକ ପରିମାଣରେ ଦୂର କରିବାକୁ ସକ୍ଷମ ହୋଇଅଛି । ଉତ୍କଳର ସ୍ୱଦେଶବତ୍ସଳ, ସାହିତ୍ୟାନୁରାଗୀ ଧନୀ, ଦରିଦ୍ର ସକଳ ଶ୍ରେଣୀର ବ୍ୟକ୍ତିମାନେ ଆମ୍ଭମାନଙ୍କର ସହାୟ ହେଲେ "ଉତ୍କଳସାହିତ୍ୟର"ର ଅସମ୍ଭବତ୍ୱ ଏକାବେଳକେ ଦୂରୀଭୂତ ହେବ ଏବଂ ଉତ୍କଳଭୂମିର ଗୋଟିଏ ପ୍ରଧାନ କଳଙ୍କ ମଧ୍ୟ କ୍ଷାଳିତ ହେବ ।

ପରିଶେଷରେ ବକ୍ତବ୍ୟ, ବର୍ତ୍ତମାନ "ଉତ୍କଳସାହିତ୍ୟ"ର ଗ୍ରାହକସଂଖ୍ୟା ୫୦୦ ରୁ ଊର୍ଦ୍ଧ୍ୱ । ପ୍ରତ୍ୟେକ ଗ୍ରାହକ ଯେବେ ଆମ୍ଭମାନଙ୍କୁ ଅନ୍ତତଃ ଜଣେ ନୂତନ ଗ୍ରାହକ କରି ଦେଇ ପାରନ୍ତି, ତାହାହେଲେ ଅବିଳମ୍ବେ "ଉତ୍କଳସାହିତ୍ୟ"ର ଗ୍ରାହକସଂଖ୍ୟା ଏକହଜାର ପୂର୍ଣ୍ଣ ହେବା ଆଉ ବିଚିତ୍ର ନୁହେ । ଏହି ପବିତ୍ର ଓ ଗୁରୁତର କାର୍ଯ୍ୟରେ ଆମ୍ଭମାନଙ୍କର ସହାୟତା କରିବା ନିମିତ୍ତ ଆମ୍ଭେମାନେ ଶିକ୍ଷିତ ଓ ସ୍ୱଦେଶବତ୍ସଳ ଉତ୍କଳସନ୍ତାନମାନଙ୍କୁ ସାଦରେ ଓ ବିନୀତଚିତ୍ତରେ ଆହ୍ୱାନ କରୁଅଛୁଁ । ଇତି ।

ଉତ୍କଳସାହିତ୍ୟ କାର୍ଯ୍ୟାଳୟ }
କଟକ }

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ
କାର୍ଯ୍ୟାଧ୍ୟକ୍ଷ ।

Digitized by srujanika@gmail.com

Split by PDF Splitter

198

Digitized by srujanika@gmail.com